
'ଲାହୋର୍-୧୯୪୭' ସୁଟିଂ ଆରମ୍ଭ
▶ପୃଷ୍ଠା ୧୪ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-301 ◆BHUBANESWAR ◆SATURDAY ◆27 APRIL 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୦୧ ◆ଭୁବନେଶ୍ୱର ◆ଶନିବାର ◆୨୭ ଏପ୍ରିଲ୍ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

# ଅନୁଗୋଳ ଦେଶର ସବୁଠୁ ଉତ୍ତପ୍ତ @୪୪.୬

## ଏସିଆର ୧୦ ଉତ୍ତପ୍ତ ସହର ମଧ୍ୟରେ ୪ର୍ଥ

- ୧୨ଟି ସହରରେ ୪୩ ଡିଗ୍ରୀ ଅତିକ୍ରମ କଲା ପାରଦ
- ଚାରି ଦିନ ଯାଏ ନିସ୍ତାର ନାହିଁ; ରେଡ୍ ଆଲର୍ଟ ଜାରି
- ଆହୁରି ୨ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ ତାପମାତ୍ରା



■ **ଭୁବନେଶ୍ୱର, ୨୬।୪ (ସମିସ):** ପ୍ରତିଦିନ ନିଜ ରେକର୍ଡ ଭାଙ୍ଗୁଛି ତାତି । ରାଜ୍ୟରେ ସର୍ବାଧିକ ତାପମାତ୍ରା ଆଜି ଅନୁଗୋଳରେ ରେକର୍ଡ ହୋଇଛି । ୪୪.୬ ଡ଼ିଗ୍ରୀ ସହ ଅନୁଗୋଳ ଏସିଆ ମହାଦେଶରେ ୪ର୍ଥ ଉତ୍ତପ୍ତ ସହର ମାନ୍ୟତା ପାଇଛି । ତେବେ ଏହି ତାପମାତ୍ରା ଆହୁରି ବୃଦ୍ଧି ପାଇବ ଓ ୨ ଦିନ ମଧ୍ୟରେ ରାଜ୍ୟରେ ତାତି ଆଉ ୨ ଡ଼ିଗ୍ରୀ ଯାଏ ବଢ଼ିବ ବୋଲି ଆକଳନ କରିଛି ପାଣିପାଗ ବିଭାଗ । ଏପରିକି ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୪-୬ ଡିଗ୍ରୀ ଉପରେ ରହିବ । ଫଳରେ ରାଜ୍ୟରେ ଭୀଷଣ ଗ୍ରୀଷ୍ମ ଲହରୀ ପରିସ୍ଥିତି ଅନୁଭୂତ ହେବ । ଏଭଳି ସ୍ଥିତି ମାସ ଶେଷ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ସ୍ଥିତି ସବୁଠୁ ସମ୍ବେଦନଶୀଳ ରହିବ । ଯାହାକୁ ଦୃଷ୍ଟିରେ ରଖି ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ରେଡ୍ ଆଲର୍ଟ ଜାରି ହୋଇଛି ।

ବର୍ତ୍ତମାନ ରାଜ୍ୟକୁ ପଶ୍ଚିମ ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ଓ ଉତ୍ତପ୍ତ ବାୟୁ ପ୍ରବେଶ କରୁଥିବାରୁ ତାପମାତ୍ରା ବୃଦ୍ଧି ପାଇଛି । ଶୁକ୍ରବାର ରାଜ୍ୟର ୩୨ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରହିଛି । ୪୪.୬ ଡିଗ୍ରୀ ସହ ଅନୁଗୁଳ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି । ୧୨ଟି ସହର ତାତି ୪୩ ଡିଗ୍ରୀ ଅତିକ୍ରମ କରିଛି । ଏହି ସ୍ଥିତି ଆଗକୁ ଜାରିବା ସହ ଆହୁରି ଉଦ୍‌ବେଗ ହେବାକୁ ଥିବାରୁ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଜାରି କରିଛି । ସକାଳ ୧୧ରୁ ଅପରାହ୍ନ ୩ଟା ଭିତରେ ଘରୁ ବାହାରିଲେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି ପାଣିପାଗ ବିଭାଗ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଶନିବାର କେନ୍ଦ୍ରାପଡ଼ା. ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଢେଙ୍କାନାଳ, ବୌଦ୍ଧ, ନୂଆପଡ଼ା, ଅନୁଗୁଳ ▶ପୃଷ୍ଠା-୯

ଇଭିଏମ-ଭିଭିପାଟ୍ର ସ୍ଲିପ୍ ଯାଞ୍ଚ ଆବେଦନ ଖାରଜ

## ବାଲଟ୍ ନୁହେଁ; ଇଭିଏମ୍‌ରେ ହେବ ଭୋଟ୍: ସୁପ୍ରିମ୍‌କୋର୍ଟ



**ପ୍ରାର୍ଥୀଙ୍କ ଅଭିଯୋଗରେ ଇଭିଏମ୍ ଯାଞ୍ଚ ହେବ**

**ଏହାର ସମସ୍ତ ଖର୍ଚ୍ଚ ଭରଣା କରିବେ ପ୍ରାର୍ଥୀ**

■ **ନୂଆଦିଲ୍ଲୀ, ୨୬।୪ (ଏଜେନ୍ସି):** ଦେଶରେ ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଜାରି ରହିଥିବାବେଳେ ସୁପ୍ରିମକୋର୍ଟ ବଡ଼ ରାୟ ଦେଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ଇଲେକ୍‌ଟ୍ରୋନିକ ଭୋଟିଂ ମେସିନ (ଇଭିଏମ) ଏବଂ ଭୋଟର ଭେରିଫାଏବୁଲ ପେପର ଅଡିଟ ଟ୍ରେଲ (ଭିଭିପାଟ୍) ଉପରେ ସୁପ୍ରିମକୋର୍ଟ ଆସ୍ଥା ପ୍ରକଟ କରିଛନ୍ତି । ଏହାକୁ ସବୁଜ ସଙ୍କେତ ଦେଇ ଇଭିଏମ-ଭିଭିପାଟ୍‌ର ଶହେ ପ୍ରତିଶତ ସ୍ଲିପ୍ ଯାଞ୍ଚ ଆବେଦନକୁ ଖାରଜ କରିଦେଇଛନ୍ତି । ଏହା ସହିତ ବାଲାଟ ପେପରରେ ନିର୍ବାଚନ କରାଇବା ପାଇଁ ଦାଖଲ ହୋଇଥିବା ସମସ୍ତ ଆବେଦନକୁ ଜଷ୍ଟିସ ଦୀପାଙ୍କର ଦତ୍ତା ଏବଂ ଜଷ୍ଟିସ ସଞ୍ଜୀବ ଖନ୍ନାଙ୍କ ଖଣ୍ଡପୀଠ ଶୁକ୍ରବାର ଖାରଜ କରିଦେଇଛନ୍ତି । ଏହା ସହିତ ଇଭିଏମର ୪୨ ବର୍ଷ ଇତିହାସ ମଧ୍ୟରେ ପ୍ରଥମ ଥର ପାଇଁ ଏହାର ଯାଞ୍ଚ ମାର୍ଗକୁ ପ୍ରଶସ୍ତ କରିଦେଇଛନ୍ତି । ସବୁ ପ୍ରୋଟୋକଲ ଏବଂ ବୈଷୟିକ ଦିଗ ଉପରେ ବିସ୍ତୃତ ଭାବେ ଆଲୋଚନା କରିବା ପରେ ସମସ୍ତ ମାମଲାକୁ ଖାରଜ କରିଯାଉଛି ବୋଲି କହିଛନ୍ତି । କୌଣସି ବ୍ୟବସ୍ଥା ଉପରେ ଆଖି ବୁଜି ଅବିଶ୍ୱାସ କରିବା ଦ୍ୱାରା ଅନୁଚିତ ସନ୍ଦେହ ସୃଷ୍ଟି ହୋଇଥାଏ ବୋଲି ଉଲ୍ଲେଖ କରିଛନ୍ତି । ଖଣ୍ଡପୀଠ ଏକ ମତରେ ଏହି ନିଷ୍ପତ୍ତି ▶ପୃଷ୍ଠା-୯

# ନବୀନଙ୍କ ବିକାଶର ଗ୍ୟାରେଣ୍ଟି 'ଶଙ୍ଖ'

## ବିଜେଡି ସମାବେଶରେ ଜନସମୁଦ୍ର ଦେଖି ବିରୋଧୀଙ୍କ ମୁଣ୍ଡ କାମ କରୁନି: ପାଣ୍ଡିଆନ

- ପୌର ଓ ପଞ୍ଚାୟତ ନିର୍ବାଚନ ପରାଜୟ ପରେ ବାଚାଳ ହୋଇଛନ୍ତି ବିରୋଧୀ
- ପୂର୍ବ ପରି ଏଥର ନିର୍ବାଚନ ଶେଷ ପରେ ସେମାନଙ୍କ ଆଉ ଦେଖା ମିଳିବନି
- ଲୋକଙ୍କୁ ଏତେ ସୁବିଧା ମୁଖ୍ୟମନ୍ତ୍ରୀ ଦେଉଥିବାରୁ ସେମାନେ କ୍ରୋଧାନ୍ୱିତ
- ନବରଙ୍ଗପୁରରେ ୧୯୫୦ କୋଟି ଟଙ୍କାର ବିକାଶ କାମ ଜାରି ରହିଛି
- ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଲାଗି ଆଶୀର୍ବାଦ ଦିଅନ୍ତୁ
- ଶଙ୍ଖ ବିକାଶର ପରିଚୟ; ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଜିତାନ୍ତୁ
- ନିର୍ବାଚନ ପରେ ଆପଣମାନଙ୍କୁ କୃତଜ୍ଞତା ଜଣାଇବାକୁ ପୁଣି ଆସିବି





■ **ନବରଙ୍ଗପୁର/ ଉମରକୋଟ/ଡ଼ାବୁଗାଁ /ଝରିଗାଁ, ୨୬।୪ (ସମିସ):** ନବରଙ୍ଗପୁର ଜିଲ୍ଲାରେ ବିଜେଡିର ତାରକା ପ୍ରଚାରକ ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କରିଛନ୍ତି ବିଜୟର ଶଙ୍ଖନାଦ । ନବରଙ୍ଗପୁର, ଉମରକୋଟ, ଡ଼ାବୁଗାଁ ଆଦି ଅଞ୍ଚଳରେ ବିଶାଳ ଜନସମୁଦ୍ରକୁ ସମ୍ବୋଧନ କରି ନବୀନଙ୍କ ବିକାଶ ଗ୍ୟାରେଣ୍ଟିକୁ ଦୋହରାଇଛନ୍ତି । ଶଙ୍ଖ ହେଉଛି ବିକାଶର ପରିଚୟ । ତେଣୁ ୯୦% ଭୋଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ କରିବା ସହ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଛନ୍ତି ଶ୍ରୀ ପାଣ୍ଡିଆନ । ଏହି ଅବସରରେ ସେ ବିକାଶକୁ ବିରୋଧ କରୁଥିବା ଓ ଭୋଟ ବେଳେ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ଉଭାନ ହୋଇ ଯାଉଥିବା ବିରୋଧୀ ଦଳର ନେତାମାନଙ୍କୁ ମଧ୍ୟ ତୀବ୍ର ସମାଲୋଚନା କରିଛନ୍ତି ।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଦିନେ ନ ଶୋଇଲେ ମୁଣ୍ଡ ବିନ୍ଧେ, ଦୁଇ-ତିନି ଦିନ ଅନିଦ୍ରା ରହିଲେ ମୁଣ୍ଡ ବୁଲାଇବା ଆରମ୍ଭ କରେ । କିନ୍ତୁ ବର୍ଷେ ଦି ବର୍ଷ ନ ଶୋଇଲେ ବାଚଳାମୀ ଆରମ୍ଭ ହୁଏ । ଗତ ପୌର ଓ ▶ପୃଷ୍ଠା-୯

## "ମୁଖ୍ୟମନ୍ତ୍ରୀଙ୍କ ହୃଦୟରେ ରହିଛି ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ"

**ରଦ୍ଦ ହୋଇଛି ଜନଜାତିଙ୍କ ବିରୋଧରେ ୫୦ ହଜାର ମାମଲା**

**ଜନଜାତିଙ୍କ ସଂସ୍କୃତି ଓ ପୂଜାସ୍ଥଳୀର ଉନ୍ନତି ପାଇଁ ଏସ୍‌ଡିଏ**

■ **ନବରଙ୍ଗପୁର/ ଝରିଗାଁ/ଉମରକୋଟ, ୨୬।୪ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଶାଳ ହୃଦୟ । ତାଙ୍କ ହୃଦୟରେ ଜନଜାତି ଭାଇଭଉଣୀଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ରହିଛି । ଆପଣମାନଙ୍କୁ ସେ ବହୁତ ଭଲ ପାଆନ୍ତି । ତାଙ୍କର ଦୃଢ଼ ବିଶ୍ୱାସ ଯେ ଜନଜାତି ସଶକ୍ତ ହେଲେ ଓଡ଼ିଶା ସଶକ୍ତ ହେବ । ତେଣୁ ଜନଜାତି ଭାଷା, ସଂସ୍କୃତି ଓ ପୂଜାସ୍ଥଳୀର ଉନ୍ନତି ପାଇଁ ସେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି । ଆପଣଙ୍କ ଭାଷା, ସଂସ୍କୃତି ଓ ପୂଜାସ୍ଥଳୀର ବିକାଶ କରାଯାଉଛି । ଏ କଥା ଦେଶର କେଉଁ ରାଜ୍ୟ ବି ଏପର୍ଯ୍ୟନ୍ତ ଚିନ୍ତା କରିନାହିଁ । କିନ୍ତୁ ମୁଖ୍ୟମନ୍ତ୍ରୀ ତାହା କାମରେ କରି ଦେଖାଇଛନ୍ତି ବୋଲି କହିଛନ୍ତି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ । ତେଣୁ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ ଏବଂ ଶଙ୍ଖ ଚିହ୍ନରେ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ▶ପୃଷ୍ଠା-୯

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ

## ୫ ଲୋକସଭା ଓ ୩୫ ବିଧାନସଭା ଆସନ ପାଇଁ ମେ' ୨୦ରେ ଭୋଟ୍

**୩ ପର୍ଯ୍ୟନ୍ତ ଜାରି ରହିବ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା**



■ **ଭୁବନେଶ୍ୱର, ୨୬।୪ (ସମିସ):** ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ମେ' ୨୦ରେ ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଦାନ ହେବ । ଏହି ପର୍ଯ୍ୟାୟରେ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର, କନ୍ଧମାଳ ଓ ଆସ୍କା ସଂସଦୀୟ କ୍ଷେତ୍ର ଓ ଏହି ସଂସଦୀୟ କ୍ଷେତ୍ର ଅଧୀନସ୍ଥ ୩୫ଟି ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ । ଉପରୋକ୍ତ ୫ ଲୋକସଭା କ୍ଷେତ୍ର ଅଧୀନରେ ମୋଟ ୭୯,୬୨,୧୪୮ ଜଣ ଭୋଟର ରହିଛନ୍ତି । ସେମାନଙ୍କ ମଧ୍ୟରୁ ୪୦,୩୦,୨୮୩ ଜଣ ପୁରୁଷ ଭୋଟର ଏବଂ ୩୯,୩୧,୦୧୫ଜଣ ମହିଳା ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ । ଏହି ପର୍ଯ୍ୟାୟର ନିର୍ବାଚନ ପାଇଁ ଆଜିଠାରୁ ନାମାଙ୍କନ ଆରମ୍ଭ ହୋଇଛି । ଏହି ପ୍ରକ୍ରିୟା ଆସନ୍ତା ମେ ମାସ ୩ ତାରିଖ ଯାଏଁ ଚାଲିବ । ମେ ୪ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ଓ ୬ ତାରିଖ ▶ପୃଷ୍ଠା-୯

ପ୍ରଥମ ପର୍ଯ୍ୟାୟ ନାମାଙ୍କନ ଯାଞ୍ଚ ଶେଷ

### ୪ ଲୋକସଭା ଆସନରେ ୩୮ ପ୍ରାର୍ଥୀ

**୨୮ ବିଧାନସଭା ଆସନ ପାଇଁ ୨୬୬ ପ୍ରାର୍ଥିପତ୍ର ଦାଖଲ**

■ **ଭୁବନେଶ୍ୱର, ୨୬।୪ (ସମିସ):** ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଯାଞ୍ଚ ଆଜି ଶେଷ ହୋଇଛି । ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକସଭା କ୍ଷେତ୍ର ପାଇଁ ୩୯ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ବେଳେ କୋରାପୁଟ ସଂସଦୀୟ କ୍ଷେତ୍ରରେ ଜଣେ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ ହୋଇଛି । ଅବଶିଷ୍ଟ ୩୮ ଜଣଙ୍କ ନାମାଙ୍କନକୁ ନିର୍ବାଚନ କମିଶନ କାଏମ ରଖିଛନ୍ତି । ୨୯ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଏହି ୪ ସଂସଦୀୟ କ୍ଷେତ୍ରରେ ନିର୍ବାଚନ ଲଢ଼ିବାକୁ ଥିବା ପ୍ରକୃତ ପ୍ରାର୍ଥୀ ସଂଖ୍ୟା ଜଣାପଡ଼ିବ । ▶ପୃଷ୍ଠା-୯

ଦେଶରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

## କମିଲା ଭୋଟ୍ ହାର

**୧୩ ରାଜ୍ୟରେ ୮୮ ଆସନରେ ୬୦.୯୬% ଭୋଟିଂ**

**ତ୍ରିପୁରା-ମଣିପୁରରେ ୭୫%ରୁ ଅଧିକ ମତଦାନ**

■ **ନୂଆଦିଲ୍ଲୀ, ୨୬।୪ (ଏଜେନ୍ସି):** ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶୁକ୍ରବାର ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୧୩ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୮୮ ଆସନରେ ୬୦.୯୬ ପ୍ରତିଶତ ଭୋଟିଂ ହୋଇଛି । ତେବେ ୨୦୧୯ ସାଧାରଣ ନିର୍ବାଚନ ତୁଳନାରେ ଚଳିତ ଥର ୧୦ ପ୍ରତିଶତ କମ୍ ମତଦାନ ହୋଇଛି । ଗତ ଥର ଏହି ସବୁ ଆସନରେ ୭୦.୦୫ ପ୍ରତିଶତ ଭୋଟିଂ ହୋଇଥିଲା । ପୂର୍ବରୁ ୮୯ ଆସନରେ ମତଦାନ ହେବ ବୋଲି ନିର୍ବାଚନ କମିଶନ (ଇସି) ଘୋଷଣା କରିଥିଲେ । ମାତ୍ର ମଧ୍ୟପ୍ରଦେଶ ବେତୁଲ ଆସନର ବିଏସ୍‌ପି ପ୍ରାର୍ଥୀ ଅଶୋକ ଭାଲାଭିଙ୍କ ମୃତ୍ୟୁ ପରେ ଏହି ଆସନରେ ମତଦାନକୁ ସ୍ଥଗିତ ରଖାଯାଇଥିଲା । ଆଜି ତ୍ରିପୁରାରେ ସର୍ବାଧିକ ▶ପୃଷ୍ଠା-୯

ଆଦିବାସୀ କଲ୍ୟାଣ ଯୋଜନାକୁ କେନ୍ଦ୍ରର ଉପହାସ

## ୫ବର୍ଷ ହେଲା ଅଟକିଛି ଜେନେଟିକ୍ ଗବେଷଣା

**୭ କୋଟି ଖର୍ଚ୍ଚ; ନମୁନା ସଂଗ୍ରହ ପରେ ଫଳାଫଳ ଶୂନ୍**

**କ୍ଷେତ୍ରସ୍ତରୀୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଘେରିଲେଣି ଆଦିବାସୀ ଜନତା**

**ଆଦିବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷାରେ ହୋଇଥା'ନ୍ତା ଉପାଦେୟ**

**ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ହସ୍ତକ୍ଷେପ ଲୋଡ଼ିଲେ ଲୋକ**

■ **ଭୁବନେଶ୍ୱର, ୨୬।୪ (ସମିସ):** ଓଡ଼ିଶାରେ ଥିବା ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍‌ଏସ୍) ବିରୋଧରେ ଆସିଛି ଗୁରୁତର ଅଭିଯୋଗ । ଜେନେଟିକ୍ (ଗୁଣସୂତ୍ର) ଗବେଷଣା ପାଇଁ ବିଭିନ୍ନ ଆଦିବାସୀ ବହୁଳ ଜିଲ୍ଲାରୁ ସଂଗୃହିତ ରକ୍ତ ନମୁନାକୁ ନେଇ ବିବାଦ ଦେଖା ଦେଇଛି । ରକ୍ତ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ନମୁନା ସଂଗ୍ରହକୁ ଇତିମଧ୍ୟରେ ବହୁ ବର୍ଷ ବିତିଯାଇ ଥିଲେ ସୁଦ୍ଧା ଗବେଷଣା ଆରମ୍ଭ ହୋଇପାରି ନାହିଁ । ଏହି ଗବେଷଣା ପାଇଁ ପ୍ରାୟ ୭ କୋଟି ଟଙ୍କା ବ୍ୟୟ କରାଯାଇଥିଲା । କିନ୍ତୁ ଏତେ ବର୍ଷ ପରେ ବି ଏକ ମହତ୍ୱାକାଂକ୍ଷୀ ସ୍ୱାସ୍ଥ୍ୟ ଗବେଷଣା ପ୍ରକଳ୍ପ ସତେ ଯେପରି କୁଆଡ଼େ ଉଭାନ୍ ହୋଇଯାଇଛି । ରକ୍ତ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ସ୍ଥାନୀୟ କର୍ମଚାରୀମାନଙ୍କୁ ରକ୍ତ ନମୁନା ଦେଇଥିବା ଆଦିବାସୀ ସମ୍ପ୍ରଦାୟର ଲୋକେ ଏବେ ଘେରିବା ଆରମ୍ଭ କରିଛନ୍ତି । ଆମ ରକ୍ତ ନେଲ, ଏତେ ଦିନ ଧରି ରିପୋର୍ଟ ▶ପୃଷ୍ଠା-୯

## ଲୋକକଥା



ନେତା ହେଲେ କ'ଣ ମଣିଷପଣିଆ
ତାଙ୍କଠାରୁ ଯାଏ ଉଭେଇ,
ଭୋଟ୍ ପ୍ରଚାରରେ ଗାଡ଼ି ମାଡ଼ିଦେଲା
ଭୋଟର ରାସ୍ତାରେ ଗଡ଼ଇ !
ବାବୁ ଚାଲିଗଲେ ଆଡ଼େଇ,
ଭୋଟ ଦେଲାବେଳେ 'ଫୁଲ' ମୂଳ କଷି
ବହପ ଦେବେଟି ଛଡ଼େଇ !!

## ଇନ୍‌ଫୋଭ୍ୟାଲିରେ ଇଲେକ୍‌ଟ୍ରୋନିକ୍ ମାନୁଫାକ୍‌ଚରିଂ କ୍ଲଷ୍ଟର ପାର୍କ

ଆଦାନୀ ଓ ଆର୍‌ବିଆଇ ଡାଟା ସେଣ୍ଟର ସ୍ଥାପନ କାର୍ଯ୍ୟ ଆରମ୍ଭ

**୨୦୨୪ ସୁଦ୍ଧା କାର୍ଯ୍ୟକ୍ଷମ ହେବ ସୋଲାର ବ୍ୟାଟେରୀ କାରଖାନା**

**୧୨ ହଜାରରୁ ଅଧିକ ଯୁବକଯୁବତୀଙ୍କ ପାଇଁ ସୃଷ୍ଟିହେବ ନିଯୁକ୍ତି ସୁଯୋଗ**



■ **ଭୁବନେଶ୍ୱର, ୨୬।୪ (ସମିସ):** ଶିଳ୍ପାୟନ କ୍ଷେତ୍ରରେ ଆଉ ଦି ପାଦ ଆଗକୁ ବଢ଼ିଛି ଓଡ଼ିଶା । ଇସ୍ପାତ, ଆଲୁମିନିୟମ୍, ସିମେଣ୍ଟ, ପେଟ୍ରୋକେମିକାଲ୍ସ, ଆଇଟି, ଅଟୋମୋବାଇଲ,ପ୍ଲାଷ୍ଟିକ୍ ଏବଂ ବୟନ ଶିଳ୍ପ ଭଳି କ୍ଷେତ୍ରରୁ ବ୍ୟାପକ ପୁଞ୍ଜି ଆକୃଷ୍ଟ ପରେ ଏବେ ଇଲେକ୍‌ଟ୍ରୋନିକ୍ ଶିଳ୍ପ ସ୍ଥାପନକୁ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର । ଓଡ଼ିଶାରେ ବୃହତ୍ ଡାଟା ସେଣ୍ଟର ସ୍ଥାପନ ନିମନ୍ତେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଓ ଆଦାନୀ ଗ୍ରୁପ ଭଳି ବଡ଼ କମ୍ପାନୀ ଆଗ୍ରହ ପ୍ରକାଶ ସହ କାର୍ଯ୍ୟଆରମ୍ଭ କରିଛନ୍ତି । ଭୁବନେଶ୍ୱର ନିକଟସ୍ଥ ଇନ୍‌ଫୋଭ୍ୟାଲି-୨ରେ ଇଲେକ୍‌ଟ୍ରୋନିକ୍ ମାନୁଫାକ୍‌ଚରିଂ କ୍ଲଷ୍ଟର (ଇଏମ୍‌ସି) ପାର୍କରେ ଏହି ଡ଼ାଟା ସେଣ୍ଟର ସ୍ଥାପନ ହେବ । ଅନୁରୂପ ଭାବରେ ଏଠାରେ ସୌର ବ୍ୟାଟେରୀ ମଧ୍ୟ ପ୍ରସ୍ତୁତ କରାଯିବ ।

ଇନ୍‌ଫୋଭ୍ୟାଲି-୨ର ୨୧୬ ଏକର ପରିମିତ ଅଞ୍ଚଳରେ ଏହି ସବୁଜ କ୍ଷେତ୍ର ଇଲେକ୍‌ଟ୍ରୋନିକ୍ ମାନୁଫାକ୍‌ଚରିଂ କ୍ଲଷ୍ଟର (ଇଏମ୍‌ସି) ପାର୍କ ପ୍ରକଳ୍ପର ନିର୍ମାଣ ବେଶ ଦ୍ରୁତ ଗତିରେ ଆଗେଇଚାଲିଛି । ଏଠାରେ ଯେଉଁଭଳି ଷ୍ଟେଟ୍ ଅଫ୍ ଆର୍ଟ ନିର୍ମାଣ କରାଯାଉଛି ତାହା ଇଲେକ୍‌ଟ୍ରୋନିକ୍ ମାନୁଫାକ୍‌ଚରିଂ କମ୍ପାନୀଗୁଡ଼ିକୁ ଏକ ବିଶ୍ୱସ୍ତରୀୟ ଶିଳ୍ପ ପରିବେଶ ଯୋଗାଇବ । ଏତଦ୍‌ବ୍ୟତୀତ ପାର୍କରେ ଇଲେକ୍‌ଟ୍ରୋନିକ୍ କ୍ଷେତ୍ରର ଉତ୍ପାଦନକାରୀଙ୍କ ପାଇଁ ସରକାର ଅନେକ ସୁବିଧାସୁଯୋଗ ରଖିଛନ୍ତି । ଏହି ପାର୍କରେ ଉତ୍ପାଦନକାରୀଙ୍କ ପାଇଁ ଟେଷ୍ଟିଂ ସେଣ୍ଟର, ଟୁଲ୍ ରୁମ୍ ଏବଂ ଲଜିଷ୍ଟିକ୍ ସେଣ୍ଟର ଆଦି ସୁବିଧା ରହିବ । ଇଲେକ୍‌ଟ୍ରୋନିକ୍ ମାନୁଫାକ୍‌ଚରିଂ କ୍ଲଷ୍ଟର ପାର୍କରେ ଆର୍‌ବିଆଇ ଏବଂ ଆଦାନୀ ଗ୍ରୁପ ଏକ ଡାଟା ସେଣ୍ଟର ନିର୍ମାଣ କରୁଛନ୍ତି । ଏହାଛଡା ▶ପୃଷ୍ଠା-୯

## ଜଳିଗଲା ଚଳନ୍ତା ବସ୍



ଅଳ୍ପକେ ବର୍ତ୍ତିଲେ ୫୦ରୁ ଅଧିକ ଯାତ୍ରୀ

■ **ଢେଙ୍କାନାଳ, ୨୬।୪ (ସମିସ):** ଢେଙ୍କାନାଳ ସହର ନିକଟସ୍ଥ ୫୫ ନଂ. ଜାତୀୟ ରାଜପଥ ଆନନ୍ଦ ନଗର ନିକଟରେ ଏକ ଚଳନ୍ତା ଯାତ୍ରୀବାହୀ ଘରୋଇ ବସ୍‌ରେ ନିଆଁ ଲାଗିଯାଇଥିବା ବେଳେ ଏଥିରେ ଯାତ୍ରା କରୁଥିବା ୫୦ରୁ ଅଧିକ ଯାତ୍ରୀ ନିଶ୍ଚିତ ଏକ ବଡ଼ ଦୁର୍ଘଟଣାରୁ ରକ୍ଷା ପାଇଯାଇଛନ୍ତି । ସୂଚନା ଅନୁସାରେ ତାଳଚେରରୁ ପ୍ରିୟାଂଶୀ ନାମକ ଏକ ଯାତ୍ରୀବାହୀ ବସ (ଓଡି୧୯ ଏଲ ୨୧୬୯) ଦ୍ରୁତ ଗତିରେ ଯାଉଥିବା ବେଳେ ଆନନ୍ଦ ନଗର ଠାରେ କିଛି ଯାତ୍ରୀ ବସରେ ନିଆଁ ଲାଗିଯାଇଥିବା ଦେଖି ବସ୍ କର୍ମଚାରୀଙ୍କୁ କହିଥିଲେ । ସଙ୍ଗେ ସଙ୍ଗେ ବସ୍ ଡ୍ରାଇଭର ବସକୁ ଛିଡ଼ାକରିବା ସହିତ ସ୍ଥାନୀୟ ଲୋକଙ୍କ ସହାୟତାରେ ▶ପୃଷ୍ଠା-୯

### ନିର୍ବାଚନ କମିସନଙ୍କ ମତ ଲୋଡ଼ିଲେ ସୁପ୍ରିମକୋର୍ଟ

# ନୋଟା ଭୋଟ ସର୍ବାଧିକ ହେଲେ ପୁନଃନିର୍ବାଚନ ଦାବି

ନୂଆଦିଲ୍ଲୀ, ୨୬।୪(ଏଜେନ୍ସି)

ଯଦି କୌଣସି ନିର୍ବାଚନମଣ୍ଡଳୀରେ ନନ୍ ଅଫ୍ ଦି ଏବୋଭ ବା ନୋଟା ଭୋଟ ସର୍ବାଧିକ ହୁଏ ତେବେ ସେହି ନିର୍ବାଚନମଣ୍ଡଳୀରେ ପୁନଃନିର୍ବାଚନ କରାଯିବା ନିମନ୍ତେ ଆଦେଶ ଦେବାକୁ ସୁପ୍ରିମକୋର୍ଟରେ ପ୍ରେରଣା ପ୍ରବଚକ ଓ ଲେଖକ ଶିବ ଖେରାଙ୍କ ତରଫରୁ ବରିଷ୍ଠ ଆଡଭୋକେଟ୍ ଗୋପାଲ ଶଙ୍କରନାରାୟଣନ୍ ଏକ ଜନ ସ୍ୱାର୍ଥ ଯାଚିକା ଫାଇଲ କରିଛନ୍ତି। ଆଜି ପ୍ରଧାନବିଚାରପତି ଡିୱାଇ ଚନ୍ଦ୍ରଚୁଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜେବି ପର୍ଦ୍ଦିୱାଲା ଓ ଜଷ୍ଟିସ୍ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ଏହି ପିଟିସନର ଶୁଣାଣି କରି କହିଛନ୍ତି, ମାମଲା ନିର୍ବାଚନ ପ୍ରକ୍ରିୟା ସମ୍ବନ୍ଧିତ ହୋଇଥିବାରୁ ନିର୍ବାଚନ କମିସନ(ଇସିଆଇ)ଙ୍କ ମତାମତ ଲୋଡ଼ାଯିବ। ଏ ନେଇ ଇସିଆଇକୁ ନୋଟିସ୍ ଇସ୍ୟୁ ହୋଇଛି ଓ ପରବର୍ତ୍ତୀ ଶୁଣାଣି କେବେ ହେବ ତାହା ଖଣ୍ଡପୀଠ କହିନାହାନ୍ତି। ଖେରାଙ୍କ ଓକିଲ ଖଣ୍ଡପୀଠଙ୍କୁ କହିଥିଲେ, ପ୍ରସଙ୍ଗଟି ବିଶେଷ ଗୁରୁତ୍ୱ ବହନ କରୁଛି। ସୁରାଟରେ ଜଣେମାତ୍ର ପ୍ରାର୍ଥୀ ଥିବାରୁ ତାଙ୍କୁ ନିର୍ବିରୋଧରେ ନିର୍ବାଚିତ ଘୋଷଣା କରାଯାଇଛି। ପିଟିସନରେ ପ୍ରାର୍ଥନା କରାଯାଇଛି ଯେ ନୋଟା'କୁ କାଳ୍ପନିକ ପ୍ରାର୍ଥୀ ଭାବେ ଘୋଷଣା କରିବାକୁ ନିର୍ବାଚନ କମିସନଙ୍କୁ ସୁପ୍ରିମକୋର୍ଟ ଆଦେଶ ଦିଅନ୍ତୁ। ଯଦି ନୋଟାରେ ସର୍ବାଧିକ ସଂଖ୍ୟକ ପଡ଼େ ତେବେ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଇ ସେଠାରେ ପୁନଃନିର୍ବାଚନ କରାଯାଉ। ୨୦୧୩ରେ ନୋଟା'କୁ ସଂସଦ, ବିଧାନସଭା ଓ ପୌର ତଥା ପଞ୍ଚାୟତ ନିର୍ବାଚନରେ ବିକଳ୍ପ ଭାବେ ରଖାଯାଇଛି। ଯଦି କେହି ବି ପ୍ରାର୍ଥୀ ପସନ୍ଦର ନୁହଁନ୍ତି ବୋଲି ଭୋଟର ବିଚାରନ୍ତି ତେବେ ସେ ନୋଟା ବଟନ୍ ଦବାଇ ତାହା ବ୍ୟକ୍ତ କରିପାରିବେ। ନୋଟାକୁ ଜାତୀୟ ସ୍ତରରେ କାଳ୍ପନିକ ପ୍ରାର୍ଥୀ ଭାବେ ଘୋଷଣା କରିବାକୁ ପିଟିସନର୍ ନିର୍ବାଚନ କମିସନଙ୍କୁ ଦୁଇଥର ନିବେଦନ କଲେଣି। ମହାରାଷ୍ଟ୍ର, ହରିୟାଣା, ଦିଲ୍ଲୀ ଓ ପୁଡୁଚେରୀରେ ସେଠାକାର ଆଞ୍ଚଳିକ ନିର୍ବାଚନ କମିସନ୍ ପୌର ଓ ପଞ୍ଚାୟତ ନିର୍ବାଚନରେ ନୋଟା'କୁ କାଳ୍ପନିକ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ଯଦି ସମସ୍ତ ପ୍ରାର୍ଥୀ ନୋଟାକୁ ମିଳିଥିବା ଭୋଟଠାରୁ କମ୍ ଭୋଟ ପାଆନ୍ତି ତେବେ କାହାକୁ ବି ବିଜେତା ଘୋଷଣା କରାନଯାଇ ପୁନଃନିର୍ବାଚନ କରାଯିବାର ବ୍ୟବସ୍ଥା ରହିଛି। ଜାତୀୟ ନିର୍ବାଚନ କମିସନ୍ ଏପରି ନିୟମ ଲାଗୁ କରାଇବେ ଯେ କୌଣସି ନିର୍ବାଚନରେ ଯଦି ସମସ୍ତ ପ୍ରାର୍ଥୀ ନୋଟାରେ ପଡ଼ିଥିବା ଭୋଟଠାରୁ କମ୍ ଭୋଟ ପାଇଥାନ୍ତି ତେବେ ସେହି ଆସନରେ ପୁନଃନିର୍ବାଚନ କରାଯିବ। ନୋଟା'କୁ 'କାଳ୍ପନିକ ପ୍ରାର୍ଥୀ' ଘୋଷଣା କରାଯାଇଥିବା ସମ୍ପର୍କରେ ନିର୍ବାଚନ କମିସନ୍ ବ୍ୟାପକ ପ୍ରଚାରପ୍ରସାର କରିବେ। ନୋଟାଠାରୁ କମ୍ ଭୋଟ ପାଇଥିବା ପ୍ରାର୍ଥୀ ୫ବର୍ଷ ଯାଏଁ କୌଣସି ନିର୍ବାଚନ ଲଢ଼ିପାରିବେ ନାହିଁ ଏପରି ନିୟମ ରହିବାକୁ ପିଟିସନର ପ୍ରାର୍ଥନା କରିଛନ୍ତି।






## ବିଚାରକୁ ବିଳମ୍ବିତ କରାଉଥିବା ବିଜେପି ନେତାଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ

ଜାଣିଶୁଣି ବିଚାରକୁ ବିଳମ୍ବିତ କରାଉଥିବାରୁ ସୁପ୍ରିମକୋର୍ଟ ଆଜି ପଶ୍ଚିମବଙ୍ଗର ବିଜେପି ନେତା କଲ୍ୟାଣ ଚୌବେଙ୍କ ଉପରେ ବର୍ଷିଛନ୍ତି। ଚୌବେ ୨୦୨୧ରେ ନିର୍ବାଚନ ହାରିଯିବାରୁ କାଲକାଟା ହାଇକୋର୍ଟରେ ବିଜୟୀ ପ୍ରାର୍ଥୀଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ୨୦୨୨ରେ ବିଜୟୀ ବିଧାୟକଙ୍କ ମୃତ୍ୟୁ ଘଟିଥିଲା। ସେହି ଆସନରେ ଉପନିର୍ବାଚନ ହେବା କଥା। କିନ୍ତୁ ନିର୍ବାଚନ ମାମଲା ଥିଲେ ତାହାର ବିଚାର ସରିବା ଯାଏଁ ଉପନିର୍ବାଚନ ହୋଇପାରିବ ନାହିଁ। ତେଣୁ ଯଥାଶୀଘ୍ର ବିଚାର ସାରିବା ଦରକାର ହେଉଥିଲା। କିନ୍ତୁ ଚୌବେ ଉପନିର୍ବାଚନ କରାଇ ନ ଦେବାକୁ ବିଭିନ୍ନ ବାହାନାରେ ଅଦାଲତଙ୍କୁ ତାରିଖ ପରେ ତାରିଖ ମାଗୁଥିଲେ। ସେ ଅଲ୍ ଇ ଣ୍ଡି ଆ ଫୁଟବଲ ଆସୋସିଏସନର ସଭାପତି ଓ ଇଣ୍ଡିଆନ ଓଲମ୍ପିକ୍ସ ଆସୋସିଏସନର ଯୁଗ୍ମ ସମ୍ପାଦକ ଅଛନ୍ତି। ବିଭିନ୍ନ କ୍ରୀଡ଼ା କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବା ବାହାନାରେ କୋର୍ଟ ନଯାଇ ତାରିଖ ମାଗି ସେ ବିଚାର ବିଳମ୍ବିତ କରାଉଥିଲେ। ସୁପ୍ରିମକୋର୍ଟ ତାଙ୍କ ଉପରେ ରାଗି କହିଛନ୍ତି, ତୁମକୁ କ୍ରୀଡ଼ା ପୋଷ୍ଟ ଛାଡ଼ିବାକୁ କୁହାଯାଉ ଏହା ଚାହୁଁଛ କି? କୋର୍ଟ ନଆସିଲେ ତୁମ ନାମରେ ଜାମିନବିହୀନ ୱାରେଣ୍ଟ ଜାରି ହେବ।

### ସନ୍ଦେଶଖାଲିରେ ଏନ୍ଏସ୍‌ଜି କମାଣ୍ଡୋଙ୍କ ସହ ସିବିଆଇର ଚଢ଼ଉ

# ବିପୁଳ ଅସ୍ତ୍ରଶସ୍ତ୍ର-ଗୋଳାବାରୁଦ ଜବତ

କୋଲକାତା, ୨୬।୪ (ଏଜେନ୍ସି): ସିବିଆଇ ପଶ୍ଚିମବଙ୍ଗର ସନ୍ଦେଶଖାଲିର ବିଭିନ୍ନ ସ୍ଥାନରେ ଶୁକ୍ରବାର ଚଢ଼ଉ କରିଛି। ଏହି ଚଢ଼ଉରୁ ବିଦେଶୀ ପିସ୍ତଲ, ବୋମା ସମେତ ବିପୁଳ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି। ଏହା ଜଣାପଡ଼ିବା ପରେ ନ୍ୟାସନାଲ ସିକ୍ୟୁରିଟି ଗାର୍ଡ (ଏନ୍ଏସ୍‌ଜି) ଟିମ୍ ସନ୍ଦେଶଖାଲିରେ ପହଞ୍ଚି ଥିଲା। ସିବିଆଇକୁ ସୁରକ୍ଷା ଦେବା ସହିତ ତଲାସୀ ଅଭିଯାନ ଆରମ୍ଭ କରିଥିଲା। ଅଧିକାରୀଙ୍କ ସୂଚନା ଅନୁଯାୟୀ ଜାନୁଆରୀ ୫ ତାରିଖରେ ଶାହାଜହାଁ ଶେଖ୍‌ର ଘରେ ଚଢ଼ଉ କରିବାକୁ ଯାଉଥିବା ସମୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଟିମ୍ ଉପରେ ଆକ୍ରମଣ ହୋଇଥିଲା। ଏହି ମାମଲାରେ ଆଜି ଚଢ଼ଉ କରାଯାଇଛି। ସେହି ଦିନ ପ୍ରାୟ ହଜାର ଟିଏମ୍‌ସି କର୍ମୀ ଇଡି ଟିମ୍‌କୁ ଘେରି ଆକ୍ରମଣ କରିଥିଲେ। ଏଥିରେ ଇଡିର ତିନି ଜଣ ଅଧିକାରୀ ଆହତ ହୋଇଥିଲେ। ଏଜେନ୍ସିର ଉପ-ନିର୍ଦ୍ଦେଶକ ଏ ନେଇ ବସିରହାଟ ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ। ଏହି ମାମଲାରେ କଲକତା ହାଇକୋର୍ଟ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସିବିଆଇର ଯାଞ୍ଚ ପରେ ସନ୍ଦେଶଖାଲିରେ ବିପୁଳ ଅସ୍ତ୍ରଶସ୍ତ୍ର ଥିବା ସୂଚନା ମିଳିଥିଲା। ଅନ୍ୟପକ୍ଷରେ କଲକତା ହାଇକୋର୍ଟଙ୍କ ସିବିଆଇ ତଦନ୍ତ ନିର୍ଦ୍ଦେଶକୁ ବିରୋଧ କରି ରାଜ୍ୟ ସରକାର ଶୁକ୍ରବାର ସୁପ୍ରିମକୋର୍ଟରେ ଆବେଦନ ଦାଏର କରିଛନ୍ତି।

## ବୁଥ୍‌ରେ ବିଜେପି ପୋଲିଂ ଏଜେଣ୍ଟଙ୍କ ମୃତ୍ୟୁ

ସିଲଚର, ୨୬।୪(ଏଜେନ୍ସି)ଆସାମର ହେଲାକାଣ୍ଡି ଜିଲ୍ଲାର ଏକ ଭୋଟଗ୍ରହଣ କେନ୍ଦ୍ରରେ ବିଜେପିର ଜଣେ ପୋଲିଂ ଏଜେଣ୍ଟଙ୍କ ଅଚାନକ ମୃତ୍ୟୁ ଘଟିଛି । ତାଙ୍କର ବ୍ରେନ୍ ଷ୍ଟ୍ରୋକରେ ମୃତ୍ୟୁ ଘଟିଥିବା କୁହାଯାଇଛି। ସେ ଚଟାଣରେ ହଠାତ ପଡ଼ିଯାଇଥିଲେ ଓ ତାଙ୍କ ମୁଣ୍ଡରେ ଜୋର୍ ଆଘାତ ଲାଗିଥିଲା।। ତାଙ୍କୁ ଯଥାଶୀଘ୍ର ହସପିଟାଲ ନିଆଯାଇଥିଲା ଓ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏବେ ତାଙ୍କର ଶବ ବ୍ୟବଚ୍ଛେଦ ହୋଇ ଶବକୁ ପରିବାରକୁ ଦିଆଯିବ।

## କେରଳରେ ଭୋଟ ବେଳେ ୪ମୃତ

କାଲାକ୍କାଡ, ୨୬।୪(ଏଜେନ୍ସି): କେରଳର ବିଭିନ୍ନ ସ୍ଥାନରେ ଆଜି ଭୋଟ ଦାନ ବେଳେ ତିନି ଜଣ ଭୋଟର ଓ ଜଣେ ପୋଲିଂ ଏଜେଣ୍ଟଙ୍କ ମୃତ୍ୟୁ ଘଟିଛି। ୬୮ ବର୍ଷର ବୃଦ୍ଧ ଭୋଟ ଦେବା ପରେ ୩୮ ଡିଗ୍ରୀ ତାପମାନରେ ହଠାତ ରାସ୍ତାରେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ହସପିଟାଲ ନିଆଗଲା କିନ୍ତୁ ଡାକ୍ତର ସେ ବ୍ୟକ୍ତି ମରିସାରିଥିବା କହିଥିଲେ। ଲେଫ୍ଟ ଡେମୋକ୍ରାଟିକ୍ ଫ୍ରଣ୍ଟର ପୋଲିଂ ଏଜେଣ୍ଟ ୬୬ ବର୍ଷର ଅନିସ ଅହମ୍ମଦ ହଠାତ ଅଚେତ ହୋଇଯିବାରୁ ତାଙ୍କୁ ତୁରନ୍ତ ହସପିଟାଲ ନିଆଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିଭଳି ମାଲାପୁରମ୍ ଜିଲ୍ଲାରେ ୬୩ ବର୍ଷର ଜଣେ ମାଦ୍ରସା ଶିକ୍ଷକ ଭୋଟ ଦେଇସାରି ଘରକୁ ଫେରି ହଠାତ ଅଚେତ ହୋଇପଡ଼ିଲେ। ତାଙ୍କୁ ବଞ୍ଚାଇବା ସମ୍ଭବ ହୋଇପାରି ନାହିଁ।

## ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିପାତ

ଶ୍ରୀନଗର, ୨୬।୪ (ଏଜେନ୍ସି): ଜମ୍ମୁ-କାଶ୍ମୀର ସୋପୋର ସ୍ଥିତ ନୌପୋରାରେ ଗୁରୁବାର ସନ୍ଧ୍ୟାରୁ ସୁରକ୍ଷାବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଏନ୍‌କାଉଣ୍ଟର ଜାରି ରହିଛି। ଏଥିରେ ୨ ଆତଙ୍କବାଦୀ ନିପାତ ହୋଇଛନ୍ତି। ୨ ଜଣେ ଯବାନ ମଧ୍ୟ ଆହତ ହୋଇଛନ୍ତି। ଆଉ ଜଣେ ସାଧାରଣ ନାଗରିକଙ୍କ କାନ୍ଧରେ ଗୁଳି ବାଜିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସୂଚନା ଅନୁଯାୟୀ ନୌପୋରାର ଏକ ଘରେ ଆତଙ୍କବାଦୀ ଲୁଚି ରହିଥିବାର ଖବର ମିଳିଥିଲା। ଏହା ପରେ ସୁରକ୍ଷାବାହିନୀ ଅଞ୍ଚଳକୁ ଚାରିପଟୁ ଘେରାଉ କରି ତଲାସୀ ଅଭିଯାନ ଆରମ୍ଭ କରିଥିଲା। ଏଠାରେ ଆଉ ଜଣେ ଲସ୍କର-ଇ-ତୋଏବା କମାଣ୍ଡର ଲୁଚି ଥିବା କୁହାଯାଉଛି।



ଅଷ୍ଟ୍ରେଲିଆ ଉପକୂଳରେ ଫସି ରହିଛନ୍ତି ୧୬୦ ପାଇଲଟ୍ ହ୍ୱେଲ (ତିମି) । ଏହି ତିମିଗୁଡ଼ିକୁ ଉଦ୍ଧାର କରିବା ପାଇଁ ପ୍ରୟାସ କରାଯାଉଛି।

● ବାଣ ଫୁଟାଇବା ହେଲା କାଳ

## ବିବାହରେ ସିଲିଣ୍ଡର ବିସ୍ଫୋରଣ; ୬ ମୃତ



ଦରଭଙ୍ଗା, ୨୬।୪ (ଏଜେନ୍ସି): ବିହାର ଦରଭଙ୍ଗାର ଅଣ୍ଟର ଗ୍ରାମରେ ଗୁରୁବାର ରାତିରେ ବଡ଼ ଅଘଟଣ ଘଟିଛି। ବିବାହ ସମୟରେ ବାଣ ଫୁଟାଇବା ଯୋଗୁଁ ସିଲିଣ୍ଡର ବିସ୍ଫୋରଣ ଘଟି ଗୋଟିଏ ପରିବାରର ୬ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନେକ ଲୋକ ମଧ୍ୟ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ରାତିରେ ଛଗନ ପାଶ୍ୱାନଙ୍କ ଝିଅର ବିବାହ ହେଉଥିଲା। ଏଥିପାଇଁ ବରଯାତ୍ରୀଙ୍କୁ ପଡୋଶୀ ରାମଚନ୍ଦ୍ର ପାଶ୍ୱାନଙ୍କ ଘରେ ରଖାଯାଇଥିଲା। ତେବେ ମନା କରିବା ସତ୍ତ୍ୱେ ବରଯାତ୍ରୀ ବାଣ ଫୁଟାଇ ଥିଲେ। ଏଠାରେ କେହି ଜଣେ ଜଳୁଥିବା ବାଣକୁ ଗୋଡରେ ଫୋପାଡ଼ି ଦେଇଥିଲେ। ଏହା ଯାଇ ଟେଣ୍ଟରେ ବାଜିଥିଲା। ସେଥିରୁ ବାରୁଦ ବାହାରିବାରୁ ନିଆଁ ଲାଗି ଯାଇଥିଲା। ଏହା ଦେଖୁ ଦେଖୁ ରୋଷେଇ ଶାଳରେ ଥିବା ସିଲିଣ୍ଡର ପାଖରେ ପହଞ୍ଚି ଯାଇଥିଲା। ସିଲିଣ୍ଡରରେ ନିଆଁ ଲାଗିବାରୁ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏହି ଦୁର୍ଘଟଣା ପରେ ବରକନ୍ୟାଙ୍କୁ ନିକଟସ୍ଥ ମନ୍ଦିରକୁ ନିଆଯାଇଥିଲା। ସେଠାରେ ଉଭୟଙ୍କ ବିବାହ ହୋଇଥିଲା। ଏହି ସମୟରେ ରାମଚନ୍ଦ୍ରଙ୍କ ଘର ପାଖରେ ଥିବା ଡିଜେଲରେ ନିଆଁ ଲାଗି ଯାଇଥିଲା। ପରେ ଏହା ଘରକୁ ବ୍ୟାପି ଯାଇଥିଲା। ଏଥିରେ ରାମଚନ୍ଦ୍ରଙ୍କ ପୁଅ, ବୋହୂ, ଝିଅ, ୨ ନାତି ଏବଂ ନାତୁଣୀର ମୃତ୍ୟୁ ହୋଇଥିଲା।

● କୁସ୍ତିଯୋଦ୍ଧାଙ୍କ ଯୌନ ଉତ୍ପୀଡ଼ନ ମାମଲା

## ବ୍ରିଜ୍‌ଭୂଷଣଙ୍କ ଆବେଦନ ଖାରଜ

ନୂଆଦିଲ୍ଲୀ, ୨୬।୪ (ଏଜେନ୍ସି): ଭାରତୀୟ କୁସ୍ତି ସଂଘ (ଡବ୍ଲ୍ୟୁଏଫ୍ଆଇ)ର ପୂର୍ବତନ ଅଧ୍ୟକ୍ଷ ତଥା ବିଜେପି ସାଂସଦ ବ୍ରିଜ୍‌ଭୂଷଣ ଶରଣ ସିଂହଙ୍କୁ ବଡ଼ ଝଟ୍‌କା ଲାଗିଛି। ମହିଳା କୁସ୍ତିଯୋଦ୍ଧାଙ୍କ ଯୌନ ଉତ୍ପୀଡ଼ନ ମାମଲାରେ ରାଉଜ ଆଭିନ୍ୟୁ କୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ସେ ଯୌନ ଉତ୍ପୀଡ଼ନ ଅଭିଯୋଗର ପୁନଃ ଯାଞ୍ଚ କରିବାକୁ ଦାବି କରିଥିଲେ। ଏବେ କୋର୍ଟ ମେ' ୭ ତାରିଖରେ ଅଭିଯୋଗ ଧାର୍ଯ୍ୟ କରିବେ। ବ୍ରିଜ୍‌ଭୂଷଣ ଦାବି କରିଥିଲେ ଯେ ୨୦୨୨ ସେପ୍ଟେମ୍ବର ୭ରେ ଏହି ଘଟଣା ଘଟିଥିଲା। ଏହି ଦିନ ସେ ଦିଲ୍ଲୀରେ ନ ଥିଲେ। ତେଣୁ ଅଭିଯୋଗର ପୁଣିଥରେ ଯାଞ୍ଚ କରିବାକୁ ଦାବି କରିଥିଲେ। ସେ ଅଭିଯୋଗ ଲଗାଇଥିବା କୁସ୍ତିଯୋଦ୍ଧାଙ୍କୁ କଲ୍ ଡିଟେଲ ରିପୋର୍ଟ (ସିଡିଆର)ର ନକଲ ମଧ୍ୟ ମାଗିଥିଲେ। ଦିଲ୍ଲୀ ପୁଲିସ ଏହି ମାମଲାରେ ୨୦୨୩ ଜୁନ୍‌ରେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଆରୋପ ପତ୍ର ଦାଖଲ କରିଥିଲା। ଏହି ମାମଲାକୁ ନେଇ ଗତ ବର୍ଷ ଜାନୁଆରୀ ୧୮ରେ ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ୍, ବିନେଶ ଫୋଗାଟଙ୍କ ସମେତ ୩୦ରୁ ଅଧିକ କୁସ୍ତିଯୋଦ୍ଧା ଦିଲ୍ଲୀର ଜନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷରେ ଉତ୍ତରପ୍ରଦେଶ କୈସରଗଞ୍ଜର ସାଂସଦ ବ୍ରିଜ୍‌ଭୂଷଣଙ୍କୁ ଏ ପର୍ଯ୍ୟନ୍ତ ତାଙ୍କ ଦଳ ଟିକଟ ଦେଇନାହିଁ।



● ଧସିଲା ରାମବନ-ଗୁଲ ମାର୍ଗ; ୨୪ ଘରେ ଫାଟ

## ମୁଖ୍ୟ ସହର ସହ ଯୋଗାଯୋଗ ବିଚ୍ଛିନ୍ନ

ରାମବନ, ୨୬।୪ (ଏଜେନ୍ସି): ଜମ୍ମୁ-କାଶ୍ମୀର ରାମବନ ଜିଲ୍ଲାର ୫ କିମି ଲମ୍ବା ରାମବନ-ଗୁଲ ମାର୍ଗ ରାସ୍ତାର ଏକ ବଡ଼ ଅଂଶ ଗୁରୁବାର ଧସି ଯାଇଛି। ଏଥିଯୋଗୁଁ ପେରନୋଟ ଅଞ୍ଚଳର ୨୪ ଘରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଛି। ଘରର କାନ୍ଥ ଏବଂ ଚଟାଣ ଫାଟି ଯାଇଛି। ଲୋକେ ଭୟରେ କାଳତିପାର କରୁଛନ୍ତି। କେତେବେଳ କ'ଣ ହେବ କିଛି କହି ହେଉନାହିଁ। ଏହି ଦୁର୍ଘଟଣା ଯୋଗୁଁ ଅଞ୍ଚଳରେ ବିଦ୍ୟୁତ ଯୋଗାଣ ବନ୍ଦ ହୋଇଯାଇଛି। ମୁଖ୍ୟ ସହରଠାରୁ ୬୦ ହଜାରରୁ ଅଧିକ ବାସିନ୍ଦାଙ୍କ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। କୋଠାରେ ଫାଟ ସୃଷ୍ଟି ହେବା ପରେ ୨୩ ଘରୁ ଲୋକଙ୍କୁ ଉଦ୍ଧାର କରାଯାଇଛି। ସମସ୍ତଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ରାମବନ ଡିସି ବସିର-ଉଲ-ହକ୍ ଚୌଧୁରୀ କହିଛନ୍ତି ଯେ ବିଜୁଳି ଯୋଗାଣ ପ୍ରଭାବିତ ହୋଇଛି। ରାମବନ-ଗୁଲ ମାର୍ଗ ରାସ୍ତାରେ ଗାଡ଼ି ମଟର ଚଳାଚଳ ବନ୍ଦ କରିଦିଆଯାଇଛି।



### ଭୟ ବଢ଼ାଉଛି କେନ୍ଦ୍ରୀୟ ଜଳ ଆୟୋଗଙ୍କ ରିପୋର୍ଟ

# ୧୨ ହଜାର ନଦୀର ଅସ୍ତିତ୍ୱ ଉପରେ ସଙ୍କଟ

ନୂଆଦିଲ୍ଲୀ, ୨୬।୪ (ଏଜେନ୍ସି)

ଦେଶରେ ବିଭିନ୍ନ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଦିନକୁ ଦିନ ଏହା ନୂଆ ରେକର୍ଡ କରିଚାଲିଛି। ପ୍ରବଳ ଖରା ହେଉଥିବାରୁ ଅନେକ ଜଳ ଭଣ୍ଡାର, ନଦୀ, ହ୍ରଦ, ପୋଖରୀ, ନଳକୂପ, କୂଅ ଆଦି ଶୁଖି ଯାଇଛି। ଫଳରେ ମନୁଷ୍ୟଠାରୁ ପଶୁପକ୍ଷୀଙ୍କ ପର୍ଯ୍ୟନ୍ତ ସମସ୍ତେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କର୍ଣ୍ଣାଟକରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଅନେକ ଜିଲ୍ଲାରେ ଗୁରୁତର ଜଳ ସଙ୍କଟ ଦେଖା ଦେଇଛି। ଏଥିରେ ବେଙ୍ଗାଲୁରୁ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ଏଠାରେ ପିଇବା ପାଣି ମିଳୁନାହିଁ। ସ୍ଥିତିକୁ କମ୍ପାନୀଗୁଡିକ କର୍ମଚାରୀଙ୍କୁ ଘରେ ରହି କାମ କରିବାକୁ ପରାମର୍ଶ ଦେଇଛନ୍ତି। ଅନେକ ଲୋକ ସହର ମଧ୍ୟ ଛାଡ଼ି ପଳାଇଛନ୍ତି। ତାମିଲନାଡୁ, ଆନ୍ଧ୍ରପ୍ରଦେଶର ବିଭିନ୍ନ ଜିଲ୍ଲାରେ ମଧ୍ୟ ଜଳ ସଙ୍କଟ ଦେଖା ଦେଇଛି। ଏହା ମଧ୍ୟରେ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)ଙ୍କ ରିପୋର୍ଟ ଚିନ୍ତା ବଢ଼ାଇ ଦେଇଛି। ଦେଶର ନଦୀଗୁଡିକ ଦ୍ରୁତଗତିରେ ଶୁଖିବାରେ ଲାଗିଛି ବୋଲି ଜଣାପଡ଼ିଛି। ବିଭିନ୍ନ ସ୍ଥାନରେ ବର୍ଷା ହେଉ ନ ଥିବାରୁ ସ୍ଥିତି ଅଧିକ ଗୁରୁତର ହୋଇଯାଇଛି। ତେବେ ସବୁଠାରୁ ଚିନ୍ତାର ବିଷୟ ଏହି କି ଯେ ହିମାଳୟ କ୍ଷେତ୍ରରୁ ବାହାରିଥିବା ଗଙ୍ଗା, ଯମୁନା ଭଳି ନଦୀ ଅବବାହିକା ଅଞ୍ଚଳରେ ମରୁଡ଼ି ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଗଙ୍ଗା ନଦୀ ପ୍ରଭାବିତ ହେଉଥିବା ୧୧ ରାଜ୍ୟର ପ୍ରାୟ ୨ ଲକ୍ଷ ୮୬ ହଜାର ଗ୍ରାମରେ ଜଳ ଉପଲବ୍ଧତା ହ୍ରାସ ପାଇଛି। ନଦୀରେ ଜଳ ପ୍ରବାହ କ୍ରମାଗତ ଭାବେ ହ୍ରାସ କମ୍ ହେବାରେ ଲାଗିଛି। ତେବେ ଅଚାନକ ଏପରି ସ୍ଥିତି ସୃଷ୍ଟି ହୋଇନାହିଁ। ଗତ କିଛି ବର୍ଷ ହେଲା ଏହି ଧାରା ଜାରି ରହିଛି। ନଦୀର ପ୍ରବାହ ହ୍ରାସ ପଛରେ ପ୍ରକୃତି କିମ୍ବା ଜଳବାୟୁ ପରିବର୍ତ୍ତନ ସହିତ ଅନେକ ମନୁଷ୍ୟକୃତ କାରଣ ମଧ୍ୟ ରହିଛି।

ଦେଶରେ ୧୩ଟି ବଡ଼, ୪୫ଟି ମଧ୍ୟମଧରଣର ଏବଂ ୫୫ଟି କ୍ଷୁଦ୍ର ଜଳଧାରଣ କ୍ଷେତ୍ର ରହିଛି। ପାଣି ଯେଉଁଠୁ ପ୍ରଭାବିତ ହୋଇ ଆସିଥାଏ ତାହାକୁ ଜଳଗ୍ରହଣ କ୍ଷେତ୍ର କୁହାଯାଇଥାଏ। ଏଥିରେ ବରଫ ପାହାଡ଼, ସହାୟକ ନଦୀ, ନାଳ ଆଦି ସାମିଲ ରହିଛି। ହିମାଳୟ କ୍ଷେତ୍ରର ବରଫ ତରଳିବାରୁ ତିନି ନଦୀ ଗଙ୍ଗା, ସିନ୍ଧୁ ଏବଂ ବ୍ରହ୍ମପୁତ୍ର ବାହାରୁଛି। ଏ ସବୁକୁ ହିମାଳୟୀ ତଥା ଚିରସ୍ରୋତା ନଦୀ କୁହାଯାଇଥାଏ। ଅନ୍ୟଗୁଡିକୁ ଖରସ୍ରୋତା କୁହାଯାଇଥାଏ। ଏଗୁଡିକ ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରିଥାନ୍ତି। ତଥ୍ୟ ଅନୁଯାୟୀ ପାଣି ମାମଲାରେ ଭାରତ ସାରା ବିଶ୍ୱର ସର୍ବାଧିକ ସମୃଦ୍ଧ ଦେଶ। ମାତ୍ର ଚିନ୍ତାର ବିଷୟ ଏହି କି ଯେ ୮୫ ପ୍ରତିଶତ ବର୍ଷା ପାଣି ତିନି ମାସରେ ସମୁଦ୍ରକୁ ଚାଲି ଯାଇଥାଏ। ଏଥିଯୋଗୁଁ ନଦୀ ଶୁଖି ଯାଇଥାଏ। କ୍ଷୁଦ୍ର ନଦୀଗୁଡିକ ଏହି ପାଣିକୁ ସଂରକ୍ଷିତ କରି ରଖିଥାଆନ୍ତି। ମାତ୍ର ଏବେ ଅନେକ କ୍ଷୁଦ୍ର ନଦୀ ମୃତ ପ୍ରାୟ ଅବସ୍ଥାରେ ଅଛନ୍ତି। ତେଣୁ ଏହି ସ୍ଥିତି ସୃଷ୍ଟି ହୋଇଛି। ନଦୀ ପାଇଁ ସୃଷ୍ଟି ହେଉଥିବା ଏହି ସଙ୍କଟ ମନୁଷ୍ୟକୁ ବଡ଼ ଚେତାବନୀ ଦେଇଛି। ଏବେ ନଦୀଗୁଡିକ ସାମ୍ନାରେ ମୁଖ୍ୟତଃ ତିନି ପ୍ରକାରର ସଙ୍କଟ ସୃଷ୍ଟି ହୋଇଛି। ଏଗୁଡିକ ମଧ୍ୟରେ ପାଣି ଅଭାବ, ମାଟି ଭାଗ ଅଧିକ ଏବଂ ପ୍ରଦୂଷଣ ରହିଛି। ପୃଥିବୀର ତାପମାତ୍ରା ବୃଦ୍ଧି ଯୋଗୁଁ ପାଣିପାଗ ବଦଳୁଛି। ଏଥିପାଇଁ ବର୍ଷାରେ ଅନିୟମିତତା ଲାଗି ରହୁଛି। ଏହି ସବୁ ସ୍ଥିତି ନଦୀ ପାଇଁ ଅସ୍ତିତ୍ୱର ସଙ୍କଟ ସୃଷ୍ଟି କରିଛନ୍ତି। ଜଳସେଚନ ଏବଂ ଅନ୍ୟ କାର୍ଯ୍ୟ ଲାଗି ନଦୀକୁ ଶୋଷଣ ଏବଂ ବନ୍ଧ ଆଦି ନିର୍ମାଣ ଯୋଗୁଁ ନଦୀର ପ୍ରାକୃତିକ ସ୍ୱରୂପକୁ କ୍ଷତି ପହଞ୍ଚୁଛି। ତେଣୁ ନଦୀରେ ପାଣି କମ୍ ରହୁଛି।

ଉତ୍ତରାଖଣ୍ଡକୁ ଉଦାହରଣ ଭାବେ ଦେଖିଲେ ଅଲମୋଡାର ଜାଗେଶ୍ୱରରେ ଦିନ ଗଙ୍ଗା ନଦୀର ପ୍ରବାହ ସେକେଣ୍ଡ ପିଛା ୫୦୦ ଲିଟର ଥିଲା। ଏବେ ଏହା ୧୮ ଲିଟର ରହିଛି। ଆକଳ ଅନୁଯାୟୀ ଏବେ



■ ଦ୍ରୁତଗତିରେ ଶୁଖିଚାଲିଛି ନଦୀ

■ ବଡ଼ଠାରୁ କ୍ଷୁଦ୍ର ନଦୀକୁ ଧ୍ୟାନ ଦେବା ଜରୁରୀ

ଦେଶରେ ପ୍ରାୟ ୧୨ ହଜାର କ୍ଷୁଦ୍ର ନଦୀର ଅସ୍ତିତ୍ୱ ଉପରେ ସଙ୍କଟ ସୃଷ୍ଟି ହୋଇଛି। ୧୯ଶ ଶତାବ୍ଦୀ ବେଳକୁ ହିମାଳୟ କ୍ଷେତ୍ରରୁ ବାହାରି ଆସୁଥିବା ପ୍ରାୟ ୬ ହଜାର ନଦୀ ବିହାର (ଝାଡ଼ଖଣ୍ଡ ସହିତ)ରେ ଥିଲା। ମାତ୍ର ଏବେ ଏଥିରୁ ୪୦୦ରୁ ୬୦୦ଟିର ଅସ୍ତିତ୍ୱ ରହିଛି। ମଧୁବନୀ ସୁପୋଲ ଦେଇ ପ୍ରବାହିତ ତିଲଯୁଗା ନଦୀ ଦିନେ କୋଶିଠାରୁ ବି ବଡ଼ ଥିଲା। କିନ୍ତୁ ଏବେ ତାହାର ଜଳଧାରା ସୀମିତ ହୋଇଯାଇଛି। ଏହା କୋଶିର ସହାୟକ ନଦୀ ପାଲଟି ଯାଇଛି। ସେହିପରି ସୀତାମଢ଼ିରେ ସରକାରୀ କୋଠା ଲଖନଦେଇ ନଦୀକୁ ଖାଇ ଯାଇଛି। ନଦୀଗୁଡ଼ିକର ଏପରି ସ୍ଥିତି ଯୋଗୁଁ ଆଜି ବିଭିନ୍ନ ଅଞ୍ଚଳରେ ମରୁଡ଼ି ସ୍ଥିତି ସୃଷ୍ଟି ହୋଇଛି।

ବର୍ତ୍ତମାନ ବିହାରର ୨୩ ଜିଲ୍ଲାରେ ପ୍ରବାହିତ ୨୪ ନଦୀ ଶୁଖି ପଡ଼ିଆରେ ପରିଣତ ହୋଇଯାଇଛି। ଏଗୁଡିକ ମଧ୍ୟରେ ଉତ୍ତର ବିହାରର ୧୬ ଏବଂ ଦକ୍ଷିଣ ବିହାରର ୮ ନଦୀ ସାମିଲ ରହିଛି। ଏହି ସବୁ ନଦୀର ମୋଟ ଲମ୍ବ ୨, ୯୮୬ କିମି। ଏଥିରୁ ୬୭୦ କିମି କ୍ଷେତ୍ରରେ ମାଟି ଭର୍ତ୍ତି ହୋଇଯାଇଛି। ବାଲି ଖନନ, ଜମି ଉପରେ କବ୍ଜା, ନଦୀର ବନ୍ୟା ପ୍ରଭାବିତ କ୍ଷେତ୍ରରେ ସ୍ଥାୟୀ ନିର୍ମାଣ ଆଦି ନଦୀଗୁଡ଼ିକ ପାଇଁ ବଡ଼ ବିପଦ ପାଲଟିଛି। ଦୁର୍ଭାଗ୍ୟର ବିଷୟ ଏହି କି ଯେ ଅନେକ କ୍ଷୁଦ୍ର ନଦୀଙ୍କର କୌଣସି ରାଜସ୍ୱ ରେକର୍ଡ ନାହିଁ। ଏଗୁଡ଼ିକୁ ନାଳ କହି ଦିଆଯାଉଛି। ସୂଚନା ଅନୁଯାୟୀ ସାହିବୀ ନଦୀରେ ସହର ନିର୍ମାଣ ଯୋଗୁଁ ପ୍ରତି ବର୍ଷ ଗୁରୁଗ୍ରାମ ବୁଡ଼ିବାରେ ଲାଗିଛି।

ପ୍ରତ୍ୟେକ ନଦୀ ସମାଜ, ଦେଶ ଏବଂ ପୃଥିବୀ ପାଇଁ ଅତ୍ୟନ୍ତ ଜରୁରୀ। ମାତ୍ର ବଡ଼ ନଦୀଠାରୁ କ୍ଷୁଦ୍ର ନୀଦକୁ ଅଧିକ ଧ୍ୟାନ ଦେବା ଜରୁରୀ। ଅନେକ କ୍ଷୁଦ୍ର ନଦୀ ମିଶି ବଡ଼ ନଦୀ ହୋଇଥାଏ। ଯଦି କ୍ଷୁଦ୍ର ନଦୀରେ ପାଣି କମ୍ ରହିବ ତେବେ ବଡ଼ ନଦୀ ମଧ୍ୟ ଶୁଖିଯିବ। ଯଦି କ୍ଷୁଦ୍ର ନଦୀରେ ପ୍ରଦୂଷଣ ବଢ଼ିବ ତେବେ ଏହା ବଡ଼ ନଦୀକୁ ମଧ୍ୟ ପ୍ରଭାବିତ କରିବ।

## ଓଡ଼ିଶା ବିଜେପି ନେତାଙ୍କୁ ବିଜେଡିର କଟାକ୍ଷ

# ପରାଜୟ ଭୟରେ ବାଚାଳ ରାଜ୍ୟ ବିଜେପି ନେତା

ଭୁବନେଶ୍ୱର, ୨୬।୪(ସମିସ):

ଚଳିତ ନିର୍ବାଚନରେ ଓଡ଼ିଶାରେ ବିଜେପି ନେତାମାନେ ନିଜର ଦୟନୀୟ ପରାଜୟର ଆଭାସ ପାଇଲେଣି। ୨୦୧୯ରେ ଯେପରି ଓଡ଼ିଶାବାସୀ ବିଜେପିକୁ ପ୍ରତ୍ୟାଖ୍ୟାନ କରିଥିଲେ, ଚଳିତ ନିର୍ବାଚନରେ ମଧ୍ୟ ରାଜ୍ୟ ବିଜେପିକୁ ରାଜ୍ୟବାସୀ ଠିକଣା ଜବାବ ଦେବେ। ନିଜର ଭବିଷ୍ୟତ ସ୍ଥିତି ସମ୍ପର୍କରେ ଏଠାକାର ନେତାମାନେ ଧୀରେ ଧୀରେ ଅବଗତ ହେଲେଣି। ତେଣୁ ଆସନ୍ନ ପରାଜୟ ଭୟରେ ଭୟଭୀତ ଓଡ଼ିଶା ବିଜେପି ନେତାମାନେ ବାଚାଳାମୀ ଆରମ୍ଭ କରିଛନ୍ତି। ରାଜ୍ୟ ବିଜେପିର ପୂର୍ବତନ ସଭାପତି ଘୋଷା ଶୁଆ ପରି ଆଚରଣ ପ୍ରଦର୍ଶନ କରୁଛନ୍ତି ଓ ଫେକ୍ ନ୍ୟୁଜ୍ ଫ୍ୟାକ୍ଟ୍ରିରୁ ଆସୁଥିବା ଲେଖାକୁ ପଢ଼ି ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି କଟାକ୍ଷ କରିଛି ବିଜେଡି।



**ପଢୁଛନ୍ତି ଦଳର ଫେକ୍ ନ୍ୟୁଜ ଫ୍ୟାକ୍ଟ୍ରିରୁ ଆସୁଥିବା ଲେଖା**

**ଆସନ୍ନ ପରାଜୟ ଆଶଙ୍କାରେ ରଚୁଛନ୍ତି ନୂଆ ନୂଆ ସୁଆଙ୍ଗ**

**ସଭାପତିରୁ ପଦଚ୍ୟୁତ ହୋଇଥିଲେ ଅପମାନିତ ସମୀର**

**ଓଡ଼ିଶାବାସୀ ଦେବେ ରାଜ୍ୟ ବିଜେପିର ନାଟକର ଜବାବ**

ବିଜେଡି ସାଂସଦ ସୁଲତା ଦେଓ କହିଛନ୍ତି ଯେ ୨୦୧୯ ନିର୍ବାଚନରେ ରାଜ୍ୟରେ ବିଜେପି ନେତାମାନେ ଯେଉଁପରି ପରାଜୟ ବରଣ କରିଥିଲେ, ୨୦୨୪ରେ ତାହାଠାରୁ ଆହୁରି ଦୟନୀୟଭାବରେ ପରାଜିତ ହେବେ। ପରାଜୟର ଭୟ ଯୋଗୁଁ ରାଜ୍ୟ ନେତାଙ୍କ ମୁଣ୍ଡ ଆଉ ଠିକ୍ ଭାବରେ କାମ କରୁନି। ସେମାନେ ବାଚାଳ ହୋଇ ଯାଇଛନ୍ତି। ସତ ମିଛ, ଭୁଲ ଠିକ୍ ବିଚାର କରିବାର କ୍ଷମତା ସେମାନେ ହରାଇ ସାରିଛନ୍ତି। ଓଡ଼ିଶା ବିଜେପିର ଫେକ୍ ନ୍ୟୁଜ୍ ଫ୍ୟାକ୍ଟ୍ରିରୁ ଯାହା କିଛି ମିଛ, ବିଭ୍ରାନ୍ତକାରୀ, ଭିତ୍ତିହୀନ ଆଉ ନିରାଧାର କଥା ଲେଖିକରି ଦିଆଯାଉଛି, ତାହାକୁ ଏହି ନେତାମାନେ ଗଣମାଧ୍ୟମ ସାମ୍ନାରେ ପଢ଼ି ଦେଉଛନ୍ତି। ସମୀର ମହାନ୍ତି ଓଡ଼ିଶା ବିଜେପିର ସଭାପତି ଥିବା ସମୟରେ ପଞ୍ଚାୟତ ନିର୍ବାଚନରେ ଦଳ ଅତି ଶୋଚନୀୟ ଭାବେ ପରାଜିତ ହୋଇଥିଲା। ସେଥିପାଇଁ ତାଙ୍କୁ ଅତ୍ୟନ୍ତ ଅପମାନଜନକ ପରିସ୍ଥିତିରେ ରାଜ୍ୟ ସଭାପତି ପଦରୁ ହଟାଇ ଦିଆଯାଇଥିଲା। ସେହି ଶକ୍ତ ଧକ୍କାରୁ ସେ ଏପର୍ଯ୍ୟନ୍ତ ମୁକୁଳିନାହାନ୍ତି। ତେଣୁ ତାଙ୍କୁ ଯାହା ଲେଖିକରି ଦିଆଯାଉଛି, ତାକୁ ଘୋଷା ଶୁଆ ଭଳି ଗାଇ ଦେଇଯାଉଛନ୍ତି। ଶୋଚନୀୟ ଫଳାଫଳ ଓ ପ୍ରଚଣ୍ଡ ପରାଜୟ ଭୟରେ ଓଡ଼ିଶା ବିଜେପି ଏଭଳି ସୁଆଙ୍ଗ ରଚିବା କିଛି ନୂଆ କଥା ନୁହେଁ। ଅତୀତରେ ମଧ୍ୟ ଓଡ଼ିଶାବାସୀ ଏପରି ଅନେକ ଯାତ୍ରା ଦେଖିଛନ୍ତି ଓ ଏହାର ଉଚିତ୍ ଜବାବ ଦୋଇଛନ୍ତି, ଏହି ନିର୍ବାଚନରେ ମଧ୍ୟ ଓଡ଼ିଶା ବିଜେପିକୁ ରାଜ୍ୟବାସୀ ଅନୁରୂପ ଜବାବ ଦେବେ ବୋଲି ଶ୍ରୀମତୀ ଦେଓ କହିଛନ୍ତି।

---

■ ଭାରୀଯାନ ଧକ୍କାରେ ୩ଜଣଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

# ସବୁ ଗେଟ୍ ବନ୍ଦ କରି ଏନ୍‌ଟିପିସି ଆଗରେ ଆନ୍ଦୋଳନ

ସୁନ୍ଦରଗଡ଼, ୨୬।୪(ସମିସ): ଗୁରୁବାର ବିଳମ୍ବିତ ରାତିରେ ଏନଟିପିସିର ଦର୍ଲିପାଲି ସୁପରଥର୍ମାଲ ପାୱାର ପ୍ଲାଣ୍ଟ ରାସ୍ତାରେ କମ୍ପାନୀର ପରିବହନ କାର୍ଯ୍ୟରେ ନିୟୋଜିତ ଭାରୀଯାନ ଧକ୍କାରେ ୩ ବାଇକ ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ, ସ୍ଥାନୀୟ ହୁଟୁପଡ଼ାର ରଞ୍ଜନ ପ୍ରଧାନ, ଆଶିଷ ଭୋଇ ଏବଂ ରୂପକ ଧୂଆ। ଏମାନେ ବାଇକ୍‌ରେ ଯାଉଥିବା ବେଳେ ଭାରୀଯାନ ତାଙ୍କୁ ଧକ୍କା ଦେଇଥିଲା।



**ଭିତରେ ଫସି ରହିଛନ୍ତି କାରାଖାନାର 'ସି' ସିଫ୍ଟ କର୍ମଚାରୀ**

ଫଳରେ ଘଟଣାସ୍ଥଳରେ ତିନିଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ସକାଳୁ ଆନ୍ଦୋଳନକୁ ଓହ୍ଲାଇ କାରଖାନାର ସମସ୍ତ ଗେଟ୍ ବନ୍ଦ କରିଦେଇଛନ୍ତି। ଫଳରେ 'ସି' ସିଫ୍ଟ କର୍ମଚାରୀମାନେ ଡ୍ୟୁଟି ସରିବା ପରେ ସକାଳେ ଘରକୁ ଯାଇ ନ ପାରି କାରଖାନା ଭିତରେ ଫସି ରହିଛନ୍ତି। ସେହିପରି 'ଏ' ଓ 'ବି' ସିଫ୍ଟ କର୍ମଚାରୀ କାମ କରିବାକୁ କାରଖାନା ଭିତରକୁ ଯାଇପାରିନାହାନ୍ତି। ଆନ୍ଦୋଳନକାରୀମାନେ ସମସ୍ତ ମୃତକଙ୍କ ପରିବାର ଲୋକଙ୍କୁ ଚାକିରି, ୩୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ, ସମସ୍ତ ରାସ୍ତାରେ ସିସିଟିଭି ଲଗାଇବା, ପର୍ଯ୍ୟାପ୍ତ ଆଲୋକୀକରଣ, ରାସ୍ତା ପ୍ରଶସ୍ତୀକରଣ ଆଦି ଦାବିରେ କାରଖାନା ଗେଟ୍ ନିକଟରେ ବସି ରହିଛନ୍ତି।

ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ ଓ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ଦାବିକୁ ସମର୍ଥନ ଜଣାଇଛନ୍ତି। ଏନଟିପିସିର ମାନବ ସମ୍ବଳ ବିକାଶ ମୁଖ୍ୟ ପ୍ରତିଭା ସିଂ ଆନ୍ଦୋଳନସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ୨ ପର୍ଯ୍ୟାୟରେ ଆଲୋଚନା କରିଥିଲେ ହେଁ ସମାଧାନର ସୂତ୍ର ବାହାରିନାହିଁ। ସୁନ୍ଦରଗଡ଼ ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ ଓ ସଦର ଏସଡିପିଓ ହିମାଂଶୁ ଭୂଷଣ ବେହେରାଙ୍କ ସମେତ ଲେଫ୍ରିପଡ଼ା ତହସିଲଦାର ପ୍ରତିମା ପିଙ୍ଗ, ବିଡିଓ ଆତସି ପରିଡ଼ା, ଭସ୍ମା ଥାନା ଆଇଆଇସି ରାମପ୍ରସାଦ ନାଗ ପ୍ରମୁଖ ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ରହି ବୁଝାସୁଝା କରିବାକୁ ଉଦ୍ୟମ କରୁଛନ୍ତି। ତେବେ ୨ ପର୍ଯ୍ୟାୟ ଆଲୋଚନା ବିଫଳ ହେବା ପରେ ଆନ୍ଦୋଳନକାରୀ ଆହୁରି ଉତ୍ତେଜିତ ହୋଇପଡ଼ିଛନ୍ତି। ପୁଲିସ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ମୃତଦେହଗୁଡ଼ିକୁ ଆଣି ଗେଟ ସମ୍ମୁଖରେ ରଖି ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଆନ୍ଦୋଳନ ଜାରି ରଖିଛନ୍ତି।

---

■ କାର୍ତ୍ତିକ୍ ପାଣ୍ଡିଆନଙ୍କ ହେଲିକପ୍ଟର ଯାଞ୍ଚ

# କିଛି ନପାଇ ଫେରିଗଲେ ନିର୍ବାଚନ ଅଧିକାରୀ

ଉମରକୋଟ,୨୬।୪ (ସମିସ): ନିର୍ବାଚନୀ ପ୍ରଚାରରେ ନବରଙ୍ଗପୁର ଗସ୍ତରେ ଆସିଥିବା ବିଜେଡି ନେତା ତଥା ବିଜେଡିର ଷ୍ଟାର୍ ପ୍ରଚାରକ କାର୍ତ୍ତିକ୍ ପଣ୍ଡିଆନଙ୍କ ହେଲିକପ୍ଟରକୁ ଯାଞ୍ଚ କରିଛନ୍ତି ନିର୍ବାଚନ ଅଧିକାରୀ। ଶ୍ରୀ ପାଣ୍ଡିଆନ୍ ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଉମରକୋଟ ପୌର ପରିଷଦଠାରେ ଥିବା ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ନିର୍ବାଚନୀ ସଭାରେ ଯୋଗ ଦେବାକୁ ଆସିବା ସମୟରେ ନିର୍ବାଚନ କମିସନଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ପାଣ୍ଡିଆନ୍ ଆସିଥିବା ହେଲିକପ୍ଟରକୁ ଉମରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ନିର୍ବାଚନ ଅଧିକାରୀ ପ୍ରୀତିରଞ୍ଜନ ରଥ ଓ ଅତିରିକ୍ତ ତହସିଲଦାର ଏବଂ ପୁଲିସ ହେଲିକପ୍ଟର ଯାଞ୍ଚ କରିଥିଲେ। ଯାଞ୍ଚ ପରେ ହେଲିକପ୍ଟରରୁ କିଛି ନ ମିଳିବାରୁ ନିର୍ବାଚନ ଅଧିକାରୀମାନେ ଫେରି ଯାଇଥିଲେ।




---

# ଦୁଇ ଗଞ୍ଜେଇ ଚାଲାଣକାରୀଙ୍କୁ ୧୦ ବର୍ଷ ଲେଖାଏଁ ଜେଲ୍

ବ୍ରହ୍ମପୁର, ୨୬।୪(ସମିସ): ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାର କରି ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ପ୍ରଥମ) ଡ. ଇନ୍ଦୁ ଶର୍ମା ଦୁଇ ଗଞ୍ଜେଇ ଚାଲାଣକାରୀ ମହିଳାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ବର୍ଷ ଲେଖାଏଁ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ଉଭୟଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୧ବର୍ଷ ଲେଖାଏଁ ସଶ୍ରମ ଜେଲଦଣ୍ଡ ପାଇଁ ନିର୍ଦ୍ଦେଶ ରହିଛି। ଦୋଷୀ ସାବ୍ୟସ୍ତ ହୋଇଥିବା ଦୁଇ ମହିଳା ହେଲେ, ଭୁବନେଶ୍ୱର ନୂଆପଲ୍ଲୀ ଥାନା ଅନ୍ତର୍ଗତ ସାଲିଆ ସାହିର କାନ୍ତା ନାୟକ(୩୨) ଓ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନିଳାଦ୍ରୀବିହାରର ସୁନିତା ପ୍ରଧାନ(୫୮)। ୨୦୨୩ ମେ' ୨୬ ତାରିଖରେ ଅବକାରୀ ଗୁଇନ୍ଦା ଇନ୍ସପେକ୍ଟର ଗୀତାଞ୍ଜଳି ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଆମ୍ବଗଡ଼ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଏହି ୨ ମହିଳାଙ୍କୁ ଧରିଥିଲା। ସେମାନଙ୍କ ନିକଟରୁ ଦୁଇଟି ଜରିବସ୍ତାରେ ୫୮ କେଜି ଗଞ୍ଜେଇ ଜବତ ହୋଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

---

## ପୋକ୍ସୋ ଆଇନ ଆଳରେ ପ୍ରତିଶୋଧମୂଳକ ମାମଲା / ମାମଲା ରଦ୍ଦ କଲେ ହାଇକୋର୍ଟ

କଟକ, ୨୬।୪(ସମିସ): ଶିଶୁମାନଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡ଼ନ ରୋକିବା ପାଇଁ ପୋକ୍ସୋ ଆଇନ ପ୍ରଣୟନ ହୋଇଥିଲା। ଏହି ଆଇନରେ ଥିବା କଠୋର ଧାରା ଶିଶୁମାନଙ୍କ ପ୍ରତି ହେଉଥିବା ଏହି ଯୌନ ଅତ୍ୟାଚାରକୁ ବହୁ ମାତ୍ରାରେ ରୋକିବାରେ ସକ୍ଷମ ହୋଇଥିଲେ ହେଁ କିଛି କ୍ଷେତ୍ରରେ ଏହାର ଦୁରୁପଯୋଗ କରାଯାଉଛି। ପ୍ରତିଶୋଧମୂଳକ ତଥା ମିଥ୍ୟା ମକଦ୍ଦମା ମଧ୍ୟ ରୁଜୁ ହେଉଛି। ବିଶେଷକରି ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପୋକ୍ସୋ ଆଇନ ଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି ବୋଲି ହାଇକୋର୍ଟ କହିଛନ୍ତି। ଅଭିଯୁକ୍ତ ଓ ପୀଡ଼ିତା ପରସ୍ପର ସହମତିରେ ବିବାହ କରି ସୁଖମୟ ଜୀବନଯାପନ କରୁଥିବାରୁ ସେମାନଙ୍କ ନାମରେ ପୋକ୍ସୋ ଆଇନ ଅନୁସାରେ ନିମ୍ନ ଅଦାଲତରେ ଚାଲିଥିବା ପ୍ରୋସିଡିଂକୁ ରଦ୍ଦ କରିଛନ୍ତି ହାଇକୋର୍ଟ। ବିଚାରପତି ଜଷ୍ଟିସ ଶିବଶଙ୍କର ମିଶ୍ର ଉପରୋକ୍ତ ପ୍ରସଂଗରେ ୫ଗୋଟି ମାମଲାର ଏକତ୍ର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ସବୁ ପୃଥକ୍ ପୃଥକ୍ ମାମଲାରେ ପୀଡ଼ିତା ଓ ଅଭିଯୁକ୍ତ ପରସ୍ପର ସହମତିରେ ବିବାହ କରିଥିଲେ। ପୀଡ଼ିତାଙ୍କୁ ୧୮ବର୍ଷ ବୟସରୁ କମ ହୋଇଥିବା ବେଳେ ସେମାନଙ୍କ ପରିବାର ବର୍ଗ ପକ୍ଷରୁ ପୋକ୍ସୋ ଆଇନରେ ମାମଲା ରୁଜୁ ହୋଇଥିଲା। ତେବେ ପୀଡ଼ିତା ୧୮ ବର୍ଷ ଅତିକ୍ରମ କରିସାରି ବୈବାହିକ ଜୀବନଯାପନ କରୁଥିବା ବେଳେ ନିମ୍ନ ଅଦାଲତରେ ଚାଲିଥିବା ମାମଲାକୁ ରଦ୍ଦ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

---

■ ବନାଗ୍ନି ସତ୍ତ୍ୱେ ଶିମିଳିପାଳରେ ବାଘ ସୁରକ୍ଷିତ

# ବାଘ ଶାବକଙ୍କ ବିଚରଣର ଭିଡିଓ ସେୟାର କଲେ ପିସିସିଏଫ୍

ବାରିପଦା, ୨୬।୪(ସମିସ): ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁଁ ଶିମିଳିପାଳ ଅଭୟାରଣ୍ୟରେ ପ୍ରତିଦିନ ଫାୟାର ପଏଣ୍ଟ ଚିହ୍ନଟ ହେବା ସହ ନିଆଁ ଆୟତ୍ତ ହେଉଛି।



କିନ୍ତୁ ଭୟଙ୍କର ବନାଗ୍ନି ସତ୍ତ୍ୱେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ବାଘମାନେ ସୁରକ୍ଷିତ ରହିଛନ୍ତି। ବାଘ ଶାବକଟିଏ ଅଭୟାରଣ୍ୟର କୋର୍ ଏରିଆରେ ବିଚରଣ କରୁଥିବାର ଏକ ଭିଡିଓ 'ଏକ୍ସ'ରେ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷଣ (ପିସିସିଏଫ୍) ସୁଶାନ୍ତ ନନ୍ଦ ସେୟାର କରିଛନ୍ତି। ବାଘ ଛୁଆଟି ବେଶ୍ ବେଫିକର୍ ଭାବେ ଜଙ୍ଗଲ ଭିତରେ ଖେଳୁଥିବାର ଭିଡିଓରେ ଦେଖାଯାଇଛି। ଶିମିଳିପାଳ ଜଙ୍ଗଲରେ ଗତ କିଛି ଦିନ ଧରି ବନାଗ୍ନି ସ୍ଥିତି ଉପୁଜିଛି। ବଫର୍ ଏରିଆ ଏବଂ ପାରିପାର୍ଶ୍ୱିକ ଗାଁ ପାଖରେ ଜଙ୍ଗଲ ଜଳୁଛି। ବନାଗ୍ନି ନିୟନ୍ତ୍ରଣ କରିବାକୁ ବନ ବିଭାଗ ଏବଂ ଓଡ୍ରାଫ୍ ଟିମ୍ ନିୟୋଜିତ ରହିଛନ୍ତି। ରାଜ୍ୟ ସରକାରଙ୍କ ସୁଚିନ୍ତିତ ପଦକ୍ଷେପ ଏବଂ ଓଡ୍ରାଫ୍ ବାହିନୀର ସହଯୋଗ ଯୋଗୁଁ ଏପର୍ଯ୍ୟନ୍ତ ଶିମିଳିପାଳ ଅଭୟାରଣ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ସେଭଳି ବଡ଼ଧରଣର ବନାଗ୍ନି ଦୃଶ୍ୟମାନ ହୋଇନାହିଁ। କିନ୍ତୁ ଏହି ବନାଗ୍ନି ଦ୍ୱାରା ଶିମିଳିପାଳରେ ରହୁଥିବା ବାଘଙ୍କ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପକାଇନାହିଁ। ସେମାନେ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛନ୍ତି। ସେହିପରି ଶିମିଳିପାଳ ଅଭୟାରଣ୍ୟରେ ପରୀକ୍ଷାମୂଳକ ଭାବେ ୬ଟି ଏଆଇ କ୍ୟାମେରା କାର୍ଯ୍ୟକାରୀ କରାଯାଉଛି। ଏଆଇ ଦ୍ୱାରା ନଜର ରଖିବା ଦ୍ୱାରା ନିଆଁ ଲାଗିବା ମାତ୍ରେ ବନ ବିଭାଗକୁ ତୁରନ୍ତ ଖବର ମିଳିଯାଉଛି। ଫଳରେ ବନାଗ୍ନି ସମ୍ପୂର୍ଣ୍ଣ ଆୟତ୍ତ ହେଉଛି।

---

# ୨୮ ରେ ଓଡ଼ିଶା ଆସିବେ ଜେପି ନଡ୍ଡା

ଭୁବନେଶ୍ୱର/ବ୍ରହ୍ମପୁର, ୨୬।୪(ସମିସ): ଆସନ୍ତା ୨୮ ତାରିଖରେ ଓଡ଼ିଶା ଆସିବେ ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା। ବିଜେପିର ବରିଷ୍ଠ ନେତା ସମୀର ମହାନ୍ତି ଆଜି ଏହି ସୂଚନା ଦେଇଛନ୍ତି। ଶ୍ରୀ ନଡ୍ଡା ଦିନିକିଆ ଗ୍ରସ୍ତରେ ବ୍ରହ୍ମପୁରରେ ସାଧାରଣ ସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରେ ସେ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ନିର୍ବାଚନୀ ମନ୍ତ୍ର ଦେବେ ବୋଲି ସ୍ଥିର କରାଯାଇଛି। ଏହାପରେ ସେ ନବରଙ୍ଗପୁର ଯିବେ। ସେଠାରେ



ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଭେଟି ଆଲୋଚନା କରିବେ। ଗୁରୁବାର କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହ ଓଡ଼ିଶା ଗସ୍ତରେ ଆସି ସୋନପୁରଠାରେ ଦଳ ପକ୍ଷରୁ ଆୟୋଜିତ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ। ଶାହଙ୍କ ଗସ୍ତର ଦୁଇ ଦିନ ପରେ ବିଜେପି ରାଷ୍ଟ୍ରୀୟ ସଭାପତି ଶ୍ରୀ ନଡ୍ଡା ଓଡ଼ିଶା ଗସ୍ତରେ ଆସିବା ରାଜ୍ୟ ରାଜନୀତିକୁ ଉଷ୍ମ କରିଦେଇଛି। ଅପରପକ୍ଷେ ଶ୍ରୀ ନଡ୍ଡାଙ୍କ ଗସ୍ତର କାର୍ଯ୍ୟସୂଚୀ ନେଇ ବ୍ରହ୍ମପୁର ଗାନ୍ଧିନଗରସ୍ଥିତ ବିଧାନସଭା କାର୍ଯ୍ୟାଳୟ ପରିସରରେ ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ସଭାପତି ଡା. ସୁବାସ ସାହୁ ଯୋଗଦେଇ କହିଥିଲେ ଯେ ୨୮ ତାରିଖ ଅପରାହ୍ନ ୩ଟାରେ ଶ୍ରୀ ନଡ୍ଡା ବ୍ରହ୍ମପୁରରେ ପହଞ୍ଚିବା ପରେ ଆମ୍ବପୁଆ ବିବେକ ବିହାରଠାରେ ଆୟୋଜିତ ଜନସଭାକୁ ସମ୍ବୋଧିତ କରିବା ସହ ଦଳୀୟ ପ୍ରାର୍ଥୀଙ୍କ ଲାଗି ପ୍ରଚାର କରିବେ। ସେଦିନ ସେ ବ୍ରହ୍ମପୁରରେ ରହ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ। ସାମ୍ବାଦିକ ସମ୍ମିଳନୀୟ ଅନ୍ୟମାନଙ୍କ ମଧ୍ୟରେ ବିଜେପି ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ, ଲୋକସଭା ସଂଯୋଜକ ସରୋଜ ସାବତଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

---

## ଗୋଟିଏ ଦିନରେ ବିଜେପି ସାଂସଦ ପ୍ରାର୍ଥୀଙ୍କ ଦୁଇଥର ଆଚରଣ ବିଧି ଉଲ୍ଲଙ୍ଘନ

# ସିଇଓଙ୍କୁ ଫେରାଦ ହୋଇ କାର୍ଯ୍ୟାନୁଷ୍ଠାନ ଦାବିକଲା ବିଜେଡି



ଭୁବନେଶ୍ୱର, ୨୬।୪(ସମିସ): ଭୋଟ ପାଇଁ ଓଡ଼ିଶା ବିଜେପି ପ୍ରାର୍ଥୀମାନେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ଏକ ସାଧାରଣ କଥା ହେଲାଣି। ବାରମ୍ବାର ଅଭିଯୋଗ ଓ ତଦନ୍ତ ନିର୍ଦ୍ଦେଶ ପରେ ବି ଆଇନକୁ ନାଲି ଆଖି ଦେଖାଇ ଗୋଟିଏ ପରେ ଗୋଟିଏ ବେଆଇନ୍ କାର୍ଯ୍ୟ କରି ଚାଲିଛନ୍ତି। ଏହି କ୍ରମରେ ଯାଜପୁର ବିଜେପି ସାଂସଦ ପ୍ରାର୍ଥୀ ରବୀନ୍ଦ୍ର ନାରାୟଣ ବେହେରା ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ଉଦ୍ୟମ ସହ ଦିନକରେ ଦୁଇଦୁଇଥର ଆଚରଣ ବିଧିର ଉଲ୍ଲଙ୍ଘନ କରିଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି। ଏହା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି। ଅଭିଯୋଗ ଅନୁସାରେ ଗତ ୨୧ ତାରିଖ ଦିନ ରସୁଲପୁର ବ୍ଲକ ଅନ୍ତର୍ଗତ ବାଲିପାଟଣା ଗ୍ରାମରେ ଏକ ଶୋକ ସଭାରେ ବିଜେପି ସାଂସଦ ପ୍ରାର୍ଥୀ ଶ୍ରୀ ବେହେରା ଯୋଗ ଦେଇଥିଲେ। ଏହା ଏକ ଶୋକ ସଭା ହୋଇଥିବା ସତ୍ତ୍ୱେ ସାନ୍ତ୍ୱନା ଦେବାକୁ ଯାଇ ଶ୍ରୀ ବେହେରା କାନ୍ଧରେ ଦଳୀୟ ଉତ୍ତରୀୟ ପକାଇ ନିର୍ବାଚନ ପ୍ରଚାର କରିବାକୁ ପଛାଇ ନ ଥିଲେ। ଏକ ସମ୍ବେଦନଶୀଳ ପରିସ୍ଥିତିରେ ବି ଶ୍ରୀ ବେହେରା ଭୋଟ ବ୍ୟାଙ୍କ ରାଜନୀତି ଚଳାଇଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ସେହିପରି ଶ୍ରୀ ବେହେରା ଏକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳୀୟ ଉତ୍ତରୀୟ ପକାଇ ପହଞ୍ଚିଯାଇଥିଲେ। ଯାହା ଜଣାପଡୁଛି ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ କରିବା ପାଇଁ ବିଜେପି ପ୍ରାର୍ଥୀମାନେ ପଣ କରିଛନ୍ତି। ତେଣୁ ଶ୍ରୀ ବେହେରାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଜେଡି ଦାବି କରିଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ ପାଇଁ ଯାଇଥିବା ବିଜେଡି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ଡ଼ ସସ୍ମିତ ପାତ୍ରଙ୍କ ସହିତ ତୁମ୍ବନାଥ ପଣ୍ଡା, ମିହିର ରାୟ, ଓମ୍ ପ୍ରକାଶ ସାହୁ, ଡ଼ ପ୍ରିୟବ୍ରତ ମାଝୀ, ଇପ୍ସିତା ସାହୁ, ମଧୁସ୍ମିତା ନାୟକ, ସୋଫିଆ ଆଲାମ୍, ମାହିକ୍ଷୀତା ମିଶ୍ର ପ୍ରମୁଖ ସାମିଲ ଥିଲେ।




■ ଗୋଟିଏ ବ୍ଲକ୍‌ରେ ୨ ନିର୍ବାଚନ ମଣ୍ଡଳୀର ଭୋଟର

# ୧୨ ପଞ୍ଚାୟତର ଭୋଟର ବାଛିବେ ଦୁଇ ବିଧାୟକ

କୋରୁକୋଣ୍ଡା, ୨୬।୪ (ସମିସ):

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍‌ରେ ରାଜନୀତି ପ୍ରତିଥର ବେଶ୍ ରୋଚକ ହୋଇଥାଏ। ଏହି ବ୍ଲକ୍ ଅଧୀନରେ ଥିବା ୧୨ଟି ପଞ୍ଚାୟତବାସୀ ଦୁଇଜଣ ବିଧାୟକଙ୍କ ଭାଗ୍ୟ ନିର୍ଣ୍ଣୟ କରିଥାନ୍ତି। କୋରୁକୋଣ୍ଡା ବ୍ଲକ୍‌ଟି ଦୁଇଟି ନିର୍ବାଚନମଣ୍ଡଳୀ ଯଥା ମାଲକାନଗିରି ଏବଂ ଚିତ୍ରକୋଣ୍ଡା ଅଧୀନରେ ରହିଛି। ମାଲକାନଗିରି ନିର୍ବାଚନମଣ୍ଡଳୀ ଅଧୀନରେ କୋରୁକୋଣ୍ଡା ଓ ତୁମୁସାପଲ୍ଲୀ ଆଦି ୨ଟି ପଞ୍ଚାୟତ ରହିଥିବା ବେଳେ ଚିତ୍ରକୋଣ୍ଡା ଆସନ ଅଧୀନରେ ଡୁଡ଼ାମେଟା, ମାରିୱାଡ଼ା, କାମୱାଡ଼ା, ପୁରୁଣା ଚିମିଟାପାଲ୍ଲୀ, ନୀଳାକାମ୍ବେରୁ, ଚିତାପାରି-୩, ନାକାମାମୁଡ଼ି, ସୋମନାଥପୁର, ତର୍ଲାକୋଟା ଓ ପୋଟ୍ରେଲ ଆଦି ୧୦ଟି ପଞ୍ଚାୟତ ରହିଛି। ଏହି ବ୍ଲକ୍‌ରେ ୨ଟି ନିର୍ବାଚନମଣ୍ଡଳୀର ମୋଟ ଭୋଟରଙ୍କ ସଂଖ୍ୟା ୫୪ ହଜାର ୨୮୧। ସେଥିମଧ୍ୟରୁ ମାଲକାନଗିରି ନିର୍ବାଚନମଣ୍ଡଳୀ ଅଧୀନରେ ୨ଟି ପଞ୍ଚାୟତର ମୋଟ୍ ଭୋଟରଙ୍କ ସଂଖ୍ୟା ୧୨ ହଜାର ୩୯୯ ରହିଥିବା ବେଳେ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ଅଧୀନରେ ରହିଥିବା ମୋଟ ୧୦ଟି ପଞ୍ଚାୟତର ମୋଟ ଭୋଟରଙ୍କ ସଂଖ୍ୟା ୪୧ ହଜାର ୮୮୨।




ତେବେ ଦୁଇଟି ନିର୍ବାଚନମଣ୍ଡଳୀ ଅଧୀନରେ ଆସୁଥିବା ଏହି ବ୍ଲକରେ ରାଜନୀତି ବେଶ୍ ରୋଚକ ହୋଇଥାଏ। ଉଭୟ ନିର୍ବାଚନମଣ୍ଡଳୀର ପ୍ରାର୍ଥୀମାନେ ଏହି ଗୋଟିଏ ବ୍ଲକରେ ପ୍ରଚାର ଆରମ୍ଭ କରିଥିବା ବେଳେ ଲୋକେ ମଧ୍ୟ ଗୋଟିଏ ବ୍ଲକରେ ରହି ଦୁଇଟି ନିର୍ବାଚନମଣ୍ଡଳୀକୁ ନେଇ ଚର୍ଚ୍ଚା କରିଥାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନେତାଙ୍କ ପାଇଁ ଏଠାରେ ପ୍ରଚାର କରିବା ଆହ୍ୱାନପୂର୍ଣ୍ଣ ହୋଇଥାଏ। ଗତ ପଞ୍ଚାୟତ ନିର୍ବାଚନରେ ଏଠାରେ ବିଜେଡି ଭଲ ପ୍ରଦର୍ଶନ କରିଥିଲା। ଦଳ ଏଠାରେ ବ୍ଲକ୍ ଅଧ୍ୟକ୍ଷ ପଦ ହାତେଇଛି। ତେଣୁ ସଂଗଠନ ସୁଦୃଢ଼ ରହିଥିବାରୁ ଆଗାମୀ ନିର୍ବାଚନରେ ବିଜେଡିକୁ ଏହା ସୁହାଇବ ବୋଲି ରାଜନୈତିକ ମହଲ ଆକଳନ କରୁଛନ୍ତି। ତେବେ ଅନ୍ୟ ଦୁଇ ପ୍ରମୁଖ ଦଳ ମଧ୍ୟ ନିଜର ଶକ୍ତି ପ୍ରଦର୍ଶନ କରିବାରେ ଲାଗି ପଡ଼ିଛନ୍ତି। ଭୋଟର୍‌ଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ଜୋରଦାର କସରତ ଚଳାଇଛନ୍ତି। ଆସନ୍ତା ମେ' ୧୩ ତାରିଖରେ ଓଡ଼ିଶାରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ମତଦାନରେ ମାଲକାନଗିରି ନିର୍ବାଚନ ମଣ୍ଡଳୀର ବିଧାୟକ ବାଛିବା ଲାଗି କୋରୁକୋଣ୍ଡା ପଞ୍ଚାୟତ ସମିତି ସଦର ପଞ୍ଚାୟତରେ ମୋଟ ୭ଟି ବୁଥ୍ ଜରିଆରେ ୬,୭୭୬ଜଣ ମତଦାତା ସେମାନଙ୍କ ମତସାବ୍ୟସ୍ତ କରିବେ। ଉକ୍ତ ନିର୍ବାଚନ ମଣ୍ଡଳୀର ତୁମୁଷାପଲ୍ଲି ପଞ୍ଚାୟତରେ ୬ଟି ବୁଥ୍ ଜରିଆରେ ୫୬୨୩ ଜଣ ମତଦାତା ନିଜର ମତସାବ୍ୟସ୍ତ କରିବେ।

ସେହିପରି ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ଅଧୀନରେ ରହିଥିବା ପଞ୍ଚାୟତ ସମିତିର ୧୦ଟି ପଞ୍ଚାୟତ ମଧ୍ୟରୁ ଡୁଡ଼ାମେଟା ପଞ୍ଚାୟତ ଅଧୀନରେ ଥିବା ୩୨୩୪ଜଣ ମତଦାତା ୪ଟି ବୁଥ୍ ମାଧ୍ୟମର ନିଜର ମତ ସାବ୍ୟସ୍ତ କରିବାକୁ ଥିବା ବେଳେ ମାରିୱାଡା ପଞ୍ଚାୟତର ୫ଟି ବୁଥ୍ ମାଧ୍ୟମରେ ୩୧୭୦ ଜଣ, ସୋମନାଥପୁର ପଞ୍ଚାୟତରେ ୫ଟି ବୁଥ୍ ମାଧ୍ୟମରେ ୪୬୭୯ ଭୋଟର, ନାକାମାମୁଡ଼ି ପଞ୍ଚାୟତ ଅଧୀନରେ ରହିଥିବା ୫୭୦୭ ଜଣ ଭୋଟର ୮ଟି ବୁଥ୍ ମାଧ୍ୟମରେ, ଚିତପାରି-୩ ଅଧୀନରେ ଥିବା ୪ ବୁଥ୍ ମାଧ୍ୟମରେ ୪୭୭୨ ଜଣ ମତଦାତା, ତର୍ଲାକୋଟା ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ୩୯୯୩ ଜଣ ଭୋଟର ୪ଟି ବୁଥ୍ ମାଧ୍ୟମରେ, ପୋଟ୍ରେଲ ଗ୍ରାମ ପଞ୍ଚାୟତର ୪ଟି ବୁଥ୍ ମାଧ୍ୟମରେ ୪୨୬୬ ଜଣ ଭୋଟର, କାମୱାଡ଼ା ଗ୍ରାମ ପଞ୍ଚାୟତରେ ୪୦୩୩ ଜଣ ଭୋଟର ୫ଟି ବୁଥ୍ ମାଧ୍ୟମରେ, ନୀଳାକାମ୍ବେରୁ ଗ୍ରାମ ପଞ୍ଚାୟତରେ ୬ଟି ବୁଥ୍ ଜରିଆରେ ୪୧୯୭ ଜଣ ମତଦାତା, ୬ଟି ବୁଥ୍ ଜରିଆରେ ୩୮୩୧ ଜଣ ପୁରୁଣା ଚିମିଟାପଲ୍ଲି ଗ୍ରାମ ପାଞ୍ଚାୟତର ମତଦାତା ନିଜ ନିଜର ମତଦାନ କରି ବିଧାୟକ ପ୍ରାର୍ଥୀଙ୍କୁ ଚୟନ କରିବେ।

ବାଙ୍ଗିରିପୋଷିରୁ ଆରମ୍ଭ ହେଲା ପ୍ରଚାର

# ଗୋଟିଏ ମଞ୍ଚରେ ସୁଦାମ ଓ ରଞ୍ଜିତା



ବାରିପଦା/ବାଙ୍ଗିରିପୋଷି/କୁଳିଅଣା, ୨୬।୪(ସମିସ):

ମୟୂରଭଞ୍ଜ ଜିଲ୍ଲାର ସମ୍ମାନସ୍ପଦ ଆସନ ହେଉଛି ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ। ବିଜେଡି ପକ୍ଷରୁ ଏଠାରେ ପ୍ରାର୍ଥୀ ଘୋଷଣା ହେବା ପରେ ନିର୍ବାଚନୀ ଉଷ୍ମତା ଜୋର୍ ଧରିଛି। ଏଥର ମହିଳା ପ୍ରାର୍ଥୀଙ୍କୁ ଦିଆଯାଇଛି ବାଙ୍ଗିରିପୋଷି ଦାୟିତ୍ୱ। ମନ୍ତ୍ରୀ ତଥା ଲୋକସଭା ସାଂସଦ ପ୍ରାର୍ଥୀ ହୋଇଥିବା ସୁଦାମ ମାରାଣ୍ଡିଙ୍କ ପତ୍ନୀ ରଞ୍ଜିତା ମାରାଣ୍ଡିଙ୍କୁ ବିଜେଡି ବିଧାୟିକା ପ୍ରାର୍ଥିନୀ କରିଛି। ଏହାକୁ ନେଇ ବାଙ୍ଗିରିପୋଷିରେ ନିର୍ବାଚନୀ ବିଗୁଲ ବାଜିବା ସହ ଶୁକ୍ରବାର ପ୍ରଚାର ଶୁଭାରମ୍ଭ ହୋଇଛି।

ବାଙ୍ଗିରିପୋଷିସ୍ଥିତ ହାଣଦା ଓ କୁଳିଅଣାର ଶୁଖୁଆପଦାଠାରେ ଉଭୟ ପ୍ରାର୍ଥୀଙ୍କ ପାଇଁ ଆଶୀର୍ବାଦ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱାମୀ ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡି ଏବଂ ସ୍ତ୍ରୀ ବିଧାୟିକା ପ୍ରାର୍ଥିନୀ ରଞ୍ଜିତା ମାରାଣ୍ଡି ଗୋଟିଏ ମଞ୍ଚରେ ଏକାଠି ହୋଇ ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଶହଶହ ସଂଖ୍ୟକ ମହିଳା, ପୁରୁଷମାନେ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି। ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାଙ୍କୁ ଗୁରୁତ୍ୱ ଦେଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ନୂଆ ଉନ୍ମାଦନା ଦେଖିବାକୁ ମିଳିଛି। ଏହି ଅବସରରେ ଉଭୟ ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିକାଶ ଧାରାକୁ ନିର୍ବାଚନମଣ୍ଡଳୀରେ ଅନବରତ ଜାରି ରଖିବା ପାଇଁ ସଦା କାର୍ଯ୍ୟରତ ରହିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଲୋକମାନଙ୍କ ତାଙ୍କ ପ୍ରତି ଥିବା ଭଲ ପାଇବାକୁ ପାଥେୟ କରି ଆଗାମୀ ନିର୍ବାଚନ ରଣାଙ୍ଗନକୁ ଅବତୀର୍ଣ୍ଣ ହୋଇଛନ୍ତି। ସାଧାରଣ ଲୋକଙ୍କ ସ୍ୱରକୁ ନେଇ ସଂସଦ ଓ ବିଧାନସଭାରେ ଉପସ୍ଥାପନ କରିବା ପାଇଁ ଲୋକଙ୍କ ଆର୍ଶୀବାଦ ଲୋଡ଼ିଛନ୍ତି। ଆଗାମୀ ନିର୍ବାଚନରେ ନିଶ୍ଚିତ ଭାବରେ ତାଙ୍କୁ ସମର୍ଥନ ଜଣାଇ ବିପୁଳ ମାତ୍ରାରେ ଭୋଟ ଦେଇ ସଂସଦ ଓ ବିଧାନସଭାକୁ ପଠାଇବେ ବୋଲି ତାଙ୍କର ବିଶ୍ୱାସ ରହିଛି ବୋଲି କହିଛନ୍ତି।

ଏହି ଅବସରରେ ବିଜେପି, ଜେଏମ୍‌ଏମ୍, କଂଗ୍ରେସ ଆଦି ଦଳର ନେତୃମଣ୍ଡଳୀ ଓ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଛନ୍ତି। ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମସ୍ତଙ୍କୁ ଦଳକୁ ସ୍ୱାଗତ ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ସଂଯୋଜକ ସୁନୀଲ କୁମାର ଦାଶ, ବିଜୁ ମହିଳା ଜନତା ଦଳ ଜିଲ୍ଲା ସଭାପତି ବୀଣାପାଣି ସାହୁ, ବିଜେଡି ବ୍ଲକ ସଭାପତି ବୀରକିଶୋର ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମୁର୍ମୁ, ଜିଲ୍ଲା ପରିଷଦ ସଦସ୍ୟ ପାର୍ବତୀ ସିଂ, ଶ୍ୟାମାଖୁଣ୍ଟା ବ୍ଲକ୍ ଅଧ୍ୟକ୍ଷ ଚନ୍ଦ୍ରମୋହନ ସିଂ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟନାଥ ମାରାଣ୍ଡି, ବ୍ଲକ ଅଧ୍ୟକ୍ଷ ଗୀତାଞ୍ଜଳି ହେମ୍ବ୍ରମ, ଉପାଧ୍ୟକ୍ଷ ରତିକାନ୍ତ ସିଂ, ଜୋନସ୍ତରୀୟ ଯୁବ ସଭାପତି ସୁବୋଧ ମାରାଣ୍ଡି ସମେତ ବିଜେଡି ବ୍ଲକ କର୍ମକର୍ତ୍ତା ପ୍ରମୁଖ ସମେତ ଅନ୍ୟାନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

ବଢୁଛି 'ନବୀନ' ଆକର୍ଷଣ

# ଖାଲି ହେଉଛି ବଲାଙ୍ଗିର କଂଗ୍ରେସ ଶିବିର




ଭୁବନେଶ୍ୱର, ୨୬।୪(ସମିସ):

ଏଆଇସିସି ସଦସ୍ୟ, ପିସିସି ସାଧାରଣ ସମ୍ପାଦକ ତଥା ବଲାଙ୍ଗୀର ନିର୍ବାଚନମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ବିଧୁଭୂଷଣ ତ୍ରିପାଠୀ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କ ସହ ବିଜେଡ଼ିରେ ଯୋଗ ଦେଇଛନ୍ତି। ଶଙ୍ଖ ଭବନରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ବଲାଙ୍ଗୀର ବିଜେଡି ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂ ଦେଓ ପ୍ରମୁଖ ଶ୍ରୀ ତ୍ରିପାଠୀ ଓ ତାଙ୍କର ସହଯୋଗୀମାନଙ୍କୁ ସ୍ୱାଗତ କରିଛନ୍ତି। ଏମାନଙ୍କ ଯୋଗଦାନ ଫଳରେ ବିଜେଡି ବଲାଙ୍ଗୀର ଜିଲ୍ଲାରେ ଅଧିକ ଶକ୍ତିଶାଳୀ ହୋଇଥିବା ଉଭୟ ନେତା କହିଛନ୍ତି।

ଏହି ଅବସରରେ ଶ୍ରୀ ତ୍ରିପାଠୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୂରିଭୂରି ପ୍ରଶଂସା କରିଛନ୍ତି। ତାଙ୍କର ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶ ସେମାନଙ୍କୁ ଆକର୍ଷିତ କରିଥିବା ଉଲ୍ଲେଖ କରି ଶ୍ରୀ ତ୍ରିପାଠୀ ମୁଖ୍ୟମନ୍ତ୍ରୀ ଯେଉଁ ଦାୟିତ୍ୱ ଦେବେ ତାହାକୁ ଅକୁଣ୍ଠିତ ଭାବରେ ତୁଲାଇବାକୁ ଘୋଷଣା କରିଛନ୍ତି। ଏହା ସହ ଦଳରେ ଗ୍ରହଣ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ମିଶ୍ରଣ ପର୍ବରେ ପ୍ରଫୁଲ୍ଲ କୁମାର ବାଗର, ସୁବ୍ରତ କୁମାର ପଟେଲ, ତିର୍ଥୀରାଜ ସେନାପତି, ଗୋପାଳ ଦାନୀ, ଅର୍ଜ୍ଜୁନ ମୁଗ୍ରୀ, ଗ୍ଲାଡଷ୍ଟୋନ ତାଣ୍ଡେ, ସୁରେଶ ମିଶ୍ର, ରାମଧାରୀ ବାରିକ, ଦୟାନିଧି ବିଶି, ଶୁଭକାନ୍ତ ପଟେଲ, ବିଜୟ କୁମାର ସାହୁ, ରାଜକିଶୋର ବାରିକ, ନିଶାରକାନ୍ତ ନାଗ, ରୁଦ୍ର ରଣା, ସମ୍ପତି ବୁଦେକ, ପ୍ରକାଶ ପଣ୍ଡା, ଅନ୍ତର୍ଯ୍ୟାମି ଗଡ଼ତିଆଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ।

**ବିଜେଡ଼ିରେ ଯୋଗଦେଲେ ପିସିସି ସାଧାରଣ ସମ୍ପାଦକ ବିଧୁଭୂଷଣ**

**ଶଙ୍ଖ ଧରିଲେ କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ଆକାଶ**

ସେହିପରି ବହୁ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କ ସହ ବଲାଙ୍ଗିର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ତଥା ପୂର୍ବତନ ସାଧାରଣ ସମ୍ପାଦକ ଆକାଶ ମିଶ୍ର ମଧ୍ୟ ବିଜେଡିରେ ଯୋଗ ଦେଇଛନ୍ତି। ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଏବଂ କଣ୍ଟାବାଞ୍ଜି ଓ ପଦ୍ମପୁର ନିର୍ବାଚନମଣ୍ଡଳୀର ବିଜେଡି ପର୍ଯ୍ୟବେକ୍ଷକ ମୌସମ ମିଶ୍ର ପ୍ରମୁଖ ତାଙ୍କୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ଶ୍ରୀ ମିଶ୍ର ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ନିଜର ଅଙ୍ଗିକାରବଦ୍ଧତା ପ୍ରକାଶ କରିବା ସହ ଜଣେ ନିଷ୍ଠାପର କର୍ମୀ ଭାବରେ କାର୍ଯ୍ୟ କରିବେ ବୋଲି ଘୋଷଣା କରିଛନ୍ତି। ଦଳରେ ଗ୍ରହଣ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ତାଙ୍କ ସହ ଗୀତାଞ୍ଜଳୀ ଦାସ, ରତ୍ନାକର ମିଶ୍ର, ରତି ସାହୁ, ବିଜୟ ବେହେରା, ବୃନ୍ଦାବନ ସେଠ, ପ୍ରମିଳା ସାହୁ, ଲୀନା ମିଶ୍ର, ତାପସ ସେଠ, ପ୍ରଶାନ୍ତ ତ୍ରିପାଠୀ, ଶ୍ରୀନିବାସ ମଲ୍ଲିକ, ବନିତା ନାୟକ, କୁମାର ସେଠ, ସୁଜାତା ମାଝୀ, ନରେଶ କୁମାର ସାହୁ, ପବିତ୍ର ପ୍ରଧାନ, ବିଳାସୀନ ଭୋଇ, ପୁଷ୍ପାଞ୍ଜଳି ବେହେରା, ଯଶୋଦା ଦଲେଇ, ପାର୍ବତୀ ତ୍ରିପାଠୀ ଓ ବିରେନ୍ଦ୍ର ଶାହାଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ବିଜେଡ଼ି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଉଭୟ ମିଶ୍ରଣ ପର୍ବକୁ ସଞ୍ଚାଳନ କରିଥିଲେ।




କେନ୍ଦୁଝରର ସଦର ନିର୍ବାଚନ ମଣ୍ଡଳୀ

# ସତେ କି ଦେଖିବ ମହିଳା ପ୍ରତିନିଧି

କେନ୍ଦୁଝର, ୨୬।୪ (ସମିସ):

କେନ୍ଦୁଝର ସଦର ବିଧାନସଭା ନିର୍ବାଚନମଣ୍ଡଳୀ ଜିଲ୍ଲାର ସମସ୍ତ ୬ ଗୋଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଅଧିକା ଗୁରୁତ୍ୱ ବହନ କରେ। କାରଣ ଏହି ନିର୍ବାଚନ ମଣ୍ଡଳୀରେ କେନ୍ଦୁଝର ମୁଖ୍ୟାଳୟ ରହିଛି। ତେଣୁ ସମସ୍ତ ରାଜନୈତିକ ଦଳଗୁଡ଼ିକ ଏହି ଆସନରୁ ନିଜ ନିଜର ପ୍ରାର୍ଥୀଙ୍କୁ ବିଜୟୀ କରିବା ଲକ୍ଷ୍ୟରେ ଗୋଟି ଚଳାଇଥା'ନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ଏହା ଯେ ଦେଶ ସ୍ୱାଧୀନତା ପରେ ୨୦୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଥିବା ସମସ୍ତ ସାଧାରଣ ନିର୍ବାଚନରେ ଏହି ଆସନରେ ୯୯ ଜଣ ପୁରୁଷ ପ୍ରାର୍ଥୀଙ୍କ ସହ ମାତ୍ର ୫ ଜଣ ମହିଳା ପ୍ରାର୍ଥୀ ନିର୍ବାଚନରେ ଲଢ଼ିଛନ୍ତି। କିନ୍ତୁ କେବେ ଜଣେ ହେଲେ ମହିଳା ସଦର ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇନାହାନ୍ତି। ସବୁବେଳେ ଏଠାରେ ପୁରୁଷ ପ୍ରାର୍ଥୀମାନେ ବିଜୟ ହାସଲ କରିଛନ୍ତି। ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟର ଦୁଇ ପ୍ରମୁଖ ରାଜନୈତିକ ଦଳ ଏଠାରେ ମହିଳା ପ୍ରାର୍ଥୀଙ୍କୁ ଟିକଟ ଦେଇଛନ୍ତି। ତେଣୁ ଏହି ନିର୍ବାଚନରେ ପୂର୍ବ ଇତିହାସ ବଦଳି ଧାରା ପରିବର୍ତ୍ତନ ହୋଇପାରେ ବୋଲି ରାଜନୈତିକ ବିଶାରଦମାନେ ମତ ଦେଲେଣି।

ଇତିହାସ କହେ, କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀରେ ୧୯୫୧ ନିର୍ବାଚନରେ ୪ଜଣ ପୁରୁଷ ପ୍ରାର୍ଥୀ ଥିଲେ। ସେହିପରି ୧୯୫୭ରେ ୧୦ଜଣ, ୧୯୬୧ରେ ୭ ଜଣ, ୧୯୬୭ରେ ୪ ଜଣ, ୧୯୭୧ରେ ୪ ଜଣ, ୧୯୭୪ରେ ୫ ଜଣ ପୁରୁଷ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୧୯୭୭ ମସିହାରେ ମୋଟ ୬ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ପ୍ରଥମ କରି ଜଣେ ମହିଳା ପ୍ରାର୍ଥୀ ଲକ୍ଷ୍ମୀ ଦେଇ ସ୍ୱାଧୀନ ଭାବେ ଏଠାରୁ ଲଢ଼ି ପରାଜିତ ହୋଇଥିଲେ। ତା' ପରେ ଏହି ନିର୍ବାଚନ ମଣ୍ଡଳୀରେ ୧୯୮୦ରେ ୫ଜଣ ପୁରୁଷ ପ୍ରାର୍ଥୀ ହୋଇଥିବା ବେଳେ ୧୯୮୫ରେ ୩ ଜଣ, ୧୯୯୦ରେ ୯ ଜଣ ପୁରୁଷ ପ୍ରାର୍ଥୀ ନିର୍ବାଚନ ଲଢ଼ିଥିଲେ। ୧୯୯୫ରେ ମୋଟ ୯ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ କେବଳ ଜଣେ ଲକ୍ଷ୍ମୀ ନାଏକ ଡିଏନ୍‌ଡି ଦଳରୁ ଲଢ଼ି ପରାଜିତ ହୋଇଥିଲେ। ୨୦୦୦ ନିର୍ବାଚନରେ କେବଳ ୬ ଜଣ ପୁରୁଷ ପ୍ରାର୍ଥୀ ଏଠାରେ ନିର୍ବାଚନକୁ ଓହ୍ଲାଇଥିଲେ। ୨୦୦୪ରେ ମୋଟ ୮ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ସସ୍ମିତା ସିଂ ନାମକ ମହିଳା ପ୍ରାର୍ଥୀ ସ୍ୱାଧୀନ ଭାବେ କେନ୍ଦୁଝର ଆସନରୁ ଲଢି ପରାଜିତ ହୋଇଥିଲେ। ୨୦୦୯ ନିର୍ବାଚନରେ ମଧ୍ୟ ୧୦ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ହାରାମଣୀ ମୁଣ୍ଡା ନାମକ ଏକମାତ୍ର ମହିଳା ପ୍ରାର୍ଥୀ ସମୃଦ୍ଧ ଓଡ଼ିଶା ଦଳରୁ ଏଠାରୁ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ୨୦୧୪ ନିର୍ବାଚନରେ ଏଠାରୁ ମୋଟ ୭ ଜଣ ପ୍ରାର୍ଥୀ ଲଢ଼ିଥିଲେ। ସେମାନଙ୍କ ମଧ୍ୟରୁ ଏକମାତ୍ର ମହିଳା ପ୍ରାର୍ଥୀ ଭାବେ ଲକ୍ଷ୍ମୀପ୍ରିୟା ହେମ୍ବ୍ରମ ବିଏସ୍‌ପିରୁ ଏଠାରେ ନିର୍ବାଚନ ଲଢ଼ି ପରାଜୟ ବରଣ କରିଥିଲେ। ଗତ ୨୦୧୯ ନିର୍ବାଚନରେ ଏଠାରୁ ମୋଟ ୯ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ଜଣେ ବି ମହିଳା ନଥିଲେ। କିନ୍ତୁ ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ରାଜ୍ୟର ପ୍ରମୁଖ ଦଳ ବିଜୁ ଜନତା ଦଳ ଜଣେ ଆଦିବାସୀ ମହିଳା ମୀନା ମାଝୀଙ୍କ ଟିକଟ ଦେଇଛି। ସେହିପରି ରାଜ୍ୟର ଅନ୍ୟତମ ଦଳ କଂଗ୍ରେସ ମଧ୍ୟ ଏଠାରୁ ଜଣେ ମହିଳା ପ୍ରତିଭା ମଞ୍ଜରୀ ନାଏକଙ୍କୁ ଟିକଟ ଦେଇଥିବାରୁ ଏଥର ଦୁଇଜଣ ମହିଳା ପ୍ରାର୍ଥୀ ହେବା ସ୍ପଷ୍ଟ ହୋଇଛି। ତେବେ ପ୍ରାର୍ଥିପତ୍ର ଦାଖଲ ସରିଲେ ଆଉ କେହି ମହିଳା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି କି ନାହିଁ ଜଣାପଡ଼ିବ। ବିଜେପିରୁ ମୋହନ ମାଝୀଙ୍କୁ ଏଠାରେ ପ୍ରାର୍ଥୀ କରାଯାଇଛି। ଉକ୍ତ ଦୁଇ ମହିଳା ପ୍ରାର୍ଥୀଙ୍କ ମଧ୍ୟରୁ ବିଜେଡିର ମୀନା ମାଝୀ ପ୍ରଚାରରେ ଆଗୁଆ ରହିଥିବା ବେଳେ କେନ୍ଦୁଝର ନିର୍ବାଚନ ମଣ୍ଡଳୀରେ ଥିବା ପୁରୁଷ ପ୍ରାର୍ଥୀ ବିଜୟର ପୂର୍ବଧାରା ଭାଙ୍ଗି ନୂଆ ଇତିହାସ ସୃଷ୍ଟି କରିପାରନ୍ତି ବୋଲି ଭୋଟର ମହଲରେ ଆଲୋଚନା ହେଉଛି।


ମୀନା ମାଝୀ


ମୋହନ ମାଝୀ


ପ୍ରତିଭା ମଞ୍ଜରୀ ନାଏକ

ବିଜେପିରେ ବରିଷ୍ଠ ଓ ଅଭିଜ୍ଞଙ୍କୁ ଉପେକ୍ଷା

# ୬ ପୂର୍ବତନ ଜିଲ୍ଲା ସଭାପତି କଣଠେସା

ଯାଜପୁର, ୨୬।୪(ସମିସ):

ପ୍ରତି ରାଜନୈତିକ ଦଳ ବରିଷ୍ଠ ଓ ଅଭିଜ୍ଞଙ୍କୁ ସ୍ୱତନ୍ତ୍ର ସମ୍ମାନ ଦିଏ। ସେହି ଅଭିଜ୍ଞ ଓ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ଅଭିଜ୍ଞତାକୁ କାମରେ ଲଗାଇ ଦଳ ଆଗକୁ ବଢ଼େ। କିନ୍ତୁ ଯାଜପୁର ଜିଲ୍ଲାରେ ବିଜେପିର ଓଲଟା ଗତି ପାଇଁ ଦଳ ଦିଶାହୀନ ହେଉଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଜିଲ୍ଲାରେ ପୂର୍ବରୁ କାର୍ଯ୍ୟ କରୁଥିବା ଜିଲ୍ଲା ଓ ନିର୍ବାଚନମଣ୍ଡଳୀ ସ୍ତରରେ କାମ କରୁଥିବା କାର୍ଯ୍ୟକର୍ତ୍ତା ଏବେ ଦଳ ପାଇଁ ଅଲୋଡ଼ା ହୋଇଯାଇଛନ୍ତି। ଯାହାକି ପ୍ରତ୍ୟେକ ନିର୍ବାଚନରେ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେଉଛି।

ଜିଲ୍ଲାରେ ବିଜେପିର ୬ ଜଣ ପୂର୍ବତନ ଜିଲ୍ଲା ସଭାପତି ଅଛନ୍ତି। ସେମାନଙ୍କୁ ୨୦୧୯ ନିର୍ବାଚନରେ ଅଣଦେଖା କରାଯାଇଥିଲା। ଏପରିକି ନିଜ ନିଜ ବିଧାନସଭା କ୍ଷେତ୍ରରେ ସେମାନଙ୍କୁ ଅଣଦେଖା କରିଥିଲା ଦଳ। ପରିଣାମସ୍ୱରୁପ ଦଳ ଶୋଚନୀୟ ପରାଜୟ ବରଣ କରିଥିଲା। ଏପରିକି ଲୋକସଭା ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ସାମ୍ନାକୁ ବାହାରି ସକ୍ରିୟ ପ୍ରଚାର କରିବା ଦୃଶ୍ୟମାନ ହୋଇ ନଥିଲା। କେବଳ ବିଗତ ନିର୍ବାଚନ ନୁହେଁ, ଆଗାମୀ ନିର୍ବାଚନ ମଧ୍ୟ ମୁଣ୍ଡ ଉପରେ ରହିଥିବା ବେଳେ ଜଣେ-ଅଧେଙ୍କୁ ଛାଡ଼ିଦେଲେ ବାକି ପୁରୁଣା କାର୍ଯ୍ୟକର୍ତ୍ତା ମଧ୍ୟ ଅଣଦେଖା ହେଉଥିବା ନେଇ ଅସନ୍ତୋଷ ଦେଖିବାକୁ ମିଳିଲାଣି।

ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଘୋଷଣା ହୋଇଥିବା ପ୍ରାର୍ଥୀମାନେ ନିଜ ନିଜ ଅଞ୍ଚଳରେ ପ୍ରଚାର ଆରମ୍ଭ କଲେଣି। କିନ୍ତୁ ସେମାନଙ୍କ ପାଖରେ କୌଣସି ପୂର୍ବ ଜିଲ୍ଲା ସଭାପତିଙ୍କୁ ଦେଖିବାକୁ ମିଳୁନି। ଏହି ପୂର୍ବତନ ସଭାପତିଙ୍କ ମଧ୍ୟରେ ଅଛନ୍ତି ଯାଜପୁର ବିଧାନସଭା କ୍ଷେତ୍ରର ଅଜୟ କୁମାର ବିଶ୍ୱାଳ, ସୁକିନ୍ଦା ବିଧାନସଭା କ୍ଷେତ୍ରର ଅକ୍ଷୟ କୁମାର ସାହୁ, ଧର୍ମଶାଳା ବିଧାନସଭା କ୍ଷେତ୍ରର ପବିତ୍ର ମୋହନ ଦାଶ, ବଡ଼ଚଣା ବିଧାନସଭା କ୍ଷେତ୍ରର ଅଶୋକ କୁମାର ସାମଲ ଓ ବରୀ ବିଧାନସଭା କ୍ଷେତ୍ରର ଜଗନ୍ନାଥ ପ୍ରସାଦ ସାମଲ ଓ ଆଶୁତୋଷ ପରିଡ଼ା।

୨୦୧୮ ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରୁ ଅଧିକାଂଶ କିନ୍ତୁ ଦଳରେ ସକ୍ରିୟ ରହି ସାଙ୍ଗଠନିକ କାର୍ଯ୍ୟ କରିବା ସହ ଦଳର ସଭା ସମିତିରେ ଉପସ୍ଥିତ ରହି ଆସୁଥିବା ପରିଲକ୍ଷିତ ହେଉଥିଲେ। କିନ୍ତୁ ଗୌତମ ରାୟ ୨୦୧୮ ରେ ଜିଲ୍ଲା ସଭାପତି ନିଯୁକ୍ତ ହେବା ପରଠାରୁ ଏହି ବରିଷ୍ଠ ଓ ଅଭିଜ୍ଞ ନେତା ଦଳ ମଧ୍ୟରେ ଏକପ୍ରକାର ନିଷ୍କ୍ରିୟ ହୋଇଯାଇଛନ୍ତି ବୋଲି କୁହାଯାଉଛି। ବିଜେପିର ସାଂଗଠନିକ ବ୍ୟବସ୍ଥା ଅନୁସାରେ ପୂର୍ବତନ ସଭାପତିଙ୍କୁ ଜିଲ୍ଲା କାର୍ଯ୍ୟକାରିଣୀର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ନିଯୁକ୍ତି ମିଳିବା କଥା। ଏଥିସହ ସାଙ୍ଗଠନିକ ଅଭିବୃଦ୍ଧି ସହ ନିର୍ବାଚନ ପରିଚାଳନାରେ ସେମାନଙ୍କ ଅଭିଜ୍ଞତାକୁ ମଧ୍ୟ ଉପଯୋଗ କରାଯିବା କଥା। କେଉଁ କାରଣ ପାଇଁ ସେମାନଙ୍କ ଅଭିଜ୍ଞତାକୁ ଉପେକ୍ଷା କରାଯାଉଛି ଓ ଏହାଦ୍ୱାରା ଦଳ କି ଲାଭ ପାଉଛି; ତାକୁ ନେଇ ଦଳ ଭିତରେ ଚର୍ଚ୍ଚା ହେଉଛି।

କେବଳ ପବିତ୍ର ମୋହନ ଦାଶ ଓ ଆଶୁତୋଷ ପରିଡ଼ାଙ୍କୁ ରାଜ୍ୟ ସଙ୍ଗଠନ ପକ୍ଷରୁ କେବେକେବେ ଜିଲ୍ଲାରୁ ନେଇ ଅନ୍ୟ କ୍ଷେତ୍ରରେ ସାଙ୍ଗଠନିକ ଓ ନିର୍ବାଚନ ପରିଚାଳନା ଭାର ଅର୍ପଣ କରାଯାଉଥିବା ଦେଖାଯାଇଥାଏ। କିନ୍ତୁ ବହୁ ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ, ଉପସଭାପତି, ସମ୍ପାଦକ ଓ ବିଭିନ୍ନ ମୋର୍ଚ୍ଚାର ପୂର୍ବତନ କର୍ମକର୍ତ୍ତା ପ୍ରାୟ ୬ ବର୍ଷରୁ ଊର୍ଦ୍ଧ୍ୱ ଧରି ଦଳ ମଧ୍ୟରେ କଣଠେସା ହୋଇ ରହିଆସୁଥିବା ମଧ୍ୟ ପରିଲକ୍ଷିତ ହେଉଛି।

ଏ ସମ୍ପର୍କରେ ଦୁଇଜଣ ପୂର୍ବତନ ଜିଲ୍ଲା ସଭାପତିଙ୍କ ପ୍ରତିକ୍ରିୟା ନିଆଯିବାରୁ ସେମାନେ କହିଛନ୍ତି ଯେ କେବଳ ଯାଜପୁର ଜିଲ୍ଲା ନୁହେଁ; ସମଗ୍ର ରାଜ୍ୟରେ ବିଗତ ୬/୭ ବର୍ଷ ହେଲାଣି ଦଳର କାର୍ଯ୍ୟଧାରା ଦଳୀୟ ବିଧି ବ୍ୟବସ୍ଥାକୁ ଉପେକ୍ଷା କରି ଚାଲି ଆସିଥିବା ଅନୁଭବ ହେଉଛି। ରାଜ୍ୟ ଶୀର୍ଷ ନେତୃତ୍ୱ ଏବଂ ଜିଲ୍ଲା ପାଇଁ ନିଯୁକ୍ତ ଦଳର ପ୍ରଭାରୀ ଓ ନିର୍ବାଚନ ପର୍ଯ୍ୟବେକ୍ଷକମାନେ ହୁଏତ ଯାଜପୁର ଜିଲ୍ଲାରେ ଦଳ ମଧ୍ୟରେ ଚାଲି ଆସିଥିବା ଏଭଳି ଅନିୟମିତ ପରିଚାଳନା ନେଇ ଅବଗତ ଥିଲେ ହେଁ ଏହାକୁ ଅଣଦେଖା କରି ଆସୁଛନ୍ତି। ଗତ ସାଧାରଣ ନିର୍ବାଚନରେ ଏହି ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ଉପେକ୍ଷା କରାଯିବା ଦ୍ୱାରା ବରୀ ଓ ବଡ଼ଚଣା ଭଳି ବିଧାନସଭା ଆସନରେ ଦଳ ମାତ୍ର ଅଳ୍ପ ବ୍ୟବଧାନରେ ପରାସ୍ତ ହୋଇଥିବା ଚର୍ଚ୍ଚା ହୋଇଥିଲା। ତେଣୁ ଆଗାମୀ ନିର୍ବାଚନରେ ବିଜେପିକୁ ଏହା କେତେ ମହଙ୍ଗା ପଡ଼ିବ ତାହା ଜୁନ୍ ୪ରେ ଫଳାଫଳ ଘୋଷଣା ହେବା ପରେ ସ୍ପଷ୍ଟ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

## ଜମନକିରାରେ ପ୍ରଣବ ପ୍ରକାଶଙ୍କ ରଣହୁଙ୍କାର

# 'କେନ୍ଦୁପତ୍ର ତୋଳାଳିଙ୍କ ପ୍ରତି ଅନ୍ୟାୟ ହୋଇଛି'




ସମ୍ବଲପୁର/ଜମନକିରା, ୨୬।୪(ସମିସ):

ସମ୍ବଲପୁର ଲୋକସଭା କ୍ଷେତ୍ର ଅଧୀନ କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀର ଜମନକିରାରେ ଆଜି ବିଜେଡିର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ ରାଜ୍ୟର କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଆସୁଛନ୍ତି; କିନ୍ତୁ କେନ୍ଦ୍ର ସରକାର କେନ୍ଦୁପତ୍ର ଉପରେ ଲଗାଇଥିବା ୧୮ ପ୍ରତିଶତ ଜିଏସ୍‌ଟିକୁ ହଟାଉ ନାହାନ୍ତି। କେନ୍ଦ୍ର ସରକାରଙ୍କୁ ବାରମ୍ବାର ନିବେଦନ କରାଯିବା ସତ୍ତ୍ୱେ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର ହେଉନି। ଏଠାରେ ଅନେକ କେନ୍ଦୁପତ୍ର ତୋଳାଳି ରହିଥିବେ; କିନ୍ତୁ ଆପଣମାନେ ଯେଉଁ ସାଂସଦଙ୍କୁ ଭୋଟ ଦେଇ ଦିଲ୍ଲୀ ପଠାଇଥିଲେ, ସେ ଏ ସମ୍ପର୍କରେ ମୁହଁ ଖୋଲିନାହାନ୍ତି। ତେଣୁ କେନ୍ଦୁପତ୍ର ତୋଳାଳିଙ୍କ ସ୍ୱର ଦିଲ୍ଲୀ ଦରବାରରେ ଉଠାଇବାକୁ ଆସନ୍ତା ନିର୍ବାଚନରେ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ହେବ ବୋଲି ନିବେଦନ କରିଥିଲେ। ଏବେ ସମୟ ଆସିଛି ଆମର ହକ୍, ଅଧିକାରକୁ ଦିଲ୍ଲୀ ଦରବାରରେ ସାବ୍ୟସ୍ତ କରିବା ବୋଲି ସେ କହିଥିଲେ।



ସୂଚନାଯୋଗ୍ୟ, ଶୁକ୍ରବାର ବିଜୁ ଜନତା ଦଳ ତରଫରୁ ଏକ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୁ ଜନତା ଦଳର ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ କୁଚିଣ୍ଡା ବିଧାନସଭା ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ ଯୋଗ ଦେଇଥିଲେ। କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ରାଜ୍ୟ ସରକାରଙ୍କ ବିକାଶଧାରାକୁ ଆଗକୁ ନେବା ପାଇଁ ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ଦୁହେଁ ନିବେଦନ କରିଥିଲେ।

ଜମନକିରାରେ ପହଞ୍ଚିବା ପରେ ହଜାର ହଜାର ସଂଖ୍ୟାରେ ସମର୍ଥକ ତାଙ୍କୁ ସ୍ୱାଗତ କରିଥିଲେ। ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ କର୍ମୀ ତଥା ଜନସାଧାରଣ ତାଙ୍କୁ ପାଛୋଟି ନେଇଥିଲେ। ପରେ ଆୟୋଜିତ ଏକ କର୍ମୀ ସମ୍ମିଳନୀରେ ପ୍ରଣବ ପ୍ରକାଶ ଯୋଗ ଦେଇଥିଲେ। କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ରାଜ୍ୟ ସରକାରଙ୍କ ଦ୍ୱାରା ବିକାଶ କାର୍ଯ୍ୟ ଜାରି ରହିଛି। ଆପଣମାନଙ୍କ ଆଶୀର୍ବାଦ ରହିଲେ ବିକାଶଧାରା ଆହୁରି ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ।

## ରାହୁଲଙ୍କ ଗସ୍ତ ପୂର୍ବରୁ ପ୍ରାର୍ଥୀ ଘୋଷଣା କରିବ କି କଂଗ୍ରେସ !

# କଟକ ଲୋକସଭା ଓ ବାରବାଟୀ-କଟକ ବିଧାନସଭା ଟିକଟ ଝୁଲୁଛି

କଟକ, ୨୬।୪(ସମିସ):

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ କଟକ ଲୋକସଭା ନିର୍ବାଚନମଣ୍ଡଳୀ ସହ ଏହା ଅନ୍ତର୍ଗତ ବିଧାନସଭା କ୍ଷେତ୍ରରେ ବିଭିନ୍ନ ଦଳର ଘୋଷିତ ପ୍ରାର୍ଥୀ ମାନେ ପ୍ରଚାର ଅଭିଯାନକୁ ତ୍ୱରାନ୍ୱିତ କରିଛନ୍ତି। ହେଲେ କଟକ ଲୋକସଭା ଆସନ ପାଇଁ ଏପର୍ଯ୍ୟନ୍ତ କଂଗ୍ରେସ ଦଳ ପ୍ରାର୍ଥୀ ଘୋଷଣା କରିପାରିନାହିଁ। ସେହିପରି ବାରବାଟୀ-କଟକ ବିଧାନସଭା କ୍ଷେତ୍ରରେ ମଧ୍ୟ ଦଳ ପ୍ରାର୍ଥୀ ଚୟନ କରିବା ବାକି ରହିଛି। ଆସନ୍ତା ୨୮ ତାରିଖରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କଟକ ଜିଲ୍ଲା ସାଲେପୁରର କୁଳିଆଠାରେ ଏକ ଜନସଭାକୁ ସମ୍ବୋଧିତ କରିବେ। ହାତରେ ଆଉ ମାତ୍ର ଗୋଟିଏ ଦିନ ରହିଥିବା ବେଳେ କଂଗ୍ରେସ ଉପରୋକ୍ତ ଦୁଇ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା ନକରିବା ନେଇ କର୍ମୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଦଳର ଜନୈକ ବରିଷ୍ଠ ନେତାଙ୍କ କହିବାନୁସାରେ, ରାହୁଲଙ୍କ ଗସ୍ତ ପୂର୍ବରୁ ହିଁ ପ୍ରାର୍ଥୀ ଘୋଷଣା କରାଯିବ। କଟକ ସଂସଦୀୟ କ୍ଷେତ୍ରରେ ପ୍ରାୟ ୨୦-୨୫ ଦିନ ଧରି ସଭା, ଶୋଭାଯାତ୍ରା ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଚାର ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ବିଜେଡି ସକ୍ଷମ ହୋଇଛି। ବିଜୁ ଜନତା ଦଳ ପ୍ରାର୍ଥୀ ସଂତୃପ୍ତ ମିଶ୍ର ପ୍ରଥମକରି ନିର୍ବାଚନ ଲଢୁଥିଲେ ମଧ୍ୟ ସମସ୍ତ ଦଳକୁ ନିଜର ପ୍ରଚାରଶୈଳୀରେ ପଛରେ ପକାଇଛନ୍ତି। ବିଜେପି ପ୍ରାର୍ଥୀ ଭର୍ତ୍ତୃହରି ମହତାବ ପ୍ରଚାର କାର୍ଯ୍ୟ ବିଳମ୍ବରେ ଆରମ୍ଭ କରିଥିଲେ ସୁଦ୍ଧା ଦଳର ଗୋଷ୍ଠୀ କନ୍ଦଳ ପାଇଁ ବିଭିନ୍ନ ସ୍ଥାନରେ ବିରୋଧର ସମ୍ମୁଖୀନ ହେଉଛନ୍ତି। କଟକ ଲୋକସଭା କ୍ଷେତ୍ରରୁ ବରିଷ୍ଠ ନେତା ସୁରେଶ ମହାପାତ୍ରଙ୍କୁ କଂଗ୍ରେସ ପ୍ରାର୍ଥୀ କରୁଥିବା ନେଇ ଚର୍ଚ୍ଚା ହେଉଛି। ସେହିପରି ବାରବାଟୀ-କଟକ ବିଧାନସଭା ଆସନରୁ ଇଂ ମହମ୍ମଦ ମୋକିମଙ୍କ ବଦଳରେ ତାଙ୍କ ଝିଅ ସୋଫିଆ ଫିରଦୌସ ମଧ୍ୟ ପ୍ରାର୍ଥୀ ହେବେ ବୋଲି ସୂଚନା ମିଳିଛି। ରାହୁଲ ଗାନ୍ଧୀଙ୍କ ଗସ୍ତ ପାଇଁ କଂଗ୍ରେସ ଶିବିର ବେଶ ଉତ୍ସାହିତ ହୋଇପଡ଼ିଥିଲେ ହେଁ ବାରବାଟୀ-କଟକ ବିଧାନସଭା ଓ କଟକ ଲୋକସଭା ପାଇଁ ଦଳୀୟ ପ୍ରାର୍ଥୀ ଘୋଷଣା କରାଯାଇ ନଥିବାରୁ ସେମାନେ ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ଅନ୍ୟପଟରେ ଆସନ୍ତା ୨୯ ତାରିଖରେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇ ନାମାଙ୍କନପତ୍ର ଦାଖଲ ପର୍ବ ମଧ୍ୟ ଆରମ୍ଭ ହେବ।

# ଏଥର ନିର୍ଣ୍ଣାୟକ ହେବେ କି ସ୍ୱାଧୀନ ପ୍ରାର୍ଥୀ !

## ୨୪ବର୍ଷ ମଧ୍ୟରେ ଜିଲ୍ଲାରୁ ନିର୍ବାଚିତ ହୋଇଛନ୍ତି ମାତ୍ର ୩ ସ୍ୱାଧୀନ ବିଧାୟକ

କଟକ, ୨୬।୪ (ସମିସ):

କଟକ ଜିଲ୍ଲାର ମୋଟ ୯ ଗୋଟି ବିଧାନସଭା କ୍ଷେତ୍ରରେ ଆସନ୍ତା ସାଧାରଣ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀମାନଙ୍କ ଏକ ପ୍ରମୁଖ ତଥା ନିର୍ଣ୍ଣାୟକ ଭୂମିକା ରହିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ବିଶେଷକରି ବିଭିନ୍ନ ରାଜନୈତିକ ଦଳରୁ ଟିକଟରୁ ବଞ୍ଚିତ ହୋଇ କେତେକ ସ୍ୱାଧୀନ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହେବାର ସମ୍ଭାବନା ରହିଛି। ଚୌଦ୍ୱାର-କଟକ, ମାହାଙ୍ଗା, ବଡ଼ମ୍ବା, ବାଙ୍କୀ ଆଦି ବିଧାନସଭା ନିର୍ବାଚନମଣ୍ଡଳୀରେ ଏଭଳି ଚିତ୍ର ଧୀରେଧୀରେ ସ୍ପଷ୍ଟ ହେଉଛି। ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ସଜବାଜ ହେଉଥିବା କେତେକଣ ନେତୃବୃନ୍ଦଙ୍କ ନିଜ ନିଜ ନିର୍ବାଚନମଣ୍ଡଳୀରେ ପ୍ରଭାବ ରହିଥିବାରୁ ଏମାନେ ଅନ୍ୟ




ପ୍ରାର୍ଥୀଙ୍କ ହାରଜିତରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରନ୍ତି।

କଟକ ଜିଲ୍ଲାରେ ବିଗତ ୨୪ ବର୍ଷ ମଧ୍ୟରେ ହୋଇଥିବା ୫ ନିର୍ବାଚନରେ ପ୍ରାୟ ୭୪ଜଣ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିବା ଜଣାପଡ଼ିଛି। ହେଲେ, ଏମାନଙ୍କ ମଧ୍ୟରୁ ୩ଜଣ ସ୍ୱାଧୀନ ଭାବେ ବିଧାୟକ ନିର୍ବାଚିତ ହୋଇପାରିଥିବା ବେଳେ ୨ଜଣ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇପାରିଥିଲେ। ୨୦୦୦ ମସିହାରେ ଚୌଦ୍ୱାର ବିଧାନସଭା କ୍ଷେତ୍ରରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଦ୍ୟୁଭୂଷଣ ପ୍ରହରାଜ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ରାଜକିଶୋର ରାମଙ୍କୁ ହରାଇଥିଲେ। ସେହିପରି କଟକ ସଦର ଆସନରୁ ୨୦୦୪ରେ ବିଜେପି ପ୍ରାର୍ଥୀ ନୟନ କିଶୋର ମହାନ୍ତିଙ୍କୁ ହରାଇ ସ୍ୱାଧୀନ ବିଧାୟକ ଭାବେ ନିର୍ବାଚିତ ହୋଇପାରିଥିଲେ ପ୍ରଭାତ ରଞ୍ଜନ ବିଶ୍ୱାଳ। ଅନ୍ୟପକ୍ଷେ ଗତ ୨୦୦୯ ରେ ଆଠଗଡ଼ ବିଧାନସଭା କ୍ଷେତ୍ରରୁ ରମେଶ ରାଉତ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ଜିତି ପାରିଥିଲେ।

ସେହିପରି ନିର୍ବାଚନ ଜିତି ନଥିଲେ ସୁଦ୍ଧା ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରଭାବୀ ପ୍ରଦର୍ଶନ ସହ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହୋଇପାରିଥିଲେ କେତେଜଣ ନେତା। ଏହି କ୍ରମରେ ଗତ ୨୦୦୦ରେ ସଦର ଆସନରେ ସ୍ୱାଧୀନ ଭାବେ ପ୍ରଭାତ ରଞ୍ଜନ ବିଶ୍ୱାଳ ମାତ୍ର ୨୧୬୪ ଭୋଟରେ ହାରି ଯାଇଥିଲେ। ୨୦୦୯ ରେ ଚୌଦ୍ୱାର-କଟକ ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଦୀପକ ବାରିକ ଓ ୨୦୧୪ରେ ମାହାଙ୍ଗାରୁ ସ୍ୱାଧୀନ ପ୍ରାର୍ଥୀ ଶାରଦା ପ୍ରଧାନ ନିର୍ବାଚନ ହାରିଥିଲେ ମଧ୍ୟ ବିଜୟୀ ପ୍ରାର୍ଥୀଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରହିଥିଲେ। ଏଥର ବିଜେପି ଟିକଟରୁ ବଞ୍ଚିତ ହୋଇଥିବା କେତେକ ନେତା ତଥା ଚୌଦ୍ୱାର-କଟକରୁ ପ୍ରମୋଦ ସାହୁ, ବଡ଼ମ୍ବାରୁ ବିଜୟ ଦଳବେହେରା, ମାହାଙ୍ଗାରୁ ଶାରଦା ପ୍ରଧାନ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ହୋଇପାରନ୍ତି ବୋଲି ଆଲୋଚନା ହେଉଛି।

# ବିଜେଡିରେ ସାମିଲ ହେଲେ ବହୁ କଂଗ୍ରେସ ଓ ବିଜେପି କର୍ମୀ

## ■ ବିଜେପି ଉପସଭାପତି ସନ୍ତୋଷ କୁମାର ଦାସ



ଭୁବନେଶ୍ୱର, ୨୬।୪(ସମିସ): ସୋରଡ଼ା ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେପି ଉପସଭାପତି ସନ୍ତୋଷ କୁମାର ଦାସଙ୍କ ସହ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶଙ୍ଖଭବନଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ବିଜେଡି ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର, ସୋରଡ଼ା ବିଧାୟକ ପ୍ରାର୍ଥୀ ସଂଘମିତ୍ରା ସ୍ୱାଇଁ ଓ ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ବିଜେପି କର୍ମୀମାନଙ୍କ ଯୋଗଦାନ ଫଳରେ ସୋରଡାରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର, ଶ୍ରୀ ମହାପାତ୍ର, ଶ୍ରୀମତୀ ସ୍ୱାଇଁ ଓ ଶ୍ରୀ ସ୍ୱାଇଁ କହିଥିଲେ। ନୂତନ ଭାବେ ସାମିଲ୍ ହୋଇଥିବା ନେତାମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ନୂତନ ଓଡ଼ିଶା ଗଠନ ଦିଗରେ କାର୍ଯ୍ୟ କରିବେ ବୋଲି କହିଥିଲେ। ଏହି ମିଶ୍ରଣ ପର୍ବରେ ମଦନ ବିଶ୍ୱାଳ, ଦ୍ୟୁତିକୃଷ୍ଣ ପଣ୍ଡା, ଅଜୟ କୁମାର ସାହୁ, ଅଭିରାମ ସେଠୀ, ଅଶୋକ କୁମାର ସ୍ୱାଇଁ, ସନ୍ତୋଷ କୁମାର ପାତ୍ର, ବନମାଳୀ ବିଶୋଇ, ଶ୍ରୀକାନ୍ତ ସ୍ୱାଇଁ, ଅନ୍ତର୍ଯ୍ୟାମୀ ସାହୁ, କୃଷ୍ଣଚନ୍ଦ୍ର ନାୟକ, ଋଷିକେଶନ ନାୟକ, ଭଗବାନ ପଣ୍ଡା, ସାରଦା ଶବର, ସତ୍ୟନାରାୟଣ ପ୍ରଧାନ, ସୀମା ମହାରଣା, କାହ୍ନୁ ଚରଣ ବେହେରା, ମୃତ୍ୟୁଞ୍ଜୟ ପାତ୍ର, ବିଷ୍ଣୁ ଚରଣ ଗନ୍ତାୟତ, ଦେବୀ ପ୍ରସାଦ ପାତ୍ର, ମୁରଲୀ ଗୌଡ଼, ସୀମାଞ୍ଚଳ ପଣ୍ଡା, ମୁନା ବେହେରା, ମଙ୍ଗୁଳ ନାୟକ, ମନୁ ବିଶୋଇ, ଧନୁ ବିଶୋଇ, କବି ଦଳବେହେରା, ଦେବେନ୍ଦ୍ର ଗୌଡ, ରବୀନ୍ଦ୍ର ବେହେରା, ପ୍ରବୀଣ ନାୟକ, ଅଶ୍ୱିନୀ ସ୍ୱାଇଁ, ଅପୂର୍ବ ପାଣିଗ୍ରାହୀ, ନୀଳାଞ୍ଚଳ ଗୌଡ, ଅଶୋକ ପରିଡ଼ା, ବନମାଳୀ ମିଶ୍ର, ସନ୍ତୋଷ କୁମାର ନାୟକ, ଦିବାକର ନାୟକ, ନୟନୀ ନାୟକ, ପ୍ରଫୁଲ୍ଲ ନାୟକ ଓ ପ୍ରଫୁଲ୍ଲ ମଲ୍ଲିକଙ୍କ ସହ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

## ■ ସମ୍ବଲପୁର ମ୍ୟୁନିସିପାଲିଟିର ୪ ପୂର୍ବତନ ବିଜେପି କାଉନସିଲର



ଭୁବନେଶ୍ୱର, ୨୬।୪(ସମିସ): ସମ୍ବଲପୁର ମ୍ୟୁନିସିପାଲିଟିର ୪ଜଣ ପୂର୍ବତନ ବିଜେପି କାଉନସିଲର ରତନ ସୁନା, ଗଙ୍ଗାଧର ଷଣ୍ଢ, ବିରେନ୍ଦ୍ର ରାୟ ଓ ଜୟକିଷୋର ଜାଲ ଆଜି ଶଙ୍ଖଭବନଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଆଜି ଏହି ବିଜେପି ନେତାଙ୍କ ଯୋଗଦାନ ଫଳରେ ବିଶେଷକରି ସମ୍ବଲପୁରରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର, କହିଥିଲେ। ଏହି ଅବସରରେ ୪ଜଣ କାଉନସିଲର ନିଜ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ।

## ■ ପାଟଣାଗଡ଼ର ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ରମେଶ ପୁରୋହିତ



ଭୁବନେଶ୍ୱର, ୨୬।୪(ସମିସ): ୨୦୧୯ ନିର୍ବାଚନରେ ପାଟଣାଗଡ଼ର କଂଗ୍ରେସ ବିଧାୟକ ପ୍ରାର୍ଥୀ ରମେଶ କୁମାର ପୁରୋହିତଙ୍କ ସହ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ଶଙ୍ଖଭବନଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, କଣ୍ଟାବାଞ୍ଜି ଓ ପଦ୍ମପୁର ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ମୌସମ ମିଶ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। କଂଗ୍ରେସ କର୍ମୀମାନଙ୍କ ଯୋଗଦାନ ଫଳରେ ପାଟଣାଗଡ଼ ଆସନରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ମିଶ୍ର କହିଥିଲେ। ଏହି ଅବସରରେ ରମେଶ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛି। ନୂତନ ଓଡ଼ିଶା ଗଠନ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି। ଏହି ମିଶ୍ରଣ ପର୍ବରେ ପ୍ରତୀକ ନାୟକ, ହରେକୃଷ୍ଣ ମେହେର, ଲିଲୁରାମ ଜୈନ, ରାଜୁ ନାଗ, ଋଷିରାଜ ନାଗ, ପ୍ରକାଶ ପୁରୋହିତ, ବାପି ସାମଲ, ଜେଡା ସାହୁ, ବସନ୍ତ ବୁଡେକ, ହିରାଧର ଗୁରୁ, ଦୀପ୍ତି ସିଂହ ଗୁରୁ ଓ ରାଧାମାଧବ ବାରିକଙ୍କ ସହ ସହ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

**ଆସିକା ବିଧାନସଭା ଆସନ**

# ଚଳଚଞ୍ଚଳ ରାଜନୀତି ପାଣିପାଗ, ପାଗ ଭିଡ଼ିଲେଣି ନେତା

## ସର୍ବାଧିକ ଭୋଟ ବିଜୟ ଲକ୍ଷ୍ୟରେ ବିଜେଡି

ଆସିକା, ୨୬।୪(ସମିସ):

ସାଧାରଣ ନିର୍ବାଚନ ପାଇଁ ରାଜ୍ୟର ସବୁ ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ଦେଖାଦେଇଛି। ଗଞ୍ଜାମ ଜିଲ୍ଲାର ପ୍ରମୁଖ ଆସନ ଆସିକା ନିର୍ବାଚନମଣ୍ଡଳୀ ମଧ୍ୟ ଏଥିରୁ ବାଦ୍ ପଡ଼ିନି। ବର୍ତ୍ତମାନ ସମୟରେ ରାଜ୍ୟର ଚର୍ଚ୍ଚିତ ଏବଂ ଲୋକପ୍ରିୟ ଚେହେରା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଥମ ରାଜନୈତିକ ଚାଟଶାଳୀ ହେଉଛି ଆସିକା। ଆସିକା ଲୋକସଭା ଆସନରୁ ବିଜୟୀ ହୋଇ, ରାଜନୀତି କ୍ୟାରିୟର ଆରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେହି ଦୃଷ୍ଟିରୁ ବିଜୁ ଜନତା ଦଳ ଗଠନ ହେବା ପରେ ଆସିକା ବିଧାନସଭା ଆସନର ମଧ୍ୟ ଗୁରୁତ୍ୱ ବଢ଼ିଯାଇଛି। ୧୯୫୨ ମସିହାରେ ନିର୍ବାଚନ ମଣ୍ଡଳୀ ଗଠନ ହେବା ପରେ ପ୍ରଥମେ ସିପିଆଇ ଦଳ ହାତକୁ ଯାଇଥିଲା କ୍ଷମତା ଭାର। ଏବେ ଆସିକାର ଶାସନ ଭାର ବିଜୁ ଜନତା ଦଳ ହାତରେ ରହିଛି।

୨୦୧୯ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ଟିକଟରେ ବିଜୟୀ ହୋଇ ରାଜନୈତିକ ମଞ୍ଚ ଧରିଛନ୍ତି ପୂର୍ବତନ ସାଂସଦ ସ୍ୱର୍ଗତ ଲଡୁକିଶୋର ସ୍ୱାଇଁଙ୍କ ପତ୍ନୀ ମଞ୍ଜୁଳା ସ୍ୱାଇଁ। ବିଗତ ନିର୍ବାଚନ ଅପେକ୍ଷା ଆସନ୍ତା ୨୦୨୪ ନିର୍ବାଚନ ତିନି ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ରାଜନୈତିକ ଦଳ କଂଗ୍ରେସ, ବିଜେଡି ଓ ବିଜେପି ପାଇଁ ସମ୍ମାନର ପ୍ରଶ୍ନ ପାଲଟିଛି।

ଏଣେ ସର୍ବାଧିକ ଭୋଟରେ ବିଜୟୀ ହେବାକୁ ଅଣ୍ଟା ଭିଡ଼ିଛି ବିଜୁ ଜନତା ଦଳ। ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ଅତୀତ ରାଜନୈତିକ ଦୃଶ୍ୟପଟ ପ୍ରକାରେ ୧୯୫୨ ମସିହାରେ ପ୍ରଥମେ ସିପିଆଇ ଦଳର ହରିହର ଦାସ ଏବଂ ମୋହନ ନାୟକ ଯୁଗ୍ମ ଭାବେ ନିର୍ବାଚିତ ହୋଇ ଶାସନ ଭାର ଗ୍ରହଣ କରିଥିଲେ। ପରେ ୧୯୫୭ରେ ପୁଣି ସିପିଆଇ ପ୍ରାର୍ଥୀ ହରିହର ଦାସ, ୧୯୬୧ରେ କଂଗ୍ରେସ ଦଳର ଲୋକନାଥ ମିଶ୍ର, ୧୯୬୭ରେ ସିପିଆଇ (ଏମ୍)ରୁ ହରିହର ଦାସ, ୧୯୭୧ରେ ଉତ୍କଳ କଂଗ୍ରେସରୁ କୃଷ୍ଣଚନ୍ଦ୍ର ତ୍ରିପାଠୀ, ୧୯୭୪ରେ ସିପିଆଇ (ଏମ୍)ରୁ ହରିହର ଦାସ, ୧୯୭୭ରେ ଜନତା ପାର୍ଟିରୁ ହରିହର ସ୍ୱାଇଁ, ୧୯୮୦ ଏବଂ ୧୯୮୫ରେ କଂଗ୍ରେସ ଦଳରୁ ରାଘବ ପରିଡ଼ା, ୧୯୯୦ରେ ସିପିଆଇ (ଏମ୍)ରୁ ଦ୍ୱିତିକୃଷ୍ଣ ପଣ୍ଡା, ୧୯୯୫ରେ କଂଗ୍ରେସରୁ ଉଷାରାଣୀ ପଣ୍ଡା ବିଜୟୀ ହୋଇ ବିଧାୟକ ଦାୟିତ୍ୱ ସମ୍ଭାଳିଥିଲେ।

୨୦୦୦ ମସିହାରେ ଆସିକା ରାଜନୀତି କଡ଼ ଲେଉଟାଇଲା। ସିପିଆଇ ଏବଂ କଂଗ୍ରେସ ଶାସନକୁ ହଟାଇ ବିଜୁ ଜନତା ଦଳ ପ୍ରଥମଥର ପାଇଁ କ୍ଷମତାକୁ ଆସିଲା। ଦେବରାଜ ମହାନ୍ତି ବିଜୁ ଜନତା ଦଳ ଟିକଟରେ ବିଜୟୀ ହେଲେ। ୨୦୦୪ ମସିହାରେ ସରୋଜ ପାଢ଼ୀ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହେଲେ। ପରବର୍ତ୍ତୀ ୨୦୦୯ ଏବଂ ୨୦୧୪ ମସିହାରେ ଲଗାତାର ଭାବେ ବିଜୁ ଜନତା ଦଳ ଟିକଟରେ ପୁଣି ଦେବରାଜ ମହାନ୍ତି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୯ ମସିହା ନିର୍ବାଚନରେ ପୂର୍ବତନ ସାଂସଦ ସ୍ୱର୍ଗତ ଲଡୁକିଶୋର ସ୍ୱାଇଁଙ୍କ ପତ୍ନୀ ମଞ୍ଜୁଳା ସ୍ୱାଇଁ ବିଜୁ ଜନତା ଦଳ ଟିକଟ ପାଇବା ପରେ, ପୂର୍ବତନ ବିଧାୟକ ଦେବରାଜ ମହାନ୍ତି ବିଜୁ ଜନତା ଦଳ ଛାଡ଼ି ବିଜେପିରେ ସାମିଲ ହେଲେ। ବିଜେଡିର ପ୍ରାର୍ଥୀ ମଞ୍ଜୁଳା ସ୍ୱାଇଁଙ୍କ ବିପକ୍ଷରେ ବିଜେପି ପ୍ରାର୍ଥୀ ହେଲେ ଦେବରାଜ ମହାନ୍ତି। ଶେଷରେ ବିଜେଡିର ମଞ୍ଜୁଳା ସ୍ୱାଇଁ ହିଁ ବିଜୟୀ ହୋଇ ବିଧାୟିକା ହେଲେ।

୨୦୦୯ ରେ ବିଜେଡିର ଦେବରାଜ ମହାନ୍ତି ୪୬,୦୫୯ (ଶତକଡା - ୫୨.୨୫) ଭୋଟ ପାଇଁ ବିଜୟୀ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ସ୍ୱାଧୀନ ପ୍ରାର୍ଥୀ ଭାବେ ଦ୍ୱିତୀୟ ସ୍ଥାନରେ ରହିଥିଲେ ସରୋଜ ପାଢ଼ୀ। ସେ ୧୬,୦୭୩ (ଶତକଡା - ୧୮.୨୩) ଭୋଟ ପାଇଥିଲେ। କଂଗ୍ରେସର ଅଲେଖ ଚୌଧୁରୀ ତୃତୀୟ ସ୍ଥାନରେ ୧୫, ୪୯୭ (ଶତକଡା - ୧୭.୫୮) ଭୋଟ ପାଇଥିଲେ। ସେହିଭଳି, ୨୦୧୪ରେ ବିଜେଡିର ଦେବରାଜ ମହାନ୍ତି ୫୯, ୪୧୨ ଖଣ୍ଡ ଭୋଟ ଅର୍ଥାତ ୫୪.୮୪ ପ୍ରତିଶତ ଭୋଟ ପାଇଥିବା ବେଳେ କଂଗ୍ରେସର ସରୋଜ ପାଢ଼ୀ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୨୦୧୯ ନିର୍ବାଚନରେ ମଞ୍ଜୁଳା ସ୍ୱାଇଁ ବିଜେଡି ଟିକଟ ପାଇଲେ। ଫଳାଫଳ ପ୍ରକାରେ ବିଜେଡିର ମଞ୍ଜୁଳା ସ୍ୱାଇଁ ୬୬, ୮୭୨ ( ଶତକଡା - ୫୬, ) ଭୋଟ ପାଇଥିଲେ। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜେପିର ଦେବରାଜ ମହାନ୍ତି ୩୯, ୬୩୯ (ଶତକଡା - ୩୩) ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। କଂଗ୍ରେସର ଯୁବ ପ୍ରାର୍ଥୀ ମନୋଜ କୁମର ଜେନାଙ୍କୁ ମିଳିଥିଲା ୯, ୨୮୫ (ଶତକଡା-୮) ଭୋଟ ପାଇଥିଲେ। ଆସିକା ବ୍ଲକ ଓ ଏନଏସି ସମେତ କବିସୂର୍ଯ୍ୟନଗର ବ୍ଲକର ୧୨ଟି ପଞ୍ଚାୟତକୁ ନେଇ ଗଠିତ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ଭୋଟର ସଂଖ୍ୟା ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ। ସେହି ଅନୁସାରେ ବିଗତ ସମସ୍ତ ନିର୍ବାଚନ ଅପେକ୍ଷା ଏବେ ଭୋଟର୍‌ମାନେ ଖୁବ୍ ଯତ୍ନଶୀଳ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ, କେବଳ ଦଳୀୟ ବିଜୟ ସମ୍ଭାବନା ନୁହେଁ ରେକର୍ଡ ସଂଖ୍ୟକ ବିଜୟ ପାଇଁ ବିଜେଡି ପୁଣି ଥରେ ପ୍ରସ୍ତୁତି ଜାରି ରଖିଛି।

## ପରୀକ୍ଷା ବେଳେ କଲେଜ ଛାତରୁ ଖସିଲା ପ୍ଲାଷ୍ଟର

# ୬ ଛାତ୍ରୀ ଆହତ; ନିମ୍ନମାନର କାମ ଅଭିଯୋଗ

ତାଳଚେର ସହର, ୨୬।୪(ସମିସ)

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରୀକ୍ଷା ଚାଲୁଥିବା ବେଳେ ହଠାତ ଛାତରୁ ପ୍ଲାଷ୍ଟର ଖସିବାରୁ କ୍ଲାସ ରୁମରେ ପରୀକ୍ଷା ଦେଉଥିବା ୬ ଜଣ ଛାତ୍ରୀଙ୍କ ଉପରେ ପଡ଼ିବାରୁ ସେମାନେ ଆହତ ହୋଇଥିଲେ। ସୂଚନା ଅନୁସାରେ ଆଜି ଯୁକ୍ତ ତିନି ଇଂରାଜୀ ବିଭାଗର ପରୀକ୍ଷା ଶ୍ରେଣୀ ଗୃହରେ ଚାଲିଥିବା ବେଳେ ଛାତରୁ ପ୍ଲାଷ୍ଟର ଛାଡ଼ି ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀଙ୍କ ଉପରେ ଖସି ପଡ଼ିଥିଲା। ଫଳରେ ଛାତ୍ରୀମାନଙ୍କ ହାତ, ମୁଣ୍ଡ ଓ କାନ୍ଧରେ ଆଘାତ ଲାଗିଥିଲା। ଯାହାକୁ ନେଇ ଛାତ୍ରଛାତ୍ରୀମାନେ ଭୟଭୀତ ହେବା ସହ ପରୀକ୍ଷା ଦେବାରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ପରେ କଲେଜ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଆହତ ଛାତ୍ରୀଙ୍କୁ ସ୍ଥାନୀୟ ମଣ୍ଡାପାଳ ଚିକିତ୍ସାଳୟକୁ ପଠାଇଥିଲେ। ତେବେ ୨୦୨୦ ମସିହାରେ ଉକ୍ତ ବିଲ୍ଡିଂର କାର୍ଯ୍ୟ ପୂର୍ତ୍ତ ବିଭାଗ ଦ୍ୱାରା କରାଯାଇ କଲେଜକୁ ହସ୍ତାନ୍ତର କରାଯାଇଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ କଲେଜ ଅଧ୍ୟକ୍ଷ ଅଜୟ କୁମାର ପ୍ରଧାନ ଘଟଣା ସମ୍ପର୍କରେ ପୂର୍ତ୍ତ ବିଭାଗକୁ ଜଣାଇବା ପରେ ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।





## ■ ଅଶାନ୍ତ ଅନୁଗୋଳ ବନଖଣ୍ଡ

# ୩ ଦିନ ହେଲା ଜଳୁଛି ହିଂଶ୍ରୀଡ଼ା ଜଙ୍ଗଲ

**ଅନୁଗୋଳ, ୨୬।୪(ସମିସ):** ଏ ବର୍ଷ ଖରା ସହ ଜଙ୍ଗଲ ନିଆଁ ବି ଚିନ୍ତା ବଢ଼ାଇଛି। ଅନୁଗୋଳରେ ବ୍ୟାପିବାରେ ଲାଗିଛି ଜଙ୍ଗଲ ନିଆଁ। ହୁ ହୁ ହୋଇ ଜଳୁଛି ଅନୁଗୋଳ ବନଖଣ୍ଡର ବିଭିନ୍ନ ଜଙ୍ଗଲ। ଅଗ୍ନିକାଣ୍ଡ ଯୋଗୁଁ ଭୟରେ ଜଙ୍ଗଲୀ ଜନ୍ତୁ ଓ ଜଙ୍ଗଲ ପାଖ ଗାଁ ଲୋକେ। ନିଆଁ ଲାଗି ଅନେକ ଔଷଧୀୟ ବୃକ୍ଷ ଜଳିପୋଡ଼ି ଛାରଖାର ହେଇଯାଉଛି। ବର୍ତ୍ତମାନ ଅନୁଗୋଳରେ ୪୪.୫ ଡିଗ୍ରୀରୁ ଅଧିକ ତାପମାତ୍ରା ହୋଇଥିବା ବେଳେ ଜଙ୍ଗଲ ନିଆଁ ଆହୁରି ଅସ୍ତବ୍ୟସ୍ତ କରି ପକାଉଛି। ଜଙ୍ଗଲ ନିଆଁ ଏତେ ମାତ୍ରାରେ ବ୍ୟାପୁଛି ଯେ, ବନ ବିଭାଗ କର୍ମଚାରୀମାନେ ଅକ୍ଳାନ୍ତ ପରିଶ୍ରମ କରି ମଧ୍ୟ ନିଆଁକୁ ଆୟତ୍ତ କରିପାରୁ ନାହାନ୍ତି। ଅନୁଗୋଳ ବନାଞ୍ଚଳ ହିଂଶ୍ରୀଡ଼ା ଜଙ୍ଗଲରେ ଗତ ୩ଦିନ ହେଲା ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି ହେଉଛି। ବହୁ ମୂଲ୍ୟବାନ ଗଛ ପୋଡ଼ି ନଷ୍ଟ ହୋଇଯାଉଛି। ସରୀସୃପ ଓ କୀଟ ପତଙ୍ଗ ନିଆଁର ଶିକାର ହେଉଛନ୍ତି। ଜଙ୍ଗଲଟି ଗାଁକୁ ଲାଗି ରହିଥିବାରୁ ନିଆଁ ବ୍ୟାପିବା ଭୟରେ ଲୋକେ ଶୋଇ ପାରୁ ନାହାନ୍ତି। ତେବେ ଏହି ଜଙ୍ଗଲକୁ ଲାଗି ରହିଛି ସାତକୋଶିଆ ଅଭୟାରଣ୍ୟ। ଯଦି ଏହି ନିଆଁ ଅଭୟାରଣ୍ୟକୁ ବ୍ୟାପିଯିବ, ତେବେ ଲିଭାଇବା କାଠିକର ପାଠ ହୋଇପଡ଼ିବ। ଏଣୁ ପ୍ରଶାସନ ଅଧିକ ଗୁରୁତ୍ୱର ସହ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।



## ■ ବିଜେପି କର୍ମୀଙ୍କୁ ପାଣି ଓ ସାମ୍ବାଦିକଙ୍କୁ ମିଳିଲାନି ଚୌକି

# ମନ୍ତ୍ରୀ ଆସିବା ପୂର୍ବରୁ କର୍ମୀ ଖାଇଗଲେ ଭାତ, ଚିକେନ୍




**ଅନୁଗୋଳ, ୨୬।୪(ସମିସ):** ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତୁରଙ୍ଗ ପଞ୍ଚାୟତ ଖେଳ ପଡ଼ିଆ ଠାରେ ବିଜେପି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଭାକାର୍ଯ୍ୟର ବହୁ ପୂର୍ବରୁ ଆଖପାଖ ଅଞ୍ଚଳରୁ କର୍ମୀଙ୍କୁ ଅଟୋ, ବୋଲେରୋରେ ବୁହାହୋଇ ଅଣାଯାଇଥିବା ବେଳେ କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ପହଞ୍ଚିବା ଢେର ବିଳମ୍ବ ହୋଇଥିଲା। ଏଥିଯୋଗୁଁ କର୍ମୀମାନେ ନାନା ଦହଗଞ୍ଜ ହୋଇଥିଲେ। ପ୍ରବଳ ଖରା ସହ ପିଇବା ପାଣି ପାଇଁ ଡହକବିକଳ ହୋଇଥିଲେ। ପାଣି ଜାର ନିକଟରେ ଲୋକେ ଠେଲାପେଲା ହୋଇଥିଲେ। କେତେକ ଲୋକ ଭୋକ ସମ୍ଭାଳି ନପାରି ରୋଷେଇ ସ୍ଥାନରେ ପହଞ୍ଚି କେନ୍ଦ୍ରମନ୍ତ୍ରୀ ପହଞ୍ଚିବା ପୂର୍ବରୁ ଖାଇବା ଆରମ୍ଭ କରିଦେଇଥିଲେ। ପରେ ସଭାରେ ମୁଖ୍ୟ ଅତିଥି କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଅଭିଭାଷଣ ଦେଇ ମାତ୍ର ଦୁଇ ମିନିଟରେ ଶେଷ କରିଥିଲେ। ଘରକୁ ପାନୀୟ ଜଳ ଯୋଗାଣ ଅଛି କି, ଡାକ୍ତରଖାନାରେ ଡାକ୍ତର ଅଛନ୍ତି କି, ସ୍କୁଲରେ ଶିକ୍ଷକ ଅଛନ୍ତି କି ବୋଲି ସଭାରେ ପ୍ରଶ୍ନକରି ପରିବର୍ତ୍ତନ ଓଡ଼ିଶା ଗଠନ ଲାଗି ଭୋଟ ଦେବାକୁ ନିବେଦନ କରିଥିଲେ। ଉକ୍ତ ସଭାରେ ଖବର ସଂଗ୍ରହ ପାଇଁ ଉପସ୍ଥିତ ସାମ୍ବାଦିକମାନଙ୍କୁ ଉପେକ୍ଷା କରାଯାଇଥିବା ଦେଖିବାକୁ ମିଳିଥିଲା। ସଭା ସ୍ଥଳରେ ସାମ୍ବାଦିକଙ୍କୁ ବସିବା ଲାଗି ଚୌକି ଖଣ୍ଡେ କି ପାଣି ମୁନ୍ଦେ ଦିଆଯାଇ ନଥିଲା। ଦଳର ଛାମୁଆ ନେତାଙ୍କୁ ଉପେକ୍ଷା କରି ଦଳଡ଼ିଆଁ ନେତାଙ୍କୁ ପ୍ରାଧାନ୍ୟ ଦେବା ସହ ସଭାରେ ବକ୍ତବ୍ୟ ରଖିବାକୁ ସୁଯୋଗ ଦିଆଯାଇଥିଲା। ଫଳରେ କର୍ମୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା।

## ଲୋକ ମହୋତ୍ସବର ୫ମ ସନ୍ଧ୍ୟା

# ପାରମ୍ପରିକ ବିହୁ ନୃତ୍ୟରେ ଦର୍ଶକ ମନ୍ତ୍ରମୁଗ୍ଧ



**ତାଳଚେର ସଦର, ୨୬।୪(ସମିସ):** ତାଳଚେର ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ଚାଲିଥିବା ଲୋକ ମହୋତ୍ସବର ୫ମ ସନ୍ଧ୍ୟାରେ ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ତଥା ତାଳଚେର ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ଅନୁଗୋଳ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ସିଂହ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ ଓ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ହାସଲ କରି ଓଡିଶା ତଥା ତାଳଚେର ପାଇଁ ଗୌରବ ଆଣି ଦେଇଥିବା ଅନିମେଷ ପ୍ରଧାନ ପ୍ରମୁଖ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସଦସ୍ୟ ରାଜେନ୍ଦ୍ର କୁମାର ସିଂହ, ଅରୁଣ କୁମାର ପ୍ରଧାନ, ସଞ୍ଜୟ ସାହୁ ଓ ଗଗନ ବିହାରୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଆସାମର କଳାକାରମାନେ ପାରମ୍ପରିକ ବିହୁ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ପାରିଥିଲେ। ସେହିପରି ଜଟଣୀର ନୀଳଶୈଳ ଡ୍ୟାନ୍ସ ଏକାଡେମୀର କଳାକାରମାନଙ୍କ ଦ୍ୱାରା ପରିବେଷିତ ଶିବ ତାଣ୍ଡବ ଓ ବାଙ୍କୀର ସିଂଘମ ଡ୍ୟାନ୍ସ ଏକାଡେମୀର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲା। ଅନୁଗୋଳର ନୃତ୍ୟାୟନୀ ଓ ଆଦୃତା ଅନୁଷ୍ଠାନର କଳାକାରମାନେ ଚିତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଜୀବ ପଟ୍ଟନାୟକ ଓ ଶୋଭନା ମିଶ୍ର ପରିଚାଳନା କରିଥିଲେ। ଏହି ଅବସରରେ ସମସ୍ତ କଳାକାରମାନଙ୍କୁ ଟ୍ରଷ୍ଟବୋର୍ଡ ପକ୍ଷରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ତାଳଚେର ସହକାରୀ ଜିଲ୍ଲପାଳ ନାରାୟଣ ସେଠୀ, ସହକାରୀ ଜିଲ୍ଲାପାଳ ପୁଷ୍ପିତା ମଧୁମତି ଦେହୁରୀ, ବରିଷ୍ଠ ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରା ଓ ନିରାକାର ରାଉଳ ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱ ମେଲେରିଆ ଦିବସ ପାଳିତ

**କିଶୋରନଗର, ୨୬।୪(ସମିସ):** କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଘର ଠାରେ ଗତ ଗୁରୁବାର ବିଶ୍ୱ ମେଲେରିଆ ଦିବସ ପାଳିତ ହୋଇଯାଇଛି। ସିଡିପିଓ ଓ୍ୱାହିଦା ବେଗମଙ୍କ ଅଧ୍ୟକ୍ଷତାରେ ଭେକ୍ଟରବାହିତ ରୋଗର ବୈଷୟିକ ପର୍ଯ୍ୟବେକ୍ଷକ ଅନୀଲ କୁମାର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରି ବିଶ୍ୱ ମେଲେରିଆ ଦିବସ ସମ୍ପର୍କରେ ବୁଝାଇଥିଲେ। ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିନୟ କୁମାର ମିଶ୍ର, ମେଲେରିଆ ରୋଗର ଲକ୍ଷଣ, ଚିକିତ୍ସା ଓ ନିରାକରଣ ବିଷୟରେ ମତବ୍ୟକ୍ତ କରିବା ସହ ମେଲେରିଆ ରୋଗକୁ ନିୟନ୍ତ୍ରଣ କରିବାକୁ ହେଲେ ପରିବେଶ ସଫା ସୁତରା ରଖିବା, ନିୟମିତ ମଶାରି ବ୍ୟବହାର କରିବା ଓ ସମସ୍ତ ଚିକିତ୍ସା ଉପରେ ସଚେତନ କରାଇଥିଲେ। ଏଥିରେ ସମସ୍ତ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



## ଏଲିଟ୍ ଏକ୍ସିଲେନ୍ସ ହାୟର୍ ସେକେଣ୍ଡାରୀ ସ୍କୁଲ୍ ଉଦ୍‌ଘାଟିତ

**ତାଳଚେର ସହର, ୨୬।୪(ସମିସ):** ତାଳଚେର ସ୍ଥିତ ବଡ଼ସିଂହଡ଼ା ଗ୍ରାମରେ ଏଲିଟ୍ ଏଡୁକେସନାଲ୍ ଗ୍ରୁପ୍ ତରଫରୁ 'ଏଲିଟ୍ ଏକ୍ସିଲେନ୍ସ ହାୟର୍ ସେକେଣ୍ଡାରୀ ସ୍କୁଲ୍' ଉଦଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ତାଳଚେରର ବିଧାୟକ ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ସର ଯୋଗଦେଇ କଲେଜର ଉଦଘାଟନ କରିଥିଲେ। ଉଦଘାଟନ ସମାରୋହରେ 'ଏଲିଟ୍ ଏଡୁକେସନାଲ୍ ଗ୍ରୁପ'ର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ସୁଶୀଲ୍ ପ୍ରାସାଦ ସାହୁ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ କିଶୋର ଚନ୍ଦ୍ର ବେହେରା ଓ ଅଧ୍ୟାପକ ସୁଶାନ୍ତ କୁମାର ଲେଙ୍କା ମଞ୍ଚରେ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳରେ ଉତ୍ତମ ମାନର ଶିକ୍ଷା ପ୍ରଦାନ କରିବା ଏହାର ପ୍ରଥମ ଉଦ୍ଦେଶ୍ୟ ବୋଲି ଅଧ୍ୟକ୍ଷ ଶ୍ରୀ ସାହୁ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ।



## ■ ହାତୀ ଆକ୍ରମଣରେ ଜଣେ ଗୁରୁତର

# ବନ୍ତଳାରୁ ବଡ଼କେରା ରାଜପଥ ଅବରୋଧ



**ଅନୁଗୋଳ, ୨୬।୪(ସମିସ):** ସ୍ଥାନୀୟ ବନ୍ତଳା ଥାନା ଅନ୍ତର୍ଗତ ଧୋକୁଟା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ଜଣକ ହେଲେ ମହେଶ୍ୱର ପ୍ରଧାନ। ଧୋକୁଟା ଗ୍ରାମରେ ଜଣେ ବନ୍ଧୁଙ୍କ ଘରେ ରହି କାମ କରୁଥିବା ଟାକରସିଙ୍ଗା ଗ୍ରାମର ମହେଶ୍ୱର ପ୍ରଧାନ ଆଜି ଭୋରରୁ ଶୌଚ ହେବା ପାଇଁ ଯାଇଥିବା ବେଳେ ତାଙ୍କୁ ହାତୀ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଜଙ୍ଗଲ ମଧ୍ୟରୁ ତାଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସରେ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକେ ବନ୍ତଳାରୁ ବଡ଼କେରା ରାଜପଥ ଅବରୋଧ କରିଛନ୍ତି। ଖବର ଲେଖାହେବା ସୁଦ୍ଧା କୌଣସି ସରକାରୀ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନଥିବା ଜଣାପଡ଼ିଛି।

## ରକ୍ଷଣାବେକ୍ଷଣର ଘୋର ଅଭାବ

# ଶେଷରେ ନର୍ସରିରୁ ଫିଙ୍ଗିଦେଲେ ଚାରା

ଅନୁଗୋଳ, ୨୬।୪(ସମିସ)

ଅନୁଗୋଳ ଜିଲ୍ଲା ଧଣ୍ଡାତୋପା ବନ ବିଭାଗର ଧଣ୍ଡାତୋପା ନିକଟରେ ଥିବା ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶାର ସ୍ଥାୟୀ ନର୍ସରିରେ ବ୍ୟାପକ ଅବ୍ୟବସ୍ଥା ଦେଖାଯାଇଛି। ବିଶେଷ କରି ଏହି ନର୍ସରିରେ ଚାରା ଗୁଡିକର ରକ୍ଷାଣ ବେକ୍ଷଣ ସଠିକ ଭାବରେ କରାଯାଉ ନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ କରି ମନରେଗା ଜରିଆରେ ଲକ୍ଷଲକ୍ଷ ଟଙ୍କା ଆସୁଥିବା ବେଳେ ଉକ୍ତ ଟଙ୍କାଗୁଡିକୁ ମିଥ୍ୟା ବିଲ୍ କରି ହଡ଼ପ କରାଯାଉଥିବା ବେଳେ ଚାରାଗୁଡିକରେ ଆବଶ୍ୟକ ସାର, ପାଣି ସହ ଔଷଧ ଦିଆଯାଉ ନଥିବା ଯୋଗୁଁ ଅନେକ ଚାରା ନଷ୍ଟ ହୋଇଯାଉଛି। ଶୁକ୍ରବାର ଉକ୍ତ ନର୍ସରିରୁ ଶହ ଶହ ଚାରା ମରିଯାଇଥିବା ବେଳେ ସେଗୁଡିକୁ ବନ ବିଭାଗ ତରବରିଆ ଭାବରେ ଆଣି ଏକ ପରିତ୍ୟକ୍ତ ସ୍ଥାନରେ ପକାଇ ଦେଇଛି। ଏ ପରିକି ଅନେକ ଗଛଥିବା ଚାରାଗୁଡିକ ମଧ୍ୟ ପକାଇ ଦେଇଥିବା ଦେଖିବାକୁ ମିଳିଛି। ବନ ବିଭାଗର ଏଭଳି କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଏ ନେଇ ଠାକୁରଗଡ଼ ଗ୍ରାମବାସୀ ଶୁକ୍ରବାର ଅନୁଗୋଳ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏହାର ଏକ ନକଲ ଆଠମଲ୍ଲିକ ଡିଏଫଓଙ୍କୁ ଦେଇଛନ୍ତି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ ଧଣ୍ଡାତୋପା ରେଞ୍ଜରେ ୩୫ ଟି ଗ୍ରାମ୍ୟ ଓ ଖେସେଡ଼ା ଜଙ୍ଗଲ ଥିବା ବେଳେ ୪ ଟି ରିଜର୍ଭ ଜଙ୍ଗଲ ରହିଛି। ଏ ଜଙ୍ଗଲ ଗୁଡିକରେ ମନରେଗା ମାଧ୍ୟମରେ ପ୍ରତେକ ବର୍ଷ ବୃକ୍ଷରୋପଣ କରିବା ପାଇଁ ଏହି ନର୍ସରିରୁ ଚାରା ସଂଗ୍ରହ କରାଯାଇଥାଏ। ପ୍ରତ୍ୟେକ ବର୍ଷ ମନରେଗା ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ଆମ୍ବ, ପଣସ, ଲିମ୍ବ, ରଞ୍ଜା, ଶିଶୁ, ଅର୍ଜୁନ, ଆମ୍ବ ଚାରା ପ୍ରସ୍ତୁତ କରାଯାଉଛି। ବିଭିନ୍ନ ମଞ୍ଜିରୁ ଏହି ଚାରା ପ୍ରସ୍ତୁତି କରାଯାଉଥିବା ବେଳେ ସେଗୁଡିକର ରକ୍ଷଣା ବେକ୍ଷଣ ଦାୟିତ୍ୱ ବନ ବିଭାଗ ନେଇଥିବା ବେଳେ ଏବେ ସେ ଚାରାଗୁଡିକ ସଠିକ ଭାବରେ ରକ୍ଷଣାବେକ୍ଷଣ କରାଯାଉନାହିଁ। ଫଳରେ ଅନେକ ଚାରା ନଷ୍ଟ ହୋଇଗଲାଣି। ନର୍ସରିରେ ଶ୍ରମିକମାନଙ୍କୁ ସଠିକ ଭାବରେ ନିଯୋଜନ କରା ନଯାଇ ମେସିନ ଦ୍ୱାରା କାମ କରି ଟଙ୍କା ହଡ଼ପ କରାଯାଉଛି। ଅନେକ ଶ୍ରମିକଙ୍କର ଜବ୍ କାର୍ଡ ସଂଗ୍ରହ କରି ସେମାନଙ୍କ ନାମରେ ବିଭିନ୍ନ ସମୟରେ କାମ କରାଯାଇଥିବା ମିଥ୍ୟା ବିଲ୍ କରି ଲକ୍ଷ ଲକ୍ଷ ଟଙ୍କା ବନ ବିଭାଗର ପଦାଧିକାରୀମାନେ ହଡ଼ପ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ଘଟଣା ସମ୍ପର୍କରେ ଭିଜିଲାନ୍ସ ତଦନ୍ତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଧଣ୍ଡା ତୋପା ରେଞ୍ଜର ବବୃବାହାନ ସାହୁଙ୍କୁ ପଚାରିବାରୁ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ।

● ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଠାକୁରଗଡ଼ ଗ୍ରାମବାସୀ
● ବନ ବିଭାଗ ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଦାବି



## ରାସ୍ତା ଖୋଳିଦେଲେ ଠିକାଦାର; ଲୋକେ ହୀନସ୍ତା



**ପଞ୍ଚୁପାଣ୍ଡବ,୨୬।୪(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କଂସାରୀ ପାଟଣା ଗ୍ରାମରେ ପାଣି ଯୋଗାଣ ପାଇଁ ରାସ୍ତାକୁ ଖୋଳି ଦେଇଛନ୍ତି ଠିକାଦାର। ହାଟପଡ଼ା ଠାରୁ ମହାରଣା ସାହି ପର୍ଯ୍ୟନ୍ତ ଢ଼ଳେଇ ରାସ୍ତା ତିନିମାସ ଧରି ଖୋଳା ହୋଇ ପଡ଼ିରହିଛି । ଓଭରହେଡ଼ ପାଣି ଟାଙ୍କି କାମ ଧିମେଇ ଚାଲୁଥିବାରୁ ଗ୍ରାମରେ ପାଇପ ବିଛାଇବା ଦିନ ଗଡ଼ି ଗଡ଼ି ଯାଉଛି । ରାସ୍ତା ଖୋଳି ଦେଇଥିବାରୁ କଂକ୍ରିଟ ରାସ୍ତାର ଢ଼ଳେଇର ଖଣ୍ଡ ଖଣ୍ଡ ହୋଇ ପଡ଼ିରହିଛି ଜାଗା ଜାଗାରେ ଖାଲ ହୋଇ ରହିବାରୁ ଯିବାଆସିବା ପାଇଁ ଲୋକ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଯେତେଶୀଘ୍ର ସମ୍ଭବ ପାଇପ୍ ବିଛାଇ ରାସ୍ତାକୁ ସମାନ କରିବା ପାଇଁ ବିପିନ ବିହାରୀ ମହାପାତ୍ର, ଦିଗାମ୍ବର ମିଶ୍ର, ଗୌରାଙ୍ଗ ମହାରଣା, ଗୋପୀନାଥ ମହାପାତ୍ର, ବାଇଧର ମହାପାତ୍ର, ଶରତ କୁମାର କର, ଗଦାଧର ଦାଶ ଓ ପୁରସ୍ତମ କର ଦାବି କରିଛନ୍ତି ।

## ରାଜନଗରରେ ପବିତ୍ର ଶ୍ରୀରାମ ନବମୀ ଉତ୍ସବ ଉଦ୍‌ଯାପିତ

**ରାଜନଗର,୨୬।୪(ସମିସ):** ମର୍ଯ୍ୟାଦା ପୁରୁଷ ରଘୁବୀର ତିଳକ ପ୍ରଭୁ ଶ୍ରୀରାମଙ୍କ ପବିତ୍ର ଜନ୍ମ ଜୟନ୍ତୀ ୧୭ ତାରିଖ ଠାରୁ ଆରମ୍ଭ ହୋଇ ଗତକାଲି ଉଦ୍‌ଯାପିତ ହୋଇଯାଇଛି । ରାଜନଗର ଦେବୀ ମଣ୍ଡପ ଠାରେ ପ୍ରଭୁ ଶ୍ରୀରାମ, ମାତା ସୀତା, ଅନୁଜ ଲକ୍ଷ୍ମଣଙ୍କ ସମେତ ଭରତ, ଶତ୍ରୁଘ୍ନ, ମହାବୀର ହନୁମାନ, ଜାମ୍ବବାନ, ଅଙ୍ଗଦ, ସୁଗ୍ରୀବଙ୍କ ମୃଣ୍ମୟ ମୂର୍ତ୍ତିକୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି । ନବଦିନ ବ୍ୟାପି ରାମଚରିତ ମାନସ ପାରାୟଣ ସହିତ ଶ୍ରୀରାମଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା, ଓଡିଶାର ବିଖ୍ୟାତ ପ୍ରବଚକ ସଂଗ୍ରାମ କେଶରୀ ଆଚାର୍ଯ୍ୟ, ଅରକ୍ଷୀତ ଦାସଙ୍କ ଦ୍ୱାରା ପ୍ରବଚନ ସଭା ଅନୁଷ୍ଠିତ ହୋଇଥିଲା । ରାଜନଗର ବଣିକ ସଂଘ ପକ୍ଷରୁ ଏହି ମହୋତ୍ସବକୁ ଚଳିତ ବର୍ଷ ଧୁମଧାମରେ ପାଳନ କରାଯାଇଛି । ପଣ୍ଡିତ ବିଜୟ କୁମାର ନନ୍ଦ, ହରକୁମାର ମିଶ୍ର, ପ୍ରମୋଦ କୁମାର ପାଣି ପ୍ରମୁଖ ରାମଚରିତ ମାନସ ପଠନ ସହିତ ପୂଜାର୍ଚ୍ଚନା କରିଥିଲେ । ୧୭ ତାରିଖ ଠାରୁ ଆରମ୍ଭ ହୋଇଥିବା ରାମାୟଣ ପାଠ ଓ ରାମ ନବାୟତନ ପୂଜା ଗତକାଲି ଶେଷ ହୋଇଛି । ଗତକାଲି ଉଦ୍‌ଯାପନୀ ସଂଧ୍ୟାରେ ହରିହାଟ, ନାମ ସଂକୀର୍ତ୍ତନ କରାଯାଇଥିଲା । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭଜନ, ନୃତ୍ୟ ପରିବେଶଣ କରାଯାଇଥିଲା । ଏହି ଉତ୍ସବରେ ରାଜନଗର ଅଞ୍ଚଳର ହଜାର ହଜାର ଭକ୍ତ ଯୋଗ ଦେଇଥିଲେ । ଏହାକୁ ବଣିକ ସଂଘର ସଭାପତି ପଣ୍ଡିତ ଶଙ୍କର୍ଷଣ ମିଶ୍ର, ସମ୍ପାଦକ ରବିନ୍ଦ୍ର କୁମାର ପ୍ରଧାନ, କୋଷାଧ୍ୟକ୍ଷ ଅନିରୁଦ୍ଧ ପରିଡା, ବିଚିତ୍ର କୁମାର ମଳିକ, ସୁବାସ ଚନ୍ଦ୍ର ସାହୁ, ମୃତ୍ୟୁଞ୍ଜୟ ମିଶ୍ର, ବାଇଧର ସେଠୀ, ସତ୍ୟବାନ ସେଠୀ, ଗଙ୍ଗାଧର ସେଠୀ, କମଳାକାନ୍ତ ମିଶ୍ର, ପ୍ରେମାନନ୍ଦ ଲେଙ୍କା, ହରେକୃଷ୍ଣ ଲେଙ୍କା, ଶ୍ରୀନିବାସ ରାଉଳଙ୍କ ସମେତ ସମସ୍ତ ବ୍ୟବସାୟୀ ପରିଚାଳନାରେ ସହଯୋଗ କରିଥିଲେ ।

## ରାସନ ସାମଗ୍ରୀ ପାଉନାହାନ୍ତି ଯୋଗ୍ୟ ହିତାଧିକାରୀ



**ରାଜକନିକା,୨୬।୪(ସମିସ):** ରାଜକନିକା ଯୋଗାଣ ବିଭାଗରେ ଅବ୍ୟବସ୍ଥା ଚରମ ସୀମାରେ ପହଞ୍ଚିଛି । ସାଧାରଣ ଲୋକଟିଏ ରାସନ ସମ୍ବନ୍ଧୀୟ କୌଣସି ସମସ୍ୟା ନେଇ ଏହି କାର୍ଯ୍ୟାଳୟକୁ ଗଲେ ନିରାଶ ହୋଇ ବିଡ଼ିଓଙ୍କୁ ଭେଟି ଗୁହାରି କରୁଛି । ଉଦାହରଣ ସ୍ୱରୂପ, ପଧାନପଡା ପଞ୍ଚାୟତ ଗହମପାଳ ଗାଁର ଉପେନ୍ଦ୍ର ସେଠି ଓ ତାଙ୍କ ପରିବାରର ସଦସ୍ୟ ୩ ଜଣଙ୍କର ନାମ ରାସନ କାର୍ଡରୁ କଟିଯାଇଛି । ଫଳରେ ସେ ଦୁଇମାସର ରାସନ ସାମଗ୍ରୀ ନପାଇ ଭୋକ ଉପାସରେ ରହୁଛନ୍ତି । କ'ଣ ପାଇଁ ନାଁ କଟିଲା ଜାଣିବାକୁ ବ୍ଲକ କାର୍ଯ୍ୟାଳୟକୁ ଦଉଡି ଦଉଡି ନୟାନ୍ତ ହେଲେଣି ହେଲେ କିଛି ଫଳ ମିଳୁନି । ଏନେଇ ଆଜି ସେ ଗଣମାଧ୍ୟମର ସହାୟତା ଲୋଡିଛନ୍ତି । ତେବେ ଏନେଇ ଯୋଗାଣ ଅଧିକାରୀ କହିଛନ୍ତି, ରାସନକାର୍ଡ ହିତାଧିକାରୀ ନିଜେ ଦରଖାସ୍ତ ଦେଇ ନିଜ ନାଁ କାର୍ଡରୁ କାଟିଛନ୍ତି । ତେବେ ଏଠି ପ୍ରଶ୍ନ ଉଠୁଛି ଜଣେ ଦିନ ମଜୁରିଆ ଯାହାର ସରକାରୀ ରାସନ ନିହାତି ଦରକାର ସେ କାର୍ଡରୁ ନାଁ କାଟିବ କାହିଁକି । ଜିଲ୍ଲା ଯୋଗାଣ ନିରୀକ୍ଷକ ଓ ଜିଲ୍ଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି ।

### ବିଜେଡିର ବ୍ଲକସ୍ତରୀୟ କର୍ମୀ ସମାବେଶ

# ଯୋଡ଼ିଶଙ୍ଖଙ୍କୁ ରେକର୍ଡ ସଂଖ୍ୟାରେ ଜିତାଇବାକୁ ଆହ୍ୱାନ

**ଡେରାବିଶ,୨୬।୪(ସମିସ):** ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ ସ୍ଥିତ ବଳଦେବଜୀଉ ବନ ପ୍ରକଳ୍ପ ମଧ୍ୟରେ ଡେରାବିଶ ବ୍ଲକ ବିଜେଡ଼ି ପକ୍ଷରୁ ବ୍ଲକ ସ୍ତରୀୟ କର୍ମୀ ସମାବେଶ ଆଜି ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡ଼ି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡ଼ି ପର୍ଯ୍ୟବେକ୍ଷକ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେଡ଼ିର ଗଡ଼ ପାଟକୁରାରେ ଦଳୀୟ ପ୍ରାର୍ଥୀଙ୍କ ବିଜୟର ଭୋଟ ବ୍ୟବଧାନ ରେକଡର୍ ସଂଖ୍ୟକ କରିବାକୁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏଥିରେ ସମ୍ମାନିତ ଅତିଥିଭାବେ କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନ ମଣ୍ଡଳୀର ବିଜେଡ଼ି ପ୍ରାର୍ଥୀ ଅଂଶୁମାନ ମହାନ୍ତି ମାଟିର ପୁଅକୁ ଜିତାଇବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥିଭାବେ ପାଟକୁରା ବିଧାନସଭାର ବିଜେଡ଼ି ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ଯୋଗଦେଇ ଷଷ୍ଠଥର ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ ।



ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଯୁବ ବିଜେଡ଼ି ସଭାପତି ରାଜେଶ ଦାସ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ଧନେଶ୍ୱର ସେଠୀ, ମହେନ୍ଦ୍ର ସିଂ, ମନୋରଜନ ଉପାଧ୍ୟାୟ ସେମାନଙ୍କ ବକ୍ତବ୍ୟରେ ବୁଥ୍ ସ୍ତରରୁ ଗୋଟିଏ ହେଲେବି ଭୋଟ ଅନ୍ୟଦଳକୁ ନଯାଇ କିପରି ବିଜୁ ଜନତା ଦଳକୁ ଆସିବ, ବିଧାୟକ ଏବଂ ସାଂସଦ ପ୍ରାର୍ଥୀ ଉଭୟ କିଭଳି ନିର୍ବାଚନରେ ବିପୁଳ ସଂଖ୍ୟାରେ ବିଜୟୀ ଲାଭ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଡ଼ି ଶଙ୍ଖ ନାରା ସଫଳହେବ ସେ ବିଷୟରେ କହିଥିଲେ । ସମସ୍ତ ଅତିଥିମାନଙ୍କୁ କର୍ମୀମାନେ ଏକ ବାଇକ୍ ଶୋଭାଯାତ୍ରାରେ ଚାନ୍ଦୋଳ ଫାଣ୍ଡି ନିକଟରୁ ସଭାସ୍ଥଳକୁ ପାଛୋଟି ନେଇଥିଲେ । ପ୍ରାରମ୍ଭରେ ବ୍ଲକ ମହିଳା ବିଜେଡ଼ି ସଭାପତି ତୃପ୍ତିମୟୀ କର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସରୋଜ ନାୟକ, ବିଭୁଦେନ୍ଦୁ ପଣ୍ଡା, ଭବାନୀ ପ୍ରସାଦ ଓଝା, ମନିନ୍ଦ୍ର ରଥ, ଗଣେଶ୍ୱର ବେହେରା, ବ୍ଲକ ଯୁବ ବିଜେଡ଼ି ସଭାପତି ଗୋଲଖ ସାହୁ, ଦେବରାଜ ମହାପାତ୍ର, ସରଳରେଖା ଦାସ, ନରସିଂହପୁର ସରପଞ୍ଚ ସୁଧିର ଖଟୁଆ, ମୁକୁନ୍ଦପୁର ସରପଞ୍ଚ ମିତାରାଣୀ ମଳିକ, ଇନ୍ଦାଲୋ ସରପଞ୍ଚ ଜ୍ୟୋସ୍ନାମୟୀ ବେହେରା, ଛୋଟି ସରପଞ୍ଚ ରଜନୀ ମଳିକ, ଗୋଲରାହାଟ ସରଂପଚ କାଶିନାଥ କାଣ୍ଡି, ଗୁଆଲସିଂ ସରପଞ୍ଚ ମଧୁସ୍ମିତା ଦାସ, ଦାନପୁର ସମିତିସଭ୍ୟା ପ୍ରିୟତମା ଦାଶ, ଚାନ୍ଦୋଳ ସମିତିସଭ୍ୟା ମଞ୍ଜୁଲତା ମିଶ୍ର, ପଲେଇ ସମିତିସଭ୍ୟା ତୃପ୍ତିମୟୀ ଜେନା, ଖମୋଳ ସମିତିସଭ୍ୟ ଅକ୍ଷୟ ନାୟକ, ଚାଟରାଚକଡ଼ା ସମିତିସଭ୍ୟ ନିରନ କର, ଦିଲ୍ଲିପ ଦାସ, ପ୍ରବୀର ସିଂ, ଶିଶିର ସାମଲ, ସୁରେନ୍ଦ୍ର ମଳିକ, ଯୋଗାନନ୍ଦ ମହାନ୍ତି, ଜୟନ୍ତ ଶତପଥି, ଅମୃତରାଜ ବେହେରା ପ୍ରମୁଖ ସହଯୋଗ କରିଥିଲେ । ୨୬ଟି ପଞ୍ଚାୟତରୁ ହଜାର ହଜାର ବିଜେଡ଼ି କର୍ମୀ ଯୋଗ ଦେଇଥିଲେ । ଶେଷରେ ପଲେଇ ସରପଞ୍ଚ ଅକ୍ଷୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୋଷ୍ଟାଲ୍ ବାଲଟ୍ ମତଦାନ ଉପରେ ଦିନିକିଆ ପ୍ରଶିକ୍ଷଣ




**କେନ୍ଦ୍ରାପଡା,୨୬।୪(ସମିସ):** ନିର୍ବାଚନ ସମୟରେ ପୋଷ୍ଟାଲ୍ ବାଲଟ୍ ମତଦାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ମହତ୍ୱପୂର୍ଣ୍ଣ ଅଂଶକୁ ଦକ୍ଷତାର ସହ ପରିଚାଳନା କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଏକ ଦିନିକିଆ ପ୍ରଶିକ୍ଷଣ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତିକରଣ ଓ ସମସ୍ତଙ୍କ ପାଇଁ ଉପଲବ୍ଧତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଭାରତର ନିର୍ବାଚନ ଆୟୋଗଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ପୋଷ୍ଟାଲ୍ ବାଲଟ୍ ।

ସୂଚନାଯୋଗ୍ୟ, ସମସ୍ତ ସରକାରୀ କର୍ମଚାରୀ, ପୋଲିସ୍ ସେବା, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ ସେବା ଆଦି ଜରୁରୀକାଳିନ ସେବାରେ ଥିବା ବ୍ୟକ୍ତି, ଡ୍ରାଇଭର, କଣ୍ଡକ୍ଟର, ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପ୍ରାଧିକୃତ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ନିଜ ନିର୍ବାଚନ ମଣ୍ଡଳୀଠାରୁ ଦୂରରେ ଥିବା ଗଣମାଧ୍ୟମ ପ୍ରତିନିଧି, ୮୫ ବର୍ଷ ବୟସରୁ ଅଧିକ ବୟସ୍କ ବ୍ୟକ୍ତି, ୪୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ଏହି ସୁବିଧା ପାଇପାରିବେ । ପୋଷ୍ଟାଲ ବାଲଟ୍ ପାଇଁ ଯୋଗ୍ୟ ବ୍ୟକ୍ତି ଫର୍ମ-୧୨/ ଫର୍ମ ୧୨- 'ଘ'ଦ୍ୱାରା ଏହି ପୋଷ୍ଟାଲ ବାଲାଟ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଇପାରିବେ । ଅତ୍ୟାବଶ୍ୟକୀୟ ସେବାରେ ଥିବା କର୍ମଚାରୀମାନେ ହୋମ୍ ଭୋଟିଂ ଦ୍ୱାରା ମତଦାନ କରିପାରିବେ । ମତଦାତାଙ୍କ ପ୍ରତି ସ୍ୱତନ୍ତ୍ର ଯତ୍ନବାନ ହୋଇ ନିର୍ବାଚନର ଏହି ମହାପର୍ବରେ ସମସ୍ତେ ଦାୟିତ୍ୱର ସହ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟରେ ନିୟୋଜିତ ବୁଥ୍ ଲେଭୁଲ୍ ଅଫିସରମାନେ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରି ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ଫର୍ମ ଦାଖଲ କରିବାକୁ କୁହାଯାଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, କେନ୍ଦ୍ରାପଡା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବିନ୍ଦ୍ର କୁମାର ପ୍ରଧାନ, ମହାକାଳପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା ଯୋଗ ଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସମସ୍ତ ଆସିଷ୍ଟାଣ୍ଟ ରିଟର୍ଣ୍ଣିଂ ଅଫିସର, ତହସିଲଦାର, ବିଡିଓ, ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର, ପୋଷ୍ଟାଲ ବାଲଟ୍‌ର ନୋଡାଲ ଅଫିସରମାନେ ଏହି ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ ।

## ପାରା କ୍ରୀଡ଼ାବିତ୍‌ଙ୍କୁ ମୋଟରାଇଜ୍ ହୁଇଲ୍ ଚେୟାର ପ୍ରଦାନ

**କେନ୍ଦ୍ରାପଡ଼ା,୨୬।୪(ସମିସ):** ମହାକାଳପଡ଼ାର ଚଳନ ଶକ୍ତି ବାଧକ ପାରା କ୍ରୀଡାବିତ୍ ପ୍ରଶାନ୍ତ କୁମାର ନାୟକଙ୍କୁ ମାଡ୍ରାସ ଆଇଆଇଟି ଦ୍ୱାରା ବିକଶିତ ଅତ୍ୟାଧୁନିକ ନିଉମୋସନ ମୋଟର ରାଇଜ ହୁଇଲ ଚେୟାର ଜିଲ୍ଲାରେ ଭିନ୍ନକ୍ଷମଙ୍କ ପାଇଁ କାର୍ଯ୍ୟରତ ପୁନର୍ବାସ ତରଫରୁ ପ୍ରଦାନ କରାଯାଇଛି । ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଶିଷ୍ଟ କଥାକାର ଡକ୍ଟର ବିରଜା ରାଉତରାୟଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ନନ୍ଦ କିଶୋର ପରିଡା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ରୁପାଲି ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ଉପସ୍ଥିତ ରହି ଏହା ପ୍ରଦାନ କରିଥିଲେ । ଅନୁଷ୍ଠାନର ନିଜସ୍ୱ ପାଣ୍ଠିରୁ ପ୍ରଦାନ କରାଯାଇଥିବା ଏହି ଅତ୍ୟାଧୁନିକ ନିଉମୋସନ ମୋଟର ହୁଇଲ ଚେୟର ଦ୍ୱାରା ପ୍ରଶାନ୍ତ ନାୟକଙ୍କ କ୍ରୀଡା ଓ ବୃତ୍ତିଗତ ଜୀବନ ଅଧିକ ସୁଗମ ହୋଇପାରିବ ବୋଲି ମତ ରଖିବା ସହ ପୁନର୍ବାରର ଏହିଭଳି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ତ୍ରିପାଠୀ,



ସଭ୍ୟା ଅମରିନ ସାହାଦତ, ଭିନ୍ନକ୍ଷମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସ, ସଭ୍ୟ ଶିବ ପ୍ରସାଦ ସାମଲ, ପ୍ରାକ୍ତନ୍ ଅଧକ୍ଷ ନିରଞ୍ଜନ ମଙ୍ଗରାଜ, କ୍ଷୀରୋଦ କର ପ୍ରମୁଖ ଉପସ୍ଥିତ ଥିଲେ । ପୁନର୍ବାସ ପକ୍ଷରୁ ବଂଶୀଧର ମହାନ୍ତି, ସଂଯୋଜକ ସଂଜୀବ କୁମାର ଜେନା, ମନୋଜ କୁମାର ମହାନ୍ତି, ଶେଷଦେବ ପ୍ରସାଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କୋଠିଛକ ଚଇତି ମେଳଣ



**ଡେରାବିଶ,୨୬।୪(ସମିସ):** ଡେରାବିଶ ବ୍ଲକ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ତିଲଙ୍ଗ ସ୍ଥିତ କୋଠିଛକରେ ଚୈତ୍ର ପୂର୍ଣ୍ଣିମା ଅବସରରେ ଚଇତି ମେଳଣ ଅନୁଷ୍ଠିତ ହୋଇଯାଇଛି । ଚୈତ୍ର ପୂର୍ଣ୍ଣମୀ ଅବସରରେ ଦୀର୍ଘ ୫୦ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏହି ମେଳଣ ଚଳିତ ବର୍ଷ ବୁଧବାର ସନ୍ଧ୍ୟାରୁ ଆରମ୍ଭ ହୋଇ ଗୁରୁବାର ପୂର୍ବାହ୍ନରେ ଶେଷ ହୋଇଥିଲା । ପ୍ରଥମେ ଗାଦିଶ୍ୱର ଭାବେ ମେଳଣ ପଡ଼ିଆରେ ତିଲଙ୍ଗ କଇଁସିରିଆର ହୃଦାନନ୍ଦ ମହାପୁରୁଷଙ୍କ ବିମାନ ପଟୁଆରରେ ଆସି ମେଳଣ ପଡ଼ିଆରେ ଉପବେଶନ କରିଥିଲେ । ପରେ ଏଣ୍ଡର, ତିଲଙ୍ଗ ରାଉତସାହି, ତିଲଙ୍ଗ କୁଣ୍ଡସାହି, କଟକ ଜିଲ୍ଲା ବାଟିପଡ଼ା ଓ ଇଟାମଣ୍ଡୁଳି ଗ୍ରାମରୁ ମୋଟି ୭ ଗୋଟି ବିମାନରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ପାରମ୍ପରିକ ବାଦ୍ୟ ଓ ଘଣ୍ଟ ସଂକୀର୍ତନ ସହ ବିଭିନ୍ନ ଦିଗରୁ ମେଳଣ ପଡ଼ିଆମଧ୍ୟକୁ ପ୍ରବେଶ କରିଥିଲେ । ସମସ୍ତ ବିମାନ ପଡ଼ିଆରେ ଉପବେଶନ କରିବା ପରେ କୋଠିଛକ ବଜାର ଶାନ୍ତି କମିଟିର କର୍ମକର୍ତ୍ତାଙ୍କ ପକ୍ଷରୁ ବିମାନରୁଢ଼ ଯୁଗଳ ମୂର୍ତ୍ତିଙ୍କୁ ଭୋଗଲାଗି କରାଯାଇଥିଲା । ମେଳଣ ନରସିଂହପୁର ସରପଞ୍ଚ ସୁଧିର ଖଟୁଆଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବା ବେଳେ ସମାଜସେବୀ ବସନ୍ତ ରାଉତ ଓ କମିଟିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

## ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର | ଥଣ୍ଡା ପାନୀୟ ଜଳ ମେସିନ୍ ଅଚଳ; ରୋଗୀ ହନ୍ତସନ୍ତ

**ରାଜକନିକା,୨୬।୪(ସମିସ):** ତହ ତହ ଖରାରେ ଶିଝୁଛି ଓଡିଶା । ଅସ୍ତବ୍ୟସ୍ତ ଜନ ଜୀବନ । ବିଶେଷ କାର୍ଯ୍ୟ ବ୍ୟତୀତ ସାଧାରଣ କାର୍ଯ୍ୟ ପାଇଁ ଖରାରେ ଘରୁ ବାହାରକୁ ବାହାରି ହେଉନାହିଁ । ସରକାରଙ୍କ ପକ୍ଷରୁ ବାରମ୍ବାର ଗଣମାଧ୍ୟମରେ ତାଗିଦ୍ ସତ୍ତ୍ୱେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖାଦେଇଛି ଥଣ୍ଡା ଜଳକଷ୍ଟ । ରାଜକନିକାର ୨୯ ପଞ୍ଚାୟତବାସୀ ନିର୍ଭର କରନ୍ତି ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ । ହେଲେ ବ୍ଲକର ଦୂର ଦୁରାନ୍ତରୁ ଏମିତିକା ଖରାରେ ରୋଗୀଙ୍କ ସହ ସମ୍ପର୍କୀୟ ମାନେ ଶହ ଶହ ସଂଖ୍ୟାରେ ଦୈନିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥାନ୍ତି । ଖରାରେ ପାଣି ଟୋପେ ପିଇବା ପାଇଁ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି ।

ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ୨ଟି ଥଣ୍ଡା ପାନୀୟ ଜଳ ମେସିନ ରଖାଯାଇଛି । ଗୋଟିକରୁ ପାଣି ବାହାରୁ ନାହିଁ ଏବଂ ଅନ୍ୟଟି ଥଣ୍ଡା ପାନୀୟ ଜଳ ମେସିନରୁ ଗତ ତିନିଦିନ ହେଲା ପାଣି ବାହାରୁ ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟ ମାନେ ପାଣି ଟୋପେ ପାଇଁ ହୀନସ୍ତା ହେଉଛନ୍ତି ବୋଲି ଅସୁବିଧାର ସମ୍ମୁଖୀନ ହେଉଥିବା ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି । ହେଲେ



ଗୋଟିଏ ଥଣ୍ଡା ପାନୀୟ ଜଳ ମେସିନ ବନା ଯାଇଥିଲେ ବି ଠିକ୍ ଭାବେ ପାଣି ବାହାରୁ ନ ଥିବା ମଧ୍ୟ ଅଭିଯୋଗ ହୋଇଛି । କେବଳ ସେତିକି ନୁହେଁ, ସ୍ୱାସ୍ଥ୍ୟ କେନ୍ଦ୍ର ବିଲ୍‌ଡିଂ ଉପରେ ପାଣି ପାଇପ୍‌ଗୁଡିକ ଫାଟି ପାଣି ନଷ୍ଟ ହେଉଥିବାର ମଧ୍ୟ ଅଭିଯୋଗ ହେଉଛି । ତୁରନ୍ତ ଏହି ଥଣ୍ଡା ପାନୀୟ ଜଳ ମେସିନକୁ ସଚଳ କରିବାକୁ ସାଧାରଣରେ ଦାବି ହୋଉଛି ।

## କେନ୍ଦ୍ରାପଡ଼ାରେ ଗଡ଼ିଲା ଭିନ୍ନକ୍ଷମ ଭୋଟର ସଚେତନତା ରଥ

**କେନ୍ଦ୍ରାପଡା,୨୬।୪(ସମିସ):** ଦିବ୍ୟାଙ୍ଗ ଭୋଟ୍‌ଦାତା ଓ ବରିଷ୍ଠ ନାଗରିକଙ୍କୁ ସଚେତନ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ (ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ) ପକ୍ଷରୁ ଗଡିଛି "ଭିନ୍ନକ୍ଷମ ଭୋଟର୍ ସଚେତନତା ରଥ।' ଏହି ରଥକୁ ଶୁକ୍ରବାର ସକାଳ ୮ଘଟିକା ସମୟରେ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପତାକା ଦେଖାଇ ଶୁଭାରମ୍ଭ କରିବା ସହ କହିଛନ୍ତି ଆମ ଜିଲ୍ଲାର ଦିବ୍ୟାଙ୍ଗ ଭାଇଭଉଣୀମାନେ ଜୁନ୍ ୧ ତାରିଖରେ ଭୋଟ ଦେଇ ସେମାନଙ୍କ ପାଇଁ ଥିବା ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରନ୍ତୁ । ଜିଲ୍ଲା ପ୍ରଶାସନ ସେମାନଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଛି । ଦିବ୍ୟାଙ୍ଗ ଓ ବୟୋବୃଦ୍ଧ ଭୋଟରଙ୍କ ନିମନ୍ତେ ପୋଷ୍ଟାଲ୍ ବାଲଟ୍ ବ୍ୟବସ୍ଥା ରହିଛି । ଘର ଠାରୁ ଭୋଟ୍‌ଦାନ କେନ୍ଦ୍ର ପର୍ଯ୍ୟନ୍ତ ପୁଣି ମତଦାନ କେନ୍ଦ୍ରରୁ ଘର ପର୍ଯ୍ୟନ୍ତ ଯିବା ଆସିବା ପାଇଁ ସକ୍ଷମ ଯାନର ବନ୍ଦୋବସ୍ତ




କରାଯାଇଛି । ସେମାନଙ୍କୁ ସହଯୋଗ କରିବାକୁ ପ୍ରତ୍ୟେକ ବୁଥରେ ରହିବେ ଜଣେ ଜଣେ ସ୍ୱେଚ୍ଛାସେବୀ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆଜିଠୁ ଗଡିଥିବା ଏହି ଦୁଇଟି ସଚେତନତା ରଥ ଆସନ୍ତା ୮ଦିନ ପର୍ଯ୍ୟନ୍ତ ସମସ୍ତ ୨୪୯ଟି ପଂଚାୟତରେ ସଚେତନତାର ବାର୍ତ୍ତା ବାଣ୍ଟିବ । ଗାଁକୁ ଗାଁ ବୁଲି ସୁଗମ ନିର୍ବାଚନ ନିମନ୍ତେ ଦିବ୍ୟାଙ୍ଗ ଭୋଟ୍‌ଦାତା ଓ ବରିଷ୍ଠ ନାଗରିକଙ୍କୁ ସଚେତନ କରାଇବ । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଜିଲ୍ଲା ପ୍ରକଳ୍ପ ସଂଯୋଜକ (ମମତା) ମନୋରଞ୍ଜନ ଦାସ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୂପାଲି ପ୍ରିୟଦର୍ଶିନୀ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ସମସ୍ତ ବ୍ଲକ୍‌ର ବିଏସ୍‌ଏସ୍‌ଓ, ଜିଲ୍ଲା କାର୍ଯ୍ୟାଳୟର ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେହୁରା, ଅଫିସ ସହାୟକ ଦେବୀପାଦ ସ୍ୱାଇଁ, ଅତିସ କୁମାର ସ୍ୱାଇଁ, କିରଣବାଳା ଚୌଧୁରୀ, ରଜନୀକାନ୍ତ ଶୁକ୍ଲା, ସଞ୍ଜୟ କୁମାର ବାରିକ, ମନୋରଞ୍ଜନ ସାହୁ, ସର୍ବେଶ୍ୱର ବାରିକ, ନାରାୟଣ ଜେନା, ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## କୋରୋ ବୁଢ଼ୀ ଜାଗୁଳେଇ ପୀଠରେ ରାମଚରିତ ମାନସ



**କେନ୍ଦ୍ରାପଡା,୨୬।୪(ସମିସ):** ଶ୍ରୀରାମ ଚରିତ ମାନସ ପ୍ରଚାର ସମିତି କୋରୋ ଆନୁକୁଲ୍ୟରେ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ସମାପିତ ହୋଇଯାଇଛି । ବ୍ୟାସ ପଣ୍ଡିତ କରୁଣାକର ପଣ୍ଡା ଓ ଶ୍ରୋତା ନୃସିଂହ ବରାଳଙ୍କ ଦ୍ୱାରା ପାରାୟଣ କରାଯାଇଥିଲା । ପ୍ରବଚକ ଭାବେ ଗଗନ ଜେନା, ଶୈଳଜା ସାମଲ, ବାବାଜି ହୃଷୀକେଶ ଦାସ, ପଣ୍ଡିତ ପ୍ରତାପ ପତି, ବାବାଜି ସତ୍ୟ ପ୍ରଜ୍ଞାନ ରାମ କଥାମୃତ ଆଲୋଚନା କରିଥିଲେ । ସାମୂହିକ ହନୁମାନ ଚାଳିଶା ପାଠ ସହ ପ୍ରତ୍ୟେକ ଦିନ ଭଜନକୀର୍ତ୍ତନ, ହରିହାଟ ଇତ୍ୟାଦିରେ ବୁଢୀଜାଗୁଳେଇ ପୀଠରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଉଛି । ପ୍ରବଚନ କାର୍ଯ୍ୟକ୍ରମ ଅମର ପ୍ରସାଦ ସଂଯୋଜନା କରିଥିଲେ । ବାନାମ୍ବର ମହାରଣା ଓ ସୁବାସ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଭୋଟଦାନ ପରେ ନାଗରିକର ଆଙ୍ଗୁଠିରେ ଲାଗୁଥିବା ଅଲିଭା କାଳି ଚିହ୍ନ ଦେଶଭକ୍ତିର ଅନନ୍ୟ ନିଦର୍ଶନ।
- ଭାରତର ପ୍ରଧାନ ବିଚାରପତି ନ୍ୟାୟମୂର୍ତ୍ତି ଡି ୱାଇ ଚନ୍ଦ୍ରଚୂଡ଼



ସକାଳ
THE SAKALA

# ଇଭିଏମ୍‌ର ବିଶ୍ୱସନୀୟତାକୁ ନେଇ ବିବାଦର ଅନ୍ତ

ଦେଶରେ ସାଧାରଣ ନିର୍ବାଚନ ସମୟରେ ଇଲେକ୍‌ଟ୍ରୋନିକ୍ସ ଭୋଟିଂ ମେସିନ୍ (ଇଭିଏମ୍) ଓ ଭିଭିପାଟ୍‌କୁ ନେଇ ଯେଉଁ ଆଇନଗତ ବିବାଦ ଦେଖାଦେଇଥିଲା ଦେଶର ସର୍ବୋଚ୍ଚ ଅଦାଲତ ତାହାର ଅବସାନ ଘଟାଇଛନ୍ତି। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଉତ୍ସବ ସାଧାରଣ ନିର୍ବାଚନ ଋତୁ ଆସିଲେ କେତେକ ସଂଶୟବାଦୀ ଏହି ଭୋଟିଂ ମେସିନ୍‌ର ବିଶ୍ୱସନୀୟତା ଏବଂ ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠାଇ ନ୍ୟାୟପାଳିକାର କବାଟ ବାଡ଼ାନ୍ତି। ଅଳ୍ପଦିନ ତଳେ ସୁପ୍ରିମକୋର୍ଟ ଇଭିଏମ୍‌ର ବିଶ୍ୱସନୀୟତା ଓ ନିରପେକ୍ଷତାକୁ କାଏମ ରଖିବା ସହିତ ସ୍ପଷ୍ଟ କରିଦେଇଥିଲେ ଯେ ତଥ୍ୟ ପ୍ରମାଣ ଅଭାବରେ କେବଳ ଅନୁମାନ ତଥା ସନ୍ଦେହରେ ଇଭିଏମ୍‌କୁ ତ୍ରୁଟିପୂର୍ଣ୍ଣ କହିହେବ ନାହିଁ। ଯେଉଁ ବ୍ୟବସ୍ଥା ମତଦାନ ଓ ଭୋଟଗଣତିର ସୁବିଧା ପାଇଁ ଦେଶରେ ବେଶ୍ କିଛି ଦିନ ଧରି ଚାଲିଛି, ତାହାକୁ ଠୋସ୍ ପ୍ରମାଣ ବିନା କେବଳ ଅନୁମାନରେ ତ୍ରୁଟିପୂର୍ଣ୍ଣ କହି ବଦଳା ଯାଇପାରିବ ନାହିଁ। ଏହା ଫଳରେ ଗୋଟିଏ ଲମ୍ବା ବିବାଦର ଅବସାନ ଘଟିବା ସହିତ ସଂଶୟବାଦୀମାନେ ନିରାଶ ହୋଇଛନ୍ତି।

ଏହି ବିବାଦକୁ ଆହୁରି ଆଗକୁ ବଢ଼ାଇବା ପାଇଁ ଇଭିଏମ୍‌ର ଭିଭିପାଟ୍ କାଗଜକୁ ଅଲଗା ଭୋଟ୍‌ବାକ୍ସରେ ପକାଇ ମଣିଷ ଦ୍ୱାରା ତାହାର ଗଣନା କରିବାକୁ ଅନେକ ପକ୍ଷ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଦାଲତ ନିର୍ବାଚନ କମିଶନ ଓ ଅନ୍ୟାନ୍ୟ ପକ୍ଷଙ୍କ ମତାମତ ଶୁଣିବା ପରେ ରାୟକୁ ସଂରକ୍ଷିତ ରଖିଥିଲେ। ନିର୍ବାଚନ କମିଶନ ସ୍ପଷ୍ଟ କରି ଦେଇଥିଲେ ଯେ ଭିଭିପାଟ୍ ସ୍ଲିପ୍ (ଯାହା ଭୋଟର ନିଜ ମନପସନ୍ଦର ପ୍ରାର୍ଥୀଙ୍କୁ ଦେଇଥିବା ଭୋଟର ପ୍ରମାଣ)କୁ ଅଲଗା ବାକ୍ସରେ ରଖି ହାତ ଗଣତି କରିବା ଦ୍ୱାରା ମତ ଗଣନା ଅଯଥା ବହୁ ବିଳମ୍ବିତ ହେବ ଏବଂ ଏହା ନିର୍ବାଚନ ପରିଚାଳନାରେ ବାଧା ସୃଷ୍ଟି କରିବ।

ଭିଭିପାଟ୍ ଉପରେ ସବୁ ପକ୍ଷଙ୍କ ମତାମତ, ଯୁକ୍ତି ଓ ତଥ୍ୟ ଶୁଣିବା ପରେ ବିଚାରପତି ସଞ୍ଜୀବ ଖନ୍ନା ଓ ଦୀପଙ୍କର ଦତ୍ତ ଯେଉଁ ରାୟ ସଂରକ୍ଷିତ ରଖିଥିଲେ, ତାହାକୁ ଗତକାଲି ସାର୍ବଜନୀନ କରିଛନ୍ତି। ଉଭୟ ବିଚାରପତି ପଡ଼ିଥିବା ଭୋଟ୍‌ର ଭିଭିପାଟ୍ ସହିତ ଶତ ପ୍ରତିଶତ ତଦାରଖ (ଭେରିଫିକେସନ) ସଂକ୍ରାନ୍ତ ପ୍ରାୟ ଶହେଟି ଆବେଦନକୁ ମିଳିତ ଭାବେ ଖାରଜ କରିଦେଇଛନ୍ତି। ଦୁଇ ବିଚାରପତି ସେମାନଙ୍କ ରାୟରେ କହିଛନ୍ତି ଯେ ଇଭିଏମ୍‌ରେ ସୁଇଚ୍ ଟିପି ଭୋଟର ନିଜର ପ୍ରାର୍ଥୀଙ୍କୁ ଭୋଟ୍ ଦେଇ ସାରିବା ପରେ ତାଙ୍କୁ ଯେଉଁ ଭିଭିପାଟର ରେକର୍ଡ ରହୁଛି, ତାହାକୁ ନିର୍ବାଚନ କମିଶନ ସର୍ବାଧିକ ୪୫ ଦିନ ପର୍ଯ୍ୟନ୍ତ ସଂରକ୍ଷିତ ରଖିପାରିବେ। ଏହି ନିର୍ଦ୍ଧାରିତ ସମୟସୀମା ପରେ ଏହା ବିଚାରକୁ ନିଆଯିବ ନାହିଁ। ଏହି ରାୟର ଅର୍ଥ ହେଲା ସଂଶୟବାଦୀଙ୍କ ଆବେଦନ ଅନୁସାରେ ଭିଭିପାଟର ସ୍ୱତନ୍ତ୍ର ଗଣନା ହେବ ନାହିଁ ଏବଂ ଫଳାଫଳ ଜାଣିବାକୁ ଇଭିଏମ୍‌ରେ ରେକର୍ଡିଂ କରାଯାଇଥିବା ଭୋଟ ସଂଖ୍ୟା ହିଁ ଚୂଡ଼ାନ୍ତ ବୋଲି ଧରାଯିବ। ତେଣୁ ଯଦି ନିର୍ବାଚନର ଫଳାଫଳ ନେଇ କାହାର କିଛି ସନ୍ଦେହ ଥାଏ, ତା'ହେଲେ ଫଳ ପ୍ରକାଶର ୪୫ଦିନ ଭିତରେ ଭିଭିପାଟକୁ ପ୍ରମାଣ ଭାବେ ଗ୍ରହଣ କରାଯିବ। ଏହି ରାୟ ଦେଇ ବିଚାରପତି ଦ୍ୱୟ ଯଥୋଚିତ ନ୍ୟାୟ ଦେଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ ବଡ଼ କଥା ହେଉଛି ପୁରୁଣା, ଜଟିଳ ଓ ସମୟସାପେକ୍ଷ ଭୋଟିଂ ତଥା ଗଣନା ବ୍ୟବସ୍ଥା ପରିବର୍ତ୍ତେ ନୂଆ ପ୍ରଗତିଶୀଳ ଇଭିଏମ୍ ବ୍ୟବସ୍ଥାର ପ୍ରବର୍ତ୍ତନକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି।

ଗୋଟିଏ ଉନ୍ନତ ବ୍ୟବସ୍ଥାର ପ୍ରବର୍ତ୍ତନ ସର୍ବଦା ସ୍ୱାଗତଯୋଗ୍ୟ। ଏଥିରେ କୌଣସି ବ୍ୟତିକ୍ରମ ଥିଲେ ତାହାର ସଂଶୋଧନ କରାଯିବା ଆବଶ୍ୟକ। ତ୍ରୁଟିର ପ୍ରମାଣ ନ ଦର୍ଶାଇ ଇଭିଏମ୍ ଭଳି ଏକ ଉନ୍ନତ ଭୋଟିଂ ବ୍ୟବସ୍ଥାକୁ କେବଳ ସନ୍ଦେହରେ ରଦ୍ଦ କରିବା କେବେ ଗ୍ରହଣୀୟ ନୁହେଁ। ତେଣୁ ଇଭିଏମ୍ ଉପରେ ବିଶ୍ୱାସ ରଖିବା ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟ ମନ୍ତବ୍ୟ ଦେଇଥିଲେ। ଆମ ବିଚାରରେ ସୁପ୍ରିମକୋର୍ଟଙ୍କ ଏହି ରାୟ ଫଳରେ ଇଭିଏମ୍‌ର ବିଶ୍ୱସନୀୟତା ଓ ନିରପେକ୍ଷତା ନେଇ ସବୁ ବିବାଦର ସମାଧାନ ଆପାତତଃ ସବୁଦିନ ପାଇଁ ଘଟିଛି। 'ଭୋଟରେ ନିଜେ ଜିତିଲେ ଇଭିଏମ୍ ବ୍ୟବସ୍ଥା ଠିକ୍, ଅଥଚ ନିଜେ ଭୋଟରେ ହାରିଲେ ଇଭିଏମ୍ ମେସିନ୍ ତ୍ରୁଟିପୂର୍ଣ୍ଣ'- ଏଭଳି ଭାବନା ଏକ ରୁଗ୍ଣ ମାନସିକତାର ପରିଚୟ ଦିଏ। ଏଥିରେ ସ୍ୱାର୍ଥପର ଓ ସନ୍ଦେହୀ ଚିନ୍ତାଧାରା ଅଧିକ ଥାଏ।

ବିଚାରପତି ଦ୍ୱୟ ଏହି ପ୍ରସଙ୍ଗରେ ଯାହା କହିଛନ୍ତି ତାହା ମଧ୍ୟ ପ୍ରଣିଧାନଯୋଗ୍ୟ। ଉଭୟ କହିଛନ୍ତି, 'ଇଭିଏମ୍‌ର ବିଶ୍ୱସନୀୟତା ଘେନି କେବଳ ସନ୍ଦେହ ଭିତ୍ତିରେ ସର୍ବୋଚ୍ଚ ଅଦାଲତ ଦେଶର ନିର୍ବାଚନକୁ ନିୟନ୍ତ୍ରଣ କରିପାରିବେ ନାହିଁ କିମ୍ବା କର୍ତ୍ତୃପକ୍ଷଙ୍କୁ କୌଣସି ନିର୍ଦ୍ଦେଶ ଦେଇପାରିବେ ନାହିଁ।' ଦେଶର ନିର୍ବାଚନ କମିଶନ ଏକ ସ୍ୱାଧୀନ ଓ ସାମ୍ବିଧାନିକ ସଂସ୍ଥା। ଥରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଗଲେ ତାହାକୁ ରୋକିବା ଆଇନତଃ ଅସମ୍ଭବ। ତେଣୁ ଦେଶର ସ୍ୱାଧୀନ ସାମ୍ବିଧାନିକ ସଂସ୍ଥା ନିର୍ବାଚନ କମିଶନର କାମରେ କୌଣସି ପ୍ରକାର ଅଯଥା ହସ୍ତକ୍ଷେପ ଏବଂ ସଂସଦରେ ପ୍ରଣୀତ ଆଇନ ଅନୁସାରେ ବ୍ୟବହୃତ 'ଇଭିଏମ୍'ର ବିଶ୍ୱସନୀୟତାକୁ ସନ୍ଦେହ କରି ତାହାକୁ ବ୍ୟବହାରରୁ ହଟାଇବାର ପ୍ରୟାସ ଅନୁଚିତ।

ସର୍ବୋଚ୍ଚ ନ୍ୟାୟାଳୟ ଗଣତନ୍ତ୍ରର କେବଳ ରକ୍ଷାକର୍ତ୍ତା ନୁହେଁ, ଏହା ମଧ୍ୟ ଭାରତୀୟ ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରି ଉଲ୍ଲେଖନୀୟ ପରମ୍ପରା ସୃଷ୍ଟି କରିଛି। ଯେଉଁଠି ତ୍ରୁଟି ବା ବ୍ୟତିକ୍ରମ ଘଟୁଥିବାର ଅନୁଭବ ହେଉଛି, ତାହାର ଉପଯୁକ୍ତ ଅନୁସନ୍ଧାନ କରି ତଥ୍ୟ ପ୍ରମାଣ ଉପସ୍ଥାପନ କରାଯାଉ। ତାହା ନ କରି କେବଳ ସନ୍ଦେହରେ ଗୋଟିଏ ନିୟମ, ବ୍ୟବସ୍ଥା ଓ ଯନ୍ତ୍ରକୁ ତ୍ରୁଟିପୂର୍ଣ୍ଣ, ଅବିଶ୍ୱସନୀୟ କହିବା ଅନୁଚିତ। ଆମେ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରୁଛୁ ଓ ଆଶା କରୁଛୁ ଯେ ଏହି ଇଭିଏମ୍, ଭିଭିପାଟ ବିବାଦର ସମାଧାନ ସବୁଦିନ ପାଇଁ ଘଟିଲା।

# ଜାତିପ୍ରାଣ ମଧୁବାବୁ



ଦେବେନ୍ଦ୍ର ନାଥ ରାଉତ
ନୂଆଦିଲ୍ଲୀ, ମୋ: ୯୩୫୦୨୭୩୭୦

ପୁରାଣ ବା ଇତିହାସ ପୃଷ୍ଠାକୁ ଅନୁଧ୍ୟାନ କଲେ ଓଡ଼ିଆ ଜାତିର ଅସ୍ତିତ୍ୱ ସର୍ବତ୍ର ଅନୁଭୂତ ହୁଏ। ଏକ ଐତିହାସିକ ଜାତି, ଯାହାର ଭାଷା ଦୁଇହଜାର ବର୍ଷରୁ ଅଧିକ ପ୍ରାଚୀନ, ଯାହାର କଳା ସଂସ୍କୃତି ବିଶ୍ୱର ଅନେକ ସଭ୍ୟତାକୁ ଅନୁପ୍ରାଣିତ କରିବାର ଦେଖିବାକୁ ମିଳେ, ଯାହାର ଅଧିବାସୀ ବିଶ୍ୱର ବିଭିନ୍ନ କୋଣରେ ନୌବାଣିଜ୍ୟ କରି ନିଜ ଜାତିର ବିଜୟ ବୈଜୟନ୍ତୀ ଉଡ଼ାଉଥିଲେ, ସେହି ଜାତିର ଅସ୍ତିତ୍ୱକୁ ନିଶ୍ଚିହ୍ନ କରିବା ପାଇଁ ୧୮୦୩ ମସିହାରୁ ୧୯୦୩ ମସିହା ମଧ୍ୟରେ ଏହାର ଭୂଭାଗକୁ କେନ୍ଦ୍ରୀୟ ପ୍ରୋଭିନସ, ମାଡ୍ରାସ ପ୍ରୋଭିନସ, ବେଙ୍ଗଲ ପ୍ରୋଭିନସ, ବିହାର ପ୍ରୋଭିନସରେ ଭାଗଭାଗ କରାଇବା ପାଇଁ ଏକ ଷଡ଼ଯନ୍ତ୍ର କରାଯାଇଥିଲା। ଏହାଦ୍ୱାରା ଏକ ସ୍ୱାଭିମାନୀ ଜାତି ନିଜର ପରିଚୟ ହରାଇଥିଲା। ଏମିତ ଏକ ଦୁଃସମୟରେ ଜଣେ ପ୍ରଚଣ୍ଡ ସ୍ୱାଭିମାନୀ ମଣିଷ ନିଜ ଜୀବନ କାଳର ସମ୍ପୂର୍ଣ୍ଣ ଆୟୁଷ ଓ ସର୍ବସ୍ୱ ସମର୍ପଣ କରି ଏହି ଜାତିର ପରିଚୟ ଫେରାଇ ଆଣିବାରେ ସମର୍ଥ ହୋଇଥିଲେ। ସେହି ମହାନ ଜାତିପ୍ରେମୀ ଓଡ଼ିଆ ଜାତିର ଭଗୀରଥ ଅଟନ୍ତି ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନ ଦାସ। ତାଙ୍କ ଅଧିନାୟକତ୍ୱରେ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି 'ଓଡ଼ିଶା' ପ୍ରଦେଶ ଗଠନ ପାଇଁ ବିରାମହୀନ ସଂଗ୍ରାମ ଓ ୧୯୩୬ ମସିହାରେ ଓଡ଼ିଶା ପ୍ରଦେଶର ଗଠନ ହେଉଛି ଏକ ଯୁଗାନ୍ତକାରୀ ଘଟଣା।

ସ୍ୱତନ୍ତ୍ର ଓଡ଼ିଶାର ପ୍ରତିଷ୍ଠାତା ରୂପେ ସମଗ୍ର ଓଡ଼ିଶାର ଭୂଖଣ୍ଡ ହେଉଛି ମଧୁସୂଦନଙ୍କର ଓଡ଼ିଆ ଜାତି ପ୍ରତି ପ୍ରତିଶ୍ରୁତିବଦ୍ଧତାର ଦାନ। ଏହି ଯୁଗାନ୍ତକାରୀ ଦେଶ-ମିଶ୍ରଣ ସଂଗ୍ରାମରେ ତାଙ୍କ ଅଧିନାୟକତ୍ୱରେ ଯେଉଁ ମହାମନୀଷୀମାନେ ସମର୍ପିତ ଭାବରେ ନିଜକୁ ଉତ୍ସର୍ଗ କରିଥିଲେ ସେମାନଙ୍କ ମଧ୍ୟରେ ଗୌରୀଶଙ୍କର ରାୟ, ବ୍ରଜ ସୁନ୍ଦର ଦାସ, ଭୁବନାନନ୍ଦ ଦାସ, ରାମଶଙ୍କର ରାୟ, ସ୍ୱାମୀ ବିଚିତ୍ରାନନ୍ଦ ଦାସ, ଲକ୍ଷ୍ମୀଧର ମହାନ୍ତି, ବ୍ରଜବନ୍ଧୁ ଦାସ, ଲେଖକମାନଙ୍କ ମଧ୍ୟରୁ ରାଧାନାଥ ରାୟ, ଫକୀରମୋହନ ସେନାପତି, ମଧୁସୂଦନ ରାଓ, ନନ୍ଦକିଶୋର ବଳ, ଗଙ୍ଗାଧର ମେହେର, ବିଚ୍ଛନ୍ଦାଚରଣ ପଟ୍ଟନାୟକ, ଆର୍ତ୍ତବଲ୍ଲଭ ମହାନ୍ତି, ପଶ୍ଚିମ ଓଡ଼ିଶାରୁ ଧରଣୀଧର ମିଶ୍ର, ବ୍ରଜମୋହନ ପଟ୍ଟନାୟକ, ମଦନ ମୋହନ ମିଶ୍ର, ମଦନ ବିହାରୀ ଦାସ, ଶ୍ରୀପତି ମିଶ୍ର ପ୍ରମୁଖ, ଖରସୁଆଁରୁ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ଦକ୍ଷିଣ ଓଡ଼ିଶାରୁ ଶଶିଭୂଷଣ ରଥ, ନରସିଂହ ଦାସ, ନିରଞ୍ଜନ ପଟ୍ଟନାୟକ, ହରିହର ପଣ୍ଡା, ସତ୍ୟବାଦୀରୁ ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର ପ୍ରମୁଖ ଅଟନ୍ତି।

ସେ ଓଡ଼ିଶାର ପଲ୍ଲୀ ଅର୍ଥନୀତିର ପଟ୍ଟଭୂମିରେ ଜନ୍ମଗ୍ରହଣ କରି ତାଙ୍କର ପ୍ରଖର ବୁଦ୍ଧିମତ୍ତା ଓ



ଅନୁସନ୍ଧିତ୍ସା ଦ୍ୱାରା ବାଲ୍ୟକାଳରୁ ଓଡ଼ିଶାର କୃଷି ଓ ଗ୍ରାମ୍ୟଶିଳ୍ପର ଉତ୍ପାଦନ ପ୍ରକ୍ରିୟା ସହ ଘନିଷ୍ଠ ଭାବେ ନିଜକୁ ଜଡ଼ିତ କରିଥିଲେ। ଓଡ଼ିଶାର ଦୁର୍ବଳ ଅର୍ଥନୀତିର ମୌଳିକ ସମସ୍ୟାଗୁଡ଼ିକୁ ଅତି ଗଭୀର ଭାବରେ ଅନୁଧ୍ୟାନ କରି ଏହି ଜାତିର ସାମଗ୍ରିକ ଉନ୍ନତି ପାଇଁ ପ୍ରତ୍ୟେକ ଓଡ଼ିଆ ଏକ ହେବା ଏବଂ କୋଟିଏ ପ୍ରାଣରେ ଗୋଟିଏ ସ୍ୱରର ପ୍ରତିଧ୍ୱନିତ କରାଇବାର ଦୁର୍ବାର ପ୍ରୟାସ କରି ସେଥିରେ ସଫଳ ହେବା ତାଙ୍କ ବିରଳ ମାଟିମନସ୍କତାର ପ୍ରମାଣ ଦିଏ।

ଓଡ଼ିଆ ଭାଷାର ଅସ୍ତିତ୍ୱ ବଜାୟ ରଖିବା ପାଇଁ ତାଙ୍କ ମନ ଓ ହୃଦୟର ପ୍ରତ୍ୟେକ ତନ୍ତ୍ରୀ ସମର୍ପିତ ଥିଲା। ଇଂରେଜ ସରକାର ଦ୍ୱାରା ସମ୍ବଲପୁରରେ ଓଡ଼ିଆ ଭାଷା ଉଚ୍ଛେଦର ଘୋଷଣାନାମା ପରେ ମଧୁସୂଦନ ୧୮୯୫ ର ଫେବୃୟାରୀରୁ ମଇ ମାସ ମଧ୍ୟରେ ପ୍ରାୟ ପ୍ରତିପକ୍ଷରେ 'ମଧ୍ୟପ୍ରଦେଶରୁ ଓଡ଼ିଆ ଭାଷାର ନିର୍ବାସନ' ଶୀର୍ଷକ ଆଠଗୋଟି ଭାଷା ସମ୍ପର୍କିତ ନିବନ୍ଧ ଇଂରାଜୀ ଭାଷାରେ 'ଏନ୍ ଓରିଆ' ଲେଖକୀୟ ନାମରେ 'ଉତ୍କଳ ଦୀପିକା'ରେ ପ୍ରକାଶ କରି ବ୍ରିଟିଶ ପ୍ରସାଶନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ଅନ୍ତିମ ଲେଖାରେ ବ୍ରିଟିଶ ସରକାରକୁ ଆକ୍ଷେପ କରି ସେ ଲେଖିଥିଲେ, 'ମାତୃଭାଷାର କଣ୍ଠରୋଧ କରିବା ଭଳି ଜଘନ୍ୟ ଅପରାଧ ବର୍ବରତମ ପ୍ରଶାସନରେ ମଧ୍ୟ ଦୃଷ୍ଟିଗୋଚର ହୁଏ ନାହିଁ।' ଏଥିରୁ ମାତୃଭାଷାର ସୁରକ୍ଷା ପ୍ରତି ସେ କେତେ ସମର୍ପିତ ଓ ନିର୍ଭୀକ ଥିଲେ ତାହା ପ୍ରମାଣ ଦିଏ। 'ଏନ୍ ଓରିଆ'ର ଲେଖକୀୟ ନାମରେ 'ଅଭିନୀତ ନାଟକର ପର୍ଯ୍ୟାଲୋଚନା', 'ୟୁରୋପ ଭ୍ରମଣ ଡାଏରୀ', 'କର୍ଜନଙ୍କର ଓଡ଼ିଶା ପରିଦର୍ଶନ', 'ଚାଷୀର କଷଣ ଶିଳ୍ପୀର ଦୈନ୍ୟ', 'ଉତ୍କଳ ସମ୍ମିଳନୀ ଓଡ଼ିଶାର ଅନ୍ତର୍ନିହିତ ସ୍ୱାର୍ଥ ତଥା ପ୍ରଶାସନର ଅତ୍ୟାଚାର' ସମ୍ପର୍କରେ ପ୍ରକାଶିତ କରି ଓଡ଼ିଶାର ଗରିମାମୟ ମହତ୍ୱକୁ ସଗର୍ବେ ଉପସ୍ଥାପନ କରିଥିଲେ। ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଅଧିବେଶନରେ ଗୃହୀତ ପ୍ରସ୍ତାବବଳୀ ସର୍ବପ୍ରଥମେ ଓଡ଼ିଆ ଭାଷାରେ ଗ୍ରହଣ କରି ବଙ୍ଗ ଆଦି ଭାରତର ବହୁ ପ୍ରଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲେ। ମଧୁସୂଦନ ପ୍ରଗାଢ଼ ଜାତିପ୍ରୀତି ଆଧାରରେ ଯେଉଁ ଭାବୋଦ୍ଦୀପକ ଲେଖା, ନିବନ୍ଧ, ବକ୍ତୃତା ଏବଂ କବିତାମାନ ରଚନା କରିଛନ୍ତି, ତାହା ଓଡ଼ିଆ ସାହିତ୍ୟକୁ ଚିରଦିନ ପାଇଁ ଋଦ୍ଧିମନ୍ତ କରିଛି।

ମଧୁସୂଦନଙ୍କ ମାତୃଭାଷା ପ୍ରତି ବିରଳ ପ୍ରତିଶ୍ରୁତିବଦ୍ଧତା ଓ ସମର୍ପଣ ଭାବରେ ପ୍ରଭାବିତ ହୋଇ ମହାତ୍ମା ଗାନ୍ଧୀ ୧୯୨୫ ମସିହାରେ କଟକଠାରେ କହିଥିଲେ, 'ଜଣେ ବ୍ୟକ୍ତି ମାତୃଭାଷାକୁ ପରିତ୍ୟାଗ କରି ଯଦି ଅନ୍ୟ ଏକ ଭାଷାକୁ ଗ୍ରହଣ କରେ, ସେ ନିଶ୍ଚିତରେ ତାହାର ସମାଜ ଆଉ ସଂସ୍କୃତି ପ୍ରତି ବୈର ଭାବ ଯୋଗୁଁ ଏହା କରିଥାଏ। ଆଉ ପରିଣାମରେ ହୋଇଥାଏ ସମାଜରୁ ବିଚ୍ଛିନ୍ନ। ସମାଜରୁ ବିଚ୍ଛିନ୍ନ ହେବା ଏକ ଭାବଗତ ବିରୋଧୀ କାର୍ଯ୍ୟ। ଏଣୁ ଅନ୍ୟ ଅର୍ଥରେ ମାତୃଭାଷାର ନିର୍ବାସନ ପ୍ରକୃତରେ ଏକ ଭାବଗତ ଦ୍ରୋହୀ କାର୍ଯ୍ୟକ୍ରମ ଅଟେ।'

ମଧୁସୂଦନ ଶୈଶବରୁ ଓଡ଼ିଆ ଅସ୍ମିତାର ସ୍ୱର ଶୁଣିଥିଲେ ଓଡ଼ିଆ ଭାଷାର କାବ୍ୟ ସମ୍ଭାର ମଧ୍ୟରେ। ଓଡ଼ିଆ ସାହିତ୍ୟର ଆଦ୍ୟ ଉତ୍ସରୁ ପ୍ରବାହିତ ଜାତିପ୍ରେମର ଅମୃତ ଧାରାକୁ ପାନ କରି ଋଦ୍ଧିମନ୍ତ ହୋଇଥିଲା ତାଙ୍କ କୈଶୋର ସୁଲଭ ପ୍ରାଣ। ସେ ସମ୍ପର୍କରେ ତାଙ୍କର ଏକାନ୍ତ ସ୍ୱୀକାରୋକ୍ତି ଥିଲା - 'ପିଲାଦିନେ କୋଇଲି ଗୋପୀଭାଷା ପଢ଼ିଥିଲି। ମୋର ମାଆଙ୍କୁ ଖୁସି କରାଇବା ପାଇଁ ବଳରାମ ଦାସଙ୍କ ରାମାୟଣ, ସାରଳା ଦାସଙ୍କ ମହାଭାରତ, ଜଗନ୍ନାଥ ଦାସଙ୍କ ଭାଗବତ ପୋଥିରୁ ପଢ଼ି ଶୁଣାଉଥିଲି। ଉପେନ୍ଦ୍ର ଭଞ୍ଜଙ୍କର ବୈଦେହୀଶ ବିଳାସ, ଲାବଣ୍ୟବତୀ, ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ବିଦଗ୍ଧ ଚିନ୍ତାମଣି, ଦୀନକୃଷ୍ଣ ଦାସଙ୍କ ରସକଲ୍ଲୋଳ ଉପର ଠାଉରିଆ ଭାବେ ପଢ଼ିଥିଲି।' ବାସ୍ତବରେ ମଧୁସୂଦନ ଏହି ସବୁ ଅମୂଲ୍ୟ ଗ୍ରନ୍ଥକୁ ଅତ୍ୟନ୍ତ ପ୍ରଗାଢ଼ ମନୋନିବେଶ ସହିତ ଅଧ୍ୟୟନ କରିଥିଲେ ଯଦ୍ୱାରା ବହୁ ଛାନ୍ଦ ତାଙ୍କର କଣ୍ଠସ୍ଥ ଥିଲା। ଏ ସମ୍ପର୍କରେ ଭାଷାବିତ୍ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଗଭୀର ଅଭିବ୍ୟକ୍ତି ଥିଲା - 'ହେ ମଧୁସୂଦନ! ତୁମେ ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ଆଦିଙ୍କର ବଡ଼ବଡ଼ ଛାନ୍ଦମାନ ମୁହଁରେ ନଚ୍ଛୁଣ୍ଟି ଆବୃତ୍ତି କରିଥିବା ଯେ ଶୁଣିଛନ୍ତି, କବିସୂର୍ଯ୍ୟ, ବନମାଳୀ ଆଦିଙ୍କର ସଙ୍ଗୀତ ବୋଲିବାର ଯେ ଶୁଣିଛନ୍ତି, ତୁମ ବକ୍ତୃତା ଯେ ଶୁଣିଛି ସେ ଜାଣେ ଯେ, ତୁମେ ଉଚ୍ଚଶ୍ରେଣୀର ସାହିତ୍ୟାନୁରାଗୀ ଓ ସାହିତ୍ୟସେବୀ ଥିଲ।'

ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ତାଙ୍କର ଏକମାତ୍ର ପରିଚୟ ଥିଲା 'ଓଡ଼ିଆ' ଆଉ 'ଓଡ଼ିଆ'। ସେ ଥିଲେ ସର୍ବକାଳୀନ ସର୍ବଶ୍ରେଷ୍ଠ ଓଡ଼ିଆ। ସମଗ୍ର ଓଡ଼ିଶା ପ୍ରଦେଶ ହିଁ ହେଉଛି ମଧୁବାବୁଙ୍କର ସିଦ୍ଧି ଆଉ ଉପଲବ୍ଧି। ସେ ଥିଲେ ନବ ଓଡ଼ିଶାର ନିର୍ମାତା। ତାଙ୍କର ବିହୁନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପରିକଳ୍ପନା ଥିଲା ଅଚିନ୍ତନୀୟ। ତାଙ୍କର ଚିନ୍ତା, ଚେତନା, ଜୀବନ ଦର୍ଶନ ପ୍ରତ୍ୟେକ ଓଡ଼ିଆ ପାଇଁ ସବୁଦିନ ପ୍ରେରଣାର ଉତ୍ସ ହୋଇ ରହିବ। ସେହି ମହାନ ବ୍ୟକ୍ତିତ୍ୱକୁ ଉତ୍ତର ପିଢ଼ି ପାଖରେ ଯେତେ ପ୍ରଭାବୀ ଭାବରେ ଉପସ୍ଥାପନ କରିବା ଆମ ଜାତି ସେତେ ଅଧିକ ସମୃଦ୍ଧ ଓ ସ୍ୱାବଲମ୍ବୀ ହୋଇପାରିବ।

## ଲୋକମତ

### ଦରଦାମ ତାତି ଅସମ୍ଭାଳ

ଖରାର ପ୍ରଚଣ୍ଡ ତାତି ଓ ନିର୍ବାଚନର ତାତି। ଏ ସବୁକୁ ଟପି ଗଲାଣି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମର ତାତି। ନିର୍ବାଚନର କୋଳାହଳ ଭିତରେ ପ୍ରଶାସନର ନିୟନ୍ତ୍ରଣ ରହୁନଥିବାରୁ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଦର ଉଚ୍ଚା ହୋଇଗଲାଣି। ଖାଇବା ତେଲ, ଡାଲି, ଚିନି ସବୁ କିଛି ପ୍ରାୟ ଦଶ ଟଙ୍କା ପର୍ଯ୍ୟନ୍ତ ବଢ଼ିଗଲାଣି। ଡାଲି ଖୁଚୁରାରେ କିଲୋ ପିଛା ୧୬୦ଟଙ୍କାରେ ରହିଥିବା ବେଳେ ସନଫ୍ଲାୱାର ତେଲ ଲିଟର ୧୧୫ ଟଙ୍କାରେ ପହଞ୍ଚିଲାଣି। ଏପଟେ ଗହମ ଜାତୀୟ ସାମଗ୍ରୀ ଓ ଚାଉଳ ଦର ଅଣାୟତ୍ତ ହେବା ଯୋଗୁଁ ଏହାର ରପ୍ତାନୀ ଉପରେ କେନ୍ଦ୍ର ସରକାର କଟକଣା ଜାରି କରିଛନ୍ତି। ପିଆଜ ରପ୍ତାନୀ ଉପରେ ମଧ୍ୟ କଟକଣା ରହିଛି। ପରିବା ଦର ନିୟନ୍ତ୍ରଣକୁ ଆସିନାହିଁ। ଯେଉଁସମୟରେ ଆଳୁ କିଲୋ ୧୦/୧୫ ଟଙ୍କା ହେବା କଥା ତାହା ୩୦ ଛୁଇଁଛି। ନିର୍ବାଚନ ସମୟରେ ଟଙ୍କା ଉଡୁଛି, ଚଢ଼ା ମୂଲ୍ୟ ଦେବାକୁ କାହିଁକି ପଛାଉଛ ବୋଲି ତାଚ୍ଛଲ୍ୟରେ ଓଲଟା ଦୋକାନୀ ଗ୍ରାହକମାନଙ୍କୁ ପଚାରୁଛନ୍ତି। ତେଣୁ ପ୍ରଶାସନ ଚଢ଼ଉ କରି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କଳାବଜାରୀ କରୁଥିବା ଓ ଉଚ୍ଚ ମୂଲ୍ୟରେ ବିକ୍ରି କରୁଥିବାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଖରାଦିନେ ସାଧାରଣତଃ ପନିପରିବା କମ ରହିଥାଏ ଓ ଅନ୍ୟାନ୍ୟ ଫସଲର ଅମଳ ସେତେଟା ସୁଯୋଗ ନଥାଏ। ତେଣୁ ବ୍ୟବସାୟୀମାନେ ଉତ୍ପାଦନ କମ ରହିଛି କହି ଲୋକମାନଙ୍କଠାରୁ ଅଧିକ ମୂଲ୍ୟ ନେଉଥିଲେ ବି ପ୍ରଶାସନର ସତର୍କତା ରହିଲେ ମୂଲ୍ୟ ଉପରେ ନିୟନ୍ତ୍ରଣ ରୁହନ୍ତା।

ପୀତାମ୍ବର ରାଉତ
ନିଆଳି, ମୋ: ୯୯୩୭୭୬୨୧୮୭

### ବର୍ଜ୍ୟ ପ୍ଲାଷ୍ଟିକ୍‌ରୁ ସଡ଼କ ନିର୍ମାଣ

ଭାରତରେ ପ୍ଲାଷ୍ଟିକ୍ ବର୍ଜ୍ୟର କେବଳ ୯ ପ୍ରତିଶତ ପୁନଃବ୍ୟବହାର କରାଯାଏ ଏବଂ ୧୨ ପ୍ରତିଶତ ପୋଡ଼ି ଦିଆଯାଏ। ଅବଶିଷ୍ଟାଂଶ ବିଘଟିତ ନ ହୋଇପାରି ପରିବେଶକୁ ପ୍ରଦୂଷିତ କରିଥାଏ। ସାଧାରଣତଃ ପ୍ଲାଷ୍ଟିକ୍ ବିଘଟିତ ହେବା ପାଇଁ ୬୦୦ ରୁ ୧୦୦୦ ବର୍ଷ ଲାଗିଥାଏ। ଭାରତୀୟ ବୈଜ୍ଞାନିକ ଡ. ରାଜାଗୋପାଲାନ୍ ବାସୁଦେବନ୍ ପ୍ରଥମେ ସଡ଼କ ନିର୍ମାଣରେ ବର୍ଜ୍ୟବସ୍ତୁ ପ୍ଲାଷ୍ଟିକ୍ ବ୍ୟବହାର କରିବାର ଏକ ସ୍ଥାୟୀ ତଥା ଅଭିନବ ସୂତ୍ର ବାହାର କରିଥିଲେ। ସ୍ୱତନ୍ତ୍ର ପ୍ରକ୍ରିୟାରେ ବର୍ଜ୍ୟ ପ୍ଲାଷ୍ଟିକ୍ ସହ ଗରମ ବିଟୁମେନ୍ ଓ ଗରମ ଏଗ୍ରିଗେଟ୍‌ର ଏକ ମିଶ୍ରଣ ପ୍ରସ୍ତୁତ କରାଯାଏ, ଯାହା ପ୍ଲାଷ୍ଟିକ୍ ସଡ଼କ ନିର୍ମାଣ ପାଇଁ ବ୍ୟବହୃତ ହୁଏ। ବିଟୁମେନ୍‌ର କିଛି ପ୍ରତିଶତ ବର୍ଜ୍ୟ ପ୍ଲାଷ୍ଟିକ୍ ଭରଣ କରିଥାଏ। ସାଧାରଣତଃ, ଏକ କିଲୋମିଟର୍ ପ୍ଲାଷ୍ଟିକ୍ ସଡ଼କ ନିର୍ମାଣ ପାଇଁ ହାରାହାରି ୨ ମେଟ୍ରିକ୍ ଟନ୍ ବର୍ଜ୍ୟ ପ୍ଲାଷ୍ଟିକ୍ ବ୍ୟବହୃତ ହୁଏ। ଭାରତରେ ପ୍ରଥମ ପ୍ଲାଷ୍ଟିକ୍ ରାସ୍ତା ତାମିଲନାଡୁର କାମ୍ବାଇନାଲୁର୍‌ରେ ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପୁଣେ, ମୁମ୍ବାଇ, ସୁରଟ୍, ଇନ୍ଦୋର୍, ଦିଲ୍ଲୀ, ଲକ୍ଷ୍ନୌ, ଜାମସେଦପୁର୍, ମେଘାଳୟ, ଗୌହାଟୀ ଆଦି ଜାଗାରେ ପ୍ଲାଷ୍ଟିକ୍ ସଡ଼କ ନିର୍ମାଣ କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଦେଶରେ ପ୍ରାୟ ୩୩, ୭୦୦ କିଲୋମିଟର୍ ପ୍ଲାଷ୍ଟିକ୍ ସଡ଼କ ନିର୍ମିତ ହୋଇଛି। ଆମ ରାଜ୍ୟରେ ଦୈନିକ ହାରାହାରି ୧୧୧.୫୫ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ବାହାରିଥାଏ। ଏହି ପରିପ୍ରେକ୍ଷୀରେ, ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ବ୍ୟବହାର କରାଯାଇ ଆମ ରାଜ୍ୟରେ ପ୍ଲାଷ୍ଟିକ୍ ସଡ଼କ ନିର୍ମାଣ କରାଗଲେ ପ୍ଲାଷ୍ଟିକ୍ ବର୍ଜ୍ୟର କିଛି ଅଂଶ ସଦୁପଯୋଗ ହୋଇପାରିବ। ପ୍ଲାଷ୍ଟିକ୍ ସଡ଼କ ଜଳ ପ୍ରତିରୋଧକ ଏବଂ ପ୍ରତିକୂଳ ପାଗରେ ମଧ୍ୟ ନଷ୍ଟ ହୋଇନଥାଏ। ଏହାର ନିର୍ମାଣ ତଥା ରକ୍ଷଣାବେକ୍ଷଣ ଖର୍ଚ୍ଚ କମ୍ ହୋଇଥାଏ। ସର୍ବୋପରି, ବର୍ଜ୍ୟ ପ୍ଲାଷ୍ଟିକ୍ ଅଳିଆରୁ ଅନନ୍ୟରେ ପରିଗଣିତ ହୋଇପାରିବ।

ନବ୍‌ନିତ୍ ପାଣିଗ୍ରାହୀ
ରାୟଗଡ଼ା, ମୋ: ୯୮୬୧୧୩୮୮୩୬

### ପ୍ରଚାରରେ ରହୁ କଟକଣା

ଦିନକୁ ଦିନ ନିଆଁ ବର୍ଷୁଛି। ଦିନ ନଅଟା ପରଠୁ ପରିବେଶ ତାତିଲା ତାୱା ଆଡ଼କୁ ସତେ ଯେପରି ଠେଲି ହୋଇଯାଉଛି। ତାପମାତ୍ରାରେ ଅସହ୍ୟ ଗୁଳିଗୁଳି ରହୁଥିବାବେଳେ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବାରୁ ଅନେକ ସ୍ଥାନରେ ରାଜନୈତିକ ସଭା ସମିତି ପ୍ରଚାର, ଶୋଭାଯାତ୍ରା ବା ପ୍ରଦର୍ଶନୀ ସମ୍ଭବ ହୋଇପାରୁନି। ଦିନକୁ ଦିନ ଖରା ବଢୁଥିବାରୁ ପ୍ରଶାସନ ପକ୍ଷରୁ ବିଦ୍ୟାଳୟ ଛୁଟି ଖୁବ ଶୀଘ୍ର ହେବାକୁ ଯାଉଥିବା ବେଳେ ନିର୍ମାଣ କାର୍ଯ୍ୟର ସମୟ ସୀମା ଉପରେ କଟକଣା ଜାରି ହୋଇଛି। ବିଭିନ୍ନ ଦପ୍ତର ମଧ୍ୟ ସକାଳୁଆ ଆରମ୍ଭ ହୋଇଛି। ତେଣୁ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ ଉପରେ ନିର୍ବାଚନ ଆୟୋଗ କେତେକ କଟକଣା ଲଗାଇବା ପାଇଁ ଦାବି ହେବା ସ୍ୱାଭାବିକ। ପୂର୍ବରୁ ଓଡ଼ିଶାରେ ଅଂଶୁଘାତ ଯୋଗୁଁ ଅନେକଙ୍କର ଜୀବନ ଯାଇଛି। ଏବେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଦିନ ଦଶଟା ପରେ ତାପମାତ୍ରା ୪୦ ଡିଗ୍ରୀ ପାର କରୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ମଧ୍ୟାହ୍ନରେ ପ୍ରାୟତଃ ପ୍ରଚାର କାର୍ଯ୍ୟକ୍ରମରୁ ବିରତ ରହିବା ପାଇଁ ଏକ ପ୍ରକାର ବାଧ୍ୟ ହେଉଛନ୍ତି। ତେବେ ଏପରି ପ୍ରଚଣ୍ଡ ଖରା ସମୟରେ କୌଣସି ନିର୍ବାଚନ କାର୍ଯ୍ୟକ୍ରମ, ସଭା ସମିତି, ଶୋଭାଯାତ୍ରା ବା ପ୍ରଚାର କାର୍ଯ୍ୟକ୍ରମରେ ତୀବ୍ର ଗ୍ରୀଷ୍ମ କାରଣରୁ କୌଣସି ଲୋକଙ୍କର ଅଘଟଣରେ ଅକାଳରେ ମୃତ୍ୟୁ ଘଟିଲେ ସେମାନଙ୍କ ପାଇଁ ସମ୍ପୃକ୍ତ ଦଳ ଓ ପ୍ରାର୍ଥୀମାନଙ୍କୁ ଦାୟୀ କରାଯିବା ପାଇଁ ମଧ୍ୟ ଦାବି ଉଠୁଛି। କାରଣ ପ୍ରଚଣ୍ଡ ଖରା ମଧ୍ୟରେ ବିଭିନ୍ନ ସହର ଓ ଖୋଦ ରାଜଧାନୀରେ ମଧ୍ୟ ନିର୍ବାଚନ ସମାବେଶ, ମିଶ୍ରଣ ପର୍ବ, କର୍ମୀସମ୍ମିଳନୀ ଓ ଶୋଭାଯାତ୍ରା ଆଦି ଅନୁଷ୍ଠିତ ହେଉଛି। ପଦଯାତ୍ରାରେ ଓ ସାଇକେଲରେ କିମ୍ବା ବାଇକ ରାଲି ହେଉଛି। ଅନେକ ସ୍ଥାନରେ ଲୋକମାନେ ହେଲମେଟ ମଧ୍ୟ ଏ ପ୍ରଚଣ୍ଡ ଖରା ସତ୍ତ୍ୱେ ପିନ୍ଧୁନାହାନ୍ତି। ନିର୍ବାଚନ ଆୟୋଗ ଏହା ଉପରେ ତୁରନ୍ତ କଟକଣା ଜାରି କରିବାକୁ ଅନୁରୋଧ।

ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ
ବାଲିଗୁଡ଼ା, ମୋ: ୯୪୩୭୨୪୨୩୧୭

### ଶ୍ରୀଜଗନ୍ନାଥ ବନପ୍ରକଳ୍ପର ସମ୍ପ୍ରସାରଣକୁ ଗୁରୁତ୍ୱ

ପ୍ରତି ବର୍ଷ ପୁରୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ରଥ ନିର୍ମାଣ ପାଇଁ ପରମ୍ପରାକ୍ରମେ ନୟାଗଡ଼ ଜିଲ୍ଲାର ଦଶପଲ୍ଲା, ଗଣିଆ ଓ ଅନ୍ୟାନ୍ୟ ଜଙ୍ଗଲରୁ ବିଭିନ୍ନ ପ୍ରକାରର କାଠ ସଂଗ୍ରହ କରାଯାଏ। ଏଥିପାଇଁ ଫାସୀ ଓ ଧଉରା କାଠର ଆବଶ୍ୟକତା ସବୁଠୁ ଅଧିକ। ଭବିଷ୍ୟତର ଆବଶ୍ୟକତା ପୂରଣ ପାଇଁ ଉକ୍ତ ଜଙ୍ଗଲଗୁଡ଼ିକ ଅସମର୍ଥ ହୋଇପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ଅତୀତରେ ଉକ୍ତ ସମସ୍ୟାକୁ ଉପଲବ୍ଧି କରି ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ ଆରମ୍ଭ କରା ଯାଇଥିଲା। ତେବେ ଅଦ୍ୟାବଧି ଉକ୍ତ ପ୍ରକଳ୍ପର ସ୍ଥିତାବସ୍ଥା କ'ଣ ଜାଣିବା ସହିତ ଏହାକୁ ଅଧିକ ସମ୍ପ୍ରସାରଣ କରିବା ପାଇଁ ବିଚାର କରିବାର ସମୟ ଉପଗତ। ଏହାବ୍ୟତୀତ ବିଭିନ୍ନ ଜାଗାରେ ଥିବା ଜଗନ୍ନାଥଙ୍କ ଜମି, ଲଣ୍ଡା ପାହାଡ଼ ତଥା ପତିତ ଜମିଗୁଡ଼ିକୁ ସୁବିନିଯୋଗ କରାଯିବା ଆବଶ୍ୟକ। ସର୍ବୋପରି ଧାର୍ମିକ ଭାବନା, ପରମ୍ପରା, ସମୟର ଆହ୍ୱାନ ତଥା ଆବଶ୍ୟକତା ଆଦି ଦୃଷ୍ଟିରୁ ସହମତିରେ ରଥ କାଠଗୁଡ଼ିକୁ ପୁନର୍ବ୍ୟବହାର କରିବା ପାଇଁ ଶ୍ରୀମନ୍ଦିରର ସମସ୍ତ ପକ୍ଷ ମିଳିତ ଭାବେ ନୀତିଗତ ନିଷ୍ପତ୍ତି ନେବା ଆବଶ୍ୟକ।

ସୀତାକାନ୍ତ ତ୍ରିପାଠୀ, ଭଦ୍ରକ

### ଡ୍ରାଇଭର ଓ ନିରାପତ୍ତା ରକ୍ଷୀଙ୍କ ସୁରକ୍ଷା

ଡ୍ରାଇଭରମାନଙ୍କ ଉପରେ ଯାତ୍ରୀମାନଙ୍କ ସୁରକ୍ଷିତ ଯାତ୍ରା ନିର୍ଭର କରୁଛି। ସେହିପରି ନିରାପତ୍ତା ରକ୍ଷୀମାନେ ବ୍ୟକ୍ତି ବା ସମ୍ପତ୍ତିର ସୁରକ୍ଷାକୁ ସୁନିଶ୍ଚିତ କରିଥା'ନ୍ତି। ଏବେ ପ୍ରଚଣ୍ଡ ଗ୍ରୀଷ୍ମ ଲହରି ରାଜ୍ୟର ସବୁ ଅଞ୍ଚଳରେ ଦେଖାଦେଇଛି। ଅତି ଆବଶ୍ୟକ କାମ ନଥିଲେ ଘରୁ ନ ବାହାରିବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଉପରୋକ୍ତ ଦୁଇ ବର୍ଗର ବ୍ୟକ୍ତିମାନେ ପ୍ରତ୍ୟକ୍ଷ ଭାବେ ଖରାର ପ୍ରକୋପକୁ ସାମ୍ନା କରି ଦାୟିତ୍ୱ ନିର୍ବାହ ଓ କର୍ତ୍ତବ୍ୟ ପାଳନ କରୁଛନ୍ତି। ଏବେ କେତେକ ସ୍ଥାନରେ ଟ୍ରାଫିକ୍ କର୍ମଚାରୀଙ୍କୁ ଶୀତଳ ପ୍ରଦାନ କରୁଥିବା ହେଲ୍‌ମେଟ୍ ଯୋଗାଇ ଦିଆଯାଉଛି। ତେଣୁ ଡ୍ରାଇଭର ଓ ନିରାପତ୍ତା ରକ୍ଷୀଙ୍କ ପ୍ରତି ସମ୍ପୃକ୍ତ ବ୍ୟକ୍ତି ବା କର୍ତ୍ତୃପକ୍ଷ ଯତ୍ନବାନ ହେବା ସର୍ବାଦୌ ଆବଶ୍ୟକ।

ଅମରେଶ ମିଶ୍ର, ଭୁବନେଶ୍ୱର

### ପିଲାଙ୍କୁ ଜୁଆଖେଳରୁ ଦୂରରେ ରଖାଯାଉ

ଆଜିକାଲି ଜୁଆ ଖେଳ ବହୁଳ ଭାବରେ ଦେଖିବାକୁ ମିଳୁଛି। ଏହି ଅଭ୍ୟାସଗତ କାର୍ଯ୍ୟଟି ଜଣେ ସାଧାରଣ ନାଗରିକର ଉଦ୍‌ଭାସିତ ଭବିଷ୍ୟତକୁ ନଷ୍ଟ କରିଦିଏ। ଆଜିକାଲି ଛୋଟ ଛୋଟ ମେଳା ବା ଯାତ୍ରା ଆଦି ସମୟରେ ବ୍ୟବସାୟୀ ଭାଇମାନଙ୍କଦ୍ୱାରା ବଲ ଖେଳ, ରିଙ୍ଗ ଖେଳ ସାହାଯ୍ୟରେ ଜୁଆ ଖେଳ କରାଯାଉଅଛି। ଏହି ଖେଳକୁ ପ୍ରାପ୍ତବୟସ୍କଙ୍କ ସହିତ ଶିଶୁ ଓ କିଶୋରମାନେ ମଧ୍ୟ ଖେଳୁଥିବା ଦେଖାଯାଉଛି। ଏହାର ଭଲ-ମନ୍ଦ ଦିଗ ପ୍ରତି ଦୃଷ୍ଟି ନ ଦେଇ ଛୋଟ ଛୋଟ ପିଲାମାନଙ୍କୁ ଏଥିପ୍ରତି ଆକୃଷ୍ଟ କରାଯାଉଛି। ତେଣୁ ସେମାନଙ୍କ ଭବିଷ୍ୟତ ଏବଂ ସମାଜ ଉପରେ କୁପ୍ରଭାବ ପଡୁଛି। ଏହାର ପ୍ରତିକାର ପାଇଁ ପ୍ରଶାସନ ବିହିତ ପଦକ୍ଷେପ ନେବା ଆବଶ୍ୟକ।

ସିଦ୍ଧାର୍ଥ ଶଙ୍କର ବେହେରା
ଭଦ୍ରକ, ମୋ: ୯୯୩୮୩୩୭୨୪୬

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ୨୬୧ ବିଶ୍ୱବିଦ୍ୟାଳୟରେ ପଢ଼ିପାରିବେ ସିୟୁଇଟି-ୟୁଜି ପରୀକ୍ଷାର୍ଥୀ

ଭୁବନେଶ୍ୱର, ୨୬।୪(ସମିସ): ଚଳିତ ବର୍ଷ ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ସିୟୁଇଟି-ୟୁଜି) ମାଧ୍ୟମରେ ୨୬୧ଟି ବିଶ୍ୱବିଦ୍ୟାଳୟରେ ସ୍ନାତକ ପଢ଼ିବା ପାଇଁ ଛାତ୍ରଛାତ୍ରୀମାନେ ସୁଯୋଗ ପାଇବେ। ୨୦୨୨ ମସିହାରେ ପରୀକ୍ଷା ଆରମ୍ଭ ହେବାଠାରୁ ଏହା ସର୍ବକାଳୀନ ରେକର୍ଡ। ୨୦୨୨ରେ ମାତ୍ର ୯୦ଟି ବିଶ୍ୱବିଦ୍ୟାଳୟ ଏହି ପରୀକ୍ଷା ମାଧ୍ୟମରେ ନାମଲେଖାଉଥିଲେ। ୨୦୨୩ରେ ୨୫୦ଟି ଓ ଚଳିତ ବର୍ଷ ଅଧିକ ୧୧ଟି ବିଶ୍ୱବିଦ୍ୟାଳୟ ଏଥିରେ ସାମିଲ ହୋଇଛନ୍ତି। ସମସ୍ତ ୪୪ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମେତ ରାଜ୍ୟ ବିଶ୍ୱବିଦ୍ୟାଳୟ ଓ ଶହେରୁ ଅଧିକ ଘରୋଇ ବିଶ୍ୱବିଦ୍ୟାଳୟରେ ନାମଲେଖା ପାଇଁ ଛାତ୍ରଛାତ୍ରୀ ସୁଯୋଗ ପାଇବେ। ଦେଶର ସମସ୍ତ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟକୁ ସାମିଲ କରିବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଲକ୍ଷ୍ୟ ରଖିଛି। ଏହାଦ୍ୱାରା ସମସ୍ତ ଛାତ୍ରଛାତ୍ରୀ ନାମଲେଖା ପାଇଁ ସମାନ ସୁଯୋଗ ପାଇପାରିବେ। ଚଳିତ ବର୍ଷ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ମେ ୧୫ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଦିନକୁ ୩ଟି ସିଫ୍ଟରେ ପରୀକ୍ଷା ଦେବେ ଛାତ୍ରଛାତ୍ରୀ।

**ମେ ୧୫ରୁ ପରୀକ୍ଷା**

## କାର୍ଯ୍ୟାନୁଷ୍ଠାନ ପାଇଁ ସିଇଓଙ୍କୁ ଫେରାଦ ହେଲା ବିଜେଡି

# ପ୍ରଚାରରେ ଛୋଟ ପିଲାଙ୍କୁ ବ୍ୟବହାର କରୁଛନ୍ତି ଧର୍ମେନ୍ଦ୍ର



ଭୁବନେଶ୍ୱର, ୨୬।୪(ସମିସ): ନିୟମିତ ଭାବେ ନିର୍ବାଚନ ଆଚରଣ ବିଧି ଉଲଘଂନ କରୁଛନ୍ତି ସମ୍ବଲପୁର ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ। ପୂର୍ବରୁ ଏନ୍‌ସିସି କ୍ୟାଡେଟ୍‌ଙ୍କୁ ନେଇ ସମ୍ବଲପୁରରେ ବୈଠକ କରିଥିଲେ। ସମ୍ପ୍ରତି ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ନିର୍ବାଚନୀ ଶୋଭାଯାତ୍ରାରେ ଛୋଟ ପିଲାଙ୍କୁ ବ୍ୟବହାର କରିଥିବା ଦେଖାଯାଇଛି। ଗତ ୨୪ ତାରିଖରେ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦର ୫ ନମ୍ବର ୱାର୍ଡରେ ସେ ଛୋଟ ପିଲାଙ୍କୁ ନେଇ ଶୋଭାଯାତ୍ରା କରିଛନ୍ତି। ଧର୍ମେନ୍ଦ୍ରଙ୍କ ଏପରି କାର୍ଯ୍ୟକୁ ଅନୈତିକ ବୋଲି ବିଜେଡି ଦର୍ଶାଇଛି। ଏହାସହ ଶିଶୁ ଅଧିକାର ଆଇନ ଓ ନିର୍ବାଚନ କମିଶନଙ୍କ ଗାଇଡଲାଇନକୁ ଉଲଘଂନ କରୁଥିବା ଦର୍ଶାଇ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ବିଜେଡି ଫେରାଦ ହୋଇଛି। ବିଜେପିର ସାଂସଦ ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଓ ବୈଜୟନ୍ତ ପଣ୍ଡା ମଧ୍ୟ ଛୋଟ ପିଲାଙ୍କୁ ନିର୍ବାଚନ ପ୍ରଚାରରେ ବ୍ୟବହାର କରୁଥିବା ଦେଖାଯାଇଛି। ଛୋଟ ପିଲାଙ୍କୁ ନିର୍ବାଚନୀ କାର୍ଯ୍ୟରେ ବ୍ୟବହାର କରିବା ନିନ୍ଦନୀୟ ଘଟଣା। ବାରମ୍ବାର ନିର୍ବାଚନ ଆଚରଣ ବିଧି ଉଲଘଂନ କରୁଥିବାରୁ ଧର୍ମେନ୍ଦ୍ରଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ ପାଇଁ ଯାଇଥିବା ବିଜେଡି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ଡ଼ ସସ୍ମିତ ପାତ୍ରଙ୍କ ସହିତ ତୁମ୍ବନାଥ ପଣ୍ଡା, ମିହିର ରାୟ, ଓମ୍ ପ୍ରକାଶ ସାହୁ, ଡ଼ ପ୍ରିୟବ୍ରତ ମାଝୀ, ଇସ୍ମିତା ସାହୁ, ମଧୁସ୍ମିତା ନାୟକ, ସୋଫିଆ ଆଲାମ୍, ମାହିକ୍ଷୀତା ମିଶ୍ର ପ୍ରମୁଖ ସାମିଲ ଥିଲେ।

■ ଯୁବତୀଙ୍କୁ ନିଶା ଦେଇ ଦୁଷ୍କର୍ମ ଘଟଣା

# ୪ ସପ୍ତାହରେ ଆର୍ଥିକ ଅନୁକମ୍ପା ଓ ରିପୋର୍ଟ ଦାଖଲ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା, ୨୬।୪ (ସମିସ): ଜଣେ ଯୁବତୀଙ୍କୁ ନିଶା ଶୁଙ୍ଘାଇ ଅପହରଣ ଓ ପରେ ଦୁଷ୍କର୍ମ ଘଟଣାକୁ ଜାତୀୟ ମାନବାଧିକାର କମିସନ ଗୁରୁତ୍ୱର ସହ ନେଇଛନ୍ତି। ୪ ସପ୍ତାହ ମଧ୍ୟରେ ଆର୍ଥିକ ଅନୁକମ୍ପା ଓ ମାମଲାର ପୂର୍ଣ୍ଣାଙ୍ଗ ରିପୋର୍ଟ ଦାଖଲ ପାଇଁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କମିସନ୍। ଦୈନିକ 'ସକାଳ'ରେ ଏନେଇ ଗତ ୨୦୨୨ ଜାନୁଆରୀ ୧୫ରେ 'ଯୁବତୀଙ୍କୁ ନିଶା ଦେଇ ଦୁଷ୍କର୍ମ ଅଭିଯୋଗ' ଶୀର୍ଷକରେ ଖବର ପ୍ରକାଶ ପାଇଥିଲା। ଏହାପରେ ସମାଜସେବୀ ସାଗର କୁମାର ଜେନା ଜାତୀୟ ମାନବାଧିକାର କମିସନରେ ଏକ ଅଭିଯୋଗ କରିଥିଲେ। ଏନ୍‌ଏଚ୍‌ଆର୍‌ସିରେ ନଂ.୧୬୪/୨୨ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ଘଟଣାକୁ ନେଇ କେନ୍ଦ୍ରାପଡ଼ା ଏସ୍‌ପି ସନ୍ଦୀପ ସମ୍ପଦ ମଦକରଙ୍କୁ ଏନ୍‌ଏଚ୍‌ଆରସି ପକ୍ଷରୁ କ'ଣ କାର୍ଯ୍ୟାନୁଷ୍ଠାନ ନେଇଛ, ସେନେଇ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ୨୦୨୩ ମେ' ୨ରେ କେନ୍ଦ୍ରାପଡ଼ା ଏସ୍‌ପିଙ୍କ ପକ୍ଷରୁ ଏକ ରିପୋର୍ଟ ଦାଖଲ ହୋଇଥିଲା। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ ଏବଂ ପୀଡ଼ିତାଙ୍କୁ ଆର୍ଥିକ ଅନୁକମ୍ପା ଯୋଗାଇ ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିବେଦନ କରାଯାଇଛି ବୋଲି ଏସ୍‌ପି ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ। ହେଲେ ଏକ ନିର୍ଦ୍ଦିଷ୍ଟ ସମୟସୀମା ଅତିକ୍ରମ କରିବା ପରେ ଜିଲ୍ଲା ପ୍ରଶାସନ କୌଣସି ଆର୍ଥିକ ଅନୁକମ୍ପା ପୀଡ଼ିତାଙ୍କୁ ଯୋଗାଇଦେବା କିମ୍ବା ମାମଲାର ପୂର୍ଣ୍ଣାଙ୍ଗ ବିବରଣୀ ଏପର୍ଯ୍ୟନ୍ତ କମିସନଙ୍କୁ ଜଣାଇଲେ ନାହିଁ। ଏନେଇ କମିସନଙ୍କ ପକ୍ଷରୁ ଆସନ୍ତା ୪ ସପ୍ତାହ ମଧ୍ୟରେ ପୀଡ଼ିତାଙ୍କୁ ଆର୍ଥିକ ଅନୁକମ୍ପା ଏବଂ ମାମଲାର ସବିଶେଷ ତଥ୍ୟ ପ୍ରଦାନ ନିମନ୍ତେ ଏସ୍‌ପି ଓ ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ କରିଛନ୍ତି।

ପ୍ରକାଶଯୋଗ୍ୟ, ମହାକାଳପଡ଼ା ବ୍ଲକ ଅଧୀନ ମାଳିଆଞ୍ଚ ଅଞ୍ଚଳରେ ଏହି ଆପରାଧିକ ଘଟଣା ଘଟିଥିଲା।

# ଅବଶିଷ୍ଟାଂଶ

## ଅନୁଗୋଳ ଦେଶର...

ଆଦି ଜିଲ୍ଲାରେ ଭୀଷଣ ଗ୍ରୀଷ୍ମ ଲହରୀ ଆଶଙ୍କା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ରେଡ୍ ଆଲର୍ଟ ଜାରି ହୋଇଛି। ସେହିପରି ସମ୍ବଲପୁର, ଯାଜପୁର, କଟକ, ଜଗତସିଂହପୁର, ବଲାଙ୍ଗିର, ସୋନପୁର, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ନୟାଗଡ଼, ନବରଙ୍ଗପୁର, ଦେବଗଡ଼, ବରଗଡ଼ ଓ ରାୟଗଡ଼ା ଆଦି ଜିଲ୍ଲାରେ ଗ୍ରୀଷ୍ମ ଲହରୀ ପାଇଁ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ବାକି କୋରାପୁଟ ଓ ପୁରୀ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବର୍ତ୍ତମାନ ସ୍ଥିତିରେ କାଳବୈଶାଖୀ ବର୍ଷାର ସୂଚନା ମିଳୁ ନାହିଁ। ୫ ଦିନ ପର୍ଯ୍ୟନ୍ତ ସାରା ରାଜ୍ୟ ଓ ୧୦ ଦିନ ପର୍ଯ୍ୟନ୍ତ ପଶ୍ଚିମ ଏବଂ କେନ୍ଦ୍ରୀୟ ଓଡ଼ିଶାରେ ଦିନର ତାପମାତ୍ରା ସ୍ୱାଭାବିକଠାରୁ ୪-୬ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହିବାର ସମ୍ଭାବନା ରହିଛି। ଶନିବାର ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, କଳାହାଣ୍ଡି, ନୟାଗଡ଼, କୋରାପୁଟ, ରାୟଗଡ଼ା ଓ ମାଲକାନଗିରି ବ୍ୟତୀତ ବାକି ଜିଲ୍ଲାରେ ତାପମାତ୍ରା ବଢ଼ିବା ବେଳେ ୨୮ ତାରିଖରେ ସାରା ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବ। ଅନେକ ସ୍ଥାନରେ ତାପମାତ୍ରା ମାସ ଶେଷ ସୁଦ୍ଧା ୪୩-୪୪ ଡିଗ୍ରୀ ରହିବ। ରାୟଗଡ଼ାରୁ ଭଞ୍ଜନଗର, କନ୍ଧମାଳରୁ ବାରିପଦା ଓ ବଲାଙ୍ଗିରରୁ ଝାରସୁଗୁଡ଼ା ସଂଯୋଗ କରୁଥିବା ସରଳରେଖାର ଉଭୟ ପାଶ୍ୱର୍ ସ୍ଥିତି ଅଞ୍ଚଳ ସବୁଠୁ ଅଧିକ ଗରମ ରହିବ। ୨୮ ଓ ୨୯ରେ ଗୋଟିଏ ଦୁଇଟି ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ରହିବାର ସମ୍ଭାବନା ରହିଛି। ଗୋପାଳପୁରଠାରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ଉପକୂଳ ସଂଲଗ୍ନ ଅଞ୍ଚଳରେ ସାମୁଦ୍ରିକ ପବନ ହେତୁ ତାପମାତ୍ରା ବିଶେଷ ବଢ଼ିବ ନାହିଁ। ଉପରବେଳା ଦକ୍ଷିଣା ଥଣ୍ଡା ପବନ ହେବ। କିଛି ମଡେଲର ଆକଳନ ଅନୁଯାୟୀ ସମୁଦ୍ର ପବନ ହେତୁ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଭୁବନେଶ୍ୱରରେ ତାପମାତ୍ରା ୪୨ ଡିଗ୍ରୀ ଅତିକ୍ରମ କରିବ ନାହିଁ। କିନ୍ତୁ ଅନ୍ୟ କିଛି ମଡେଲର ଆକଳନ ଅନୁଯାୟୀ ଏହି ସମୟରେ ଭୁବନେଶ୍ୱରର ତାପମାତ୍ରା ୨୮-୩୦ ମଧ୍ୟରେ ୪୫-୪୬ ଡିଗ୍ରୀ ରହିପାରେ। ମେ' ୧ରେ ଦକ୍ଷିଣ ଉପକୂଳ, ୩ ପରେ ଉତ୍ତର ଉପକୂଳ ଓ ୫ ପରେ ଆଭ୍ୟନ୍ତରୀଣ ଓଡ଼ିଶାରେ ପାଗ ବଦଳିବା ସହିତ ତାପମାତ୍ରା କମିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଶୁକ୍ରବାର ବୌଦ୍ଧରେ ୪୪.୫ ଡିଗ୍ରୀ, ନୂଆପଡ଼ାରେ ୪୪ ଡିଗ୍ରୀ, ବଲାଙ୍ଗିରରେ ୪୪ ଡିଗ୍ରୀ, ବାରିପଦାରେ ୪୩.୮ ଡିଗ୍ରୀ, ଟିଟିଲାଗଡ଼ରେ ୪୩.୬ ଡିଗ୍ରୀ, ଯାଜପୁରରେ ୪୩.୬ ଡିଗ୍ରୀ, ସମ୍ବଲପୁରରେ ୪୩.୬ ଡିଗ୍ରୀ, ହୀରାକୁଦରେ ୪୩.୬ ଡିଗ୍ରୀ, ଝାରସୁଗୁଡ଼ାରେ ୪୩.୫ ଡିଗ୍ରୀ, ତାଳଚେରରେ ୪୩.୫ ଡିଗ୍ରୀ, ଢେଙ୍କାନାଳରେ ୪୩.୧ ଡିଗ୍ରୀ, ନୟାଗଡ଼ରେ ୪୨.୮ ଡିଗ୍ରୀ, ଭବାନୀପାଟଣାରେ ୪୨.୬ ଡିଗ୍ରୀ, ମାଲକାନଗିରିରେ ୪୨.୫ ଡିଗ୍ରୀ, ସୁନ୍ଦରଗଡ଼ରେ ୪୨.୩ ଡିଗ୍ରୀ, ରାଉରକେଲାରେ ୪୨.୩ ଡିଗ୍ରୀ, ସୋନପୁରରେ ୪୨.୩ ଡିଗ୍ରୀ, ଖୋର୍ଦ୍ଧାରେ ୪୨ ଡିଗ୍ରୀ ଓ ପାରଳାଖେମୁଣ୍ଡିରେ ତାପମାତ୍ରା ୪୨ ଡିଗ୍ରୀ ରେକର୍ଡ କରାଯାଇଛି।

## ବାଲଟ୍ ନୁହେଁ...

ଶୁଣାଇ ନିର୍ବାଚନ କମିଶନ (ଇସି)ଙ୍କୁ ୨ଟି ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମଟି ହେଲା ଚିହ୍ନ ଲୋଡିଂ ପ୍ରକ୍ରିୟା ଶେଷ ହେବା ପରେ ସିମ୍ବଲ ଲୋଡିଂ ୟୁନିଟ (ଏସଏଲୟୁ)କୁ ସିଲ୍ କରିଦେବା ଉଚିତ। ଏହାକୁ ଅତିକମରେ ୪୫ ଦିନ ପର୍ଯ୍ୟନ୍ତ ସୁରକ୍ଷିତ କରି ରଖିବା ଆବଶ୍ୟକ। ସେହିପରି ଦ୍ୱିତୀୟ ନିର୍ଦ୍ଦେଶରେ କୋର୍ଟ କହିଛନ୍ତି ଯେ ଫଳାଫଳ ଘୋଷଣା ପରେ ଇଞ୍ଜିନିୟରଙ୍କ ଟିମ୍ ଦ୍ୱାରା ଯାଞ୍ଚ କରାଯାଉଥିବା ଇଭିଏମର ମାଇକ୍ରୋକଣ୍ଟ୍ରୋଲର ପ୍ରୋଗ୍ରାମ ପାଇବାର ବିକଳ୍ପ ପ୍ରାର୍ଥୀଙ୍କ ପାଖରେ ରହିବ। ଏଥିପାଇଁ ପ୍ରାର୍ଥୀଙ୍କୁ ଫଳାଫଳ ଘୋଷଣା ହେବାର ସାତ ଦିନ ମଧ୍ୟରେ ଆବେଦନ କରିବାକୁ ପଡ଼ିବ। ତେବେ ନିର୍ବାଚନରେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଥିବା ପ୍ରାର୍ଥୀ ଏଥିପାଇଁ ଆବେଦନ କରିପାରିବେ। ଏହାର ଖର୍ଚ୍ଚ ମଧ୍ୟ ପ୍ରାର୍ଥୀ ଉଠାଇବେ। ଯଦି ଇଭିଏମ୍‌ରେ ଜାଲିଆତି ହୋଇଥିବା ଜଣାପଡେ ତେବେ ଏହି ଅର୍ଥ ପ୍ରାର୍ଥୀଙ୍କୁ ଫେରାଇ ଦିଆଯିବ। ଏହି ସମୟରେ ଜଷ୍ଟିସ ଦତ୍ତା କହିଥିଲେ ଯେ କୌଣସି ବ୍ୟବସ୍ଥା ଉପରେ ଆଖିବୁଜି ଅବିଶ୍ୱାସ କରିବା ଦ୍ୱାରା ସନ୍ଦେହ ସୃଷ୍ଟି ହୋଇଥାଏ। ବିଶ୍ୱାସ ଏବଂ ସଭାବନା ବଜାୟ ରଖିବା ହିଁ ଗଣତନ୍ତ୍ର। ଗତ କିଛି ବର୍ଷ ହେଲା କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ବିଭିନ୍ନ ଦିଗରୁ ଭାରତର ଉପଲବ୍ଧି ତଥା ବିକାଶକୁ ଦୁର୍ବଳ କରିବାକୁ ପ୍ରୟାସ କରୁଛନ୍ତି। ଏଭଳି କୌଣସି ପ୍ରୟାସକୁ ଆରମ୍ଭରୁ ଶେଷ କରିବାକୁ ପଡିବ। ଇଭିଏମକୁ ନେଇ ଇସି ଦେଇଥିବା ରିପୋର୍ଟ ଉପରେ ତାଙ୍କର କୌଣସି ସନ୍ଦେହ ନାହିଁ। ବାଲାଟ ପେପରକୁ ପୁଣିଥରେ ଫେରିବା ପାଇଁ ଇଭିଏମକୁ ଅଯଥାରେ ବଦନାମ କରିବାକୁ ପ୍ରୟାସ କରାଯାଉଛି। ଭୋଟରଙ୍କ ମନରେ ଅଯଥା ସନ୍ଦେହ ସୃଷ୍ଟି କରି ଇଭିଏମ ମାଧ୍ୟମରେ ନିର୍ବାଚନୀ ପ୍ରକ୍ରିୟାକୁ ଭଣ୍ଡୁର କରିବାକୁ ଚାହୁଁଛନ୍ତି।

ଏହା ବ୍ୟତୀତ ସୁପ୍ରିମକୋର୍ଟ ଭିଭିପାଟ୍ ସ୍ଲିପ୍ ଗଣନା କରିବା ପାଇଁ ଏକ ମେସିନ ବ୍ୟବହାର କରିବା ଦିଗରେ ପଦକ୍ଷେପ ନେବାକୁ ଇସିଙ୍କୁ ପରାମର୍ଶ ଦେଇଛନ୍ତି। ଏବେ ପ୍ରତ୍ୟେକ ନିର୍ବାଚନ କ୍ଷେତ୍ରରେ ମୋଟାମୋଟି ଭାବେ ୫ଟି ଇଭିଏମ୍‌ର ସ୍ଲିପ୍ ଯାଞ୍ଚ କରାଯାଉଛି।

## ନବୀନଙ୍କ ବିକାଶର...

ପଞ୍ଚାୟତ ନିର୍ବାଚନରେ ବିଜେଡିର ବିପୁଳ ବିଜୟ ପର ଠାରୁ ବିରୋଧୀଙ୍କ ଆଖିରେ ନିଦ ନାହିଁ। ଆମ ସଭାରେ ବିପୁଳ ଜନସମୁଦ୍ର ଦେଖି ସେମାନଙ୍କ ଅବସ୍ଥା ଆହୁରି ଖରାପ ହୋଇଗଲାଣି। ତେଣୁ ନିର୍ବାଚନ ସମୟରେ ବାଚାଳ ହୋଇ ଏଣୁ ତେଣୁ ଗପୁଛନ୍ତି। ସବୁଥର ପରି ଏଥର ମଧ୍ୟ ନିର୍ବାଚନ ପରେ ବିରୋଧୀ ଲୋକଙ୍କୁ ଦେଖା ଦେବେନି। ବଡ଼ ବଡ଼ କଥା କହି ପଳେଇବେ। ଅନ୍ୟପକ୍ଷରେ ଏକମାତ୍ର ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା କହନ୍ତି ତାହା କରନ୍ତି। ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ଗୋଟି ଗୋଟି କରି ପୂରଣ କରନ୍ତି ଆଉ ତାହାର ହିସାବ ମଧ୍ୟ ଦିଅନ୍ତି। ଶଙ୍ଖ ହେଉଛି ବିକାଶର ପରିଚୟ। ନବୀନ ଗ୍ୟାରେଣ୍ଟିର ପରିଚୟ। ତେଣୁ ଶଙ୍ଖ ଚିହ୍ନରେ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତୁ। ପୁଣି ଥରେ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ୯୦% ଭୋଟରେ ବିଜେଡିର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରନ୍ତୁ ବୋଲି ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି କାର୍ତ୍ତିକ ପାଣ୍ଡିଆନ।

ଡାବୁଗାଁ ଓ ନବରଙ୍ଗପୁରରେ ଆୟୋଜିତ ବିଶାଳ ଜନସଭାରେ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ସମାବେଶ ଓ ବିଜେଡି ସଭାରେ ଜନସମୁଦ୍ର ବିରୋଧୀଙ୍କୁ ବେଶ୍ ବାଧୁଛି। ସେମାନେ ଓଡ଼ିଶାବାସୀଙ୍କ କଲ୍ୟାଣ ସହିପାରୁ ନାହାନ୍ତି। ମହିଳା, ଆଦିବାସୀ, ଯୁବ ସମାଜ, ଛାତ୍ରଛାତ୍ରୀ କାହାର ମଙ୍ଗଳ ସେମାନଙ୍କ ଆଖିରେ ଯାଉନି। ସେମାନେ ନିଜର ଆତ୍ମବିଶ୍ୱାସ ହରାଇ ବସିଲେଣି। ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ସ୍ନେହ, ଶ୍ରଦ୍ଧା ଦେଖି ବାଚାଳ ହୋଇଗଲେଣି। ସବୁ ଥର ନିର୍ବାଚନ ଆସିଲେ ଆପଣମାନଙ୍କ ପାଖକୁ ଆସି ଭୋଟ ମାଗନ୍ତି। ପରେ ହାରନ୍ତୁ ବା ଜିତନ୍ତୁ ଆଉ ସେମାନଙ୍କ ଦେଖା ମିଳେ ନାହିଁ। ଲୋକଙ୍କ ସମସ୍ୟା ଦୂର ପାଇଁ କାମ କରିବା ଦୂରର କଥା।

ନିଜ ଅଭିଭାଷଣରେ କାହାରି ନାମ ନେଇ ନ ଥିଲେ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କୁ ଶ୍ରୀ ପାଣ୍ଡିଆନ ନିଶାଣ କରିଛନ୍ତି। ସାଧାରଣ ଲୋକଙ୍କୁ ମୁଖ୍ୟମନ୍ତ୍ରୀ ଯୋଗାଇ ଦେଉଥିବା ସୁବିଧାସୁଯୋଗ, ମା' ମାନଙ୍କ ନିମନ୍ତେ କଲ୍ୟାଣକାରୀ ଯୋଜନା ତାଙ୍କୁ କ୍ରୋଧାନ୍ୱିତ କରିଛି ବୋଲି ଉଲ୍ଲେଖ କରି ଶ୍ରୀ ପାଣ୍ଡିଆନ କେନ୍ଦ୍ରମନ୍ତ୍ରୀଙ୍କ ଉପରେ ବର୍ଷିଛନ୍ତି। କେନ୍ଦ୍ରମନ୍ତ୍ରୀ ବଡ଼ ବଡ଼ କଥା କହୁଛନ୍ତି; କିନ୍ତୁ ୫ ବର୍ଷ ହେଲା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥାଇ ସୁଦ୍ଧା ନିଜ ଅଞ୍ଚଳରେ ଗୋଟିଏ ବି କେନ୍ଦ୍ରୀୟ ବିଦ୍ୟାଳୟ ଖୋଲି ପାରିଲେ ନାହିଁ। ସେ ଚାହିଁଥିଲେ ନବରଙ୍ଗପୁରରେ ତିନି ଚାରିଟି କେନ୍ଦ୍ରୀୟ ବିଦ୍ୟାଳୟ କରିପାରିଥାନ୍ତେ। କିନ୍ତୁ ତାଙ୍କ ଦ୍ୱାରା ଏହା ସମ୍ଭବ ହେଲା ନାହିଁ। ଓଡ଼ିଶାର ମା' ମାନଙ୍କୁ ଦୁବାଇ ପଠାଇବାକୁ ଓଡ଼ିଶା ସରକାର ବ୍ୟବସ୍ଥା କରିଥିଲେ, ସେ ତାହାକୁ ଷଡ଼ଯନ୍ତ୍ର କରି ବନ୍ଦ କରିଦେଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନ ଶକ୍ତି ପରି କାର୍ଯ୍ୟକ୍ରମକୁ ବନ୍ଦ କରିବାକୁ ଚକ୍ରାନ୍ତ କରୁଛନ୍ତି। ଆପଣମାନେ ତାଙ୍କୁ ପ୍ରଶ୍ନ କରନ୍ତୁ, ସେ ଉତ୍ତର ଦେଇ ପାରିବେ ନାହିଁ। କିନ୍ତୁ ଓଡ଼ିଶା ସରକାର '୫-ଟି'ରେ ୮୦୦୦ରୁ ଅଧିକ ହାଇସ୍କୁଲର ରୂପାନ୍ତରଣ କରି ପିଲାମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିଛନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ବିକାଶ ପାଇଁ ଶାନ୍ତି ଦରକାର। ଶାନ୍ତି ଥିଲେ ପ୍ରଗତି ଆସେ। ଆମ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ଶାନ୍ତି ପ୍ରତିଷ୍ଠା କରିଛନ୍ତି, ତେଣୁ ବିକାଶ ହେଉଛି। ପଡୋଶୀ ଛତିଶଗଡ଼ର ଉଦାହରଣ ଦେଇ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ, ସେହି ରାଜ୍ୟରେ ବାରମ୍ବାର ସରକାର ବଦଳୁଛି, କିନ୍ତୁ ଶାନ୍ତି ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆପଣମାନଙ୍କ ମଙ୍ଗଳ ପାଇଁ ଦିନ ରାତି କାମ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିଧାୟକ, ସାଂସଦମାନେ ଜନସେବାରେ ନିଜକୁ ସମର୍ପିତ କରିଛନ୍ତି। ଗାଁ ଗାଁରେ ବିକାଶ ହେଉଛି। ତେଣୁ ଏଥର ରେକର୍ଡ ବହୁମତରେ ତାଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ କରିବା। ନୂଆ ଓଡ଼ିଶା ଗଢ଼ିବା, ସଶକ୍ତ ଓଡ଼ିଶା ଗଢ଼ିବା। ଏହା ହିଁ ବିକାଶ ବିରୋଧୀଙ୍କୁ ଉଚିତ ଜବାବ୍ ହେବ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

## "ମୁଖ୍ୟମନ୍ତ୍ରୀଙ୍କ ହୃଦୟରେ...

ଭୋଟ ଦେଇ ବିଜୟୀ କରିବାକୁ ଆହ୍ୱାନ ଦେଇଛନ୍ତି ଶ୍ରୀ ପାଣ୍ଡିଆନ।

ନବରଙ୍ଗପୁର ସଂସଦୀୟ କ୍ଷେତ୍ରରେ ବିଭିନ୍ନ ନିର୍ବାଚନୀ ସମାବେଶରେ ଯୋଗଦେବା ଅବସରରେ ସେ କହିଛନ୍ତି ଯେ ସବୁ ଧର୍ମକୁ ମୁଖ୍ୟମନ୍ତ୍ରୀ ସମ୍ମାନ ଦିଅନ୍ତି। ସମସ୍ତଙ୍କ ବିକାଶ ଚାହାନ୍ତି। ସେଥିପାଇଁ ମନ୍ଦିର, ମସଜିଦ୍, ଚର୍ଚ୍ଚ, ଅଲେଖ ମହିମା ପୀଠ, ଗୁରୁଦ୍ୱାର ଆଦି ସବୁ ଧର୍ମପୀଠର ବିକାଶ ପାଇଁ ପଦକ୍ଷେପ ନେଇଛନ୍ତି। ନବରଙ୍ଗପୁରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୧୯୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଡାବୁଗାଁରେ ୭୦ କୋଟି ଟଙ୍କାର କାମ ଚାଲିଛି ବୋଲି ଉଲ୍ଲେଖ କରି ଶ୍ରୀ ପାଣ୍ଡିଆନ୍ ଦଳର ଲୋକସଭା ପ୍ରାର୍ଥୀ ପ୍ରଦୀପ ମାଝୀ ଓ ଡାବୁଗାଁ ବିଧାନସଭା ପ୍ରାର୍ଥୀ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀଙ୍କୁ ବିପୁଳ ଭୋଟରେ ଜିତାଇବାକୁ ନିବେଦନ କରିଛନ୍ତି। ଆମ ଦଳର ସବୁ ପ୍ରାର୍ଥୀ ଯେପରି ୯୦%ରୁ ଅଧିକ ଭୋଟ ପାଇବେ, ଆଉ ନବୀନ ପଟ୍ଟନାୟକ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ହେବେ, ତାହା ସୁନିଶ୍ଚିତ କରିବା ଆପଣମାନଙ୍କ ଦାୟିତ୍ୱ। ମୁଖ୍ୟମନ୍ତ୍ରୀ ଆପଣମାନଙ୍କ ପାଇଁ ସବୁ କରୁଛନ୍ତି, ଏଥର ତାଙ୍କୁ ପୂର୍ବାପେକ୍ଷା ଅଧିକ ଆଶୀର୍ବାଦ କରନ୍ତୁ ବୋଲି ଶ୍ରୀ ପାଣ୍ଡିଆନ୍ ଆହ୍ୱାନ ଜଣାଇଥିଲେ।

ଉପସ୍ଥିତ ହଜାର ହଜାର ଜନତାଙ୍କୁ ସମ୍ବୋଧନ କରି ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଏହା ହେଉଛି ଲୋକଙ୍କ ସରକାର। ଆମ କାମର ହିସାବ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆପଣଙ୍କ ଅନୁରୋଧରେ ଆମେ ଯେଉଁ ସବୁ କାମ କରିଥିଲୁ ସେ ସବୁ କାମର ହିସାବ ଦେବାକୁ ମୁଁ ଆସିଛି। କୋଷାଗୁମୁଡ଼ା ଭାୟା ଭୋଟିଗାଁ ଓ କୋଟାଗାଁ ଦେଇ ମଧ୍ୟପ୍ରଦେଶ ସୀମା ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଉନ୍ନତି ପାଇଁ ୭୦ କୋଟି ଟଙ୍କା ଦିଆଯାଇଛି। ପାପଡ଼ାହାଣ୍ଡି-କୁଡିଗାଁ-କୋଷାଗୁମୁଡା ରାସ୍ତା ପାଇଁ ୪୫ କୋଟି ଟଙ୍କା ମଞ୍ଜୁର ହୋଇଛି। ଡାବୁଗାଁ-ଉମରହାଣ୍ଡି ରାସ୍ତାରେ ଅଙ୍ଗୀ ନଦୀ ଉପରେ ସେତୁ ପାଇଁ ୯.୬୦ କୋଟି, ପିଡବୁଡ଼ି ରୋଡ-ଏକୋରୀ ରାସ୍ତାର ନାଳ ଉପରେ ସେତୁ ପାଇଁ ୮.୬୦ କୋଟି, ଧାର୍ମିକ ସ୍ଥଳର ସୁରକ୍ଷା ଓ ସଂରକ୍ଷଣ ପାଇଁ ୩.୭୦ କୋଟି ଟଙ୍କା ଦିଆଯାଇଛି। ଡାବୁଗାଁର ୮୦ ହଜାର ହିତାଧିକାରୀ ବିଏସ୍‌କେୱାଇ କାର୍ଡ ପାଇଛନ୍ତି। ମେଡେନାର ରାଜୁ ଖାଁ ୫ ଲକ୍ଷ ଓ ଖୁଟୁବାଇର ବିମଳା ମେହେଟା ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ପାଇଛନ୍ତି। ତେନ୍ତୁଳିଖୁଣ୍ଟି ଓ କୋଷାଗୁମୁଡ଼ାରେ ଦୁଇଟି ସରକାରୀ କଲେଜ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି। ନନ୍ଦାହାଣ୍ଡିରେ ମେଗାଲିଫ୍ଟ ଜରିଆରେ ଜଳସେଚନ ସୁବିଧାର କାମ ଚାଲିଛି। କୋଡିଗାଁ-ଚନ୍ଦାହାଣ୍ଡି ରାସ୍ତା ପାଇଁ ୪୪ କୋଟି, ପୋଦଲଗୁଡା-ଦୁଲୁଘାଟି ରାସ୍ତା ପାଇଁ ୪୫ କୋଟି, ମଙ୍ଗଳଦୋରା ଜଳପ୍ରପାତର ବିକାଶ ପାଇଁ ୩.୨୦ କୋଟି, ମଣ୍ଡାଡୁଙ୍ଗୁରୀ ଶିବ ମନ୍ଦିର ପାଇଁ ୨.୨୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଶ୍ରୀ ପାଣ୍ଡିଆନ୍ ଆହୁରି କହିଛନ୍ତି ଯେ ଜନଜାତି ଭାଇଙ୍କ ସୁବିଧା ପାଇଁ ୫୦ ହଜାର ଛୋଟ ଛୋଟ ମାମଲା ରଦ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆପଣମାନଙ୍କୁ ଆଉ ହଇରାଣ ହୋଇ କୋର୍ଟ କଚେରୀ ଦୌଡ଼ିବାକୁ ପଡିବ ନାହିଁ। ଜୀବିକା ପାଇଁ ଜଙ୍ଗଲ ଉପରେ ଆପଣମାନେ ନିର୍ଭର କରନ୍ତି। ଆପଣ ସଂଗ୍ରହ କରିଥିବା ଜିନିଷକୁ କମ୍ ଦାମ୍‌ରେ ବିକ୍ରି କରନ୍ତି। କିଛି ଲାଭ ପାଆନ୍ତି ନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ଆପଣଙ୍କ ପାଇଁ 'ଲାଭ' ଯୋଜନା ପ୍ରଣୟନ କରିଛନ୍ତି। ଏଥିରେ ସରକାର ଆପଣଙ୍କ ଜିନିଷ ଉଚିତ ମୂଲ୍ୟରେ କିଣିନେବେ। ଆପଣଙ୍କୁ ଆଉ କେହି ଠକି ପାରିବେ ନାହିଁ।

ସେ ପୁଣି ପିଲାମାନେ ହେଉଛନ୍ତି ଆମର ଭବିଷ୍ୟତ। ତେଣୁ ଜନଜାତି ପିଲାଙ୍କ ପାଠ ପଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ସାରା ଭାରତରେ ସବୁଠାରୁ ଅଧିକ ହଷ୍ଟେଲ ନିର୍ମାଣ କରିଛନ୍ତି। ନବରଙ୍ଗପୁର ଜିଲ୍ଲାରେ ଶହଶହ ସ୍କୁଲର ରୂପାନ୍ତର କରିଛନ୍ତି। ଜିଲ୍ଲାପାଇଁ ମୁଖ୍ୟମନ୍ତ୍ରୀ ୪ଟି ଡିଗ୍ରୀ କଲେଜ ମଞ୍ଜୁର କରିଛନ୍ତି। ଉମରକୋଟ ସମ୍ପର୍କରେ ସେ କହିଥିଲେ, ଏଠାରେ ୨୧୨ କୋଟି ଟଙ୍କାର କାମ ଚାଲିଛି। ମା ପେଣ୍ଡ୍ରାଣୀ ମନ୍ଦିର କାମ ଶେଷ ହୋଇଛି। ପୋଡାଗଡ଼ ଶିବ ମନ୍ଦିର ଓ ଐତିହ୍ୟ ସ୍ଥଳ ପାଇଁ ୩ କୋଟି ଟଙ୍କାର କାମ ଚାଲିଛି। ଉମରକୋଟରେ ଡାଇଲିସିସ୍ ସେଣ୍ଟର ଖୋଲିଛି। ୫୦ କୋଟିରେ ୫ଟି ରାସ୍ତା କାମ ଚାଲିଛି। ବିଏସ୍‌କେୱାଇରେ ଉମରକୋଟର ସିପ୍ରା ସାନା ୭.୨୦ ଲକ୍ଷ ଟଙ୍କା ଏବଂ ପ୍ରଦୀପ ପଟ୍ଟନାୟକ ୪ ଲକ୍ଷ ଟଙ୍କର ଚିକିତ୍ସା ସେବା ପାଇଛନ୍ତି। ଝରିଗାଁ ସଭାରେ ସେ କହିଥିଲେ ଯେ ମୁଁ ଆସିଥିଲି ସେତେବେଳେ ବର୍ଷା ହେଉଥିଲା। ତା ସତ୍ତ୍ୱେ ଆପଣମାନେ ବହୁ ସଂଖ୍ୟାରେ ଆସି ବିକାଶ ପାଇଁ ପ୍ରସ୍ତାବ ଦେଇଥିଲେ। ସତୀଘାଟ, ମାଲଗାଁରେ ଜଳସେଚନ ପାଇଁ କୋଟି କୋଟି ଟଙ୍କା ମଞ୍ଜୁର ହୋଇଛି। ଝରିଗାଁ ପାଇଁ ଡିଗ୍ରୀ କଲେଜ ମଞ୍ଜୁର ହୋଇଛି। ଚନ୍ଦାହାଣ୍ଡି ଝରିଗାଁକୁ ପାଇପ୍ ପାଣି ଯୋଗାଇ ଦିଆଯାଇଛି। ଝରିଗାଁରୁ ମେଦେନା ରାସ୍ତା ପାଇଁ ୪୫ କୋଟି, ଉମରକୋଟ-ଚନ୍ଦାହାଣ୍ଡି ମାଲଗାଁ ରାସ୍ତା ପାଇଁ ୬୧ କୋଟି, ଭୌରଘୁମୁର ଜଳପ୍ରପାତ ଠାରେ ପର୍ଯ୍ୟଟନ ପାଇଁ ୩.୨୫ କୋଟି, ଚନ୍ଦନଧାରା ଜଳପ୍ରପାତରେ ପର୍ଯ୍ୟଟନର ବିକାଶ ପାଇଁ ୩.୭୦ କୋଟି ଟଙ୍କା ମଞ୍ଜୁର କରାଯାଇଛି।

## ୫ ଲୋକସଭା...

ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ ରହିଛି। ଏହାପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇ ମେ' ୨୦ରେ ମତଦାନ ହେବ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ୫ ସଂସଦୀୟ କ୍ଷେତ୍ର ପାଇଁ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ବରଗଡ଼ରେ ବିଜେଡି ପରିଣୀତା ମିଶ୍ରଙ୍କୁ ପ୍ରାର୍ଥୀ କରିଥିବାବେଳେ ବିଜେପି ପ୍ରଦୀପ ପୁରୋହିତ ଓ କଂଗ୍ରେସ ସଞ୍ଜୟ ଭୋଇଙ୍କୁ ପ୍ରାର୍ଥୀ କରିଛି। ସୁନ୍ଦରଗଡ଼ରେ ବିଜେଡିର ଦିଲ୍ଲୀପ ତିର୍କୀ, ବିଜେପିର ଜୁଏଲ ଓରାମ ଓ କଂଗ୍ରେସର ଜନାର୍ଦ୍ଦନ ଦେହୁରୀଙ୍କ ମଧ୍ୟରେ ଟକ୍କର ହେବ। ସେହିପରି ବଲାଙ୍ଗିରରେ ବିଜେଡିର ସୁରେନ୍ଦ୍ର ସିଂଭୋଇ ବିଜେପିର ସଙ୍ଗୀତା ସିଂହଦେଓ ଓ କଂଗ୍ରେସର ମନୋଜ ମିଶ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ସେହିପରି କନ୍ଧମାଳରେ ଅଚ୍ୟୁତ ସାମନ୍ତଙ୍କୁ ବିଜେଡି ପୁଣିଥରେ ଟିକଟ କରିଥିବାବେଳେ ବିଜେପି ସୁକାନ୍ତ ପାଣିଗ୍ରାହୀ ଓ କଂଗ୍ରେସ ଅମିରଚାନ୍ଦ ନାୟକଙ୍କୁ ପ୍ରାର୍ଥୀ କରିଛି। ସେହିପରି ଆସିକା ଲୋକସଭା ଆସନରେ ବିଜେଡି ଏଥର ରଞ୍ଜିତା ସାହୁଙ୍କୁ ନୂଆ ପ୍ରାର୍ଥୀ କରିଥିବାବେଳେ ବିଜେପି ଅନୀତା ଶୁଭଦର୍ଶିନୀ ଓ କଂଗ୍ରେସ ଦେବକାନ୍ତ ଶର୍ମାଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଛି।

## ୪ ଲୋକସଭା ପାଇଁ...

କଳାହାଣ୍ଡି ଲୋକସଭା କ୍ଷେତ୍ର ପାଇଁ ୧୧ ପ୍ରାର୍ଥୀ, ନବରଙ୍ଗପୁର ଲୋକସଭା ଆସନ ପାଇଁ ୪ ଜଣ ପ୍ରାର୍ଥୀ, ବ୍ରହ୍ମପୁର ଲୋକସଭା ଆସନ ପାଇଁ ୧୧ ପ୍ରାର୍ଥୀ ଓ କୋରାପୁଟ ଲୋକସଭା କ୍ଷେତ୍ର ପାଇଁ ସର୍ବାଧିକ ୧୩ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି ଏହି ୪ ଲୋକସଭା କ୍ଷେତ୍ର ଅଧୀନରେ ଥିବା ୨୮ ବିଧାନସଭା ଆସନ ପାଇଁ ମୋଟ୍ ୨୬୬ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ଆସନଗୁଡ଼ିକ ମଧ୍ୟରୁ ବ୍ରହ୍ମପୁର ବିଧାନସଭା କ୍ଷେତ୍ର ପାଇଁ ସର୍ବାଧିକ ୨୦ ଜଣ ବିଧାୟକ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି।

## କମିଲା ଭୋଟ୍...

୭୮.୬୩ ପ୍ରତିଶତ, ମହାରାଷ୍ଟ୍ର, ବିହାର ଏବଂ ଉତ୍ତର ପ୍ରଦେଶରେ ସବୁଠାରୁ କମ୍ ପ୍ରାୟ ୫୪ ପ୍ରତିଶତ ମତଦାନ ହୋଇଛି।

ମତଦାନ ସମୟରେ ବିଭିନ୍ନ ସ୍ଥାନରେ ହିଂସା ଏବଂ ବୁଥ୍ ଦଖଲ ହୋଇଥିବା ସୂଚନା ମିଳିଛି। ମଣିପୁରର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ କିଛି ସନ୍ଦିଗ୍ଧ ବ୍ୟକ୍ତି ଉଖରୁଲ୍‌ର ଏକ ବୁଥ୍‌ରେ ପ୍ରବେଶ କରୁଥିବା ଦେଖାଯାଉଛି। ଏହାକୁ ନେଇ ଗଣତନ୍ତ୍ରକୁ ହାଇଜ୍ୟାକ କରାଯାଉଛି ବୋଲି କଂଗ୍ରେସ ନେତା ଜୟରାମ ରମେଶ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ଛତିଶଗଡ଼ ଗରିୟାବନ୍ଦ ଜିଲ୍ଲାର ଏକ ବୁଥ୍‌ରେ ମୁତୟନ ଥିବାବେଳେ ଜଣେ ପୁଲିସ କର୍ମଚାରୀ ସର୍ଭିସ ରାଇଫଲ୍‌ରୁ ନିଜକୁ ଗୁଳି ମାରିଥିଲେ। ସେ ମଧ୍ୟପ୍ରଦେଶର ବାସିନ୍ଦା ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗର ବାଲୁରଘାଟ ଏବଂ ରାୟଗଞ୍ଜରେ କେନ୍ଦ୍ରୀୟ ସୁରକ୍ଷା ବାହିନୀ ମହିଳାଙ୍କୁ ଭୋଟ ଦେବାକୁ ରୋକି ଦେଇଛି ବୋଲି ଟିଏମ୍‌ସି ପକ୍ଷରୁ ଅଭିଯୋଗ କରାଯାଇଛି। ଏହା ବ୍ୟତୀତ ବାଲୁରଘାଟରେ ରାଜ୍ୟ ବିଜେପି ଅଧ୍ୟକ୍ଷ ସୁକାନ୍ତ ମଜୁମଦାର ଏବଂ ଟିଏମ୍‌ସି କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି।

ଦ୍ୱିତୀୟ ପର୍ଯ୍ୟାୟରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, ୫ କେନ୍ଦ୍ରମନ୍ତ୍ରୀ, ୨ ଜଣ ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ୩ ଜଣ ଫିଲ୍ମ ଷ୍ଟାର ମୈଦାନକୁ ଓହ୍ଲାଇଛନ୍ତି। ଏହା ସହିତ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଶଶି ଥରୁର ଏବଂ ହେମା ମାଳିନୀଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଯାଇଛି। ୱାୟନାଡ଼ରେ ୭୨.୬୯ ପ୍ରତିଶତ ଭୋଟିଂ ହୋଇଥିବା ସୂଚନା ମିଳିଛି। ତେବେ ଏହା ୨୦୧୯ ତୁଳନାରେ ୭ ପ୍ରତିଶତ କମ୍ ରହିଛି। ସେହିପରି ଆଉଟର ମଣିପୁରର କିଛି ଅଞ୍ଚଳରେ ମଧ୍ୟ ମତଦାନ ହୋଇଛି। ଏହି ଆସନରୁ ୨ଟି ପର୍ଯ୍ୟାୟରେ ମତଦାନ ହେବ ବୋଲି ଇସି ଘୋଷଣା କରିଥିଲେ। ଏହି ପର୍ଯ୍ୟାୟରେ ୧,୨୦୨ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଛନ୍ତି। ଏମାନଙ୍କ ମଧ୍ୟରେ ୧୦୯୮ ପୁରୁଷ, ୧୦୨ ମହିଳା ଏବଂ ୨ ଜଣ କିନ୍ନର ସାମିଲ ଅଛନ୍ତି। ଏହା ପୂର୍ବରୁ ଗତ ୧୯ ତାରିଖରେ ୧୦୨ ଆସନରେ ପ୍ରଥମ ପର୍ଯ୍ୟାୟ ମତଦାନ ହୋଇଥିଲା। ଏହି ପର୍ଯ୍ୟାୟରେ ୬୬.୧ ପ୍ରତିଶତ ମତଦାନ ହୋଇଥିଲା। ଏହା ୨୦୧୯ ତୁଳନାରେ ୪ ପ୍ରତିଶତ କମ୍ ଥିଲା।

## ୫ ବର୍ଷ ହେଲା...

କୁଆଡ଼େ ଗଲା ବୋଲି କ୍ଷେତ୍ରସ୍ତରୀୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଆଦିବାସୀ ଜନତା ପ୍ରଶ୍ନ କରୁଛନ୍ତି। ଆଇଏଲ୍‌ଏସ୍‌ର ଏଭଳି ଅମନଯୋଗୀ ତଥା ଖାମଖିଆଲ କାର୍ଯ୍ୟରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ହସ୍ତକ୍ଷେପ କରିବା ପାଇଁ ଆଦିବାସୀ ବର୍ଗର ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି। ଆଦିବାସୀ ଜନଜାତି ବର୍ଗର ଲୋକଙ୍କ କଲ୍ୟାଣ ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ଯୋଜନା ପ୍ରତି କେନ୍ଦ୍ରର ଉପହାସ ସଂପ୍ରତି ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

ଭାରତ ସରକାରଙ୍କର ଡିପାର୍ଟମେଣ୍ଟ ଅଫ୍ ବାୟୋଟେକ୍ନୋଲୋଜି ଅଧୀନରେ ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଥିବା ଆଇଏଲ୍‌ଏସ୍ ଜାତୀୟ ସ୍ତରରେ ଏକ ସ୍ୱନାମଧନ୍ୟ ଗବେଷଣା ପ୍ରତିଷ୍ଠାନ ଭାବେ ସ୍ୱତନ୍ତ୍ର ଖ୍ୟାତି ଅର୍ଜନ କରିଥିଲା। କୋଭିଡ୍ ସମୟରେ ହେଉ ଅବା ଅନ୍ୟ ଗୁରୁତର ରୋଗ କ୍ଷେତ୍ରରେ ଗବେଷଣା କରି ଏହି ଅନୁଷ୍ଠାନ ଆଗଧାଡ଼ିର ଅନୁଷ୍ଠାନ ହୋଇପାରିଛି। ତେବେ ସମୟକ୍ରମେ ଏହି ଅନୁଷ୍ଠାନ ନାନାଦି ବିବାଦ ଭିତରେ ଛନ୍ଦି ହୋଇଯାଇଛି। ହସ୍ତଗତ ସୂଚନା ଅନୁସାରେ, ଆଦିବାସୀ ଲୋକଙ୍କର ଜେନେଟିକ୍ ପରିବର୍ତ୍ତନ ସମ୍ପର୍କରେ ସବିଶେଷ ଜ୍ଞାନ ଆହରଣ ପାଇଁ କେନ୍ଦ୍ର ସରକାରଙ୍କର ଏକ ପ୍ରକଳ୍ପ ଭାବେ ଆଇଏଲ୍‌ଏସ୍ ଟ୍ରାଇବାଲ୍ ଜିନୋମ୍ ସିକ୍ୱେନ୍ସିଂ କାର୍ଯ୍ୟକ୍ରମ ହାତକୁ ନେଇଥିଲା। ୫ ବର୍ଷ ତଳେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ପାଇଁ ପ୍ରାୟ ୭ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ସ୍ଥାନୀୟ ବିଶେଷଜ୍ଞଙ୍କ ସହାୟତରେ ଆଇଏଲ୍‌ଏସ୍ ପକ୍ଷରୁ ମୟୂରଭଞ୍ଜ, ସୁନ୍ଦରଗଡ଼, ଖୋର୍ଦ୍ଧା ଏବଂ ମାଲକାନଗିରି ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ଆଦିବାସୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ଏହି ଗବେଷଣା ଗୁରୁତ୍ୱପୂର୍ଣ୍ଣ ଥିଲା। ସେତେବେଳେ ଆଇଏଲ୍‌ଏସ୍‌ର ପୂର୍ବତନ ନିର୍ଦ୍ଦେଶକ ସ୍ୱର୍ଗତ ଡା. ଅଜୟ ପରିଡ଼ାଙ୍କ ନେତୃତ୍ୱରେ ୧୫-୨୦ ଜଣ ଗବେଷକ କ୍ଷେତ୍ର ସ୍ତରରୁ ନମୁନା ସଂଗ୍ରହ କରିଥିଲେ। ଏଥିରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହାୟତା ମଧ୍ୟ ନିଆଯାଇଥିଲା। କିନ୍ତୁ ଡା. ପରିଡ଼ାଙ୍କ ଆବର୍ତ୍ତମାନରେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଭାଗ୍ୟ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ସଂଗୃହିତ ନମୁନା ଉପରେ ଆଉ ଗବେଷଣା ହୋଇ ନ ଥିବା ଜଣାପଡ଼ିଛି। ପର୍ଯ୍ୟାପ୍ତ ମାନବ ସମ୍ବଳ ଏବଂ ପାଣ୍ଠି ଯୋଗାଇ ଦିଆଯିବା ସତ୍ତ୍ୱେ ଏଭଳି ଏକ ମହତ୍ୱାକାଂକ୍ଷୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧାରୁ ବନ୍ଦ ହୋଇଯାଇଥିବା ଅଭିଯୋଗ ହୋଇଛି। ଆଇଏଲ୍‌ଏସ୍ ଭଳି ଏକ ସ୍ୱନାମଧନ୍ୟ ସ୍ୱାସ୍ଥ୍ୟ ଗବେଷଣା ପ୍ରତିଷ୍ଠାନର ଏପରି ଚରମ ଅବହେଳାକୁ ନେଇ କ୍ଷୋଭ ପ୍ରକାଶ ପାଇବା ସହିତ ଏହି ମାମଲାରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏଥିରେ ହସ୍ତକ୍ଷେପ କରି ଗବେଷଣା ସମ୍ପର୍କରେ ଅନୁସନ୍ଧାନ କରିବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଉଛି।

## ଇନ୍‌ଫୋଭ୍ୟାଲିରେ ଇଲେକ୍‌ଟ୍ରୋନିକ୍...

ଏଠାରେ ସୋଲାର ବ୍ୟାଟେରୀ ନିର୍ମାଣ କରିବା ପାଇଁ ଏକ ମାନୁଫାକ୍‌ଚରିଂ ୟୁନିଟ୍ ସ୍ଥାପନ କରିବାକୁ ଇତିମଧ୍ୟରେ କମ୍ପାନୀ ପ୍ରସ୍ତାବ ଦେଇସାରିଛି। ସେହିପରି ଆର୍‌ଆଇଆର ଇଲେକ୍‌ଟ୍ରୋନିକ୍ ପକ୍ଷରୁ ଇଏମ୍‌ସି ପାର୍କରେ ଏକ ଉତ୍ପାଦ ମାନୁଫାକ୍‌ଚରିଂ ସେଣ୍ଟର ମଧ୍ୟ ଖୋଲାଯିବ। ତେବେ ମିଳିଥିବା ତଥ୍ୟାନୁସାରେ ଚଳିତବର୍ଷ ଶେଷ ଆଡକୁ ଇଲେକ୍‌ଟ୍ରୋନିକ୍ ମାନୁଫାକ୍‌ଚରିଂ କ୍ଲଷ୍ଟର ପାର୍କ କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡିଛି। ଏହି ପାର୍କରେ ୧୨ ହଜାରରୁ ଅଧିକ ଲୋକଙ୍କୁ ନିଯୁକ୍ତି ମିଳିବ ବୋଲି ସୂଚନା ମିଳିଛି।

## ଜଳିଗଲା ଚଳନ୍ତା...

ପ୍ରାୟ ୫୦ରୁ ଅଧିକ ଯାତ୍ରୀଙ୍କୁ ସୁରକ୍ଷିତ ଭାବରେ ତଳକୁ ଓହ୍ଲାଇ ଦିଆଯାଇଥିଲା। ଖବରପାଇ ସ୍ଥାନୀୟ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚ ଏହି ନିଆଁକୁ ଆୟତ୍ତ କରିଥିଲେ। ବସରେ ସଂଯୋଗ ହୋଇଥିବା ବ୍ୟାଟେରି ସର୍ଟସର୍କିଟରୁ ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଛି।

**ବିଶେଷ ସୂଚନା**

ଏତଦ୍ୱାରା ହୀରାକୁଦ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ସରକାରଙ୍କ ବିଶେଷ ଅନୁଦାନ ଦ୍ୱାରା ବରଗଡ ମୁଖ୍ୟ କେନାଲର ୦ ଆର.ଡି ଠାରୁ ୨୫ କିଲୋମିଟର ପର୍ଯ୍ୟନ୍ତ କେନାଲ କଂକ୍ରିଟକରଣ କାମ ହାତକୁ ନିଆଯାଇଅଛି ଏବଂ ଉକ୍ତ କାମ କେନାଲ ବନ୍ଦ ରହିବା ସମୟରେ କରାଯାଉଅଛି।

ଉକ୍ତ କାମ ତ୍ୱରାନ୍ୱିତ କରାଯିବା ନିମନ୍ତେ ବରଗଡ ମୁଖ୍ୟ କେନାଲ ଆସନ୍ତା ମେ-୦୧ ଠାରୁ ଜୁନ-୩୦ ପର୍ଯ୍ୟନ୍ତ ବନ୍ଦ ରହିବା ନିମନ୍ତେ ସ୍ଥିର କରାଯାଇଅଛି। ଏଣୁ ବରଗଡ ମୁଖ୍ୟ କେନାଲ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇଭଉଣୀ ମାନଙ୍କୁ କେନାଲ ବନ୍ଦ ର ଅବଧିକୁ ଦୃଷ୍ଟିରେ ରଖି ଆସନ୍ତା ଖରିଫ ଚାଷ ନିମନ୍ତେ ବିହିତ ଯୋଜନା ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରାଗଲା।

ନିବେଦକ
ଅଧିକ୍ଷଣ ଯନ୍ତ୍ରୀ
ବରଗଡ ଜଳସେଚନ ବିଭାଜନ, ବରଗଡ

ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
CAD-79
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍ ସାଇଟ୍: www.oshb.org

ବିଜ୍ଞାପନ

ପତ୍ର ସଂଖ୍ୟା: ୯୮
H-918/2016
ତା.୨୪.୦୪.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଦୁମୁଦୁମା, ଦ୍ୱିତୀୟ ପ୍ରର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ-ଏଲ୍.ଆଇ.ଜି-୧୧୬୩ (LIG-1163), ଟିକୁ ଶ୍ରୀ ଗିରୀଶ ଚନ୍ଦ୍ର ନାୟକ, ପିତା-କେଶବ ଚନ୍ଦ୍ର ନାୟକ, ସା-ଉପୁଳା, ପୋ-ବନ୍ତଳା, ଥାନା-ବଡ଼ଚଣା, ଜିଲ୍ଲା-ଯାଜପୁରଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଗିରୀଶ ଚନ୍ଦ୍ର ନାୟକ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରିଣ ଆଧାରରେ ଶ୍ରୀ ଟି.ରଞ୍ଜିତ କୁମାର ପାତ୍ରୋ, ପୁତ୍ର-ଟି. ସୁଦର୍ଶନ ପାତ୍ରୋ, ସା/ପୋ-ଫଶିଗୁଡ଼ା, ଥାନା-ଦିଗପହଣ୍ଡି, ଜିଲ୍ଲା-ଗଞ୍ଜାମ ଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଘର ର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0063/2425

# ଦମ୍ ଦେଖାଇଲେ ରାଜଶ୍ରୀ, ପ୍ରଶାନ୍ତ, ଚିରଞ୍ଜୀବ

## ଜଗତ୍‌ସିଂହପୁରରେ କଲେ ବିଶାଳ ରୋଡ୍ ସୋ | 'ପୁଣି ଶଙ୍ଖ ବାଜିବ, ୩୦ ହଜାର ଭୋଟରେ ଜିତିବୁ'




ଜଗତସିଂହପୁର, ୨୬।୪(ସମିସ)

ଜଗତ୍‌ସିଂହପୁରରେ ବିଜେଡିର ସାଂସଦ ପ୍ରାର୍ଥିନୀ ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି ଓ ଚିରଞ୍ଜୀବ ବିଶ୍ୱାଳ ବିଶାଳ ରୋଡ୍ ସୋ କରି ଦମ୍ ଦେଖାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଜଗତ୍‌ସିଂହପୁର ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ବିକାଶ ହୋଇଛି। ଏପରିକି ବିଜେଡି ସରକାରଙ୍କ ସମୟରେ ଜଗତସିଂହପୁର ଜିଲ୍ଲା ବିକାଶର ଚରମ ସୀମାକୁ ଛୁଇଁଛି। ଆସନ୍ତା ନିର୍ବାଚନରେ ଜଗତ୍‌ସିଂହପୁରରେ ପୁଣି ଥରେ ଶୁଭ ଶଙ୍ଖ ବାଜିବ। ଏଥର ମଧ ୩୦ ହଜାର ଭୋଟ ବ୍ୟବଧାନରେ ଜିତିବୁ ବୋଲି ଶୁକ୍ରବାର ସଂଧ୍ୟାରେ ଚର୍ଚ୍ଚିକାବଜାରଠାରେ ଅନୁଷ୍ଠିର ବିଜେଡିର ସଂକଳ୍ପ ସମାବେଶରେ ଯୋଗଦେଇ ବିଧାୟକ ପ୍ରଶାନ୍ତ ମୁଦୁଲି ନିଜ ଅଭିଭାଷଣରେ ଏହା ଦାବି କରିଛନ୍ତି।

ପ୍ରଥମେ ଜଗତସିଂହପୁର ନୂଆପୋଲଠାରୁ ସହରର ଚର୍ଚ୍ଚିକାବଜାର ପର୍ଯ୍ୟନ୍ତ ବିଜେଡିର ବିଶାଳ ବାଇକ ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗତସିଂହପୁର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ, ଚିରଞ୍ଜୀବୀ ବିଶ୍ୱାଳ ଓ ସାଂସଦ ରାଜଶ୍ରୀ ମଲ୍ଲିକ ପ୍ରମୁଖ ଯୋଗାଦେଇ ଶକ୍ତି ପଦର୍ଶନ କରିବା ସହିତ ଭୋଟ ମାଗିଥିଲେ। ଏହି ରାଲି ଚର୍ଚ୍ଚିକାବଜାର ଠାରେ ପହଁଚିବାପରେ ସେଠାରେ ଆୟୋଜିତ ସଂକଳ୍ପ ସମାବେଶରେ ଯୋଗଦେଇ ବିଧାୟକ ଶ୍ରୀ ମୁଦୁଲି ଆହୁରି କହିଲେ ଯେ, ଜଗତସିଂହପୁରରେ ଏଭଳି ବିଶାଳ ରୋଡ ସୋ କେବେ କେଉଁଠି ହୋଇନଥିଲା। ଏଭଳି ଅଭୂତପୂର୍ବର୍ ଜନ ସମର୍ଥନରୁ ୨୦୨୪ ନିର୍ବାଚନର ଫଳାଫଳ କଣ ହେବ ଏହା ସହଜରେ ଜଣାପଡ଼ିଯାଉଛି। ଜଗତସିଂହପୁର ଜିଲ୍ଲାର ୪ଟି ବିଧାନସଭା କ୍ଷେତ୍ର ଓ ଗୋଟିଏ ସଂସଦୀୟ କ୍ଷେତ୍ରରେ ବିଜେଡି ନିଶ୍ଚୟ ଜିତିବ। ବିକାଶ ଅଧାରରେ ଭୋଟରମାନେ ପୁଣିଥରେ ବିଜେଡିକୁ ଭୋଟ ଦେଇ ଜିତାଇବେ ବୋଲି ସେ କହିଥିଲେ।

ସେହିପରି ଏଥିରେ ଯୋଗଦେଇ ସାଂସଦ ରାଜଶ୍ରୀ ମଲ୍ଲିକ କହିଲେ, ଦ୍ୱିତୀୟ ଥରପାଇଁ ମୁଖ୍ୟମନ୍ତ୍ରୀ ମୋ ଉପରେ ଭରସାକରି ମୋତେ ପ୍ରାର୍ଥୀ କରିଛନ୍ତି। ପୁଣିଥରେ ଜିଲ୍ଲାବାସୀ ତାଙ୍କୁ ସେବା କରିବାର ସୁଯୋଗ ଦେବାକୁ ସେ ଅନୁରୋଧ କରିଥିଲେ। ସେହିପରି ଅନୁଷ୍ଠିତ ସଭାରେ ବକ୍ତବ୍ୟ ରଖି ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ କହିଲେ, ବିଧାୟକ ଟିକେଟ ପାଇଁ ବିଜେଡିରେ ମିଶିଛି ବୋଲି ମୋ ବିରୋଧରେ ଅପପ୍ରଚାର ହେଉଛି। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ପ୍ରତି ଆକୃଷ୍ଟ ହୋଇ ବିଜୁ ଜନତା ଦଳରେ ଯୋଗଦେଇଛି ବୋଲି ସେ କହିଥିଲେ। ନବୀନବାବୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ଓ ପ୍ରଶାନ୍ତ ମୁଦୁଲି ଜଗତସିଂହପୁରରୁ ୫୦ ହଜାର ଭୋଟରେ କିଭଳି ଜିତିବେ ଏବେଠୁ ଆମକୁ ଏହି ସଂକଳ୍ପ ନେବାକୁ ହେବ ବୋଲି କହିଥିଲେ। ବିରୋଧିମାନେ ମନେ ମନେ ଜିତୁଛନ୍ତି ବୋଲି ଭାବୁଛନ୍ତି। କିନ୍ତୁ ବିଜେପିରେ ମିଶିଥିବା ୭୫ ପ୍ରତିଶତ କର୍ମୀ ପୁଣି ବିଜେଡିକୁ ଫେରିବେ। ଏହାର ବ୍ୟବସ୍ଥା କରାଯାଉଛି ବୋଲି ସେ କହିଥିଲେ। ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ରଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଂକଳ୍ପ ସମାବେଶରେ, ଜିଲ୍ଲାପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ବ୍ଲକ ଅଧକ୍ଷା କନକପ୍ରଭା ଲେଙ୍କା, ପ୍ରଶାନ୍ତ ମଲ୍ଲିକ, ସମ୍ବିତ ଲେଙ୍କା ପ୍ରମୁଖ ବକ୍ତବ୍ୟ ରଖି ଜଗତସିଂହପୁର ନିର୍ବାଚନ ଫଳାପଳ ଇତିହାସ ସୃଷ୍ଟି କରିବ ଓ ବିଧାୟକ ପ୍ରଶାନ୍ତ ମୁଦୁଲି ବହୁଭୋଟରେ ଜିତିବେ ବୋଲି ଦାବି କରିଥିଲେ।





## ମରଚେଇରେ ବିଜେଡିର ନିର୍ବାଚନୀ ବୈଠକ

● ୨୮ରେ ବାଇଶିମଉଜା ସମାବେଶକୁ ସଫଳ କରିବାକୁ ନିଷ୍ପତ୍ତି

ବିରିଡ଼ି, ୨୬।୪(ସମିସ): ଆସନ୍ତା ୨୮ ତାରିଖ ତାରିଖରେ ବିରିଡ଼ି ବ୍ଲକ ଦୁଇ ନମ୍ବର ଜୋନ୍ ବିଜେଡିର ନିର୍ବାଚନୀ ସମାବେଶ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସମାବେଶରେ ସାଂସଦ ପ୍ରାର୍ଥୀ ଡ. ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇ ଯୋଗଦେବେ। ଏଥିପାଇଁ ଦଳ ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଇଥିବାବେଳେ ୫୦୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ କର୍ମୀ, ମହିଳା, ଯୁବ ଛାତ୍ର କର୍ମୀଙ୍କୁ ଏକତ୍ରିତ କରି ଦମ୍ ଦେଖାଇବାକୁ ଯାଉଛି ବିଜେଡି ଦଳ।

ଏହି ସମାବେଶ ୨୨ ମୌଜା ପୂରଣ ପଞ୍ଚାୟତ ମରିଚେଇ ଠାକୁରାଣୀଙ୍କ ସମ୍ମୁଖ ପଡ଼ିଆରେ କରାଯିବ ପାଇଁ ସ୍ଥିର କରାଯାଇଛି। ଏଥିପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ଲକ ସଭାପତି ରବୀନ୍ଦ୍ର ରାଉଳ, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ଦେବୀପ୍ରସାଦ ତ୍ରିପାଠୀ, ନୃସିଂହ କୁମାର ଦାଶ, ନେତ୍ରାନନ୍ଦ ପାତ୍ର, ପ୍ରଦୀପ୍ତ ଭୂୟାଁ, ପୁଷ୍ପପ୍ରକାଶ ପ୍ରଧାନ, ସୁକାନ୍ତ ବାରିକ, ପ୍ରବୋଧ ତ୍ରିପାଠୀ, ବିମ୍ବାଧର ଦାସ, ସୁଦର୍ଶନ ବେହେରା, ଯୁଧିଷ୍ଠିର ବେହେରା, ଦୀପକ ଆଚାର୍ଯ୍ୟ, ପ୍ରବୀର ଦାସ, ସୁଶାନ୍ତ ବସ୍ତିଆ, ଶିବପ୍ରସାଦ ଜେନା, କାଳନ୍ଦୀ ବସ୍ତିଆ, ଜ୍ଞାନ ଜେନା, ରବୀନ୍ଦ୍ର ସାହୁ, ନିରଞ୍ଜନ ସେଠୀ, କେଦାର ସାହୁ, କଲ୍ୟାଣ ବାରିକ, ତାପସ ଜେନା, ସ୍ନେହାଶିଷ ଜେନା ଓ ଅନ୍ୟମାନେ ଉପସ୍ଥିତ ରହି ରଣନୀତି ପ୍ରସ୍ତୁତି କରିଥିଲେ। ଏହି କର୍ମୀ ସମାବେଶରେ ଦୁଇ ନମ୍ବର ଜୋନର ୧୦ଟି ପଞ୍ଚାୟତରୁ କିପରି ଦଳର ସମସ୍ତ କର୍ମୀ ପହଞ୍ଚିବେ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରଯାଇଥିଲା।

## ଦୁଇ ବ୍ରାଉନ୍‌ସୁଗର ବ୍ୟବସାୟୀଙ୍କୁ କାବୁକଲା ପୁଲିସ




ପାରାଦୀପ, ୨୬।୪(ସମିସ): ପାରାଦୀପ ଲକ୍‌ଥାନା ପୁଲିସ ଗତକାଲି ଅପରାହ୍ନରେ ଜଗତିଗଡ଼ା ନିକଟରେ ପେଟ୍ରୋଲିଂ କରୁଥିବା ବେଳେ ଦୁଇ ବ୍ରାଉନ ସୁଗାର ବେପାରୀ ଙ୍କୁ କାବୁ କରିଛି। ଉଭୟ ଏକ ବାଇକ୍ ଯୋଗେ ଆସୁଥିବା ବେଳେ ପୁଲିସ ସନ୍ଦେହରେ ଅଟକାଇ ଯାଞ୍ଚ କରିବାରୁ ସେମାନଙ୍କଠାରୁ ୮ ଗ୍ରାମର ବ୍ରାଉନ୍‌ସୁଗର ମିଳିଥିଲା। ସେମାନେ ହେଲେ ଝିମାଣିର ଯୋଗେନ୍ଦ୍ର ବାହାଲିଆ (୩୨) ଓ ସାନ୍ତରାର ବାଦଲ କୁମାର ସାମଲ (୩୪)। ସେମାନଙ୍କ ନିକଟରୁ ଏକ ବାଇକ୍ ସହ ୮ ଗ୍ରାମର ବ୍ରାଉନ୍‌ସୁଗାର, ୩ ଟି ମୋବାଇଲ ଓ ନଗଦ ୧ ହଜାର ଟଙ୍କା ଜବତ କରିଛି ପୁଲିସ। ୨ ଅଭିଯୁକ୍ତ ଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ଏବିଭିପି ପକ୍ଷରୁ ଜଳଛତ୍ର



କୁଜଙ୍ଗ, ୨୬।୪(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ କୁଜଙ୍ଗ ସମାଗୋଳ ସ୍ଥିତ କୁଜଙ୍ଗ ଉପକାରରାଗାର ଛକ ନିକଟରେ ଜଳଛତ୍ର ଖୋଲା ଯାଇଛି। ଏଠାରେ ବିଦ୍ୟାର୍ଥୀମାନେ ପାଳିକରି ରହି ପଥଚାରୀଙ୍କ ତୃଷା ନିବାରଣ ନିମନ୍ତେ ଦହିପାଣି ଯୋଗାଇ ଦିଆଯାଉଛି। ଛାତ୍ର ନେତା ସତ୍ୟ ପ୍ରକାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଜଳଛତ୍ରରେ ବିଶ୍ୱଜିତ ଛାଟୋଇ, ଅମୀୟପ୍ରସାଦ ମହାନ୍ତି, ଦେବେନ୍ଦ୍ର ମହାନ୍ତି, ମିନକେତନ ଦାସ ପ୍ରମୁଖ ଛାତ୍ରମାନେ ସହଯୋଗ କରୁଛନ୍ତି।

## ପରିବା ବ୍ୟବସାୟୀ ସଂଘ ପକ୍ଷରୁ ଜଳଛତ୍ର



କୁଜଙ୍ଗ, ୨୬।୪(ସମିସ): କୁଜଙ୍ଗ ସ୍ଥିତ ଆଖଣ୍ଡଳମଣି ପରିବା ବ୍ୟବସାୟୀ ସଂଘ ପକ୍ଷରୁ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ କରି ଗ୍ରାହକ ଓ ସାଧାରଣଣ ଜନତାଙ୍କ ପାଇଁ ଥଣ୍ଡା ପାନୀୟ ବଣ୍ଟନ ସହ ସେବା ଯୋଗାଇ ଦେଇଛନ୍ତି। ଏହି ସେବା କାର୍ଯ୍ୟରେ କମିଟିର ସବୁ କର୍ମକର୍ତ୍ତାଙ୍କ ସହ ରିଶିକାନ୍ତ ରାଉତ, ବଳରାମ ରାଉତ, ରାଜେନ୍ଦ୍ର ପ୍ରଧାନ, ଜିତେନ୍ଦ୍ର ରାଉତ, ଫକୀର ମୋହନ ଅଧିକାରୀ, କୃଷାସିନ୍ଧୁ ଶୁକ୍ଳ, ବିଭୁ ରଞ୍ଜନ ସାହୁ ପ୍ରମୁଖ ବହୁ ସଦସ୍ୟ ସହଯୋଗ କରିଥିବା ବେଳେ କୁଜଙ୍ଗ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ମଧ ଜଳଛତ୍ର ପ୍ରଦାନ କରାଯାଇଛି। ଏହି ସେବା କାର୍ଯ୍ୟରେ ଦିଲୀପ ଦାସ, ବିପିନ ମହାରଣା, କେଶକ ଦାସ ଓ ପୃଷ୍ଟି ବାବୁ ପ୍ରମୁଖ ସହଯୋଗ କରିଥିଲେ।

## ଟ୍ରକ୍ ଡାଲାରେ ପିଟିହୋଇ ଚାଳକ ଗୁରୁତର

ପାରାଦୀପ, ୨୬।୪(ସମିସ): ପାରାଦୀପ ଲକଥାନା ଅଧିନ ନରେନ୍ଦ୍ରପୁରପୁର ଗଡ଼ା ନିକଟରେ ଆଜି ସକାଳୁ ସକାଳୁ ଏକ ପଣ୍ୟବାହି ଟ୍ରକ ଅନ୍ୟ ଏକ ଟ୍ରକ ଡାଲାରେ ପିଟିହୋଇ କ୍ଷତିଗ୍ରସ୍ତ ହୋଇଛି।



ଦୁର୍ଘଟଣା ଘଟାଇ ଥିବା ଟ୍ରକଟିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଚୁର୍‌ମାର୍ ହୋଇ ପଡ଼ିଥିବା ବେଳେ ଚାଳକ ଗୁରୁତର ହୋଇ କଟକ ସ୍ଥାନାନ୍ତରିତ ହୋଇଛନ୍ତି। ଟ୍ରକ୍‌ଟି ଓଭରଟେକ କରୁଥବା ବେଳେ ଏଭଳି ଦୁର୍ଘଟଣା ହୋଇଥିବା କୁହାଯାଉଛି। ଲକ୍‌ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିଛି।

## ମହ୍ଲାସାହିରେ ବିଜେଡିର ନିର୍ବାଚନୀ ପ୍ରସ୍ତୁତି ବୈଠକ

କୁଜଙ୍ଗ, ୨୬।୪(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ମହ୍ଲାସାହି ପଞ୍ଚାୟତ ବିଜୁ ଜନତା ଦଳର ନିର୍ବାଚନୀ ପ୍ରସ୍ତୁତି ବୈଠକ ଅରଖିଆସ୍ଥିତ ବାଲିମଠଠାରେ ସରପଞ୍ଚ ଧ୍ରୁବ ଚରଣ ନାୟକଙ୍କ ଅଧକ୍ଷତାରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ବିଜେଡି ସଭାପତି ନରେନ୍ଦ୍ର କୁମାର ପରିଡ଼ା ଯୋଗଦେଇ ନବୀନ ପଟ୍ଟନାୟକ କିପରି ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ସେଥିପାଇଁ ସମସ୍ତ କର୍ମୀ କାମ କରିବାକୁ ଆହ୍ୱାନ ଦେଇଥିଲେ। ସରପଞ୍ଚ ଶ୍ରୀ ନାୟକ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ଓ ପଞ୍ଚାୟତରେ ହୋଇଥିବା ବିକାଶମୂଳକ କାମର ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ନିର୍ବାଚନ ପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇଥିବାର ଜଣାପଡ଼ିଛି। ବୈଠକରେ ପ୍ରମୁଖ ସଂଗଠକମାନଙ୍କ ମଧ୍ୟରେ ବିଷ୍ଣୁ ପ୍ରସାଦ କର, ବଲ୍ଲଭ ପାଣି, ମହନି ରାଉତ, ବିବେକାନନ୍ଦ ସାହୁ, ଶଙ୍କର ଦଳାଇ ପ୍ରମୁଖ ଯୋଗଦେଇ ବିଧାୟିକା ପ୍ରାର୍Oଥନୀ ଗୀତାଞ୍ଜଳୀ ରାଉତରାୟଙ୍କୁ ବହୁ ଭୋଟ ବ୍ୟବଧାନରେ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ।

## ଜିଲ୍ଲାର ସାମଗ୍ରୀକ ବିକାଶ ପାଇଁ ସମସ୍ତ ରାଜନୈତିକ ଦଳକୁ ଅଳକା ଆଶ୍ରମର ପ୍ରସ୍ତାବ

ଜଗତସିଂହପୁର, ୨୬।୪(ସମିସ): ସ୍ୱାଧୀନତା ସଂଗ୍ରାମୀଙ୍କ ଏନ୍ତୁଡିଶାଳ ଅଳକା ଆଶ୍ରମ ଓ ଜଗତସିଂହପୁର ବିକାଶ ମଞ୍ଚ ଆନୁକୂଲ୍ୟରେ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଆଠ ଗୋଟି ପ୍ରସ୍ତାବ ସମସ୍ତ ରାଜନୈତିକ ଦଳ ତଥା ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ପ୍ରଦାନ କରାଯାଇଛି। ଅଳକା ଆଶ୍ରମ ତଥା ଜଗତସିଂହପୁର ବିକାଶ ମଞ୍ଚର ଆବାହକ ଦେବେନ୍ଦ୍ର ନାଥ ରାଉତ ଓ ସଭାପତି ଗୌରାଙ୍ଗ ଚରଣ ହୋତାଙ୍କ ସ୍ୱାକ୍ଷରିତ ଏହି ପ୍ରସ୍ତାବ ପତ୍ର ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଓଡ଼ିଶା ରାଜ୍ୟ ବିଜେପି ପ୍ରଭାରୀ, ରାଜ୍ୟ କଂଗ୍ରେସ ସଭାପତି ଏବଂ ଅନ୍ୟ ନେତୃବର୍ଗଙ୍କୁ ପ୍ରଦାନ କରାଯାଇଛି। ଏହି ପସ୍ତାବପତ୍ରରେ ଜଗତସିଂହପୁର ଜିଲ୍ଲାର ସାମଗ୍ରୀକ ଉନ୍ନତିରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା କେତେ ଗୁଡିଏ ସମସ୍ୟାକୁ ଦୃଷ୍ଟି ଗୋଚରକୁ ଆଣିବାକୁ ପ୍ରୟାସ କରିବା ସହିତ ଏହାର ସମାଧାନ ପାଇଁ ପ୍ରତ୍ୟେକ ଦଳର ସ୍ଥାନୀୟ ନିର୍ବାଚନୀ ଇସ୍ତାହାରରେ ସ୍ଥାନିତ କରିବାକୁ ଅନୁରୋଧ କରାଯାଇଛି।

ସେଗୁଡିକ ମଧ୍ୟରୁ କୃଷି ଓ କୃଷକର ଉନ୍ନତି ନିମିତ୍ତ ଶୀତଳ ଭଣ୍ଡାର ପ୍ରତିଷ୍ଠା, ଚାଷ ଜମିରେ ଜଳସେଚନର ସୁବିଧା କରିବା ଓ କୃଷି ଜାତଦ୍ରବ୍ୟର ବିକ୍ରୟ ପାଇଁ ବ୍ୟବସ୍ଥିତ ବଜାର ବ୍ୟବସ୍ଥା ଅନ୍ତର୍ଭୁକ୍ତ। ବେକାରୀ ସମସ୍ୟାର ସମାଧାନ ପାଇଁ ଅଳକା ଆଶ୍ରମ ପରିସରରେ ବହୁମୁଖୀ ଲକ୍ଷ୍ୟ ସାଧନ କରୁଥିବା କୌଶଳ ବିକାଶ କେନ୍ଦ୍ର ପ୍ରତିଷ୍ଠା, ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଧାରିବା ପାଇଁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା, ତିର୍ତ୍ତୋଲ ସୂତାକଳକୁ ପୁନରୁଦ୍ଧାର, ଜିଲ୍ଲାର ସମସ୍ତ ଐତିହାସିକ ତଥା ପାରମ୍ପରିକ ଜ୍ଞାନପୀଠକୁ ପୁନରୁଦ୍ଧାର କରି ଏହାକୁ ଛାତ୍ରମାନଙ୍କ ପାଇଁ ଶିକ୍ଷା ଆହରଣର କେନ୍ଦ୍ରରେ ପରିଣତ କରିବା, ଜିଲ୍ଲା ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ପାଇଁ ବିଭିନ୍ନ ପ୍ରସ୍ତାବମାନ ପ୍ରଦାନ କରାଯାଇଛି। ଏଥିସହିତ ଜଗତସିଂହପୁରର ସୁଦୀର୍ଘ ବେଳାଭୂମି ଅଞ୍ଚଳକୁ ସଦୁପଯୋଗ କରି ଜିଲ୍ଲା ଅର୍ଥନୀତି ସହିତ ରାଜ୍ୟ ଅର୍ଥନୀତିକୁ ସମୃଦ୍ଧ କରିବା ସହିତ କର୍ମନିଯୁକ୍ତି ପାଇଁ ପ୍ରସ୍ତାବ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ଜଗତସିଂହପୁର ଜିଲ୍ଲାର ସମସ୍ତ ବିଧାନସଭାର ପାର୍ଥୀ ଓ ସାଂସଦ ପ୍ରାର୍ଥୀମାନଙ୍କ ପାଖକୁ ପ୍ରେରଣ କରାଯାଇଛି ବୋଲି ଆବାହକ ପ୍ରକାଶ କରିଛନ୍ତି। ମାଟିର ଉନ୍ନତି ପାଇଁ ଏହିପରି ସଚେତନତା କାର୍ଯ୍ୟକ୍ରମ ସମସ୍ତ ନାଗରିକ ତଥା ସାମାଜିକ ଅନୁଷ୍ଠାନ ଗୁଡିକ ଗ୍ରହଣ କରିବାକୁ ଆବାହକ ଅନୁରୋଧ କରିଛନ୍ତି।

## ବିଜେଡିର ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ

# ଦୁଇ ସରପଞ୍ଚଙ୍କ ସମେତ ଶତାଧିକ ବିଜେଡିରେ ସାମିଲ



ତିର୍ତ୍ତୋଲ, ୨୬।୪(ସମିସ)

ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଅଧିନ ତିର୍ତ୍ତୋଲ ବ୍ଲକ ବିଜେଡିର ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ ଆଜି ତିର୍ତ୍ତୋଲସ୍ଥିତ ଆନନ୍ଦମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ତିର୍ତ୍ତୋଲ ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ ପ୍ରଫେସର ଡ.ରମାକାନ୍ତ ଭୋଇ ଯୋଗଦେଇ ରାଜ୍ୟରେ ତିର୍ତ୍ତୋଲ ନିର୍ବାଚମଣ୍ଡଳୀର ଏକ ସ୍ୱତନ୍ତ୍ର ପରିଚୟ ଥିବାବେଳେ ଏହି ନିର୍ବାଚନମଣ୍ଡଳୀରୁ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ରେକର୍ଡ ସଂଖ୍ୟକ ଭୋଟରେ ବିଜୟୀ କରିବା ପାଇଁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ସଭାପତି ରବି ନାରାୟଣ ଜେନା, ଜିଲ୍ଲା ବରିଷ୍ଠ ଉପସଭାପତି ଅଶ୍ୱିନୀ ଦାସ, ବସନ୍ତ ମହାପାତ୍ର, ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଗିରିଶ ଚନ୍ଦ୍ର ଦାଶ, ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ସୋଲାର ମିଶ୍ର, ଜିଲ୍ଲା ପରିଷଦ ଉପାଧକ୍ଷା ସୁଜାତା ମହାନ୍ତି, ତିର୍ତ୍ତୋଲ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା, ଉପାଧକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ସୁନୀଲ ବେହେରା, ରୀତା ସିଂ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ପ୍ରଦୀପ୍ତ ଭୂୟାଁ, ନିର୍ବାଚନମଣ୍ଡଳୀ ଯୁବ ସଭାପତି ସୁମିତ ଦାସ, ବ୍ଲକ ଯୁବ ସଭାପତି ସୁଜିତ ମହାନ୍ତି, ବ୍ଲକ ଛାତ୍ର ସଭାପତି କାଳନ୍ଦୀ ଦାଶ, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ଧାନରନ ନନ୍ଦ, ସୁବ୍ରତ ଦାଶଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଯୋଗଦେଇଥିଲେ। ଅଶ୍ୱିନୀ ବିଶ୍ୱାଳ, ତପନ ମହାନ୍ତି, ବ୍ଲକ ଆମ୍ବା ଅଧକ୍ଷ ଦେବେନ୍ଦ୍ର ମଲ୍ଲିକ, ରଞ୍ଜିତ ପରିଜା, ପୂର୍ବତନ ସରପଞ୍ଚ ରମେଶ କୁଅଁର, ସରପଞ୍ଚ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ସମିତି ସଭ୍ୟ ପ୍ରବୀର ରାୟ, ଯଶୋବନ୍ତ ରାଉତ, ଦେବବ୍ରତ ବାରିକ, ନୃସିଂହ ରାଉଳ, ସିଦ୍ଧାର୍ଥ ରାଉଳ, ଭାସ୍କର ଚନ୍ଦ୍ର ନାୟକଙ୍କ ସମେତ ନିର୍ବାଚନମଣ୍ଡଳୀ ଅଧିନ ତିର୍ତ୍ତୋଲ ବ୍ଲକର ୨୧ଟି ପଞ୍ଚାୟତର ବରିଷ୍ଠ କର୍ମୀମାନେ ଯୋଗଦେଇଥିଲେ। ବୈଠକରେ ତୃଣମୂଳସ୍ତରରେ ଦଳୀୟ ସଙ୍ଗଠନକୁ ଆହୁରି ମଜବୁତ କରିବାକୁ ଆଲୋଚନା ହୋଇଥିଲା। ଏହି ଅବସରରେ କଂଗ୍ରେସ ସମର୍ଥୀତ କଟରା ସରପଞ୍ଚ ସଂହିତା ବଳ ଓ ତରଜଙ୍ଗା ସରପଞ୍ଚ ରୀତାଞ୍ଜଳୀ ମଲ୍ଲିକ ନିଜର ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଥିଲେ। ଦଳ ତରଫରୁ ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଅମରଜ୍ୟୋତି ସାହୁ ସ୍ୱାଗତ ଭାଷଣ ଓ ମହିଳା ନେତ୍ରୀ ଦମୟନ୍ତୀ ସେଠୀ ଧନ୍ୟବାଦ ଦେଇଥିଲେ।

## ବିଜେପି ନେତାଙ୍କ ବିଜେଡିରେ ଯୋଗଦାନ

ଏରସମା, ୨୬।୪(ସମିସ): ଗତ ପଞ୍ଚାୟତ ନିର୍ବାଚନରେ ଏରସମା ବ୍ଲକ ୪ ନଂ. ଜୋନ୍‌ର ବିଜେପି ଜିଲ୍ଲା ପରିଷଦ ସଭ୍ୟ ଭାବେ ପଦ୍ମଲୋଚନ ଦାଶ ନିର୍ବାଚନ ଲଢିଥିଲେ। ସେ ବିଜେପିରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଛନ୍ତି। ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଶ୍ରୀ ଦାଶ ବିଜେଡିରେ ଯୋଗଦେଇଛନ୍ତି।



ପ୍ରକାଶ ଥାଉକି ପଦ୍ମଲୋଚନ ଦାଶ ଜିଲ୍ଲା ବିଜେପିର ଉପସଭାପତି ଥିଲେ। ଶୁକ୍ରବାର ଅପରାହ୍ନରେ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ପାଖକୁ ସେ ତାଙ୍କ ଇସ୍ତଫାପତ୍ର ପଠାଇଥିଲେ ଏବଂ ତତ୍କାଳୀନ ଚଟୁଆ ପଞ୍ଚାୟତ ଅଫିସ୍ ସମ୍ମୁଖରେ ବିଜୁଜନତା ଦଳର ବିଧାୟକ ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନା ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଶ୍ରୀ ଦାଶଙ୍କୁ ବିଜୁଜନତା ଦଳରେ ସାମିଲ୍ କରିଥିଲେ। ଏରସମା ବ୍ଲକ ବିଜୁଜନତା ଦଳର ସଭାପତି ପୀତବାସ ଗୋଛାୟତ, ଜଗତସିଂହପୁର ଜିଲ୍ଲା ବିଜୁଜନତାଦଳ ଉପ ସଭାପତି ବିଜୟ ପାଳ, ଏରସମା ବ୍ଲକ ଯୁବ ବିଜୁଜନତା ଦଳର ଉପସଭାପତି ଲୋକନାଥ ରାଉତ, (ହାପି) ଚଟୁଆ ପଞ୍ଚାୟତ ସମିତି ସଭ୍ୟା ମୋନାଲିସା ମହାପାତ୍ର, ନକୁଳ ନାୟକଙ୍କ ସମେତ ବିଜୁଜନତା ଦଳର ବହୁ କର୍ମୀ ଉପସ୍ଥିତ ଥିଲେ।

## ଅଗ୍ନି ବିପନ୍ନଙ୍କୁ ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ସହାୟତା



**କୋରେଇ,୨୬।୪(ସମିସ):** ଅଗ୍ନି ବିପନ୍ନଙ୍କୁ ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଫାଉଣ୍ଡେସନର ସଚିବ ଭବପ୍ରସାଦ ଦାସ ଅଗ୍ନି ବିପନ୍ନଙ୍କ ଘରେ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି। ଗତ ବୁଧବାର ରାତି ୧ ଘଟିକା ସମୟରେ କୋରେଇ ବ୍ଲକ ଅନ୍ତର୍ଗତ ବନ୍ଧାଳ ପଞ୍ଚାୟତର ବେହେରା ସାହିର ବାବୁଲି ଜେନା ଓ ସୁଶାନ୍ତ ଜେନାଙ୍କ ଘରେ ନିଆଁ ଲାଗିଯାଇଥିଲା। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଉଭୟ ପରିବାରର ୩ ବଖରା ଚାଳଘର ପୋଡି ଯିବା ସହିତ ଘରର ଆସବାବପତ୍ର ପୋଡ଼ିଯାଇଥିଲା। ଏହି ଦୁଃଖଦ ଘଟଣାର ଖବର ପାଇ ଅଶୋକ ଦାସ ଫାଉଣ୍ଡେସନର ସଚିବ ଭବପ୍ରସାଦ ଅଗ୍ନି ବିପନ୍ନଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ଆର୍‌ôଥକ ସହାୟତା କରିଛନ୍ତି। ଏଥିସହିତ ସରକାରୀ ସ୍ତରରେ କିଭଳି ସହାୟତା ପାଇବେ ସେଥିପାଇଁ ବ୍ୟାସନଗର ତହସିଲଦାରଙ୍କ ସହିତ ଯୋଗାଯୋଗ କରିଥିଲେ। ସେହିଭଳି ଗତ ୧୪ ତାରିଖରେ ଉକ୍ତ ପଞ୍ଚାୟତର ସୁନ୍ଦରପୁର ଗ୍ରାମର ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ମନୋଜ ପାଗଳଙ୍କ ପୁତ୍ର ମନମୋହନ ପାଗଳ (୧୫) ନଦୀରେ ଗାଧୋଉଥିବାବେଳେ ବୁଡ଼ିଯାଇ ମୃତ୍ୟୁବରଣ କରିଥିଲା। ଅଶୋକ ଦାସ ଫାଉଣ୍ଡେସନର ସଚିବ ଶ୍ରୀ ଦାସ ଉକ୍ତ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ଆର୍‌ôଥକ ସହାୟତା କରିଥିଲେ। ଏ ସମୟରେ ଉକ୍ତ ପଞ୍ଚାୟତର ସମିତି ସଭ୍ୟାଙ୍କ ପ୍ରତିନିଧି ଅଜୟ ମହାକୁଡ, ସରପଞ୍ଚ ବିଷ୍ଣୁଚରଣ ରଥ, ସୁରେଖା ସେଠୀ, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ

## ରେଙ୍ଗାଲି କେନାଲରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ସୁକିନ୍ଦା,୨୬।୪(ସମିସ):** କାଳିଆପାଣି ଥାନା ଅନ୍ତର୍ଗତ ବରଗଜୀ ଗ୍ରାମ ପାଖ ରେଙ୍ଗାଲି କେନାଲରୁ ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ଗାଁସୋଳ ପଞ୍ଚାୟତ ଅନ୍ତର୍ଗତ ବରଗଜୀ ଗ୍ରାମ ପାଖ ରେଙ୍ଗାଲି କେନାଲରେ ଜଣେ ବୃଦ୍ଧଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ସୁକିନ୍ଦା ଦମକଳ ବାହିନୀକୁ ସୂଚନା ଦେଇଥିଲେ। ସୁକିନ୍ଦା ଦମକଳ ବାହିନୀ ଅଧିକାରୀ ରଜନୀକାନ୍ତ ସାମଲଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ପହଞ୍ଚି ମୃତଦେହ ଉଦ୍ଧାର କରି କାଳିଆପାଣି ପୁଲିସକୁ ହସ୍ତାନ୍ତର କରିଥିଲେ। ମୃତକ ବୃଦ୍ଧ ଜଣଙ୍କ ବରଗଜି ଗ୍ରାମର ସେଣ୍ଡ ସର୍ଦ୍ଦାର ବୋଲି ପୁଲିସ ଜାଣିବାକୁ ପାଇଛି। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ବରପଦାରେ ନାବକେଳି ଉତ୍ସବ

**ପାଣିକୋଇଲି, ୨୬।୪(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ବରପଦା ଗ୍ରାମରେ କୈବର୍ତ୍ତ ସଂଘର ନାବକେଳି ଉତ୍ସବ ଅନୁଷ୍ଠିତ ହେଉଛି। ପୌରାଣିକ ତଥ୍ୟକୁ ଆଧାର କରି ବରପଦା ଗ୍ରାମର କୈବର୍ତ୍ତ ଚୈତ୍ର ପୂର୍ଣ୍ଣିମାଠାରୁ ଏହି ଉତ୍ସବ ପାଳନ କରୁଛନ୍ତି। କୈବର୍ତ୍ତମାନେ ନିଜ ବୋଇତକୁ ଧୋଇ ଫୁଲ, ଚନ୍ଦନ, ନୈବେଦ୍ୟ ଦେଇ ସର୍ମପଣ କରିଥିଲେ। ଏହି ଉତ୍ସବରେ ଘୋଡାନାଚ, ପାରମ୍ପରିକ ନୃତ୍ୟ, କୀର୍ତ୍ତନ, ସଂଗୀତ ସନ୍ଧ୍ୟା ଆଦି କାର୍ଯ୍ୟକ୍ରମ ଚାଲୁ ରହିଛି। ସୀତାରାମ ମୂର୍ତ୍ତିକୁ ପୂଜା କରାଯାଉଛି। ରାଜକିଶୋର ପରିଡା କର୍ତ୍ତା ଥିବାବେଳେ ବାସୁଦେବ ପରିଡା, ଗୋଲକ ଚନ୍ଦ୍ର ମାଝୀ, ଶ୍ରୀଧର ପରିଡା, ନକୁଳ ପରିଡା, ଉପେନ୍ଦ୍ର ପରିଡା, ସହଦେବ ପରିଡା, ବଟକୃଷ୍ଣ ପରିଡା, ପଦ୍ମନାଭ ପରିଡା, ଗୋପାଳ ମାଝୀ, ରମାକାନ୍ତ ପରିଡା, ବାବୁରାମ ପରିଡା, ଗୋକୁଳ ପରିଡା ଓ ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି।

## ବିଭିନ୍ନ ସ୍ଥାନରେ ମା' ହିଙ୍ଗୁଳା ଯଜ୍ଞର ପୂର୍ଣ୍ଣାହୁତି

ପାଣିକୋଇଲି, ୨୬।୪ (ସମିସ): ବିଭିନ୍ନ ସ୍ଥାନରେ ହିଙ୍ଗୁଳା ପୂଜା ଅନୁଷ୍ଠିତ ହୋଇଛି। ଅମୃତିଆ, ନୁରୁଙ୍ଗା, ଓଚିନ୍ଦା, ସୋତି ଓ ପାଣିକୋଇଲିରେ ହିଙ୍ଗୁଳା ପୂଜା ସହ ଯଜ୍ଞ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଥିବାବେଳେ ପୂର୍ଣ୍ଣାହୁତି ହୋଇଛି। ପୂର୍ଣ୍ଣାହୁତି ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ହୋଇଥିଲା।

## ମହାବୀର ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ପାଣିକୋଇଲି,୨୬।୪(ସମିସ):** ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଚିନ୍ଦାରେ ରାତ୍ରକାଳୀନ ମହାବୀର ପ୍ରିମିୟର ଲିଗ (ଏମପିଏଲ) ଗୁରୁବାର ରାତିରେ ଉଦ୍‌ଘାଟିତ ହୋଇଛି। ତିନିଦିନ ଧରି ଚାଲିବାକୁ ଥିବା ଏହି କ୍ରିକେଟ ପ୍ରତିଯୋଗିତାରେ ୮ଟି ଦଳ ଗୋପିନାଥ ନାଇଟ ରାଇଡର, ଉତ୍କଳମଣି ଏକାଦଶ, କୁରାଶୁଣି ରାଇଜିଂ ଷ୍ଟାର, ଏମଏଫଏସ, ପ୍ରତ୍ୟୁଷ ପାୱାର ହିଟର, ଏସକେଏସ ସ୍କାଏ ୱାଲକର୍ସ, ବ୍ରଦର୍ସ ଇଲେଭେନ, ବାସୁଦେବ ଗେମ ସୁଇଙ୍ଗର୍ସ ଭାଗ ନେଇଛନ୍ତି। ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ଯୁବନେତା ଗଦାଧର ସାହୁ ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଖେଳକୁ ପିଣ୍ଟୁ ନାଥ ଓ ସନ୍ତୋଷ ଦାସ ପରିଚାଳନା କରୁଥିବାବେଳେ ସ୍କୋରର ଭାବେ ଶ୍ରୀକାନ୍ତ ଦାସ ଓ ସତ୍ୟଜିତ ସେନାପତି ଧାରା ବିବରଣୀ ପ୍ରଦାନ କରିଥିଲେ। ସମୀର ସାହୁ, ଅଭିମନ୍ୟୁ ପରିଡା, ଅଜୟ କୁମାର ଗିରି, ଲକ୍ଷ୍ମଣ ମାଝୀ, ପ୍ରତାପ ପରିଡା, ପ୍ରଦୀପ ମାଝୀ, ଲୋଟନ ସାହୁ ପ୍ରମୁଖଙ୍କ ସମେତ ଏମପିଏଲର କର୍ମକର୍ତ୍ତା ସହଯୋଗ କରୁଛନ୍ତି।

## ଯୌତୁକ ପାଇଁ ହତ୍ୟା ମାମଲାରେ ଅଭିଯୁକ୍ତ ସ୍ୱାମୀ କୋର୍ଟ ଚାଲାଣ

**ପାଣିକୋଇଲି, ୨୬।୪(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ଗ୍ରାମର ବିଜୟ କୁମାର ପୃଷ୍ଟିଙ୍କ ପୁଅ ପ୍ରଶାନ୍ତ ପୃଷ୍ଟି ୨୦୧୯ରେ ଧର୍ମଶାଳା ଥାନା ଅନ୍ତର୍ଗତ ବଡ଼ମଙ୍ଗଳପୁର ଗ୍ରାମର ଘନଶ୍ୟାମ ସାହୁଙ୍କ ଝିଅ ଭାରତୀ ସାହୁଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ବିବାହ ପରେ ତାଙ୍କର ଏକ ୪ବର୍ଷ ଝିଅ ମଧ୍ୟ ଅଛି। ୨୦୨୧ରୁ ଭାରତୀ ଉପରେ ଅଧିକ ଯୌତୁକ ପାଇଁ ସ୍ୱାମୀ ଓ ପରିବାର ପକ୍ଷରୁ ଶାରୀରିକ ଓ ମାନସିକ ନିର୍ଯାତନା ଆରମ୍ଭ ହୋଇଥିଲା। ଗତ ୨୪ ତାରିଖରେ ଭାରତୀକୁ ମାରିଦେବା ଉଦ୍ଦେଶ୍ୟରେ ଟଙ୍ଗାଇ ଦିଆଯାଇଥିଲା। ପଡୋଶୀ ଭାରତୀଙ୍କ ପାଟି ଶୁଣି ତାକୁ ଉଦ୍ଧାର କରି ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକର ଏକ ବେସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଭାରତୀଙ୍କ କାଲି ମୃତ୍ୟୁ ଘଟିଥିଲା। ଭାରତୀଙ୍କ ଭାଇ ହତ୍ୟା ଅଭିଯୋଗ କରିଥିବାବେଳେ ପୁଲିସ ୨୨୧/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ପ୍ରଶାନ୍ତ(୩୪)କୁ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି।

### ସାଧାରଣ ନିର୍ବାଚନ ପରିଚାଳନା

# ୧୪୦୦ ପ୍ରିଜାଇଡିଂ ଓ ଫାଷ୍ଟ ପୋଲିଂ ଅଫିସରଙ୍କୁ ତାଲିମ

**ଯାଜପୁର,୨୬।୪(ସମିସ):** ଜିଲ୍ଲା ସଦର ମହକୁମାର ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମତଦାନକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଫାଷ୍ଟ ପୋଲିଂ ଓ ପ୍ରିଜାଇଡିଂ ଅଫିସରଙ୍କୁ ତାଲିମ ଦିଆଯାଇଛି। ଜିଲ୍ଲାର କୋରେଇ, ସୁକିନ୍ଦା, ରସୁଲପୁର ଓ ଦାନଗଦି ବ୍ଲକରେ ଆସନ୍ତା ଜୁନ୍ ୧ ତାରିଖ ମତଦାନ ଦିବସରେ ବୁଥ୍ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ ନିମନ୍ତେ ୧୪୦୦ ଫାଷ୍ଟ ପୋଲିଂ ଓ ପ୍ରିଜାଇଡିଂ ଅଫିସରଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ୧୫ଟି ପ୍ରଶସ୍ତ କକ୍ଷରେ ତାଲିମ ପ୍ରଦାନ କରାଯାଇଛି।

ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ନିଖିଲ ପବନ କଲ୍ୟାଣଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଡେପୁଟୀ କଲେକ୍ଟର (ନିର୍ବାଚନ) ରଶ୍ମୀରଞ୍ଜନ ମଲ୍ଲିକ ଓ ଶାଶ୍ୱତୀ ସାଡୁଆଳଙ୍କ ପରିଚାଳନାରେ ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦାନଗଦି ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ସୁକିନ୍ଦା ବିଡିଓ ଅଭିଷେକ ସ୍ୱାଇଁ, କୋରେଇ ବିଡିଓ ଅଶୋକ କୁମାର ମାଝି, ସୁକିନ୍ଦା ତହସିଲଦାର ଦମୟନ୍ତୀ ସାହୁ, ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, ବ୍ୟାସନଗର ପୌର ପରିଷଦ ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର, ସୁକିନ୍ଦା ଅତିରିକ୍ତ ତହସିଲଦାର ପ୍ରିୟରଞ୍ଜନ ଜେନା, ବ୍ୟାସନଗର ଅତିରିକ୍ତ



ତହସିଲଦାର ପ୍ରସନ୍ନ କୁମାର ମହାନ୍ତି, ଦାନଗଦି ଏବିଡିଓ ଦେବୀ ପ୍ରସାଦ ଜେନା, କୋରେଇ ଏବିଡିଓ, ଭରତ କୁମାର ବେହେରା, ଦାନଗଦି ବିଇଓ ଶୁଭ୍ରାଂଶୁ ପୁହାଣ, ଦାନଗଦି ସହକାରୀ ନିର୍ବାହୀ ଯନ୍ତ୍ରୀ ଦେବୀଦତ୍ତ ରାଉତଙ୍କ ସମେତ ସହକାରୀ ନିର୍ବାହୀ ଯନ୍ତ୍ରୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ, ଜିପିଇଓ, ବ୍ଲକ କନିଷ୍ଠ ଯନ୍ତ୍ରୀ, ସିଆର୍‌ସିସି, ସହକାରୀ ଶିକ୍ଷକ, ବିଏସ୍‌ଏସ୍‌ଓ, ବୁଥ୍ ସୁପରଭାଇଜରଙ୍କୁ ନେଇ ୨୬ ଜଣ ମାଷ୍ଟର ଟ୍ରେନର ତାଲିମ ପ୍ରଦାନ କରିଥିଲେ।

ଏହି ପ୍ରଶିକ୍ଷଣ ପ୍ରକ୍ରିୟାରେ ନୂଆ କରି ନିଯୁକ୍ତି ମିଳିଥିବା ୪୨୯ ଜଣ କର୍ମଚାରୀଙ୍କୁ ପ୍ରଥମ ପର୍ଯ୍ୟାୟ ତାଲିମ ଦିଆଯାଇଥିବାବେଳେ ୯୭୧ ଜଣ କର୍ମଚାରୀଙ୍କୁ ରିଫ୍ରେସର ତାଲିମ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରିଜାଇଡିଂ ଅଫିସର ଓ ଫାଷ୍ଟ ପୋଲିଂ ଅଫିସରଙ୍କୁ ପ୍ରାଞ୍ଜଳ ଭାବେ ମତଦାନ ଦିବସ ଦିନ ପର୍ଯ୍ୟାୟ କ୍ରମେ ସମସ୍ତ କାର୍ଯ୍ୟ ଓ ଦାୟିତ୍ୱବୋଧତାର ନିର୍ବାଚନ ଆଦର୍ଶ ଆଚରଣ ବିଧି ଅନୁଯାୟୀ ଭୋଟ କେନ୍ଦ୍ରରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ମକ୍‌ପୋଲ କରିବା, ଷ୍ଟାଚ୍ୟୁଟାରୀ ଓ ନନ୍-ଷ୍ଟାଚ୍ୟୁଟାରୀ ସାମଗ୍ରୀ ବ୍ୟବହାର ଆଦି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରତ୍ୟେକ ବୁଥ୍‌ର ୧୦୦ ମିଟର ଚତୁଃପାଶ୍ୱର୍ରେ କୌଣସି ପ୍ରଚାରଜନିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରିବ ନାହିଁ ବୋଲି ମାଷ୍ଟର ଟ୍ରେନର ପ୍ରିଜାଇଡିଂ ଅଫିସର ଓ ଫାଷ୍ଟ ପୋଲିଂ ଅଫିସରଙ୍କୁ ବୁଝାଇଥିଲେ।

ବୁଥ୍‌ର ମତଦାନ କକ୍ଷରେ ବାଲାଟ୍ ୟୁନିଟ୍ ରହୁଥିବା ସ୍ଥାନକୁ ବୁଥ୍ ନିମନ୍ତେ ନିଯୁକ୍ତ କର୍ମଚାରୀ, ଏଜେଣ୍ଟ ସମସ୍ତଙ୍କ ପାଇଁ ଗୋପନୀୟତା ବଜାୟ ରଖିବା ନିମନ୍ତେ ୩ ପାଶ୍ୱର୍ ଆବଦ୍ଧ କରିବା ଓ ସେହି କକ୍ଷ ସଂଲଗ୍ନ ସମସ୍ତ ଝରକା, କବାଟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମତଦାନ ସରିବା ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରିଜାଇଡିଂ ଅଫିସର ପ୍ରାର୍ଥୀଙ୍କ ଏଜେଣ୍ଟ ସମ୍ମୁଖରେ ସେହି ବୁଥ୍‌ର ଇଭିଏମ୍‌କୁ ସିଲ୍ କରିବା ଏବଂ ଷ୍ଟାଚ୍ୟୁଟାରୀ ଓ ନନ୍-ଷ୍ଟାଚ୍ୟୁଟାରୀ ସାମଗ୍ରୀକୁ ସିଲ୍ କରିବାକୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଉକ୍ତ ବୁଥ୍‌ର ଇଭିଏମ୍ ଓ ଜଉମୁଦ ପଦାର୍ଥକୁ ସଂପୃକ୍ତ ନିର୍ବାଚନ ମଣ୍ଡଳୀର ଏନ୍‌ସି କଲେଜ ପରିସରରେ ଆର୍‌ଓଙ୍କ ପ୍ରାପ୍ତି କାଉଣ୍ଟରରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଭୋଟର ଶାନ୍ତିଶୃଙ୍ଖଳାର ସହ ଧାଡି ବାନ୍ଧି ନିର୍ଭୀକ ଓ ନିରପେକ୍ଷ ଭାବେ ଖୁସିରେ ମତଦାନ ସାବ୍ୟସ୍ତ କରିବାକୁ ଆହ୍ୱାନ ଦିଆଯାଇଥିଲା। ଆସନ୍ତାକାଲି ଯାଜପୁର, ବିଂଝାରପୁର ଓ ଦଶରଥପୁର ବ୍ଲକ ଏବଂ ୨୭ ତାରିଖରେ ଧର୍ମଶାଳା, ବଡ଼ଚଣା ଓ ବରୀ ବ୍ଲକର ପ୍ରିଜାଇଡିଂ ଓ ପୁଲିଂ ଅଫିସରଙ୍କୁ ରିଫ୍ରେସର ଟ୍ରେନିଂ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

### ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

## ଯୋଗଦେଲେ ଭୋଟକା ସରପଞ୍ଚ ସ୍ମୃତିରେଖା

**କୁଆଖିଆ, ୨୬।୪(ସମିସ):** ଭୁବନେଶ୍ୱରସ୍ଥ ମୈତ୍ରି ବିହାର ସେମିନାର କକ୍ଷରେ ୩୧ତମ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତର ସରପଞ୍ଚ ସ୍ମୃତିରେଖା ରାଉତ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ ପ୍ରଶଂସିତ ହୋଇଛନ୍ତି। ଗବେଷଣା ଚକ୍ର, ଡିଆରଆଇ(ଡାଇରେକ୍ଟୋରୀ ଅଫ୍ ରସର୍ଚ୍ଚ ଇନଷ୍ଟିଚ୍ୟୁଟ), ଆଇଏସଏସ (ଇନ୍‌ଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସ), ପଞ୍ଚାୟତ ବିକାଶ ପରିଷଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ସମ୍ମିଳନୀରେ 'ପଞ୍ଚାୟତରେ ମହିଳା ପ୍ରତିନିଧିଙ୍କ ୩୧ ବର୍ଷ: ସମସ୍ୟା ଓ ଆହ୍ୱାନ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପଂଚାୟତରେ ଦୁଇଥର ନିର୍ବାଚିତ ହୋଇଥିବା ଓ ପ୍ରତିଥର ଜନସମର୍ଥନ ବୃଦ୍ଧି ପାଇଥିବା ଯୋଗ୍ୟତା ଆଧାରେ ଅନୁଷ୍ଠାନ ପକ୍ଷରୁ ସରପଞ୍ଚ ଶ୍ରୀମତୀ ରାଉତଙ୍କୁ ଏହି ଆଲୋଚନାଚକ୍ରରେ ଯୋଗଦେବାକୁ ସୁଯୋଗ ଦିଆଯାଇଥିଲା। ମହିଳା ସରପଞ୍ଚ ପଞ୍ଚାୟତରେ କାର୍ଯ୍ୟ



କରିବା ସମୟରେ କ'ଣ ଅସୁବିଧା ଉପୁଜୁଛି ଓ ତା'ର ନିରାକରଣ ପାଇଁ କି ପଦକ୍ଷେପ ନିଆଯାଇପାରିବ, ତା'ଉପରେ ବକ୍ତବ୍ୟ ରଖିବା ସହ ଗାଁର ବାସ୍ତବ ସ୍ଥିତି ସମ୍ପର୍କରେ ବିଶେଷଜ୍ଞଙ୍କୁ ଅବଗତ କରାଇଥିଲେ। ମହିଳାଙ୍କୁ ସଶକ୍ତ କରିବାରେ କ'ଣ ଅସୁବିଧା ରହୁଛି। କେଉଁ ଦିଗ ପ୍ରତି ଧ୍ୟାନ ଦିଆଗଲେ ତା' ଦୂର ହୋଇପାରିବ, ତା'ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ସରପଞ୍ଚ ଏଥିରେ ଅଂଶଗ୍ରହଣ କରି ମତାମତ ରଖିଥିଲେ। ଗବେଷଣା ସଂସ୍ଥାର ନିର୍ଦ୍ଦେଶିକା ସ୍ୱର୍ଣ୍ଣମୟୀ ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ଗବେଷଣା ଚକ୍ରର ସଭାପତି ବିଜୟ ବହିଦାର, ସାଂଶ୍ରାସ୍ତିର ମୁଖ୍ୟ ଆଶା ହିଂସ, ଦିଲ୍ଲୀ ୟୁନିଭରସିଟିର ପଞ୍ଚାୟତିରାଜ ବିଶେଷଜ୍ଞ ବିଶ୍ୱବିଜୟିନୀ ନନ୍ଦ, ରାଜନୀତି ବିଜ୍ଞାନ ପ୍ରଫେସର ନୁପୁର ରାୟ, ଗବେଷକ ପଞ୍ଚାୟତିରାଜ ଓ ଗ୍ରାମୀଣ ବିକାଶର ରାଜ୍ୟ ସଂଯୋଜକ ନିରାକାର ବେହେରା, ଲୋକ ବିକାଶ ସଂସ୍ଥାର ସମ୍ପାଦକ ସେକ୍ ସଫିକ୍, ଗବେଷକ ପଞ୍ଚାୟତିରାଜ ଓ ଗ୍ରାମୀଣ ବିକାଶର ଯାଜପୁର ଜିଲ୍ଲା ସଂଯୋଜକ ଦେବବ୍ରତ ରାଉତ, ପଞ୍ଚାୟତିରାଜ ବିଭାଗ ପ୍ରଶିକ୍ଷକ ବିନୋଦ ବିହାରୀ ମହାପାତ୍ର, ସାମାଜିକ କର୍ମୀ ତାପସୀ ପ୍ରହରାଜ, କନକଲତା ଭଞ୍ଜ, ନିରୂପମା ରଥ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଦିଲ୍ଲୀ ୟୁନିଭରସିଟିର ରାଜନୀତି ବିଜ୍ଞାନୀ ତଥା ପଞ୍ଚାୟତିରାଜ ବ୍ୟବସ୍ଥାର ବିଶେଷଜ୍ଞ ମନୋରଞ୍ଜନ ମହାନ୍ତି, ବିଦ୍ୟୁତ ମହାନ୍ତି, ଜର୍ଜ ମାଥ୍ୟୁସ୍ ପ୍ରମୁଖ ଅତିଥି ଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ରତ୍ନଗିରିରେ ଜିଲ୍ଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଭୋଟର ସଚେତନତା



**ବରୀ,୨୬।୪(ସମିସ):** ଆଜି ବରୀ ବ୍ଲକ ଅନ୍ତର୍ଗତ ବିଶ୍ୱ ପ୍ରସିଦ୍ଧ ବୌଦ୍ଧ ପୀଠ ରତ୍ନଗିରିରେ ଜିଲ୍ଲା ଓ ବ୍ଲକ୍ ପ୍ରଶାସନର ସମନ୍ୱୟରେ 'ମୋ ଭୋଟ ମୋ ଗର୍ବ' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଯାଜପୁର ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ ଉଦ୍‌ଘାଟନ କରିଥିବାବେଳେ ଜିଲ୍ଲା ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ, ବରୀ ବିଡିଓ ପଞ୍ଚାନନ ମଲ୍ଲିକ, ବରୀ ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ, ଅତିରିକ୍ତ ବିଡିଓ ମହେଶ୍ୱର ସେଠୀ, ବରୀ ବ୍ଲକ ସହକାରୀ ଯନ୍ତ୍ରୀ ସନ୍ଦୀପ କୁମାର ଦାସ, ପ୍ରଗତି ସହାୟକ ଲକ୍ଷ୍ମୀକାନ୍ତ ମହାରଣା, ମୁଖ୍ୟ କିରାଣି ସରୋଜ କାନ୍ତ ମହାନ୍ତିଙ୍କ ସମେତ ବରୀ ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀ, କର୍ମଚାରୀ, ନିର୍ବାଚନରେ ଅଂଶଗ୍ରହଣ କରୁଥିବା ସମସ୍ତ ସରକାରୀ କର୍ମଚାରୀ ଯୋଗ ଦେଇଥିଲେ। ବୌଦ୍ଧ ପୀଠ ରତ୍ନଗିରିରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ବରୀ ଅଞ୍ଚଳରେ କିଭଳି ଶତପ୍ରତିଶତ ମତଦାନ ପାଇଁ ଭୋଟର ସଚେତନ ହୋଇପାରିବେ, ସେ କ୍ଷେତ୍ରରେ ବରୀ ଅଞ୍ଚଳର ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଯୁବ ସମାଜ ତତ୍ପରତା ପ୍ରକାଶ କରିବା ଉଚିତ୍। ଏହା ହୋଇପାରିଲେ ଶତ ପ୍ରତିଶତ ମତଦାନ ସମ୍ଭବ ହୋଇପାରିବ ବୋଲି ଜିଲ୍ଲାପାଳ ଶ୍ରୀ କଲ୍ୟାଣ ମତ ପ୍ରକାଶ କରିଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମରେ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଏମବିକେ, ସିଆରପି, ବୁଦ୍ଧିଜୀବୀ ଓ ଯୁବ ସମାଜ ଅଂଶଗ୍ରହଣ କରିଥିଲେ।

## ବରୀ ବଜାରରେ ବିପଦପୂର୍ଣ୍ଣ ବିଦ୍ୟୁତ୍ ଖୁଣ୍ଟ



**ବରୀ,୨୬।୪(ସମିସ):** ବରୀ ଅଞ୍ଚଳର ସବୁଠୁ ବ୍ୟସ୍ତବହୁଳ ଜନଗହଳିପୂର୍ଣ୍ଣ ବଜାର ଭାବେ ବରୀ ମାଉଣ୍ଟ ଜଣାଶୁଣା। ଏଠାରୁ ପ୍ରତିଦିନ ୨୦ରୁ ଅଧିକ ଯାତ୍ରୀବାହୀ ବସ୍ ସହିତ ହଜାର ହଜାର ଯାନବାହାନ ଯାତାୟାତ କରିବା ସହିତ ସକାଳ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସବୁ ସମୟରେ ହଜାର ହଜାର ଲୋକଙ୍କ ଗହଳି ଲାଗି ରହିଥାଏ। ଏହି ବଜାର ନିକଟରେ ବରୀ ତହସିଲ କାର୍ଯ୍ୟାଳୟ, ପଶୁ ଚିକିତ୍ସା କେନ୍ଦ୍ର, ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ, କୃପାସିନ୍ଧୁ ବିଦ୍ୟାଭବନ ରହିଛି। ଏଥିସହ ଏହି ବରୀମାଉଣ୍ଟ ରାସ୍ତା ଗୋପବନ୍ଧୁ ଚୌଧୁରୀ କଲେଜ, ବରୀ ବ୍ଲକ କାର୍ଯ୍ୟାଳୟ, ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ମୁଖ୍ୟ ମାଧ୍ୟମ ହୋଇଥାଏ। ତହସିଲ ଅଫିସଠାରୁ ମାତ୍ର କେତେ ଫୁଟ ଦୂରରେ ଏକ ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ରହିଛି। କଳଙ୍କି ଲାଗି ଏଭଳି ଖାଇଯାଇଛି ଯେ କୌଣସି ମୁହୂର୍ତ୍ତରେ ଭାଙ୍ଗି ପଡିବା ସମ୍ଭାବନା ରହିଛି। ଯଦି ଅସାବଧାନତା ବଶତଃ କୌଣସି ଗାଡ଼ି ଏହି ଖୁଣ୍ଟ ସହିତ ସାମାନ୍ୟ ଧକ୍କା ହୁଏ ତେବେ ବଡ଼ଧରଣର ବିପଦକୁ ଏଡ଼ାଇ ହେବ ନାହିଁ। ଏ ସମ୍ପର୍କରେ ଟାଟା ପାୱାର ଅଧିକାରୀଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ବିପଦପୂର୍ଣ୍ଣ ଖୁଣ୍ଟ ବଦଳାଇବା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ତୁରନ୍ତ ଏଭଳି ଦୁର୍ବଳ ଖୁଣ୍ଟ ବଦଳାଇବାକୁ ଟାଟା ପାୱାର ଅଧିକାରୀ ପଦକ୍ଷେପ ନେବାକୁ ସଧାରଣରେ ଦାବି ହେଉଛି।

## କଣ୍ଟିପୁର ବିଦ୍ୟାଳୟର ପୁରସ୍କାର ବିତରଣୀ ଉତ୍ସବ

**ବିଞ୍ଝାରପୁର,୨୬।୪(ସମିସ):** ବିଞ୍ଝାରପୁର ବ୍ଲକର ରଣପୁର ପଞ୍ଚାୟତ ଅନ୍ତର୍ଗତ କଣ୍ଟିପୁର ଗ୍ରାମରେ ଅବସ୍ଥିତ କଣ୍ଟିପୁରକୂଳ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ବିଞ୍ଝାରପୁର ଶାଖା ସଭାପତି ରବିନାରାୟଣ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନୟ କୁମାର ନାୟକ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ବିଞ୍ଝାରପୁର ଶାଖା ସମ୍ପାଦକ ଅକ୍ଷୟ କୁମାର ସାମଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପସଭାପତି ଅସାଦୁଲ୍ଲା ଖାଁ, ସିଆରସିସି ଅଶୋକ କୁମାର ଜେନା, ବରିଷ୍ଠ ଶିକ୍ଷକ ନବକିଶୋର ବେହେରା, ହବିବୁଲ ମୋଇନ, ଅଲେଖ ଚରଣ ସାମଲ ଓ ସୁଧୀର କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାମଲ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ରେଣୁବାଳା ବେହୁରିଆ ବାର୍ଷିକ ବିବରଣୀ



ଉପସ୍ଥାପନ କରିଥିଲେ। ଶିକ୍ଷକ ସନ୍ତୋଷ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଭୀମସେନ ହୋ, ମମତା ଜେନାଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

### ଜାଡୁଆ ପାଟର ଉନ୍ନତିକରଣ

## ସମ୍ଭବ ହୋଇଛି ସ୍ଥାନୀୟ ଅଞ୍ଚଳରେ ସବୁଜ ବିପ୍ଳବ

**କୟାଁଗୋଲା, ୨୬।୪(ସମିସ):** ଜାଡୁଆ ପାଟ ଆଜି ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକାର ମୁଖ୍ୟ ମାଧ୍ୟମ ପାଲଟିଛି। ବର୍ଷ ତମାମ ପାଣିରେ ବୁଡ଼ି ରହୁଥିବା ଏହି ପାଟର ହଜାର ହଜାର ଏକର ଜମି ପୂର୍ବରୁ ପଡ଼ିଆ ପଡୁଥିଲା। ବୈତରଣୀ ନଦୀ ଓ ବର୍ଷା ଜଳ ଜମି ରହିବା ଦ୍ୱାରା ଶାରଦ ଧାନ ଚାଷ ସ୍ୱପ୍ନ ଥିଲା। ଧୋଇ ଓ ମରୁଡ଼ି ସାଙ୍ଗକୁ ଚାଷ ଜମିକୁ ଜଳସେଚନ ଅସୁବିଧା ଚାଷ କାର୍ଯ୍ୟ ପାଇଁ ମୁଖ୍ୟ ପ୍ରତିବନ୍ଧକ ଥିଲା। ଜାଡୁଆ ପାଟର ଉନ୍ନତି ପାଇଁ ଅନାମ ବିଶ୍ୱାଳ, ନବ ରାୟ, ବୈଷ୍ଣବ ଜେନା, ଶଶୀ ତିଆଡ଼ି ପ୍ରମୁଖଙ୍କ ନିରବଚ୍ଛିନ୍ନ ପ୍ରୟାସ ଅବିସ୍ମରଣୀୟ।

ଦଶରଥପୁର ବ୍ଲକର ସୋଲପାଟ, କୋତପୁର, ଦଉପୁର, ରଡଙ୍ଗା, ଅର୍ଦ୍ଧାଉଳିଆ, ପାରିପଦା ଗାଁର ଶହ ଶହ ଚାଷୀଙ୍କ ହଜାର ହଜାର ଏକର ଚାଷ ଜମି ବର୍ଷ ତମାମ



ପାଣିରେ ବୁଡି ରହିଥାଏ ଓ ପାରିପଦା ଗ୍ରାମର ଧ୍ରୁବ ଚରଣ ସାହୁ ଶିକ୍ଷକତା କରୁଥଲେ ମଧ୍ୟ ଜାଡୁଆ ପାଟର ହଜାର ହଜାର ଏକର ପତିତ ଜମିରେ ଡାଲୁଅ ଧାନ ଚାଷ କରିବାକୁ ଅଣ୍ଟା ଭିଡ଼ିଥିଲେ। ଉଦ୍‌ବୃତ୍ତ ଜଳ ନିଷ୍କାସନ ଓ ବୈତରଣୀ ନଦୀ ଜଳର ସୁବିନିଯୋଗ କରାଯାଇପାରିଲେ ପଡିଆ ପଡୁଥିବା ବିସ୍ତୀର୍ଣ୍ଣ ପାଟରେ ଉଭୟ ଶାରଦ ଓ ଡାଲୁଅ ଧାନ ଚାଷ ହୋଇପାରିବା ନେଇ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶ୍ରୀ ସାହୁ ଚିନ୍ତା କଲେ। ୧୯୯୦-୯୧ରେ ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତ ଅନ୍ତର୍ଗତ ପାରିପଦା ଗାଁର ଧ୍ରୁବଚରଣ ସାହୁ ଜାଡୁଆ ପାଟରେ ଧାନ ଚାଷ କରିବା ପାଇଁ ନିଷ୍ପତ୍ତି ନେଲେ। ସେତେବେଳେ ସେ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ ଓ ସିଡ୍ କର୍ପୋରେସନରୁ ବିହନ ଆଣି ଚାଷ କାର୍ଯ୍ୟ ଆରମ୍ଭ କଲେ। ବୈତରଣୀର ଜୁଆର ପାଣିକୁ ଭରସା କଲେ। ଅର୍ଦ୍ଧାଉଳିଆ, ଦଉପୁରଠାରେ ବାଲି ବନ୍ଧ କରି ନଦୀ ଜଳକୁ ଚାଷ କାମରେ ଲଗାଇଲେ। ଜୁଆର ସମୟରେ ସମୁଦ୍ରରୁ ଉପର ମୁଣ୍ଡକୁ ମିଠା ପାଣି ଠେଲି ହୋଇ ଆସେ ଓ ପ୍ରାକୃତିକ ଛୋଟ ଅଣଓସାରିଆ ନାଳରେ ମିଠା ପାଣି ଭର୍ତ୍ତି କରି ସ୍ଲୁଇସ୍ ମାଧ୍ୟମରେ ଅଟକାଇ ଚାଷ କାମରେ ବ୍ୟବହାର କରାଗଲା। ଆଖୁଆପଦା ବ୍ୟାରେଜ ସହିତ ନିୟମିତ ଯୋଗାଯୋଗ ରଖି ପାଣି ନିଷ୍କାସନ ଖବର ରଖାଯାଉଥିଲା। ୧୭ଜଣ ଚାଷୀଙ୍କୁ ମେଳି କରି ଶ୍ରୀ ସାହୁ ଡାଲୁଅ ଧାନ ଚାଷ ଆରମ୍ଭ କଲେ। ସରକାରୀ କୃଷି ଅଧିକାରୀ ବିପିନ ବିହାରୀ ବିଶ୍ୱାଳଙ୍କ ସହ ବିଭିନ୍ନ ସମୟରେ ପରାମର୍ଶ କରି ଶ୍ରୀ ସାହୁ ଆବଶ୍ୟକ ପଦକ୍ଷେପ ନେଇଥିଲେ। ଗୋଟିଏ ବର୍ଷରେ ଧାନ ଅଗାଡି ହୋଇଗଲା। ଅନେକ ଚାଷୀ କ୍ଷତିଗ୍ରସ୍ତ ହୋଇ ମେଳିରୁ ଅଲଗା ହୋଇଗଲେ। ମାତ୍ର ଶ୍ରୀ ସାହୁ ତାଙ୍କ ଲକ୍ଷ୍ୟ ପଥୁର ଓହରିଯାଇ ନ ଥିଲେ। ପ୍ରଥମଥର ୨୦ ଏକର, ପରେ ୬୫ ଏକର ଜମିରେ ଧାନ ଚାଷ କଲେ। ତାଙ୍କ ଦେଖାଦେଖି ଗାଁରେ ଅନ୍ୟମାନେ ଡାଲୁଅ ଧାନ ଚାଷ କଲେ। ଏବେ ହଜାର ହାଜର ଏକର ଜମିରେ ଡାଲୁଅ ଧାନ ଚାଷ ହେଉଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ଗାଁର ଶିକ୍ଷିତ ଓ ବେକାର ଯୁବକ ସ୍ୱାବଲମ୍ବୀ ହୋଇପାରିଛନ୍ତି।

## ଦୁଇ ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା



**ତାଳଚେର, ୨୬।୪(ସମିସ):** ତାଳଚେର ବ୍ଲକର କଣ୍ଡାଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବନମାଳୀପୁର ଗ୍ରାମର ଦୁଇ ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି। ପ୍ରକାଶଥାଉ କି, ଉକ୍ତ ଗ୍ରାମର ମଙ୍ଗଳ ପୂର୍ତି ଏବଂ ନନ୍ଦୁ ମୁଣ୍ଡାଙ୍କ ଘର ଅଗ୍ନିକାଣ୍ଡରେ ପୋଡ଼ି ଆସବାବପତ୍ର ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଗଣମାଧ୍ୟମ ପ୍ରତିନିଧି ଶିବ ପ୍ରସାଦ ବେହେରାଙ୍କ ପାଖରୁ ଏହି ଖବର ପାଇ ସମାଜସେବୀ ବିଭୁତି ସାହୁ ଏବଂ ପ୍ରାକ୍ତନ କଣ୍ଡାଳ ସରପଞ୍ଚ ତଥା ସଂଗ୍ରାମୀ ନେତା ରଙ୍ଗାଧର ନାହାକ ଅଗ୍ନିବିପନ୍ନ ଦୁଇ ପରିବାରଙ୍କୁ ଶୁଖିଲା ଖାଦ୍ୟ, ପିନ୍ଧିବା ବସ୍ତ୍ର, ଶୀତ ବସ୍ତ୍ର ଏବଂ ଜରିପାଲର ବନ୍ଦୋବସ୍ତ କରାଇଥିଲେ। ଅଗ୍ନିବିପନ୍ନ ପରିବାର ଦ୍ୱୟଙ୍କୁ ଏହି ଦୁଃଖଦ ସମୟରେ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ଶ୍ରୀ ସାହୁ ନିବେଦନ କରିଛନ୍ତି। ଏହି ସମୟରେ ଗଣମାଧ୍ୟମ ପ୍ରତିନିଧି ଶିବ ପ୍ରସାଦ ବେହେରା, ଆଦିତ୍ୟ ଦାସ, ଯୁବନେତା ମହେନ୍ଦ୍ର ବେହେରା, ଶାନ୍ତନୁ ରାଉତ ଓ ମୁନା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ୩ ଗ୍ରାମପଞ୍ଚାୟତରେ କର୍ମୀ ସମ୍ମିଳନୀ

# ଅନ୍ୟ ଦଳର ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ

**ଛେଣ୍ଡିପଦା, ୨୬।୪(ସମିସ)**

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ନାତଡ଼ା, ପରଙ୍ଗ ଓ ତେନ୍ତୁଲୋଇ ଗ୍ରାମ ପଞ୍ଚାୟତ ଠାରେ ଆୟୋଜିତ କର୍ମୀ ସମ୍ମିଳନୀରେ ବିଭିନ୍ନ ଦଳ ଛାଡ଼ି ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ଛେଣ୍ଡିପଦା ବିଜୁ ଜନତା ଦଳର ବ୍ଲକ ସଭାପତି ଶରତ ଗଡ଼ନାୟକଙ୍କ ନେତୃତ୍ୱରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ନତଡ଼ା, ପରଙ୍ଗ ଓ ତେଣ୍ଟୁଲୋଇ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଚଳିତ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି କର୍ମୀ ସମ୍ମିଳନୀରେ ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରିବା ସହିତ ବିଗତ ୧୦ବର୍ଷରେ ଅଞ୍ଚଳରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଆଲୋକପାତ କରିଥିଲେ। ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସର୍ବଦା ଉଦ୍ୟମ କରିଆସିଛନ୍ତି। ଚଳିତ ସାଧାରଣ ନିର୍ବାଚନରେ ଯୋଡ଼ି



ଶଙ୍ଖରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥି ସହିତ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପରଙ୍ଗ ଓ ନାତଡ଼ା ଗ୍ରାମ ପଞ୍ଚାୟତର ପ୍ରାୟ ୨୦୦ରୁ କର୍ମୀ ବିଜେପି ଓ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିଲେ। ଏହି ମିଶ୍ରଣ ପର୍ବରେ ଯୋଗଦେଇଥିବା ଶତାଧିକ କର୍ମୀ ତଥା ଭୋଟରଙ୍କୁ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ସ୍ୱାଗତ କରିବା ସହିତ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଧାୟକ ସୁଶାନ୍ତ ବେହେରା ମୁଖ୍ୟମନ୍ତ୍ରୀ ଯାହା କୁହନ୍ତି, ତାହା କାର୍ଯ୍ୟରେ ପରିଣତ କରନ୍ତି। ତାଙ୍କର ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ଲୋକଙ୍କୁ ଆକୃଷ୍ଟ କରିଛି ଏବଂ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ ଦଳର ବହୁ କର୍ମୀ ଦିନକୁ ଦିନ ବିଜେଡିରେ ଯୋଗ ଦେଉଛନ୍ତି ବୋଲି ବିଧାୟକ ସୁଶାନ୍ତ ବେହେରା ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ନତଡ଼ାର ସରପଞ୍ଚ ପ୍ରଣତି ପ୍ରଧାନ ଓ ସମିତି ସଭ୍ୟ ସତ୍ୟ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ସଞ୍ଜୟ ବେହେରା, ଅଭିମନ୍ୟୁ ବିଶ୍ୱାଳ, ସୁଧୀର ପ୍ରଧାନ, ମିଲୁ ବେହେରା, ସୁମନତ ମାଝୀ, ପିନୁ ବିଶ୍ୱାଳ, ନରୋତ୍ତମ ସାହୁ, ଦିପୁନ ଭୂତିଆ, ଟୁକୁ ଭୂତିଆଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ। ପରଙ୍ଗ ଗ୍ରାମ ପଞ୍ଚାୟତର ସମିତି ସଭ୍ୟା ସୁନିତାଙ୍କ ନେତୃତ୍ୱରେ ରମେଶ ନାଏକ, ଦୁଷ୍ମନ୍ତ ନାଏକ, ଅନୁଭବ ନାଏକ, ବିକାଶ ନାଏକ, ବିଷ୍ଣୁ ମହାକୁଡ଼, ଦୁର୍ଗା ମହାକୁଡ଼, ଗୁରୁରାଜ ମହାକୁଡ଼, ମନୀଷ ନାଏକ ନାଏକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ନେପୁ ଦାସ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା, ଜିଲ୍ଲା ପରିଷଦ ପ୍ରଦୀପ କୁମାର ସାହୁ, ଜୋନ ପର୍ଯ୍ୟବେକ୍ଷକ ଦିଲୀପ କୁମାର ସାହୁ, ପ୍ରିୟଙ୍କା ସାହୁ, ଉପେନ୍ଦ୍ର ବେହେରା, ରଘୁନାଥ ପ୍ରଧାନ, ସୁବାଷ ମହାକୁଡ଼ଙ୍କ ସମେତ ବହୁ ବରିଷ୍ଠ ନେତା ଯୋଗଦେଇ ବିଜେଡିକୁ ବିପୁଳ ମାତ୍ରାରେ ଯୋଡ଼ିଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ।



ଅନୁଗୋଳରେ ପ୍ରଚଣ୍ଡ ତାତି: ଯାତ୍ରୀଙ୍କୁ ଅପେକ୍ଷା କରି ଶୋଇପଡ଼ିଛନ୍ତି ଜଣେ ଅଟୋଚାଳକ (ଫଟୋ- ଚିକୁ)

## ୭୪ ଲିଟର ବିଦେଶୀ ମଦ ଜବତ; ଅଭିଯୁକ୍ତ ଗିରଫ

**କଣିହାଁ/ରେଙ୍ଗାଳି ୨୬। ୪(ସମିସ):** କଣିହାଁ ବ୍ଲକ ରେଙ୍ଗାଳି ଥାନା ବରପଦା ମାର୍କେଟ କମ୍ପ୍ଲେକ୍ସର ଏକ ସ୍ନାକ୍ସ ଦୋକାନରେ ଚୋରା ମଦ ବିକ୍ରି ନେଇ ଖବର ପାଇବା ପରେ ରେଙ୍ଗାଳି ପୁଲିସ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟାଧର ମାଝୀ (୫୦) ପିତା ରସାନନ୍ଦ ମାଝୀଙ୍କ ଦୋକାନ ଘରୁ କିଙ୍ଗ ଫିସର, ହଣ୍ଟର ବିଅର, ମାକ୍ ଡୁଏଲ, ରୟାଲ ଷ୍ଟାଗ୍, ନମ୍ବର ୱାନ୍ ବ୍ରାଣ୍ଡର ୭୪ ଲିଟର ବିଦେଶୀ ମଦ ଜବତ କରିଛି। ଏଥିସହିତ ଏକ ଫ୍ରିଜର ଜବତ କରିଥିବା ସୂଚନା ମିଳିଛି। ମଦ ବିକୁଥିବା ବିଦ୍ୟାଧର ମାଝୀକୁ ଗିରଫ କରି ଆଜି କୋର୍ଟଚାଲାଣ କରାଯାଇଛି। ରେଙ୍ଗାଳି ଥାନା କେସ ନଂ.୭୮/୨୪ ରୁଜୁ କରିବା ସହିତ ଅଧିକ ତଦନ୍ତ ଜାରି ରଖିଥିବା ନେଇ ଆଇଆଇସି ଜୟନ୍ତ କୁମାର ମହାନ୍ତି ସୂଚନା ଦେଇଛନ୍ତି।

### ● ଢେଙ୍କାନାଳ ସାଂସଦ ପ୍ରାର୍ଥୀଙ୍କ ପାଇଁ ସମ୍ବର୍ଦ୍ଧନା ସଭା

## ବିଧାୟକ ପ୍ରାର୍ଥୀଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା



**ଢେଙ୍କାନାଳ, ୨୬।୪ (ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକର ନୂଆ ନାଗେନା ଗ୍ରାମଠାରେ ସାଂସଦ ପ୍ରାର୍ଥୀ ରୁଦ୍ରନାରାୟଣ ପାଣିଙ୍କ ପାଇଁ ପୂର୍ବତନ ବିଧାୟକ ନବୀନ ନନ୍ଦ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା କରିବାକୁ ନେଇ ପୁଣି ଥରେ ରାଜନୀତି ସରଗରମ ହୋଇଛି। ଏହି ସମ୍ବର୍ଦ୍ଧନା ସଭା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶରେ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀର କର୍ମକର୍ତ୍ତା ଯୋଗଦାନ କରିଥିଲେ। ବୈଠକକୁ ଗଁଦିଆ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ମଳୟ ସିଂ ପରିଚାଳନା କରିଥିଲେ। ସଭାରେ ଲୋକସଭା ସାଂସଦ ପ୍ରାର୍ଥୀ ରୁଦ୍ର ନାରାୟଣ ପାଣିଙ୍କ ସହିତ ବିଜେପି ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ବାବୁଚାନ୍ଦ ମହାଳିକ, ପ୍ରାକ୍ତନ ପ୍ରଶାସକ ସନାତନ ମଳିକ, ପୂର୍ବତନ ଅଧ୍ୟକ୍ଷ ସନାତନ ସାହୁ, ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ନେତା ଖାନଜୁଲଫଲ ଅଲ୍ଲୀ, ବରିଷ୍ଠ ନେତା ମଙ୍ଗରାଜ ବାରିକ, ଇନ୍ଦ୍ରମଣି ନାୟକ, ଚିନ୍ତାମଣି ତ୍ରିପାଠୀ, ମାନସ ବାଘ, ରମେଶ ରାଉତ, ଅର୍ଜେନ୍ଦୁ ଜେନା, ଶେଷାନନ୍ଦ ମିଶ୍ର ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ। ହେଲେ ଏହି ସଭାରେ ବିଧାନସଭା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦେଖା ମିଳି ନଥିଲା। ଏହାକୁ ନେଇ ବେଶ ଚର୍ଚ୍ଚା ହେଉଛି। ଢେଙ୍କାନାଳ ବିଧାନସଭାରେ ବାରମ୍ବାର ୨୦ ବର୍ଷ ଧରି ହାରିଆସୁଥିବା ପ୍ରାର୍ଥୀଙ୍କୁ ବଦଳାଇବା ପାଇଁ ଯୁବନେତା ଟଙ୍କଧର ବାରିକ, ଶରତ ପଟ୍ଟନାୟକ, ମାନସ ବାଘ ପ୍ରମୁଖ ଦାବି ଉପସ୍ଥାପନ କରିଥିଲା ବେଳେ ଏବେ ତାଙ୍କୁ କୋଣଠେସା କରାଯିବା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

### ● ସେମିଷ୍ଟାର ପରୀକ୍ଷା ସ୍ଥଗିତ ରଖିବାକୁ ଦାବି

## ଜିଲ୍ଲାପାଳଙ୍କ ନିକଟକୁ ଆସି ଛାତ୍ରୀ ଚେତାଶୂନ୍ୟ

**ଢେଙ୍କାନାଳ, ୨୬।୪ (ସମିସ) :** ଢେଙ୍କାନାଳ ମହିଳା ମହାବିଦ୍ୟାଳୟର ଯୁକ୍ତ ତିନି ଛାତ୍ରୀମାନେ ଚଳିତ ବର୍ଷର ଚତୁର୍ଥ ସେମିଷ୍ଟାର ପରୀକ୍ଷା ସ୍ଥଗିତ କରିବାକୁ ଦାବି କରିଛନ୍ତି। ଏକ ଶୋଭାଯାତ୍ରାରେ ଛାତ୍ରୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ ସମୟରେ ଜଣେ ଛାତ୍ରୀ ଚେତାଶୂନ୍ୟ ହୋଇପଡ଼ିଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ପରୀକ୍ଷାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବାକୁ ଦାବି କରାଯାଇଛି। ଢେଙ୍କାନାଳ ସରକାରୀ ମହିଳା ମହାବିଦ୍ୟାଳୟଟି ରମାଦେବୀ ବିଶ୍ୱବିଦ୍ୟାଳୟ ଅଧୀନରେ କାର୍ଯ୍ୟ କରୁଛି। ଫଳରେ ଚଳିତ ବର୍ଷ ଏପ୍ରିଲ ୩୦ରୁ ମଇ ୧୮ ତାରିଖ ପର୍ଯ୍ୟନ୍ତ ଚତୁର୍ଥ ସେମିଷ୍ଟାର ପରୀକ୍ଷା ସହିତ ବିଭିନ୍ନ ପରୀକ୍ଷା ରହିଛି। ଜିଲ୍ଲାକୁ ଏସଆରସିଙ୍କ ତରଫରୁ ରେଡ ଆଲର୍ଟ ଜାରି କରାଯାଇଥିବା ବେଳେ ଦିନ ୧୦ଟା ସମୟରୁ ଘରୁ ବାହାରକୁ ବାହାରିବା ସମ୍ଭବ ହେଉନାହିଁ। ସରକାର ଗ୍ରୀଷ୍ମ ପ୍ରବାହକୁ ଦେଖି ଯୁକ୍ତ ଦୁଇ ପର୍ଯ୍ୟନ୍ତ ବିଦ୍ୟାଳୟକୁ ବନ୍ଦ ରଖିଛନ୍ତି। କିନ୍ତୁ ଯୁକ୍ତ ତିନି ପରୀକ୍ଷା କରିବାକୁ କାର୍ଯ୍ୟସୂଚୀ




ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ଛାତ୍ରୀନିବାସରେ ରହୁଥିବା ଛାତ୍ରୀମାନେ ପ୍ରବଳ ଗରମରେ ପାଠ ପଢ଼ିପାରୁ ନଥିବା ବେଳେ ଦୂରଦୂରାନ୍ତରରୁ ପିଲାମାନେ ମଧ୍ୟ ଯିବା ଆସିବା କଷ୍ଟକର ହେଉଛି। ଏପରି ସ୍ଥଳରେ ଗ୍ରୀଷ୍ମ ପ୍ରବାହ ସମୟରେ ପରୀକ୍ଷାକୁ ସ୍ଥଗିତ ରଖି ଜୁଲାଇ ମାସରେ ପରୀକ୍ଷା କରିବାକୁ ଦାବି କରିଛନ୍ତି। ପରୀକ୍ଷା ସ୍ଥଗିତ କରିବାକୁ ନେଇ ଛାତ୍ରୀମାନଙ୍କ ତରଫରୁ ରମାଦେବୀ ବିଶ୍ୱବିଦ୍ୟାଳୟର ଭିସିଙ୍କୁ ୪ଶହ ମେଲ ପ୍ରଦାନ କରାଯାଇଥିବା ବେଳେ ମହାବିଦ୍ୟାଳୟ ତରଫରୁ ମଧ୍ୟ ନିବେଦନ କରାଯାଇଛି। କିନ୍ତୁ ବିଶ୍ୱବିଦ୍ୟାଳୟ ଭିସି ଏହାକୁ ଅଗ୍ରାହ୍ୟ କରିବା ସହିତ କୌଣସି ମେଲ ଆସି ନଥିବା କହିଛନ୍ତି। ଗ୍ରୀଷ୍ମ ପ୍ରବାହ ସମୟରେ ପରୀକ୍ଷା ସ୍ଥଗିତ ରଖିବା ପାଇଁ ଛାତ୍ରୀମାନେ ଏକ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଜଣେ ଛାତ୍ରୀ ଚେତାଶୂନ୍ୟ ହୋଇପଡ଼ିବାରୁ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପରୀକ୍ଷା ସ୍ଥଗିତ କରାଯିବା ସହିତ ପରବର୍ତ୍ତି ସମୟରେ ପରୀକ୍ଷା କରିବାକୁ ନିବେଦନ କରାଯାଇଛି।

## ଅନୁଗୋଳ ଓ ଢେଙ୍କାନାଳରେ ମିଳିତ ନିର୍ବାଚନ ପ୍ରସ୍ତୁତି ବୈଠକ

**ଢେଙ୍କାନାଳ, ୨୬।୪ (ସମିସ):** ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାରେ ମିଳିତ ନିର୍ବାଚନ ପାଇଁ ଏକ ପ୍ରସ୍ତୁତି ବୈଠକ ସର୍କିଟ



ହାଉସ ସମ୍ମିଳନୀ କକ୍ଷରେ ଢେଙ୍କାନାଳ ଜିଲ୍ଲାପାଳ ଅମୃତ ଋତୁରାଜ ଏବଂ ଅନୁଗୋଳ ଜିଲ୍ଲାପାଳ ଅଦ୍ଵାଲ ଏମ ଅଖତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦୁଇ ଜିଲ୍ଲା ତଥା ଢେଙ୍କାନାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ବିଧାନସଭା ମଣ୍ଡଳୀର ନିର୍ବାଚନ ପ୍ରସ୍ତୁତିକୁ ନେଇ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ହୋଇଥିଲା। ଦୁଇ ଜିଲ୍ଲାରେ ନିର୍ବାଚନ ପାଇଁ ଆସନ୍ତା ୨୯ ତାରିଖ ଦିନ ବିଧିବଦ୍ଧ ଭାବରେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବ। ସେହିପରି ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ମଇ ୬ ଏବଂ ପ୍ରାର୍ଥିପତ୍ର ଯାଞ୍ଚ ମଇ ୭ ଏବଂ ପ୍ରତ୍ୟାହାର୯ ତାରିଖ ହୋଇଥିବାରୁ ଏହି ପ୍ରକ୍ରିୟା ସୁବିଧା ଓ ଏନକୋର ପୋର୍ଟାଲ ମାଧ୍ୟମରେ କିପରି କାର୍ଯ୍ୟକାରୀ ହେବ, ସେ ସମ୍ପର୍କରେ ବୈଠକରେ ପାୱାର ପଏଣ୍ଟ ମାଧ୍ୟମରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ପ୍ରତାପ ପ୍ରୀତିମୟ, ଢେଙ୍କାନାଳ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଅନିତା ପାତ୍ର, ଅନୁଗୋଳ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଅଧ୍ୟକ୍ଷ ସୁବ୍ରତ ଚାଟାର୍ଜୀ, ଅନୁଗୋଳ ଉପଜିଲ୍ଲାପାଳ ବରେଣ୍ୟେନ୍ଦୁ ମହାନ୍ତି, ତାଳଚେର ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀ, ପାଲଲହଡ଼ା ଉପଜିଲ୍ଲାପାଳ ସୁଶାନ୍ତ କୁମାରପତି, ଆଠମଲ୍ଲିକ ଉପଜିଲ୍ଲାପାଳ ଜିତେନ୍ଦ୍ର କୁମାରପାତ୍ର, ଢେଙ୍କାନାଳ ଉପଜିଲ୍ଲାପାଳ ସପନ କୁମାରନନ୍ଦ, ହିନ୍ଦୋ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଏବଂ କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ସଡ଼କ ଦୁର୍ଘଟଣାରେ ଦୁଇ ଆହତ

**ଆଠମଲ୍ଲିକ, ୨୬।୪(ସମିସ):** ଆଠମଲ୍ଲିକ ସହର ନିକଟସ୍ଥ କଲେଜ ରୋଡରେ ଏକ କାର ସହିତ ବାଇକ୍ ମୁହାମୁହିଁ ଧକ୍କା ହେବା ଯୋଗୁଁ ବାଇକ୍ ଆରୋହୀ ଗୁରୁତର ହୋଇଥିବା ଜଣାପଡିଛି। ଦୁର୍ଘଟଣା ପରେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଅଣାଯାଇଥିଲା। ଡାକ୍ତରଖାନାରୁ ମିଳିଥିବା ସୂଚନା ଅନୁଯାୟୀ ଠାକୁରଗଡ଼ ଅଞ୍ଚଳର ଦିନବନ୍ଧୁପୁର୍ ଗ୍ରାମର ବିଭୁତି ପ୍ରଧାନ (୨୨)ଆହତ ହୋଇଥିବା ଜଣାପଡିଛି। ସେହିପରି ଆଠମଲ୍ଲିକ ଥାନା ଅନ୍ତର୍ଗତ ପୁରୁଣା ମାଣତ୍ରିଠାରେ ଏକ ବାଇକରୁ ଖସିପଡ଼ି ମହିଳା ସୀତା ମହାକୁଡ଼ (୨୪)ଗୁରୁତର ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଅଏଡ଼ା ପଞ୍ଚାୟତ ବାହାଲି ଗ୍ରାମର ସୌରଭ ବଘାର ସ୍ୱାମୀ ସ୍ତ୍ରୀ ନିଜ ଗ୍ରାମ ଅଭିମୁଖେ ଯାଉଥିଲା ବେଳେ ରାସ୍ତା ଉପରେ ଥିବା ଏକ ପଥର ଉପରେ ମାଡ଼ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ଗୋପବନ୍ଧୁ ମାନବ କଲ୍ୟାଣ ସମିତି ପକ୍ଷରୁ ଅନିମେଶ ପ୍ରଧାନ ସମ୍ବର୍ଦ୍ଧିତ



**ତାଳଚେର, ୨୬।୪(ସମିସ):** ତାଳଚେରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋପବନ୍ଧୁ ମାନବ କଲ୍ୟାଣ ସମିତି ପକ୍ଷରୁ ୟୁପିଏସସି ପରୀକ୍ଷା ୨୦୨୩ରେ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଅନିମେଶ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ସଭାପତି ଗୌରଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇନ୍ଦୁଲତା ମହାରଣା, ସୁଶିଲ କୁମାର ମାଝୀ, ମଧୁସୁଦନ ସାହୁ, ନରେଶ ଚନ୍ଦ୍ର ସ୍ୱାଇଁ ଉପଢୌକନ୍, ପୁଷ୍ପ ଗୁଚ୍ଛ, ସ୍ମାରକୀ ଫଳକ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଃଖବନ୍ଧୁ ସାହୁ ନିଜସ୍ୱ ଲିଖିତ ପୁସ୍ତକ ଅମୃତ ଗାଥା ପ୍ରଦାନ କରିଥିବା ବେଳେ ବରିଷ୍ଠ ସଦସ୍ୟ ଜଗବନ୍ଧୁ ବାରିକ, ଅନିମେଶ୍ ପ୍ରଧାନଙ୍କ ଜୀବନଶୈଳୀ ଉପରେ ଏକ କବିତା ଆବୃତି କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଦିବାକର ସାହୁ, କାଠି ମହାନ୍ତି, ବଳଭଦ୍ର ସାହୁ, ଗଗନ ବିହାରୀ ସାହୁ, ସରପଞ୍ଚ ଅନିଲ କୁମାର ପ୍ରଧାନ, ଶିକ୍ଷାବିତ୍ ଚକ୍ରଧର ପ୍ରଧାନ ଓ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ● ୫୫ ନଂ. ଜାତୀୟ ରାଜପଥର କାଠଗଡ଼ାଠାରେ ନିର୍ମିତ ସର୍ଭିସ ରୋଡ

## କେଉଁଠି ଓସାରିଆ ତ କେଉଁଠି ଅଣଓସାରିଆ



**ଢେଙ୍କାନାଳ, ୨୬।୪(ସମିସ):** ଢେଙ୍କାନାଳ ସହରସ୍ଥିତ କାଠଗଡ଼ା ଦେଇଯାଉଥିବା ଓଭରବ୍ରିଜ ପାର୍ଶ୍ୱରେ ସର୍ଭିସ ରୋଡକୁ ନେଇ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁସାରେ କାଠଗଡ଼ା ଠାରେ ନିର୍ମିତ ହେଉଥିବା ଓଭରବ୍ରିଜ ପାର୍ଶ୍ୱରେ ଦିଆଯାଇଥିବା ସର୍ଭିସ ରୋଡ ପ୍ରତ୍ୟେକ ସ୍ଥାନରେ ୨୩ଫୁଟ ଥିବା ବେଳେ ସାହି ମଧ୍ୟକୁ ଯାଉଥିବା ସର୍ଭିସ ରୋଡ ଅନେକ ସ୍ଥାନରେ ୧୭ଫୁଟ ରହିଛି। କେଉଁ କାରଣରୁ ଏହାକୁ କମାଇ ଦିଆଯାଇଛି ତାହା ଜଣାପଡୁ ନଥିବା ବେଳେ ଏହି ଅଣଓସାରିଆ ରାସ୍ତା ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ରାସ୍ତାକୁ ଅନୁଧ୍ୟାନ କରି ଜମି ଅଧିଗ୍ରହଣ କରି ଶିବମନ୍ଦିର ସାହି, ସମୟଲେନକୁ ଯୋଗାଯୋଗ କରୁଥିବା ଜାତୀୟ ରାଜପଥକୁ ସୁରକ୍ଷା ଦେବାକୁ ଦାବି ହୋଇଛି। ଏହାକୁ ନେଇ ସାହି ବାସିନ୍ଦାମାନେ ଲିଖିତ ଭାବରେ ଏନଏଚଏଆଇ ଅଧିକାରୀଙ୍କୁ ଜଣାଇଛନ୍ତି।

### ୮୯୦ ଲିଟର ମହୁଲି ଜବତ, ୫୨୦୦ ଲିଟର ପୋଚ ନଷ୍ଟ

# ୩ ବାଇକ୍, ଫ୍ରିଜ୍, ଡ୍ରମ୍ ଓ ଟଙ୍କା ଜବତ; ଦୁଇ ଗିରଫ

**କଣିହାଁ, ୨୬।୪(ସମିସ)**

କଣିହାଁ ଥାନା ଡେରେଙ୍ଗ ଯାତ୍ରା ପଡ଼ିଆ ସାହିରେ ଅବକାରୀ ବିଭାଗ ଓ କଣିହାଁ ପୁଲିସ୍ ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ମୋଟ୍ ୨୫ଜଣ ଅବକାରୀ କର୍ମଚାରୀ, ପୁଲିସ୍ ଓ ଏପିଆର୍ ପୁଲିସ୍ ନିୟୋଜିତ ଥିଲେ। ଘଟଣାସ୍ଥଳରୁ ୮୯୦ ଲିଟର ମହୁଲି ଜବତ କରାଯାଇଥିବା ବେଳେ ୫ହଜାର ଦୁଇଶହ ଲିଟର ମହୁଲ ପୋଚ ନଷ୍ଟ କରାଯାଇଥିଲା। ମଦ ତିଆରିରେ ବ୍ୟବହୃତ ୫୦ଟି ଡ୍ରମ୍, ୩ବାଇକ୍, ଗୋଟିଏ



ଫ୍ରିଜ୍ ଓ ୬ ହଜାର ଟଙ୍କା ଜବତ କରାଯାଇଥିଲା। ଏନେଇ ଦୁଇଜଣ ଅଭିଯୁକ୍ତକୁ ପୁଲିସ୍ ଗିରଫ କରିଥିଲା। ତେବେ ଏନେଇ ଅବକାରୀ ବିଭାଗ ପକ୍ଷରୁ ଗୋଟିଏ ମାମଲା ଓ କଣିହାଁ ପୁଲିସ୍ ପକ୍ଷରୁ ଅନ୍ୟ ଏକ ମାମଲା ରୁଜୁ କରାଯାଇଥିଲା। ଅବକାରୀ ପୁଲିସ୍ ପକ୍ଷରୁ ଡେରେଙ୍ଗ ଗ୍ରାମର ବାବୁଲି ସାହୁ(୫୯)କୁ ଆଜି କୋର୍ଟଚାଲାଣ କରାଯାଇଥିବା ବେଳେ କଣିହାଁ ପୁଲିସ୍ ପକ୍ଷରୁ ରୁଜୁ ହୋଇଥିବା ମାମଲାରେ ଡେରେଙ୍ଗ ଗ୍ରାମର ଅଭିଯୁକ୍ତ ନିମେଇ ସାହୁ(୪୦)କୁ ଥାନାରେ ଆଜି ଅଟକ ରଖାଯାଇଛି। ପୁଲିସ୍ ତଦନ୍ତ ଚଳାଇଥିବା ବେଳେ ଆସନ୍ତାକାଲି ଅଭିଯୁକ୍ତ ନିମେଇକୁ ପୁଲିସ୍ କୋର୍ଟଚାଲାଣ କରିବ ବୋଲି କହିଛି। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ କଣିହାଁ ଅତିରିକ୍ତ ତହସିଲଦାର ଅନୁପ୍ ପରମଗୁରୁ, କଣିହାଁ ଥାନା ଆଇଆଇସି ମନୋଜ କୁମାର ପ୍ରଧାନ ଓ ଅବକାରୀ ବିଭାଗର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଓ ଫ୍ଲାଇଙ୍ଗ ସ୍କ୍ୱାଡ୍ ସାମିଲ୍ ଥିଲେ।

**ମୁଖ୍ୟ ନିର୍ବାଚନ ଅଧିକାରୀ ଓଡିଶାଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର** D-81

ସଂଖ୍ୟା: ୬୯୬୧ ତାରିଖ : ୨୬.୦୪.୨୦୨୪

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଯେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ୨୦୨୪ ସାଧାରଣ ନିର୍ବାଚନ ସମୟରେ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ(FS), ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ (SST) ତଥା ପୁଲିସ ଭଳି ବିଭିନ୍ନ ସଂସ୍ଥା ଯାନବାହାନ ଓ ବ୍ୟକ୍ତି ବିଶେଷଙ୍କ ଯାଞ୍ଚ କରି ସନ୍ଦେହ ଜନକ ଅର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥାନ୍ତି । ତେବେ ସାଧାରଣ ଲୋକମାନଙ୍କ ଅସୁବିଧାକୁ ଏଡେଇବା ନିମନ୍ତେ ପ୍ରତି ଜିଲ୍ଲାରେ ମୁଖ୍ୟ କାର୍ଯନିର୍ବାହୀ ଅଧିକାରୀ/ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦଙ୍କ ଅଧ୍ୟକ୍ଷତାରେ **"ଜିଲ୍ଲା ଅଭିଯୋଗ କମିଟି"** ଗଠନ କରାଯାଇଛି। ଉକ୍ତ କମିଟି ଜବତ ସାମଗ୍ରୀର ଖଲାସ ନିମନ୍ତେ ନିଜ ଆଡୁ ବୈଠକ କରି ବିଚାର କରିଥାନ୍ତି। ଜବତ ବିରୁଦ୍ଧରେ କୌଣସି ଏଫଆଇଆର୍ / ଅଭିଯୋଗ ଦାଖଲ କରାଯାଇ ନଥିଲେ କିମ୍ବା ଜବତ ଅର୍ଥ/ସାମଗ୍ରୀ କୌଣସି ପ୍ରାର୍ଥୀ କିମ୍ବା ରାଜନୈତିକ ଦଳ ବା ନିର୍ବାଚନ ପ୍ରଚାର ସହିତ ଜଡିତ ନୁହେଁ ବୋଲି ପ୍ରମାଣିତ ହେଲେ, ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରଣାଳୀ ଅନୁଯାୟୀ ସେହିଭଳି ନଗଦ ଅର୍ଥ/ସାମଗ୍ରୀ ଇତ୍ୟାଦି ତୁରନ୍ତ ମୁକ୍ତ କରିବାକୁ ବାଚନିକ ଆଦେଶନାମା ଦେବା ସହିତ ଜବତ ଅର୍ଥ/ସାମଗ୍ରୀ ଉପଯୁକ୍ତ ବ୍ୟକ୍ତିଙ୍କୁ (ଯେଉଁ ବ୍ୟକ୍ତିଙ୍କ ଠାରୁ ଜବତ ହୋଇଥିଲା) ଫେରସ୍ତ କରିବା ପାଇଁ ପଦକ୍ଷେପ ନେଇଥାନ୍ତି। ଉକ୍ତ କମିଟି ଜବତ ସମ୍ବନ୍ଧୀୟ ସମସ୍ତ ମାମଲାର ଅନୁଧ୍ୟାନ କରିବା ସହିତ ଜବତ ନଗଦ ଅର୍ଥ/ସାମଗ୍ରୀ ଉପରେ ନିଷ୍ପତ୍ତି ନେବ।

ଉପ ମୁଖ୍ୟ ନିର୍ବାଚନ ଅଧିକାରୀ

OIPR-12159/11/0001/2425

## ଇଣ୍ଡି’ ମେଣ୍ଟ ସଦସ୍ୟ ଦଳଙ୍କ ମନ ମିଶୁନି

# ବିଭିନ୍ନ ରାଜ୍ୟରେ ପରସ୍ପର ବିରୋଧରେ ଲଢୁଛନ୍ତି




ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ୧୦୨ ଆସନରେ ହୋଇଥିବା ପ୍ରତିଦ୍ୱନ୍ଦ୍ୱିତାରେ ବିଜେପି ନେତୃତ୍ୱାଧୀନ ଏନଡିଏ’ର ଅଂଶୀଦାର ଦଳଙ୍କ ମଧ୍ୟରେ ନିରୋଳା ବା ଶତପ୍ରତିଶତ ଏକଜୁଟତା ଲକ୍ଷ୍ୟ କରାଯାଇଥିବା ବେଳେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟର ଅଂଶୀଦାର ଦଳମାନେ ୧୨ଟି ସଂସଦୀୟ କ୍ଷେତ୍ରରେ ପରସ୍ପର ସହ ଲଢ଼ି ଏକଜୁଟତା ଅଭାବ ପ୍ରଦର୍ଶନ କରିଥିଲେ। ଆଜି ଦ୍ୱିତୀୟ ପର୍ଯ୍ୟାୟର ୮୮ ଆସନରେ ହୋଇଥିବା ପ୍ରତିଦ୍ୱନ୍ଦ୍ୱିତାରେ ଏନଡିଏ’ରେ ଶତପ୍ରତିଶତ ଏକଜୁଟତା ପରିଲକ୍ଷିତ ହୋଇନାହିଁ। ବିହାରର କିଷାନଗଞ୍ଜ ଓ ମଧ୍ୟପ୍ରଦେଶର ଟକମଗଡ଼ ଲୋକସଭା ଆସନରେ ଏନଡିଏ ଅଂଶୀଦାର ଦଳ ହୋଇସୁଦ୍ଧା ରାଷ୍ଟ୍ରୀୟ ସମାଜ ପକ୍ଷ(ଆରଏସପିଏସ୍) ପ୍ରାର୍ଥୀ ଦେଇଛି ଓ ଏନଡିଏ ପ୍ରାର୍ଥୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିଛି। କିଷାନଗଞ୍ଜ ଆସନରେ ଏନଡିଏ ତରଫରୁ ଜେଡିୟୁ ପ୍ରାର୍ଥୀ ଦେଇଛି। ଟକମଗଡ଼ ଲୋକସଭା ଆସନରେ ଏନଡିଏ ତରଫରୁ ବିଜେପି ପ୍ରାର୍ଥୀ ଦେଇଛି। ୨୦୧୯ରେ କିଷାନଗଞ୍ଜ ଆସନରେ କଂଗ୍ରେସ ଓ ଟିକମଗଡ଼ ଆସନରେ ବିଜେପି ଜିତିଥିଲା। ଏହି ଦୁଇ ଆସନରେ ଆରଏସପିଏସ୍ ପ୍ରାର୍ଥୀ ଦେଇଥିବାରୁ ଏନଡିଏ ଏକଜୁଟତା ସାମାନ୍ୟ କ୍ଷୁଣ୍ଣ ହୋଇଛି। ଦ୍ୱିତୀୟ ପର୍ଯ୍ୟାର ୮୮ ଆସନରୁ ୭୦ଟିରେ ବିଜେପିର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅଛନ୍ତି। ଏନଡିଏ ଅଂଶୀଦାର ଦଳ ଭାବେ ଜେଡିୟୁ ବିହାରର ୫ ଆସନରେ ଓ ଭାରତ ଧର୍ମ ଜନ ସେନା(ବିଡିଜେଏସ୍) କେରଳର ୪ ଆସନରେ ପ୍ରାର୍ଥୀ ଦେଇଛି। କିନ୍ତୁ ଇଣ୍ଡି ମେଣ୍ଟରେ ଘୋର ବିଭ୍ରାଟ ଘଟିଛି। କେରଳରେ ବାମପନ୍ଥୀ ଦଳ ଓ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ସହ ମେଣ୍ଟ କରିବାରେ କଂଗ୍ରେସ ବିଫଳ ହୋଇଛି। କେରଳର ସମସ୍ତ ୨୦ ଆସନରେ ଆଜି ମତଦାନ ହୋଇଛି। କେରଳରେ କଂଗ୍ରେସ ତା’ର ସ୍ଥାନୀୟ ସହଯୋଗୀ ଦଳ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ(ୟୁଡିଏଫ୍) ଗଢ଼ିଛନ୍ତି। ୟୁଡିଏଫ୍ କେରଳରେ ଲେଫ୍ଟ ଡେମୋକ୍ରାଟିକ୍ ଫ୍ରଣ୍ଟ ସହ ଆସନ ବଣ୍ଟନ ବୁଝାମଣା କରିନାହିଁ। ତେଣୁ ଇଣ୍ଡି ମେଣ୍ଟର ଅଂଶୀଦାର ଦଳ ପରସ୍ପର ବିପକ୍ଷରେ ପ୍ରାର୍ଥୀ ଦେଇଛନ୍ତି ଓ ଲଢ଼ିଛନ୍ତି। କେରଳରେ ଇଣ୍ଡି ମେଣ୍ଟ ଏକଜୁଟତା ବୋଲି କିଛି ନାହିଁ। ଇଣ୍ଡି ମେଣ୍ଟ କେରଳରେ କଦାପି ଏକକ ପ୍ରାର୍ଥୀ ଦେଇପାରିନଥାନ୍ତା ବୋଲି କୁହାଯାଉଛି। ପଶ୍ଚିମବଙ୍ଗରେ ଆଜି ୩ଲୋକସଭା ଆସନରେ ମତଦାନ ହୋଇଛି। ସେହି ୩ ଆସନରେ ଇଣ୍ଡି ମେଣ୍ଟ ଅଂଶୀଦାର ଦଳମାନେ ପରସ୍ପର ବିପକ୍ଷରେ ଲଢ଼ିଛନ୍ତି। ପଶ୍ଚିମବଙ୍ଗରେ ଇଣ୍ଡି ମେଣ୍ଟ ଏକଜୁଟତା ବୋଲି କିଛି ନାହିଁ। କେରଳ ଓ ପଶ୍ଚିମବଙ୍ଗର ଏହି ୨୩ ଆସନ ବ୍ୟତୀତ ରାଜସ୍ଥାନର ୬, ମହାରାଷ୍ଟ୍ରର ୪, କର୍ଣ୍ଣାଟକର ୩, ଆସାମ, ବିହାର, ମଧ୍ୟପ୍ରଦେଶ ଓ ଜମ୍ମୁ-କାଶ୍ମୀରର ଗୋଟିଏ ଲେଖାଏଁ ଆସନ-ଏହିଭଳି ୧୭ଟି ଆସନରେ ମଧ୍ୟ ଆଜି ଇଣ୍ଡି ମେଣ୍ଟ ଅଂଶୀଦାର ଦଳମାନେ ପରସ୍ପର ବିପକ୍ଷରେ ଲଢ଼ିଛନ୍ତି। ୮୮ ଆସନରୁ ୪୦ ଟିରେ ବା ୪୫% ଆସନରେ ଇଣ୍ଡି ମେଣ୍ଟ ଅଂଶୀଦାର ଦଳମାନେ ପରସ୍ପର ବିପକ୍ଷରେ ଲଢ଼ିଛନ୍ତି। ଆଜିର ପର୍ଯ୍ୟାୟର ୮୮ ଆସନରେ ୧୨୯ ଇଣ୍ଡି ମେଣ୍ଟ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ତେବେ ଇଣ୍ଡି ମେଣ୍ଟର ଏକଜୁଟତାହୀନତା ମେଣ୍ଟକୁ ବଡ଼ କ୍ଷତି ପହଞ୍ଚାଇବ ତାହା ନୁହେଁ। ୨୦୧୯ ଲୋକସଭା ନିର୍ବାଚନରେ କେରଳର ସମସ୍ତ ଆସନରେ ଜିତିଥିବା ଦଳଗୁଡ଼ିକ ଏବେ ଇଣ୍ଡି ମେଣ୍ଟ ଅଂଶୀଦାର ଦଳ। କେରଳରେ ଇଣ୍ଡି ମେଣ୍ଟର ବିଶେଷ କିଛି କ୍ଷତି ହେବନାହିଁ। କିନ୍ତୁ କେରଳ ବାହାରେ ଇଣ୍ଡି ମେଣ୍ଟ ଅଂଶୀଦାର ଦଳଙ୍କ ପରସ୍ପର ବିପକ୍ଷରେ ପ୍ରାର୍ଥୀ ଦେବା ଓ ଲଢ଼ିବା ମେଣ୍ଟ ପାଇଁ ନିଶ୍ଚୟ କ୍ଷତିକାରକ ହେବ। ୨୦୧୯ ଲୋକସଭା ନିର୍ବାଚନରେ କେରଳ ବାହାରର ୨୦ଟି ଆସନରେ ଇଣ୍ଡି ମେଣ୍ଟ ଅଂଶୀଦାର ଦଳ ପରସ୍ପର ବିପକ୍ଷରେ ପ୍ରାର୍ଥୀ ଦେଇ ଲଢ଼ିଥିଲେ ଓ ସେହି ୨୦ ଆସନରୁ ବିଜେପି ୧୬ଟିରେ ଜିତିଥିଲା।


ରାହୁଲଙ୍କ ବିରୋଧରେ ନିର୍ବାଚନ ଲଢୁଛନ୍ତି ସିପିଆଇର ଏନି ରାଜା

## ବିଜେପିକୁ ଚିନ୍ତାରେ ପକାଇଛି ପ୍ରଥମ ପର୍ଯ୍ୟାୟ ଭୋଟ ହାର

# ୪୪୦ରୁ ଅଧିକ ଆସନରେ ଦେଇପାରେ ପ୍ରାର୍ଥୀ

ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ମତଦାନ ହାର କମ୍ ରହିବାରୁ ଭାରତୀୟ ଜନତା ପାର୍ଟି(ବିଜେପି) ତା’ର କର୍ମୀଙ୍କୁ ଅଧିକ ସକ୍ରିୟ ହୋଇ, ଲୋକସମ୍ପର୍କ ବଢ଼ାଇ, ଭୋଟରଙ୍କୁ ଭୋଟ କେନ୍ଦ୍ରରେ ବହୁ ସଂଖ୍ୟାରେ ପହଞ୍ଚି ଭୋଟ ଦେବାକୁ ପ୍ରବର୍ତ୍ତାଇବାକୁ ଆହ୍ୱାନ ଦେଇଛି। ବିଜେପିର ଟାର୍ଗେଟ୍ ହେଉଛି ମୋଟ ଭୋଟର ୫୦% ହାସଲ କରିବା। ପୁଣି ପୂର୍ବ ଲୋକସଭା ନିର୍ବାଚନଗୁଡ଼ିକ ତୁଳନାରେ ବିଜେପି ଏଥର ସବୁଠାରୁ ଅଧିକ ସଂଖ୍ୟକ ଆସନରେ ପ୍ରାର୍ଥୀ ଦେଇଛି। ବିଜେପି ଏଯାଏଁ ୪୩୪ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଲାଣି। ମହାରାଷ୍ଟ୍ରର ୭ ଆସନ ଓ ଉତ୍ତରପ୍ରଦେଶର ରାଏବରେଲି ଓ କାଇସରଗଞ୍ଜ- ଏହି ୨ଟି ଆସନରେ ମଧ୍ୟ ବିଜେପି ପ୍ରାର୍ଥୀ ଦେବା ସମ୍ଭାବନା ରହିଛି। ମହାରାଷ୍ଟ୍ରର ମୋଟ ଲୋକସଭା ଆସନ ସଂଖ୍ୟା ହେଉଛି ୪୮। ମହାରାଷ୍ଟ୍ରରେ ୨୦୧୯ରେ ଶିବସେନା-ବିଜେପି ମେଣ୍ଟ ଥିଲା। ସେତେବେଳେ ମହାରାଷ୍ଟ୍ରରେ ବିଜେପି ୨୫ଟି ଆସନରେ ପ୍ରାର୍ଥୀ ଦେଇଥିଲା। ଏଥର ବିଜେପି ମହାରାଷ୍ଟ୍ରରେ ୨୪ ଆସନରେ ପ୍ରାର୍ଥୀ ଦେଇସାରିଲାଣି। କିନ୍ତୁ ମହାରାଷ୍ଟ୍ରର ଥାନେ, ନାସିକ, ଔରଙ୍ଗାବାଦ, ମୁମ୍ବାଇ(ଦକ୍ଷିଣ), ମୁମ୍ବାଇ(ଉତ୍ତରପଶ୍ଚିମ), ମୁମ୍ବାଇ(ଉତ୍ତର-କେନ୍ଦ୍ରୀୟ) ଓ କଲ୍ୟାଣ–ଏହି ୭ ଆସନ ପାଇଁ ଶିବସେନା(ସିନ୍ଧେ ଗୋଷ୍ଠୀ) ସହ ବିଜେପିର ଯେଉଁ ବୁଝାମଣା ଚାଲିଥିଲା ତାହା ହଠାତ୍ ବନ୍ଦ ରଖାଯାଇଛି। ବିଜେପି ଅପେକ୍ଷା କର ଓ ଦେଖ ରଣନୀତି ଆପଣାଇଛି। ଏଥର ବିଜେପି ୪୪୦ରୁ ଅଧିକ ଆସନରେ ପ୍ରାର୍ଥୀ ଦେବା ସମ୍ଭାବନା ରହିଛି। ୨୦୦୯ ଲୋକସଭା ନିର୍ବାଚନରେ ବିଜେପି ୪୩୩ ଆସନରେ ପ୍ରାର୍ଥୀ ଦେଇଥିଲା ଓ ସେମାନଙ୍କ ମଧ୍ୟରୁ ୧୧୬ ଜଣ ଜିତିଥିଲେ। ୨୦୧୪ ନିର୍ବାଚନରେ ବିଜେପି ୪୨୮ ଆସନରେ ପ୍ରାର୍ଥୀ ଦେଇଥିଲା ଓ ସେମାନଙ୍କ ମଧ୍ୟରୁ ୨୮୨ ଜଣ ଜିତିଥିଲେ। ୨୦୧୯ ନିର୍ବାଚନରେ ବିଜେପି ୪୩୬ ଆସନରେ ପ୍ରାର୍ଥୀ ଦେଇଥିଲା ଓ ସେମାନଙ୍କ ମଧ୍ୟରୁ ୩୦୩ ଜଣ ଜିତିଥିଲେ। ବିଜେପି ଏଥର ସର୍ବାଧିକ ସଂଖ୍ୟକ ଆସନରେ ପ୍ରାର୍ଥୀ ଦେଇପାରିଛି କାରଣ ପଞ୍ଜାବରେ ଶିରୋମଣି ଅକାଳି ଦଳକୁ ମହାରାଷ୍ଟ୍ରରେ ଶିବସେନା(ଉଦ୍ଧବ ଗୋଷ୍ଠୀ)କୁ କୌଣସି ଆସନ ଛାଡିବାକୁ ପଡ଼ିନି। ପୂର୍ବରୁ ଏହି ଦୁଇଦଳ ବିଜେପିର ସହଯୋଗୀ ଦଳ ଥିଲେ ଓ ସେମାନଙ୍କ ପାଇଁ ବିଜେପିକୁ କିଛି ଆସନ ଛାଡ଼ିବାକୁ ପଡୁଥିଲା। ବିହାରର ମୋଟ ଲୋକସଭା ଆସନ ସଂଖ୍ୟା ହେଉଛି ୪୦। ୨୦୧୯ରେ ବିହାରରେ ବିଜେପି ୧୬ ଓ ବିଜେପିର ସହଯୋଗୀ ଦଳ ଜେଡି-ୟୁ ୧୭ ଆସନରେ ପ୍ରାର୍ଥୀ ଦେଇଥିଲେ। ଏଥର ବିଜେପି ବିହାରରେ ୧୭ ଆସନରେ ପ୍ରାର୍ଥୀ ଦେଉଛି। ୨୦୧୯ରେ ପଞ୍ଜାବର ୧୩ ଲୋକସଭା ଆସନ ମଧ୍ୟରୁ ବିଜେପି ୩ ଆସନରେ ପ୍ରାର୍ଥୀ ଦେଇ ୧୦ ଆସନ ଛାଡିଥିଲା ଶିରୋମଣି ଅକାଳି ଦଳକୁ। ଏଥର ବିଜେପି ଏଯାଏଁ ପଞ୍ଜାବରେ ୯ ଆସନରେ ପ୍ରାର୍ଥୀ ଦେଇସାରିଲାଣି। ବିହାରରେ ବିଜେପି ୧୬ ଓ ବିଜେପିର ସହଯୋଗୀ ଦଳ ଜେଡି-ୟୁ ୧୭ ଆସନରେ ପ୍ରାର୍ଥୀ ଦେଇଥିଲେ। ଏଥର ବିଜେପି ବିହାରରେ ୧୭ ଆସନରେ ପ୍ରାର୍ଥୀ ଦେଉଛି। ତାମିଲନାଡୁରେ ଏଆଇଏଡିଏମକେ ସହ ବିଜେପି ମେଣ୍ଟ କରିଛି। ବିଜେପି ୨୦୧୯ରେ ସେଠାରେ ୫ଟି ଆସନରେ ଲଢ଼ିଥିଲା। ଏଥର କିନ୍ତୁ ତାମିଲନାଡୁରେ ବିଜେପି ୨୩ ଆସନରେ ପ୍ରାର୍ଥୀ ଦେଇଛି। ସେଠାରେ ମତଦାନ ସରିଛି। କେରଳର ମୋଟ ଲୋକସଭା ଆସନ ସଂଖ୍ୟା ହେଉଛି ୨୦। ସେଠାରେ ୨୦୧୯ରେ ବିଜେପି ୧୫ଟି ଆସନରେ ପ୍ରାର୍ଥୀ ଦେଇଥିଲା। ଏଥର ବିଜେପି କେରଳରେ ୧୬ ଆସନରେ ପ୍ରାର୍ଥୀ ଦେଇଛି। କଶ୍ମୀର ଉପତ୍ୟକାର ୩ ଲୋକସଭା ଆସନରେ ଏଥର ବିଜେପି ପ୍ରାର୍ଥୀ ନ ଦେବାକୁ ନିଷ୍ପତ୍ତି କରିଛି। ତେବେ ଲାଦାଖ ଆସନରେ ବିଜେପି ପ୍ରାର୍ଥୀ ଦେଇଛି। ଉଦ୍ଧମପୁର ଆସନରେ ମତଦାନ ସରିଛି।



# ଅଖିଳେଶ ଯାଦବଙ୍କ ସମ୍ପତ୍ତି ୨୬ କୋଟି

## ପତ୍ନୀ ଡିମ୍ପଲଙ୍କଠାରୁ ଆଣିଛନ୍ତି ୫୪ ଲକ୍ଷ ଟଙ୍କା



ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ଉତ୍ତରପ୍ରଦେଶ କନୌଜରୁ ଲୋକସଭା ନିର୍ବାଚନ ଲଢୁଛନ୍ତି। ସେ ନିଜ ପାଖରେ ୨୬.୩୪ କୋଟି ଟଙ୍କାର ସମ୍ପତ୍ତି ଅଛି ବୋଲି ଘୋଷଣା କରିଛନ୍ତି। ସେହିପରି ତାଙ୍କ ସ୍ତ୍ରୀ ତଥା ମେନପୁରୀ ଆସନର ଏସ୍‌ପି ପ୍ରାର୍ଥୀ ଡିମ୍ପଲ ଯାଦବଙ୍କ ପାଖରେ ୧୫ କୋଟିର ସମ୍ପତ୍ତି ରହିଛି। ଏହାକୁ ମିଶାଇ ଉଭୟଙ୍କ ମୋଟ ସମ୍ପତ୍ତି ୪୧ କୋଟି ରହିଛି। ନିର୍ବାଚନ କମିଶନଙ୍କ ନିକଟରେ ଅଖିଳେଶ ଯାଦବ ଦାଖଲ କରିଥିବା ସତ୍ୟପାଠରୁ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ସେ ନିଜ ପତ୍ନୀ ଡିମ୍ପଲଙ୍କଠାରୁ ଋଣ କିମ୍ବା ଅଗ୍ରୀମ ଭାବେ ୫୪.୨୬ ଲକ୍ଷ ଟଙ୍କା ଆଣିଥିବା କହିଛନ୍ତି। ଅଖିଳେଶଙ୍କ ପାଖରେ ୯.୧୨ କୋଟି ଟଙ୍କାର ସ୍ଥାବର ଏବଂ ୧୭.୨୨ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ସେ ନିଜ ପାଖରେ ୨୫.୬୧ ଲକ୍ଷ ଟଙ୍କା କ୍ୟାସ୍ ଏବଂ ୫.୪୧ କୋଟି ଟଙ୍କା ବ୍ୟାଙ୍କ ଭାଲ୍ଟରେ ରଖିଛନ୍ତି। ତାଙ୍କ ପାଖରେ ୫.୩୪ ଲକ୍ଷ ଟଙ୍କାର ବ୍ୟାୟାମ ମେସିନ ଏବଂ ୧.୬ ଲକ୍ଷ ଟଙ୍କାର ବାସନକୁସନ ରହିଛି। ଗତ ୫ ବର୍ଷରେ ତାଙ୍କ ବାର୍ଷିକ ଆୟ ପ୍ରାୟ ୮୭ ଲକ୍ଷ ଟଙ୍କା ରହିଛି। ଏହା ୨୦୨୨-୨୩ ଆର୍ଥିକ ବର୍ଷରେ ୮୪.୫୨ ଲକ୍ଷ ଟଙ୍କା ଥିଲା। ଏହା ପୂର୍ବ ଆର୍ଥିକ ବର୍ଷ ୨୦୨୧-୨୨ରେ ୧.୦୨ କୋଟି ଟଙ୍କା ଏବଂ ୨୦୨୦-୨୧ରେ ୮୩.୯୯ ଲକ୍ଷ ଟଙ୍କା ଥିଲା।

ଅଖିଳେଶଙ୍କ ପତ୍ନୀଙ୍କ ପାଖରେ ୫.୧ କୋଟି ଟଙ୍କାର ସ୍ଥାବର ଏବଂ ୧୦.୪୪ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତି ଅଛି। ଗତ ୫ ବର୍ଷରେ ତାଙ୍କର ବାର୍ଷିକ ଆୟ ପ୍ରାୟ ୬୫ ଲକ୍ଷ ଟଙ୍କା ଥିଲା ବୋଲି କହିଛନ୍ତି। ଏହା ୨୦୨୨-୨୩ ଆର୍ଥିକ ବର୍ଷରେ ୬୭.୫ ଲକ୍ଷ, ୨୦୨୧-୨୨ରେ ୭୮.୬୬ ଲକ୍ଷ ଏବଂ ୨୦୨୦-୨୧ରେ ୫୮.୯୩ ଲକ୍ଷ ଟଙ୍କା ଥିଲା। ସୂଚନାଯୋଗ୍ୟ ଯେ ଦଳରେ ବିଦ୍ରୋହ ଦେଖାଦେବା ପରେ ପୁତୁରା ତେଜ ପ୍ରତାପ ଯାଦବଙ୍କ ବଦଳରେ ଅଖିଳେଶ ଯାଦବ କନୌଜରୁ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମେ ଏହି ଆସନ ପାଇଁ ତେଜ ପ୍ରତାପଙ୍କୁ ପ୍ରାର୍ଥୀ କରାଯାଇଥିଲା। କିନ୍ତୁ ତାଙ୍କୁ ଦଳୀୟ କର୍ମୀ ଏବଂ ନେତା ପ୍ରବଳ ବିରୋଧ କରିଥିଲେ।

● ଗୁଗଲ୍‌ରେ ବିଜ୍ଞାପନ ଦେବା ଖର୍ଚ୍ଚ ବଢୁଛି

# ବିଜେପି ବ୍ୟୟ କଲାଣି ୧୦୦ କୋଟି

ଏବେ ରାଜନୈତିକ ଦଳଗୁଡିକ ପ୍ରଚାରପ୍ରସାର ପାଇଁ ଅନ୍‌ଲାଇନକୁ ବେଶୀ ଗୁରୁତ୍ୱ ଦେଉଛନ୍ତି। ଏହା ଶୀଘ୍ର ଲୋକଙ୍କ ଗହଣରେ ମଧ୍ୟ ପହଞ୍ଚି ପାରୁଛି। ସାମାଜିକ ମାଧ୍ୟମରେ ଲୋକେ ଅନେକ ସମୟରେ ସକ୍ରିୟ ରହୁଥିବାରୁ ଦଳଗୁଡିକ ଏହାକୁ ବ୍ୟବହାର କରୁଛନ୍ତି। ଗତ କିଛି ବର୍ଷ ହେଲା ସର୍ଚ୍ଚ ଇଞ୍ଜିନ ଗୁଗୁଲରେ ପ୍ରଚାର ବୃଦ୍ଧି ପାଇଛି। ଏହି କ୍ଷେତ୍ରରେ ବିଜେପି ଆଗରେ ଅଛି। ଗତ ୬ ବର୍ଷ (୨୦୧୮ ମେ’ରୁ ୨୦୨୪ ଏପ୍ରିଲ ୨୧ ମଧ୍ୟରେ) ବିଜ୍ଞାପନ ପାଇଁ ଗୁଗଲକୁ ୩୯୦ କୋଟି ଟଙ୍କା ଦିଆଯାଇଛି। ଏହା ମଧ୍ୟରୁ ସର୍ବାଧିକ ୨୬ ଭାଗ ବିଜେପିର ରହିଛି। ଏହି ଦଳ ସର୍ଚ୍ଚ ଇଞ୍ଜିନ ଗୁଗଲ ଏବଂ ଏହାର ଭିଡିଓ ପ୍ଲାଟଫର୍ମ ୟୁଟ୍ୟୁବରେ ୧୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛି। ଡିଜିଟାଲ ପ୍ରଚାରରେ ବିଜେପି କରିଥିବା ଖର୍ଚ୍ଚ କଂଗ୍ରେସସ, ଡିଏମକେ ଏବଂ ରାଜନୀତିକ ପରାମର୍ଶଦାତା କମ୍ପାନୀ ଇଣ୍ଡିଆଲ ପଲିଟିକାଲ ଆକ୍ସନ କମିଟିର ବିଜ୍ଞାପନ ସହ ସମାନ ରହିଛି। ଗତ ୬ ବର୍ଷରେ ଗୁଗଲ ୨,୧୭,୯୯୨ ବିଜ୍ଞାପନ ପ୍ରକାଶ କରିଛି। ଏଥିରେ ବିଜେପିର ୭୩ ପ୍ରତିଶତ ଅର୍ଥାତ ୧,୬୧,୦୦୦ ବିଜ୍ଞାପନ ସାମିଲ ରହିଛି। ବିଜେପି ନିଜର ଅଧିକାଂଶ ବିଜ୍ଞାପନରେ କର୍ଣ୍ଣାଟକ, ଉତ୍ତର ପ୍ରଦେଶ, ରାଜସ୍ଥାନ ଓ ଦିଲ୍ଲୀବାସୀଙ୍କୁ ଲକ୍ଷ୍ୟ ରଖି ବନାଇଛି। କର୍ଣ୍ଣାଟକ ପାଇଁ ୧୦.୮ କୋଟି, ଉତ୍ତର ପ୍ରଦେଶ ପାଇଁ ୧୦.୩ କୋଟି, ରାଜସ୍ଥାନ ପାଇଁ ୮.୫ କୋଟି ଓ ଦିଲ୍ଲୀ ପାଇଁ ଦଳ ୭.୬ କୋଟି ଟଙ୍କା ଖର୍ଚ୍ଚ କରିଛି। ଅନ୍ୟପକ୍ଷରେ ୬ ବର୍ଷ ମଧ୍ୟରେ କଂଗ୍ରେସ କେବଳ ୫,୯୯୨ଟି ଅନ୍‌ଲାଇନ ବିଜ୍ଞାପନ ଦେଇଛି। ଏହା ବିଜେପି ତୁଳନାରେ ୩.୭%। କଂଗ୍ରେସର ଅଧିକାଂଶ ପ୍ରଚାର କର୍ଣ୍ଣାଟକା ଓ ତେଲଙ୍ଗାନା ଉପରେ ରହିଛି।




## ଲୋକସଭା ନିର୍ବାଚନ ଦ୍ୱିତୀୟ ପର୍ଯ୍ୟାୟ

# ସବୁଠୁ ଧନୀ ଓ ସବୁଠୁ ଗରିବ ପ୍ରାର୍ଥୀ


ଭେଙ୍କଟରମଣି ଗୌଡ଼ା

ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆଜି ସରିଛି। ୧୨ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ମୋଟ ୮୮ଟି ସଂସଦୀୟ କ୍ଷେତ୍ରର ଭୋଟରମାନେ ଏହି ପର୍ଯ୍ୟାୟରେ ମତଦାନ କରିଛନ୍ତି। ଏହି ପର୍ଯ୍ୟାୟର ୮୮ ସଂସଦୀୟ କ୍ଷେତ୍ରରେ ମୋଟ ୧୨୦୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ଏହି ୧୨୦୨ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ୧୦୨ ଜଣ ମହିଳା ପ୍ରାର୍ଥୀ ଓ ତୃତୀୟ ଲିଙ୍ଗର ୨ ପ୍ରାର୍ଥୀ। ଏହି ୧୨୦୨ ପ୍ରାର୍ଥୀଙ୍କ ମଧ୍ୟରେ ସବୁଠାରୁ ଧନୀ ପ୍ରାର୍ଥୀ ହେଲେ କଂଗ୍ରେସ ପ୍ରାର୍ଥୀ ଭେଙ୍କଟରମଣି ଗୌଡ଼ା। ସେ କର୍ଣ୍ଣାଟକର ମାଣ୍ଡ୍ୟ ଆସନରେ ପ୍ରାର୍ଥୀ ଅଛନ୍ତି। ତାଙ୍କର ସମ୍ପତ୍ତିର ମୋଟ ମୂଲ୍ୟ ହେଉଛି ୬୨୨ କୋଟି ୯୭ଲକ୍ଷ ୨୮ ହଜାର ୮୪୧ ଟଙ୍କା। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ଜେଡି-ୟୁ ପ୍ରାର୍ଥୀ ଏଚଡି କୁମାରସ୍ୱାମୀ। ଦ୍ୱିତୀୟ ଧନୀ ପ୍ରାର୍ଥୀ ହେଲେ କଂଗ୍ରେସ ପ୍ରାର୍ଥୀ ଡିକେ ସୁରେଶ। ସେ କର୍ଣ୍ଣାଟକର ବାଙ୍ଗାଲୋର (ଗ୍ରାମୀଣ) ଆସନରେ ପ୍ରାର୍ଥୀ ଅଛନ୍ତି। ତାଙ୍କର ସମ୍ପତ୍ତିର ମୋଟ ମୂଲ୍ୟ ହେଉଛି ୫୯୩ କୋଟି ଟଙ୍କା। ତୃତୀୟ ଧନୀ ପ୍ରାର୍ଥୀ ହେଲେ ବିଜେପିର ହେମାମାଳିନୀ। ସେ ଉତ୍ତରପ୍ରଦେଶର ମଥୁରା ଆସନରେ ପ୍ରାର୍ଥୀ ଅଛନ୍ତି। ହେମାଙ୍କ ସମ୍ପତ୍ତିର ମୋଟ ମୂଲ୍ୟ ହେଉଛି ୨୭୮ କୋଟି ଟଙ୍କା। ଚତୁର୍ଥ ଧନୀ ପ୍ରାର୍ଥୀ ହେଲେ କଂଗ୍ରେସର ସଞ୍ଜୟ ଶର୍ମା। ସେ ମଧ୍ୟପ୍ରଦେଶର ତେନ୍ଦୁଖେଡ଼ା ଆସନରେ ପ୍ରାର୍ଥୀ ଅଛନ୍ତି। ସଞ୍ଜୟଙ୍କ ସମ୍ପତ୍ତିର ମୋଟ ମୂଲ୍ୟ ହେଉଛି ୨୩୨ କୋଟି ଟଙ୍କା। ପଞ୍ଚମ ଧନୀ ପ୍ରାର୍ଥୀ ହେଲେ ଜେଡି-ୟୁ ପ୍ରାର୍ଥୀ ଏଚଡି କୁମାରସ୍ୱାମୀ। କର୍ଣ୍ଣାଟକର ମାଣ୍ଡ୍ୟ ଆସନରେ ପ୍ରାର୍ଥୀ ଅଛନ୍ତି। କୁମାରସ୍ୱାମୀଙ୍କ ସମ୍ପତ୍ତିର ମୋଟ ମୂଲ୍ୟ ହେଉଛି ୨୧୭ କୋଟି ୨୧ଲକ୍ଷ ଟଙ୍କା।




ଲକ୍ଷ୍ମଣ ନାଗାରାଓ ପାଟିଲ

ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତାରେ ଥିବା ୧୨୦୨ ପ୍ରାର୍ଥୀଙ୍କ ମଧ୍ୟରେ ସବୁଠାରୁ ଗରିବ ପ୍ରାର୍ଥୀ ହେଲେ ସ୍ୱାଧୀନ ପ୍ରାର୍ଥୀ ଲକ୍ଷ୍ମଣ ନାଗୋରାଓ ପାଟିଲ। ସେ ମହାରାଷ୍ଟ୍ରର ନାନ୍ଦେଦ ଆସନରେ ପ୍ରାର୍ଥୀ ଅଛନ୍ତି। ଲକ୍ଷ୍ମଣଙ୍କ ସମ୍ପତ୍ତିର ମୋଟ ମୂଲ୍ୟ ହେଉଛି ୫୦୦ ଟଙ୍କା। ଦ୍ୱିତୀୟ ବଡ଼ ଗରିବ ପ୍ରାର୍ଥୀ ହେଲେ ସ୍ୱାଧୀନ ପ୍ରାର୍ଥୀ ରାଜେଶ୍ୱରୀ କେଆର। ସେ କେରଳର କାସାରାଗୋଡ଼ ଆସନରେ ପ୍ରାର୍ଥୀ ଅଛନ୍ତି। ରାଜେଶ୍ୱରୀଙ୍କ ସମ୍ପତ୍ତିର ମୋଟ ମୂଲ୍ୟ ହେଉଛି ୧୦୦୦ ଟଙ୍କା। ତୃତୀୟ ବଡ଼ ଗରିବ ପ୍ରାର୍ଥୀ ହେଲେ ସ୍ୱାଧୀନ ପ୍ରାର୍ଥୀ ପୃଥ୍ୱୀସମ୍ରାଟ ମୁକିନ୍ଦରାଓ ଦୀପବଂଶ। ସେ ମହାରାଷ୍ଟ୍ରର ଅମରାବତୀ(ଏସସି) ଆସନରେ ପ୍ରାର୍ଥୀ ଅଛନ୍ତି। ପୃଥ୍ୱୀସମ୍ରାଟଙ୍କ ସମ୍ପତ୍ତିର ମୋଟ ମୂଲ୍ୟ ହେଉଛି ୧୪୦୦ ଟଙ୍କା। ଚତୁର୍ଥ ବଡ଼ ଗରିବ ପ୍ରାର୍ଥୀ ହେଲେ ଦଳିତ କ୍ରାନ୍ତି ଦଳ ପ୍ରାର୍ଥୀ ସାହନାଜ ବାନୋ। ସେ ରାଜସ୍ଥାନର ଯୋଧପୁର ଆସନରେ ପ୍ରାର୍ଥୀ ଅଛନ୍ତି। ସାହନାଜଙ୍କ ସମ୍ପତ୍ତିର ମୋଟ ମୂଲ୍ୟ ହେଉଛି ୨୦୦୦ ଟଙ୍କା। ପଞ୍ଚମ ବଡ଼ ଗରିବ ପ୍ରାର୍ଥୀ ହେଲେ ସୋସିଆଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ) ପ୍ରାର୍ଥୀ ଭିପି କୋଚୁମୋନ। ସେ କେରଳର କୋଟ୍ଟାୟମ ଆସନରେ ପ୍ରାର୍ଥୀ ଅଛନ୍ତି। କୋଚୁମୋନଙ୍କ ସମ୍ପତ୍ତିର ମୋଟ ମୂଲ୍ୟ ହେଉଛି ୨୨୩୦ ଟଙ୍କା।



# ଯଶସ୍ୱୀ କଥାକାର ମନୋଜ ଦାସ



ଆଜି ବାହୁଡ଼ିଥିଲେ

ପ୍ରାୟ ଛଅ ଦଶନ୍ଧିରୁ ଅଧିକ କାଳ ଯାଏ ନିଜକୁ ସୃଜନମୁଖର କରି ରଖିଥିବା, ଜାତୀୟ, ଅନ୍ତର୍ଜାତୀୟ କ୍ଷେତ୍ରରେ ପ୍ରସିଦ୍ଧି ଅର୍ଜନ କରିଥିବା କଥାକାର ହେଉଛନ୍ତି ମନୋଜ ଦାସ। ଓଡ଼ିଆ ସାହିତ୍ୟର ଏହି କିମ୍ବଦନ୍ତୀ ପ୍ରଜ୍ଞାପୁରୁଷ ଆଧ୍ୟାତ୍ମିକତା ଓ ସାରସ୍ୱତ ସାଧନାର ଜଣେ ଅପୂର୍ବ ସମନ୍ୱୟ। ସାହିତ୍ୟର ସକଳ ବିଭାଗରେ ସେ ଲେଖନୀ ଚାଳନା କରି ଅଜସ୍ର ପାଠକୀୟ ଶ୍ରଦ୍ଧା ଲାଭ କରିଥିଲେ। ଏକ ଉଚ୍ଚାଙ୍ଗ ଭାଷା ଓ ଶବ୍ଦ ସମନ୍ୱୟ ଭିତରେ ଶାଣିତ ବ୍ୟଙ୍ଗ ବା ଶ୍ଳେଷ ତାଙ୍କ ଲେଖାର ଏକ ନିଆରା ଦିଗ। ୧୯୩୪ ମସିହା ଫେବ୍ରୁଆରି ୨୭ ତାରିଖରେ ସେ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଶଙ୍ଖାରି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଛାତ୍ରାବସ୍ଥାରୁ ମନୋଜ ଲେଖାଲେଖି କରୁଥିଲେ। ହାଇସ୍କୁଲରେ ପଢ଼ିବା ସମୟରେ ତାଙ୍କର କବିତା ସଙ୍କଳନ 'ଶତାବ୍ଦୀର ଆର୍ତ୍ତନାଦ' ପ୍ରକାଶିତ ହୋଇଥିଲା। ବାଲେଶ୍ୱରରେ ଅଧ୍ୟୟନ କରୁଥିବା ସମୟରେ ତାଙ୍କର ପ୍ରଥମ ଗଳ୍ପ ସଂକଳନ 'ସମୁଦ୍ରର କ୍ଷୁଧା' ପ୍ରକାଶ ପାଇଥିଲା ଏବଂ ସେହି ସମୟରେ ସେ 'ଦିଗନ୍ତ' ପତ୍ରିକା ସମ୍ପାଦନା ମଧ୍ୟ ଆରମ୍ଭ କରିଥିଲେ। ୧୯୫୨ ମସିହାରେ ଫକୀର ମୋହନ ମହାବିଦ୍ୟାଳୟରେ ପ୍ରଥମ ବର୍ଷର ଛାତ୍ର ଥିବାବେଳେ ସେ ଛାତ୍ର ୟୁନିୟନର ସଭାପତି ଏବଂ ରାଜ୍ୟ ଛାତ୍ର ଫେଡେରେସନର ଉପସଭାପତି ନିର୍ବାଚିତ ହୋଇଥିଲେ । ସେ ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ସ୍ନାତକ ଏବଂ ରେଭେନ୍ସା କଲେଜରୁ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରି ହାସଲ କରିଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରେ ସେ ଆଇନ ପାଠ ପଢ଼ିଥିଲେ। ମନୋଜ କିଛି କାଳ କଟକର ଖ୍ରୀଷ୍ଟ କଲେଜରେ ଅଧ୍ୟାପନା କରିଥିଲେ। ସେ ପାଞ୍ଚଟି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ଲାଭ କରିଛନ୍ତି। ୧୯୬୩ ମସିହାଠାରୁ ସେ ପଣ୍ଡିଚେରୀର ଶ୍ରୀ ଅରବିନ୍ଦ ଆଶ୍ରମଠାରେ ଅବସ୍ଥାନ କରି ଆସୁଥିଲେ। ସେ ସେଠାକାର ଶ୍ରୀ ଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷା କେନ୍ଦ୍ରରେ ଇଂରାଜୀ ପ୍ରାଧ୍ୟାପକ ଭାବେ ଶିକ୍ଷାଦାନ କରୁଥିଲେ। ଇଂରାଜୀ ଭାଷାରେ ସାହିତ୍ୟ ରଚନା କରୁଥିବା ଭାରତୀୟ ଲେଖକମାନଙ୍କ ମଧ୍ୟରେ ମନୋଜ ଦାସ ଜଣେ ଅଗ୍ରଣୀ ବ୍ୟକ୍ତିତ୍ୱ ଥିଲେ। ଓଡ଼ିଆ ସାହିତ୍ୟ ସର୍ଜନାର ସେ ମହାକାଶ ଥିଲେ। ତାଙ୍କର ରଚିତ 'ସମୁଦ୍ରର କ୍ଷୁଧା', 'ଅବୋଲକରା କାହାଣୀ', 'ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ', 'ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ', 'ମନୋଜ ପଞ୍ଚବିଂଶତି', 'ଧୂମ୍ରାଭ ଦିଗନ୍ତ ଓ ଅନ୍ୟ କାହାଣୀ', 'ଆବୁପୁରୁଷ ଓ ଅନ୍ୟାନ୍ୟ କାହାଣୀ', 'ଲକ୍ଷ୍ମୀର ଅଭିସାର', 'ମନୋଜ ଦାସଙ୍କ କଥା ଓ କାହାଣୀ', 'ଶେଷ ବସନ୍ତର ଚିଠି', 'ଆରଣ୍ୟକ', 'ବିଷକନ୍ୟାର କାହାଣୀ' ଆଦି ଗଳ୍ପ ପୁସ୍ତକ ବହୁ ପାଠକୀୟ ଆଦୃତି ଲାଭ କରିଛି। ତାଙ୍କର କବିତା ସଙ୍କଳନଗୁଡ଼ିକ ହେଲା 'ଶତାବ୍ଦୀର ଆର୍ତ୍ତନାଦ', 'କବିତା ଉତ୍କଳ', 'ତୁମ ଗାଁ ଓ ଅନ୍ୟାନ୍ୟ କବିତା', 'ଉପନିବେଶ', 'ନନ୍ଦାବତୀର ମାଝି', 'ପଦଧ୍ୱନି', 'ବିପ୍ଳବୀ ଫକୀରମୋହନ'। ଏହାବ୍ୟତୀତ ତାଙ୍କ ଦ୍ୱାରା ଲିଖିତ ଉପନ୍ୟାସଗୁଡ଼ିକ ମଧ୍ୟରେ 'ତନ୍ଦ୍ରାଲୋକର ପ୍ରହରୀ', 'ଆକାଶର ଇସାରା', 'ଅମୃତ ଫଳ', 'ଗୋଧୂଳିର ବାଘ', 'ପ୍ରଭଞ୍ଜନ', 'ବୁଲଡୋର୍ଜର୍ସ' ଆଦି ଅନ୍ୟତମ। ତାଙ୍କ ଲିଖିତ ଶିଶୁ ସାହିତ୍ୟ 'ରାକ୍ଷସର ସନ୍ଧାନରେ', 'କନକ ଉପତ୍ୟକାର କାହାଣୀ', 'ଅମର ସାହିତ୍ୟ', 'ଆଲୋକ ଓ ଆନନ୍ଦର କାହାଣୀ' ଆଦି ବେଶ୍ ପାଠକୀୟ ଆଦୃତି ଲାଭ କରିଛି। ତାଙ୍କ ରଚିତ 'ଦି ଏସ୍‌କେପିଷ୍ଟ', 'ଏ ଟାଇଗର ଆଟ୍ ଟୁଇଲାଇଟ୍', 'ଦି କ୍ରୋକୋଡାଇଲ ଲେଡି' ଆଦି ଇଂରାଜୀ ଉପନ୍ୟାସ ଓ ଗଳ୍ପ ସଂକଳନ ମଧ୍ୟ ବିଶ୍ୱ ସାହିତ୍ୟରେ ଖୁବ୍ ଆଦୃତି ଲାଭ କରିଛି। ଏହା ବ୍ୟତୀତ ସେ କିଛି କାଳ ଲାଗି ମାଡ୍ରାସରୁ ପ୍ରକାଶିତ 'ଦି ହେରିଟେଜ୍' ପତ୍ରିକାର ସମ୍ପାଦନା କରି ଖୁବ୍ ପ୍ରଶଂସା ସାଉଁଟିଥିଲେ। ଭାଷା ସାହିତ୍ୟ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ୨୦୦୧ରେ ତାଙ୍କୁ ପଦ୍ମଶ୍ରୀ ଓ ୨୦୨୦ରେ ପଦ୍ମଭୂଷଣରେ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସରସ୍ୱତୀ ସମ୍ମାନ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଅତିବଡ଼ୀ ଜଗନ୍ନାଥ ପୁରସ୍କାର, କେନ୍ଦ୍ର ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ ଭାବେ 'ଫେଲୋସିପ୍' ଲାଭ କରିଥିଲେ ମନୋଜ ଦାସ। ପଣ୍ଡିଚେରୀ ଆଶ୍ରମ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୨୦୨୧ ମସିହା ଆଜିର ଦିନରେ ତାଙ୍କର ପରଲୋକ ଘଟିଥିଲା।



# ପାଷାଣ: ଦୂର କରୁଛି ଏକଲାପଣ

ଦିନକୁ ଦିନ ଲୋକଙ୍କ ପାଇଁ ଏକଲାପଣ ପ୍ରମୁଖ ସମସ୍ୟା ଭାବେ ମୁଣ୍ଡ ଟେକୁଛି। ଏଥିରୁ ମୁକୁଳିବା ପାଇଁ ସାମାଜିକ ମିଳାମିଶା ଉପରେ ଗୁରୁତ୍ୱ ଦିଆଯାଉଛି। ତେବେ ଦକ୍ଷିଣ କୋରିଆରେ ଏକାକୀତ୍ୱକୁ ଦୂର ପାଇଁ ଲୋକେ ପଥରର ସାହରା ନେଇଛନ୍ତି। ଏଥିରୁ ମୁକ୍ତି ପାଇବା ପାଇଁ ସେମାନେ ପଥର କିଣୁଛନ୍ତି। ଏଠାକାର ଲୋକେ ପୋଷାଜୀବ ଭଳି ପଥରକୁ ରଖୁଛନ୍ତି। ପଥରକୁ ପାଖରେ ରଖି ସେମାନେ କେହି ବନ୍ଧୁ କିମ୍ବା ପରିବାର ସଦସ୍ୟ ପାଖରେ ଥିବା ପରି ଅନୁଭବ କରୁଥିବା କଥା କହିଛନ୍ତି। ଯେମିତି ଲୋକେ ପୋଷାଜୀବକୁ ସଙ୍ଗରେ ନେଇ ଯାଆନ୍ତି ସେମିତି ସେମାନେ ଏହି ପଥରଗୁଡ଼ିକୁ ସଙ୍ଗରେ ନେଇ ସବୁସ୍ଥାନକୁ ଯାଉଛନ୍ତି। ତେବେ ପୋଷା ଜୀବ ବଦଳରେ ପଥର ରଖିବାର ଉଦ୍ଦେଶ୍ୟ ଏହା ଶସ୍ତା ହେବା ସହ ଏଥିପ୍ରତି ବିଶେଷ ଯତ୍ନବାନ ହେବାର ଆବଶ୍ୟକତା ନ ଥାଏ। ୧୯୭୦ ମସିହାରେ ଆମେରିକାରେ ଉପହାର ସ୍ୱରୂପ ପଥର କିଣିବାର ପ୍ରଚଳନ ଆରମ୍ଭ ହୋଇଥିଲା। ଏବେ ପୁଣି ଥରେ ଏହି ଧାରା ଦକ୍ଷିଣ କୋରିଆକୁ ଫେରିଛି। ତେବେ ଏଠାରେ କରୋନା କାଳରେ ପଥରର ଲୋକପ୍ରିୟତା ବୃଦ୍ଧି ପାଇଲା। କାରଣ ଲୋକମାନେ ଏହି ଛୋଟ ଛୋଟ ପଥରରୁ ଶାନ୍ତି, ସୁଖ, ଆରାମ ସାଉଁଟିବାକୁ ଲାଗିଲେ। କେବଳ ସେତିକି ନୁହେଁ, ସେମାନେ ପଥରଗୁଡ଼ିକର ନାମକରଣ କରିବା ସହ ସୁନ୍ଦର ପୋଷାକ ମଧ୍ୟ ପିନ୍ଧାଇଥାନ୍ତି। ସାମାଜିକ ଗଣମାଧ୍ୟମରେ ପଥରଗୁଡ଼ିକର ଫଟୋ ମଧ୍ୟ ସେୟାର୍ କରିଥାନ୍ତି। ମୋଟାମୋଟି କହିବାକୁ ଗଲେ ଦକ୍ଷିଣ କୋରିଆ ଲୋକଙ୍କର ନିଃସଙ୍ଗତାର ଏବେ ସାଥୀ ପାଲଟିଛି ପାଷାଣ।

# 'ଲାହୋର ୧୯୪୭'ର ସୁଟିଂ ଆରମ୍ଭ କଲେ ପ୍ରୀତି



ମିଷ୍ଟର ପରଫେକ୍ଟନିଷ୍ଟ ଅମିର୍ ଖାନ୍ 'ଲାହୋର ୧୯୪୭' ଫିଲ୍ମକୁ ନେଇ ଏବେ ଚର୍ଚ୍ଚାରେ। ଏହି ଫିଲ୍ମର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ନିଜେ ଅମିର୍। ବିଶେଷ କଥା ହେଲା ଏହି ଫିଲ୍ମ ମାଧ୍ୟମରେ ଛଅ ବର୍ଷ ପରେ ପରଦାକୁ ଫେରୁଛନ୍ତି ବଲିଉଡ୍‌ର ଡିମ୍ପଲ ଗାର୍ଲ ପ୍ରୀତି ଜିନ୍‌ଟା। 'ଲାହୋର ୧୯୪୭' ମାଧ୍ୟମରେ ସେ ପୁଣି ଥରେ ପରଦାକୁ ଫେରିବେ। ଏଥିରେ ପ୍ରୀତିଙ୍କ ବିପକ୍ଷରେ ସନ୍ନି ଦେଓଲ ଦେଖାଯିବେ। ଇତିମଧ୍ୟରେ ସେ ଏହାର ସୁଟିଂ ଆରମ୍ଭ କରିଛନ୍ତି। ପ୍ରୀତି ନିକଟରେ ଇନ୍‌ଷ୍ଟାଗ୍ରାମ୍‌ରେ 'ଲାହୋର ୧୯୪୭'ର କିଛି ବିଟିଏସ୍ ଫଟୋ ସେୟାର୍ କରିଥିଲେ। ଏଥିରେ ସେ ରାଜକୁମାର ସନ୍ତୋଷୀ ଓ ସନ୍ତୋଷ ସିବନଙ୍କ ସହ ଦେଖାଯାଇଛନ୍ତି। ପ୍ରୀତି ୧୯୯୮ରେ 'ଦିଲ୍‌ସେ' ଫିଲ୍ମରୁ ତାଙ୍କ କ୍ୟାରିୟର୍ ଆରମ୍ଭ କରିଥିଲେ। 'ସୋଲଜର୍', 'ଦିଲ୍ ଚାହତା ହୈ', 'ଚୋରି ଚୋରି ଚୁପ୍‌କେ ଚୁପ୍‌କେ', 'କୋଇ ମିଲ୍ ଗୟା', 'କଲ ହୋ ନା ହୋ', 'ବୀରଜାରା' 'କଭି ଅଲବିଦା ନା କେହନା' ଆଦି ତାଙ୍କର ହିଟ୍ ଫିଲ୍ମ ଥିଲା।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁନି। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାରକରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।



# ସୁମନ

## ପହେଲି

- ବଉଳ ରୂପେ ମୁଁ ଫଗୁଣେ ବାସେ
ପରେ ପରେ ମୋର ଚଣାଟି ଆସେ
କଞ୍ଚାବେଳେ ମୁହିଁ ଲାଗଇ ଖଟା
ପାଚିଲେ ଲାଗଇ ପାଟିକୁ ମିଠା
କଞ୍ଚାବେଳେ ମୁହିଁ ସବୁଜ ଦିଶେ
ପାଚିଲେ ହଳଦୀ ରଙ୍ଗେ ମୁଁ ହସେ
ଫଳ ରାଜା ବୋଲି ରାଇଜେ ଖ୍ୟାତ
କହି ପାରିବକି ମୋ ନାମ ମିତ।
ଉତ୍ତର - ଆମ୍ବ



- ଖରାଦିନେ ମୋର ଭାରି ଆଦର
ମୋ ରସ ଦେହକୁ ରଖେ ଶୀତଳ
ମୋ ରସରୁ ବନେ ଗୁଡ଼ ଓ ଚିନି
ମୋ ସୁଆଦ କେବେ ମନ ଭୁଲେନି
ବାଡିଟିଏ ପରି ମୋର ଶରୀର
ଚୋବେଇ ଖାଇଲେ ଲାଗେ ମଧୁର
ନଗଦ ଶସ୍ୟରେ ମୁଁ ଗଣା ହୁଏ
ମୋତେ ଯେ ଚିହ୍ନିବ ଚତୁର ସିଏ।
ଉତ୍ତର - ଆଖୁ



- ଛୋଟ ଗୋଲାକାର ମୋର ଶରୀର
ଫଳଟିଏ ମୁହିଁ ତୁମ ବାଡ଼ିର
ମୋ ରସକୁ ଜନେ ସର୍ବତ କରି
ପିଅନ୍ତି ସରାଗେ ଉଦର ଭରି
ମୋ ରସରେ ଅଛି ଅନେକ ଗୁଣ
ହଜମୀ ପ୍ରକ୍ରିୟା କରେ ସଅଳ
ଲଙ୍କା ଲୁଣ ସାଥେ ମୋ ନାମ ଆସେ
ଏବେ କୁହ ମୋର ନାମ ହରଷେ।
ଉତ୍ତର - ଲେମ୍ବୁ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଖରା ହେଉଛି ଟାଇଁଟାଇଁ



ଲକ୍ଷ୍ମୀଧର ନାୟକ

ଖରା ହେଉଅଛି ଟାଇଁଟାଇଁ,
ଦେହରେ ପଡ଼ିଲେ ନିଆଁଝୁଲ ପରି
ଲାଗୁଅଛି ପରା ଚାଇଁଚାଇଁ ।
ଖରା ହେଉଅଛି ଟାଇଁଟାଇଁ,
ଅମାନିଆ ହୋଇ ବାହାରେ ବୁଲିଲେ
ମୁଣ୍ଡ ହୋଇଯାଏ ଝାଇଁଝାଇଁ ।
ଖରା ହେଉଅଛି ଟାଇଁଟାଇଁ,
ଶୋଷରେ ଆତୁର ହୋଇକି ମନଟା
ପାଣି ପିଇବାକୁ ହାଇଁପାଇଁ ।
ଖରା ହେଉଅଛି ଟାଇଁଟାଇଁ,
ଗରମ ପବନେ ମୁହଁ ଶୁଖିଯାଏ
ଝାଞ୍ଜି ବହୁଅଛି ସାଇଁସାଇଁ ।
ଖରା ହେଉଅଛି ଟାଇଁଟାଇଁ,
ଆମ ପାଇଁ ବଡ଼ ବିପଦର କଥା
ଜାଣିକି ଯିବାରେ କାହିଁ ପାଇଁ ।
ଖରା ହେଉଅଛି ଟାଇଁଟାଇଁ,
କଥା ମାନି ଆମେ ଘରେ ତ ରହିବା
ବାହାରକୁ ଯିବା ନାଇଁ ନାଇଁ ।



ବାଉଁଶିଆପଡ଼ା, ନୟାଗଡ଼
ମୋ-୮୨୭୦୩୭୨୪୯୮

## ଏକତା ଥିଲେ ବିପଦ ଟଳେ





ଦେବେନ୍ଦ୍ର କର

ବିଶାଳ ଏକ ଘଞ୍ଚ ଜଙ୍ଗଲ ଆଉ ତା' ମଝିରେ ଛୋଟିଆ ପାହାଡ଼ଟେ। ସେଇ ଜଙ୍ଗଲରେ କାହିଁରେ କେତେ ଜୀବଜନ୍ତୁ ବସବାସ କରୁଥିଲେ। ହେଲେ ପାହାଡ଼ ଉପର ରହିଥିବା ଜୀବଜନ୍ତୁ ଆଉ ତଳେ ଜଙ୍ଗଲରେ ରହୁଥିବା ଜୀବଜନ୍ତୁଙ୍କ ମଧ୍ୟରେ ସବୁବେଳେ ବାଦବିବାଦ ଲାଗୁଥିଲା। ଜଙ୍ଗଲର ରାଜା ବାଘ ଦୁଇ ପକ୍ଷଙ୍କୁ ବୁଝାନ୍ତି, ହେଲେ ବିବାଦ ତୁଟିବ କ'ଣ ଓଲଟା ବଢ଼ିବଢ଼ି ଚାଲିଥାଏ। ଦିନେ ରାଜା ସଭା ଡକେଇଲେ ଆପୋସ ସମାଧାନ ପାଇଁ। ସମସ୍ତେ ଯିଏ ଯୋଉଠି ଥିଲେ ଆସି ପହଞ୍ଚି ଗଲେ। ପାହାଡ଼ ଉପରୁ କିନ୍ତୁ ଜଣେ କେହି ବି ଆସିଲେ ନାହିଁ। ଭାଲୁ, ଗଣ୍ଡା, ବିଲୁଆ ଏକ ସ୍ୱରରେ କହିଲେ, ଦେଖିଲେ ତ ଆପଣଙ୍କ କଥା ବି ସେମାନେ ମାନୁ ନାହାନ୍ତି। ତାଙ୍କ କଥାରେ ଗଣ୍ଡା, ଜିରାଫ, ହରିଣ, ଗଧ, ହେଟା ପାଳି ଧରିଲେ। ତଳେ ଥାଇ ସମସ୍ତେ ଉପର ସଦସ୍ୟଙ୍କୁ ଗାଳି କଲେ। ଡେରିରେ ହେଉ ପଛେ ଅଜଗର, ନେଉଳ ଆଉ ସିମ୍ପାଜି ସଭାରେ ଆସି ଯୋଗ ଦେଲେ। ସଭା ଆରମ୍ଭରୁ ବିଶୃଙ୍ଖଳା ଆରମ୍ଭ ହେଇଗଲା। ବାଘ ମହାରାଜା ଏବେ କରିବ କ'ଣ? ଖୁବ୍ ଜୋରରେ ଗର୍ଜନ କରି ସମସ୍ତଙ୍କୁ ଚୁପ୍ କଲା। ବାଘ କହିଲା ଆରେ ଜଙ୍ଗଲ ଆମର ଆଉ ଏ ପାହାଡ଼ ପର୍ବତ ବି ଆମର। ଆଉ ଏଠି ଯିଏ ବି ବସବାସ କରୁଛନ୍ତି, ସମସ୍ତେ ଆମ ନିଜର। କଥା ମଝିରେ ହେଟା ଆଉ ବାର୍‌ହା ଗର୍ଜି ଉଠିଲେ, ନାହିଁ ସେ ଆମର କେହି ନୁହେଁ, ସେ ଆମର ଶତ୍ରୁ। ବାଘ କହିଲା, ଆରେ ମୁଁ କ'ଣ କହୁଚି ଟିକେ ଶୁଣ ଆଗେ। ଏ ଭାଲୁ ଆଉ ବିଲୁଆର ଭାଇମାନେ ପା ପାହାଡ଼ ଉପରେ ରହୁଛନ୍ତି ଆଉ ହରିଣର ବାପାମା ବି ବହୁତ ଦିନରୁ ଯାଇଁ ପାହାଡ଼ ଉପରେ ରହୁଛନ୍ତି। ବାଘ ମହାରାଜଙ୍କ କଥା ଶୁଣି ଭାଲୁ, ବିଲୁଆ ଆଉ ହରିଣ ଚୁପ୍ ପଡ଼ିଗଲେ। ବାଘ ପୁଣି କହିଲା ଆଉ ଆଜି ସେମାନେ ତୁମ ଶତ୍ରୁ ହେଇଗଲେ। ସେମିତି ଭାବିଲେ କିଛି ସମାଧାନ ହେବନି ଖାଲି ବିଶୃଙ୍ଖଳା ବଢ଼ିବ। ଏକାଠି ଚଳିବାକୁ ଚେଷ୍ଟା କର। ଆମ ଏକତା ଆମ ସାହସ ଆଉ ଆମ ବଳ। ଥିଲେ ଥିଲେ ସମସ୍ତେ ହୋ ହାଲ୍ଲା ଆରମ୍ଭ କରିଦେଲେ। ଶେଷରେ ବାଘ କହିଲା, ତୁମକୁ ବୁଝାଇ କିଛି ଲାଭ ନାହିଁ, ଏଥର ଦେଖିବ ତୁମେ ନିଜେ ନିଜର କେମିତି କ୍ଷତି କରିବ। ମୁଁ ଆଉ ବୁଝେଇ ପାରିବି ନାହିଁ, ଏତିକି କହି ବାଘ ସେ ସ୍ଥାନ ଛାଡ଼ିଲା।

କିଛିଦିନ ପରର କଥା ଦଳେ ଦନ୍ତା ହାତୀ ଜଙ୍ଗଲ ଭିତରକୁ ପଶି ଆସି ଖୁବ୍ ଗଛଲତା ନଷ୍ଟ କଲେ। ଜଙ୍ଗଲରେ ଥିବା ଜଳାଶୟଗୁଡିକରୁ ପାଣି ନଷ୍ଟ କଲେ। ଦଳଦଳ ହାତୀ ପଲ ପାହାଡ଼ ତଳେ ଆସ୍ଥାନ ଜମେଇଲେ। ହାତୀଙ୍କୁ ତଡ଼ିବା କାହାରି ସାହସ ହେଉ ନ ଥିଲା। ଭାଲୁ, ଜିରାଫ, ହରିଣ, ଗଧ, ହେଟା ଆସି ମହାରାଜଙ୍କ ପାଖରେ ଗୁହାରି କଲେ। ବାଘ କହିଲା, ତୁମ ଭିତରେ ତ ଏକତା ନାହିଁ, ତୁମେ ହାତୀ ଦଳଙ୍କ ସହିତ ଲଢ଼ିବ କେମିତି। ଦନ୍ତା ହାତୀ ବହୁତ ବଳବାନ ଆଉ ଜିଦଖୋର୍ ବି। ସେ ସହଜରେ ମାନିବେ ନାହିଁ। ସମସ୍ତେ ଏକସ୍ୱରରେ କହିଲେ, ମହାରାଜ କିଛି ଗୋଟେ ଉପାୟ କରନ୍ତୁ। ବାଘ ମହାରାଜ ଟିକେ ଭାବିକି କହିଲେ, ଆଚ୍ଛା, ମତେ କହିଲ ହାତୀ ପଲ ଏବେ କୋଉଠି ଅଛନ୍ତି। ଭାଲୁ ଆଉ ହରିଣ କହିଲେ ପାହାଡ଼ ତଳେ ଅଛନ୍ତି। ବାଘ କହିଲ, ଏଇତ ଭଲ ମୌକା ଅଛି। ଚାଲ ଏବେ ପାହାଡ଼ ଉପରକୁ ଯିବା। ସେଠି ଆମର ଯିଏ ସବୁ ସାଥୀ ଅଛନ୍ତି, ତାଙ୍କୁ ହାତ କରିବା। ହେଲେ ସେଠି କି ଗଲେ କ'ଣ ହେବ ସମସ୍ତେ ପ୍ରଶ୍ନ କଲେ। ବାଘ କହିଲା, ଚାଲ ବାଟରେ ସବୁ ଯୋଜନା କହିବି। ସମସ୍ତେ ପାହାଡ଼ ଉପରକୁ ଧାଇଁଲେ। ପାହାଡ଼ ଉପରେ ପୁରୁଣା ଭାଇ ବନ୍ଧୁ, ସାଥୀଙ୍କ ସହିତ ଭେଟ ହେଲା। ତାପରେ ଆରମ୍ଭ ହେଲା ଅସଲ ଉଦ୍ଦେଶ୍ୟ। ବାଘ କହିଥିବା ମୁତାବକ ସମସ୍ତେ ପାହାଡ଼ ଉପରୁ ପଥର ସବୁ ଖସେଇଲେ। ଘୋ ଘୋ ଶବ୍ଦ କରି ପଥର ସବୁ ତଳକୁ ଗଡ଼ି ଆସିଲା। ହାତୀ ପଲ କୁଆଡ଼େ ଯିବେ ବାଟ ପାଇଲେ ନାହିଁ। ହାତୀଙ୍କ ମୁଖିଆ କହିଲା, ଚାଲ ଏ ଜଙ୍ଗଲ ଛାଡ଼ି ପଳେଇବା। ବାଘ କହିଲା ଦେଖିଲ ତ ଆମେ ଏକାଠି ରହିଲେ କେତେ ଫାଇଦା ହୁଏ। ଏଥର ଆଉ କଳିଝଗଡ଼ା ନ କରି ଜଙ୍ଗଲର ସବୁ ପଶୁପକ୍ଷୀ ଏକମନରେ ଚଳିଲେ।

- ମଙ୍ଗଳାବାଗ, କଟକ
ମୋ- ୯୯୩୭୯୬୩୯୧୦

## ପତ୍ରିକା ପରିଚୟ

### ମୋ ଆଶା




(ଗ୍ରୀଷ୍ମ ସଂଖ୍ୟା-୨୦୨୪), ସଂପାଦକ: ସୁମନ୍ତ ମହାରଣା, ପାଟପୁର, ନିମାପଡ଼ା, ପୁରୀ-୭୫୨୧୦୬, ମୂଲ୍ୟ: ୨୦ ଟଙ୍କା

ତ୍ରୟମାସିକ ଶିଶୁକିଶୋର ପତ୍ରିକା 'ମୋ ଆଶା'ର ଏପ୍ରିଲ-ଜୁନ୍-୨୦୨୪ ସଂଖ୍ୟା ପ୍ରକାଶ ପାଇଛି। ସୁମନ୍ତ ମହାରଣାଙ୍କ ସଂପାଦନାରେ ପ୍ରକାଶ ପାଉଥିବା ଏହି ପତ୍ରିକାର ଚଳିତ ସଂଖ୍ୟାରେ ଡକ୍ଟର ସୁଷମା ମିଶ୍ରଙ୍କ 'ଏକ ଏକ ଦୁଇ', ପ୍ରଫୁଲ୍ଲ କୁମାର ସାହୁଙ୍କ 'ଅଜା କହୁଥିଲେ ଗପ', ଜ୍ୟୋତ୍ସ୍ନା ସିଂହଙ୍କ 'ମୋ ବିଦ୍ୟାଳୟ', ପ୍ରହଲ୍ଲାଦ ଛାଟୋଇଙ୍କ 'ଗ୍ରୀଷ୍ମକାଳ', ଡକ୍ଟର ରବୀନ୍ଦ୍ର ନାଥ ପାଢ଼ୀଙ୍କ 'ଜନ୍ମଦିନ' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି। ସେହିପରି ଗପ ବିଭାଗରେ ଦେବେନ୍ଦ୍ର କରଙ୍କ 'ଏକତା ହିଁ ବଳ', ସଂଗ୍ରାମ କେଶରୀ ପୃଷ୍ଟିଙ୍କ 'ଶ୍ରୀରାମ ଦେଖିଲେ ମାଙ୍କଡ଼ ନାଚ', ଡକ୍ଟର ରାମଚନ୍ଦ୍ର ଦେଓଙ୍କ 'ଚତୁର କଇଁଛ', ସ୍ୱରାଜ ମିଶ୍ରଙ୍କ 'ପେଁକାଳି', ପ୍ରଶାନ୍ତ କୁମାର ସାହୁଙ୍କ 'ଟାଙ୍ଗିଆ ହେଲା ଫାଉଡ଼ା', କାଳିକିଙ୍କରଙ୍କ 'ବାଘ ମାମୁଁଙ୍କ ଜଙ୍ଗଲ' ଆଦି ଗପ ମନଛୁଆଁ ହୋଇଛି। ଏହି ସଂଖ୍ୟାଟି ଶିଶୁ ଗପ, କବିତା, ଅନୁବାଦ ଗପ, ଆମ ପ୍ରତିଭା, ସେଲିବ୍ରିଟିଙ୍କ ପିଲାଦିନ, ଧାରାବାହିକ ଗପ, ଯଦୁମଣିଙ୍କ କାହାଣୀ ପେଡ଼ି, କୁନି ପ୍ରତିଭା, କୁନି ମଡେଲ, ହାତଅଙ୍କା ଛବି ଆଦିରେ ସମୃଦ୍ଧ ହୋଇଛି। 'ମୋ ଆଶା'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ।











**ମାନସ ରଞ୍ଜନ ଆଚାର୍ଯ୍ୟ**
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର



**ଶାନ୍ତନୁ ଶାନ୍ତିସ୍ୱରୂପ ସାହୁ**
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର



**ଅଭିଗ୍ନ କୁମାର ଦାସ**
ପଞ୍ଚମ ଶ୍ରେଣୀ
ସେଣ୍ଟ ଭିନ୍‌ସେଣ୍ଟ କନ୍‌ଭେଣ୍ଟ ସ୍କୁଲ
ବାଲେଶ୍ୱର



**ଉତ୍କର୍ଷ ପ୍ରଧାନ**
ଦ୍ୱିତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର

# ଜିମ୍ବାୱେକୁ ୬ ୱିକେଟ୍‌ରେ ହରାଇ ବିପର୍ଯ୍ୟୟ ସୃଷ୍ଟିକଲା ଭାନୁଆତୁ

ନୂଆଦିଲ୍ଲୀ, ୨୬।୪(ଏଜେନ୍ସି): ବିଶ୍ୱର ବିଭିନ୍ନ ଷ୍ଟାଡିୟମ୍‌ରେ ମହିଳା ଟି-୨୦ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଆରମ୍ଭ ହୋଇଛି। ଶୁକ୍ରବାର ଖେଳାଯାଇଥିବା ଏହି ପ୍ରଥମ ପର୍ଯ୍ୟାୟ ମ୍ୟାଚ୍‌ରେ ଜିମ୍ବାୱେକୁ ୬ ୱିକେଟରେ ହରାଇ ଭାନୁଆତୁ ବିପର୍ଯ୍ୟୟ ସୃଷ୍ଟି କରିଛି। ଆବୁ ଜାୟେଦ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାନୁଆତୁର ତାରକା ବନିଥିଲେ ନସିମାନା ନାଭାଇକା। ଏହି ମ୍ୟାଚ୍‌ରେ ସେ ୧୩ ରନ୍‌ରେ ୪ଟି ଓ ଭାନେଶ ଭୀରା ୧୪ ରନ୍‌ରେ ୩ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୧୩.୩ ଓଭରରେ ମାତ୍ର ୬୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ନାଭାଇକା ୩୬ ବଲ୍‌ରେ ଧୈର୍ଯ୍ୟପୂର୍ଣ୍ଣ ୨୧ ରନ୍ କରିବା ଫଳରେ ଭାନୁଆତୁ ୧୬.୩ ଓଭରରେ ୪ ୱିକେଟ ହରାଇ ବିଜୟୀ ହୋଇଥିଲା। ନାଭାଇକାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ସେହିପରି ଅନ୍ୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରୁ ଶ୍ରୀଲଙ୍କା, ସ୍କଟଲାଣ୍ଡ ଓ ଆୟର୍ଲାଣ୍ଡ ମଧ୍ୟ ବିଜୟୀ ହୋଇଛନ୍ତି। ରାଚେଲ ଷ୍ଟାର ୧୭ ରନ୍‌ରେ ୫ ୱିକେଟ ନେବା ଫଳରେ ସ୍କଟଲାଣ୍ଡ ୧୦୯ ରନ୍‌ରେ ଉଗାଣ୍ଡାକୁ ପରାସ୍ତ କରିଛି। ବ୍ୟାଟିଂରେ ସାସିକା ହର୍ଲୀ ୬୧ ଓ ଆଇସା ଲିଷ୍ଟର ୫୫ ରନ୍‌ରେ ଅପରାଜିତ ରହିଥିଲେ। ସେହିପରି ଶ୍ରୀଲଙ୍କା ୬୭ ରନ୍‌ରେ ଥାଇଲାଣ୍ଡକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ୧୪ ରନ୍ ଦେଇ ୩ଟି ୱିକେଟ ନେଇଥିବା ଶ୍ରୀଲଙ୍କାର ଇନୋଶୀ ପ୍ରିୟଦର୍ଶିନୀଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

**ମହିଳା ଟି-୨୦ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ**

ଅନ୍ୟ ଏକ ମ୍ୟାଚ୍‌ରେ ଆୟର୍ଲାଣ୍ଡ ୬ ୱିକେଟରେ ଭାରତୀୟ ବଂଶୋଦ୍ଭବ ଖେଳାଳିଙ୍କୁ ନେଇ ଗଠିତ ୟୁଏଇକୁ ପରାସ୍ତ କରିଛି। ଖୁସି ଶର୍ମା ୨୪, ତୀର୍ଥା ସତୀଶ ୨୨ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ୟୁଏଇ ୯ ୱିକେଟରେ ୧୦୫ ରନ୍ କରିଥିଲା। ଜବାବରେ ଆୟର୍ଲାଣ୍ଡ ୧୬.୧ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ୟୁଏଇ ପକ୍ଷରୁ ଇଶା ଓଜା ୩ଟି ୱିକେଟ ନେଇଥିଲେ। ବିଜୟୀ ଦଳର ଏଇମାର ଏମରସନ ୨ଟି ୱିକେଟ ନେବା ସହ ଅପରାଜିତ ୨୨ ରନ୍ କରିଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

**୨୦ ବର୍ଷରୁ କମ୍ ଏସିଆନ ଆଥଲେଟିକ୍ସ**

# ପବନା, ରଣବୀର, ଏକତା, ଅନୁରାଗଙ୍କୁ ସ୍ୱର୍ଣ୍ଣ

ଦୁବାଇ, ୨୬।୪(ଏଜେନ୍ସି)

ଦୁବାଇରେ ଚାଲିଥିବା ୨୦ ବର୍ଷରୁ କମ୍ ଏସିଆନ୍ ଆଥଲେଟିକ୍ ଚାମ୍ପିଅନସିପ୍‌ର ଦ୍ୱିତୀୟ ଦିବସରେ ଭାରତୀୟ ଖେଳାଳିମାନେ ଦମ୍‌ଦାର ପ୍ରଦର୍ଶନ କରି ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୩ଟି କାଂସ୍ୟ ପଦକ ଜିତିଛନ୍ତି। ଆସନ୍ତା ଅଗଷ୍ଟରେ ଲାଟିନ ଆମେରିକୀୟ ଦେଶ ପେରୁର ରାଜଧାନୀ ଲିମାରେ ଆୟୋଜନ ହେବାକୁ ଥିବା ଆୟୋଜନ ହେବାକୁ ଥିବା ୨୦ ବର୍ଷରୁ କମ୍ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍ ପାଇଁ ଦୁବାଇରେ ଚାଲିଥିବା ଏହି ଏସୀୟ ପ୍ରତିଯୋଗିତା କ୍ୱାଲିଫାଇଂ ଇଭେଣ୍ଟ ବିବେଚିତ ହେଉଛି। ଦୁବାଇରେ ଚାଲିଥିବା ଏହି ଆଥଲେଟିକ୍ସ ମିଟ୍‌ରେ ୩୧ ପୁରୁଷଙ୍କ ସହ ମୋଟ୍ ୬୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।

**ଦ୍ୱିତୀୟ ଦିନରେ ଭାରତକୁ ୪ ସ୍ୱର୍ଣ୍ଣ ସହ ୯ ପଦକ**

ଗୁଜରାଟର ରଣବୀର କୁମାର ସିଂ ପୁରୁଷ ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ୯ ମିନିଟ ୨୨. ୬୭ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ଜୁନିଅର ଜାତୀୟ ରେକର୍ଡ ସୃଷ୍ଟି କରିଥିବା ଏକତା ପ୍ରଦୀପ ଦେ ମହିଳା ୩୦୦୦ ମିଟର










ଷ୍ଟିପଲ ଚେଜ୍‌ରେ ୧୦ ମିନିଟ୍ ୩୧. ୯୫ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି। ଅପରପକ୍ଷରେ କର୍ଣ୍ଣାଟକର ମହଲା ଲଙ୍ଗଜମ୍ପର ପବନା ନାଗରାଜ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ୬.୩୨ ମିଟର ଡେଇଁ ପ୍ରଥମ ସ୍ଥାନରେ ରହିବା ସହ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି। ସେହିପରି ଉତ୍ତରପ୍ରଦେଶ ଶଟ୍‌ପୁଟର ଅନୁରାଜ ସିଂ କାଲେର ୧୯.୨୩ ମିଟର ସଟ୍‌ପୁଟ୍ ଫିଙ୍ଗି ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ଇଭେଣ୍ଟରେ ଗତଥରର ଚାମ୍ପିଅନ ସିଦ୍ଧାର୍ଥ ଚୌଧୁରୀ ୧୯.୦୨ ମିଟରର ସହ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

ପୁରଷ ୫୦୦୦ ମିଟର ଇଭେଣ୍ଟରେ ମଧ୍ୟପ୍ରଦେଶର ବିନୋଦ ସିଂ ୧୪ ମିନିଟ୍ ୯. ୪୪ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ଜିତିଛନ୍ତି। ସେହିପରି ମହିଳା ଡିସ୍‌କସ୍ ଥ୍ରୋ'ରେ ପଞ୍ଜାବର ଅମାନତ କାମ୍ବୋଜ ୫୦. ୪୫ ମିଟର ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଜିତିଛନ୍ତି। ଏହି ଇଭେଣ୍ଟରେ ଅନ୍ୟତମ ଭାତରୀୟ ପ୍ରତଯୋଗୀ ନିକିତା କୁମାରୀ ୪୬.୮୪ ମିଟର ଫିଙ୍ଗି ଚତୁର୍ଥ ସ୍ଥାନରେ ରହିଛନ୍ତି। ଦିଲ୍ଲୀର ଅମନ ଚୌଧାରୀ ପୁରୁଷ ୪୦୦ ମିଟର ଦୌଡ଼ରେ ୪୭.୫୩ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିବା ସହ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ଜୁନିଅର ଜାତୀୟ ରେକର୍ଡଧାରୀ ହରିୟାଣାର ଆରତୀ ମହିଳା ୧୦, ୦୦୦ ମିଟର ରେସ୍ ୱାକ୍‌ରେ କାଂସ୍ୟ ପଦକ ଜିତିଛନ୍ତି।

**ମାଦ୍ରିଦ୍ ଓପନ୍ ଟେନିସ୍**

# ନାଦାଲଙ୍କ ବିଜୟ ଅଭିଯାନ

ମାଦ୍ରିଦ୍, ୨୬।୪(ଏଜେନ୍ସି)



ଏଠାରେ ଚାଲିଥିବା ମାଦ୍ରିଦ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ସ୍ପେନ ସୁପରଷ୍ଟାର ରାଫେଲ ନାଦାଲ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ନାଦାଲ ପ୍ରଥମ ରାଉଣ୍ଡ ମୁକାବିଲାରେ ପ୍ରଭାବ ବିସ୍ତାର କରି ଖେଳିବା ସହ ଆମେରିକାର ଡାରୱିନ୍ ବ୍ଲାଞ୍ଚଙ୍କୁ ୬-୧, ୬-୦ ସେଟ୍‌ରେ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଛନ୍ତି। ଆଘାତ ସମସ୍ୟା କାରଣରୁ ଦୀର୍ଘଦିନ ଧରି ଟେନିସରୁ ଦୂରେଇ ରହିବା ପରେ ନାଦାଲ ଗତ ସପ୍ତାହରେ ବାର୍ସିଲୋନା ଓପନ୍‌ରେ ପ୍ରତ୍ୟବର୍ତ୍ତନ କରିଥିଲେ। ପ୍ରଥମ ରାଉଣ୍ଡରରେ ବିଜୟୀ ହୋଇ ସେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ହାରିଥିଲେ। ନାଦାଲ ଏବେ ଶନିବାର ଦ୍ୱିତୀୟ ରାଉଣ୍ଡରେ ୧୦ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କୁ ଭେଟିବେ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ରୁଷିଆର ୭ମ ସିଡ୍ ଆନ୍ଦ୍ରେ ରୁବଲେଭ ୬-୧, ୬-୪ ସିଧାସଳଖ ସେଟ୍‌ରେ ଆର୍ଜେଣ୍ଟିନାର ଫାକୁଣ୍ଡୋ ବାଗ୍‌ନିସଙ୍କୁ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ୧୫ତମ ସିଡ୍ ଆମେରିକାର ଟିମୋ ପଲ ୬-୭, ୬-୧, ୬-୪ ସେଟ୍‌ରେ ସ୍ଲୋଭାକିଆର ଲୁକାସ କ୍ଲେଇନ୍‌ଙ୍କୁ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି।

**୩ୟ ରାଉଣ୍ଡରେ ସାବାଲେଙ୍କା**

ମାଦ୍ରିଦ୍ ଓପନ୍ ମହିଳା ଏକକ ପ୍ରତିଯୋଗିତାରେ ଚତୁର୍ଥ ସିଡ୍ ମାନ୍ୟତା ପାଇଥିବା କାଜାଖସ୍ତାନର ଏଲିନା ରିବାକିନା, ଦ୍ୱିତୀୟ ସିଡ ବେଲାରୁଷର ଅରିନା ସାବାଲେଙ୍କା, ରୁଷିଆର ୧୬ ବର୍ଷୀୟଖେଳାଳି ମୀରାଆଣ୍ଡ୍ରିଭା, ୨୧ତମ ସିଡ୍ ଫ୍ରାନ୍ସର କାରୋଲିନ୍ ଗାର୍ସିଆ, ୨୦ତମ ସିଡ୍ ରୁଷିଆର ଆନାଷ୍ଟାସିଆ ପାଭଲ୍ୟୁଚେଙ୍କୋଭା ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ରିବାକିନା ୬-୪, ୬-୩ ସିଧାସଳଖ ସେଟ୍‌ରେ ଇଟାଲୀର ଲୁସିଆ ବ୍ରୋଞ୍ଜେଟିଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

**ଚତୁର୍ଥ ଟି-୨୦ରେ ପାକିସ୍ତାନ ୪ ରନ୍‌ରେ ପରାସ୍ତ**

# ନ୍ୟୁଜିଲାଣ୍ଡ ୨-୧ରେ ଅଗ୍ରଣୀ

ଲାହୋର, ୨୬।୪(ଏଜେନ୍ସି)

ସ୍ଥାନୀୟ ଗଦ୍ଦାଫି ଷ୍ଟାଡିୟମରେ ଖେଳାଯାଇଥିବା ପାକିସ୍ତାନ ବିପକ୍ଷ ଚତୁର୍ଥ ଟି-୨୦ ମୁକାବିଲାରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୪ ରନରେ ବିଜୟୀ ହୋଇଛି। ଏଥିସହ ନ୍ୟୁଜିଲାଣ୍ଡ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୨-୧ରେ ଅଗ୍ରଣୀ ହାସଲ କରିଛି। ଶନିବାର ଏଠାରେ ଅନ୍ତିମ ତଥା ନିର୍ଣ୍ଣାୟକ ମ୍ୟାଚ୍ ଖେଳାଯିବ। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୭୮ ରନ ସଂଗ୍ରହ କରିଥିଲା। ଜବାବରେ ପାକିସ୍ତାନ ୮ ୱିକେଟ ହରାଇ ୧୭୪ ରନରେ ସୀମିତ ରହି ବିଜୟଠାରୁ ମାତ୍ର ୫ ରନ ଦୂରରେ ରହିଯାଇଥିଲା। ବିଜୟ ସହ ନ୍ୟୁଜିଲାଣ୍ଡ ଏହି ସିରିଜରେ ନ ହାରିବା ନିଶ୍ଚିତ ହୋଇଛି। ତେବେ ଅନ୍ତିମ ଦିନିକିଆ ଜିତିଲେ ନ୍ୟୁଜିଲାଣ୍ଡ ୩-୧ରେ ସିରିଜ ହାତେଇବ। ଅନ୍ୟପଟେ ପାକିସ୍ତାନ ଅନ୍ତିମ ମ୍ୟାଚ୍ ଜିତି ଅତିକମ୍‌ରେ ସିରିଜକୁ ୨-୨ରେ ଅମୀମାଂସିତ ରଖିବାକୁ ପରାସ୍ତ କରିବ। ଏହି ସିରିଜରେ ନ୍ୟୁଜିଲାଣ୍ଡର ପାଖାପାଖି ୧୦ଜଣ ଆଗଧାଡିର ଖେଳାଳି ଖେଳୁ ନାହାନ୍ତି। ଏକ ତୃତୀୟସ୍ତରର ନ୍ୟୁଜିଲାଣ୍ଡ ଦଳଠାରୁ ପାକିସ୍ତାନ ପରାସ୍ତ ହେବା ପରେ ପାକିସ୍ତାନ ପ୍ରଶଂସକ ନିରାଶ ହୋଇଛନ୍ତି। ମୂଲ୍ୟବାନ ୩ ୱିକେଟ ନେଇଥିବା ୱିଲିୟମ ଓ'ରୁର୍କ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହେଉଛନ୍ତି।

**ଫକର, ରବିନସନଙ୍କଙ୍କ ଅର୍ଦ୍ଧଶତକ: ୱିଲିୟମଙ୍କୁ ୩ଟି ୱିକେଟ**

୧୭୯ ରନ ଟାର୍ଗେଟର ପିଛା କରି ପାକିସ୍ତାନ ନିୟମିତ ଅନ୍ତରରେ ୱିକେଟମାନ ହରାଇଥିଲା। ଦଳ ତରଫରୁ ଫକର ଜମାନ ସର୍ବାଧିକ ୬୧ ରନ (୪୫ ବଲ, ୪ ଚୌକା, ୩ ଛକା), ଇଫତିକାର ଅହମ୍ମଦ ୨୩, ସଇମ ଅୟୁବ ୨୦, ଉସ୍‌ମାନ ଖାନ୍ ୧୬ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାର ନଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପାଇଁ ୱିଲିୟମ ଓ'ରୁର୍କ ୩, ବେନ୍ ସିୟର୍ସ ୨, ମାଇକେଲ ବ୍ରାସୱେଲ ଓ ଜେମ୍ସ ନିଶାମ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ତରଫରୁ ଓପନର ଟିମ୍ ରବିନସନ ୫୧, ଡିନ୍ ଫକ୍ସକ୍ରଫ୍ଟ ୩୪, ଟମ୍ ବ୍ଲାଣ୍ଡେଲ ୨୮, ଅଧିନାୟକ ମାଇକେଲ ବ୍ରାସୱେଲ୍ ୨୭ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ପାକିସ୍ତାନ ତରଫରୁ ଆବାସ ଆଫ୍ରିଦି ସର୍ବାଧିକ ୩ଟି ୱିକେଟ ନେଇଥିଲେ।



# ଏଆଇଏଫଏଫ୍-ଫିଫା ଏକାଡେମୀକୁ କଲ୍ୟାଣ ଚୌବେଙ୍କ ପ୍ରଶଂସା



ଭୁବନେଶ୍ୱର, ୨୬।୪ (ସମିସ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଭୁବନେଶ୍ୱରରେ ପ୍ରତିଷ୍ଠା କରାଯାଇଛି ଏଆଇଏଫ୍ଏଫ୍-ଫିଫା ଏକାଡେମୀ। ଏହି ଏକାଡେମୀ ଦେଶର ଫୁଟବଲ ମାନଚିତ୍ର ବଦଳାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି। ନିକଟରେ କଳିଙ୍ଗ ଷ୍ଟାଡିୟମ୍‌ରେ ଆଇଏସ୍‌ଏଲ୍‌ର ପ୍ରଥମ ସେମିଫାଇନାଲ ଓଡ଼ିଶା ଏଫ୍‌ସି ଏବଂ ମୋହନବାଗାନ ମଧ୍ୟରେ ଖେଳାଯାଇଥିଲା। ଏହାକୁ ଦେଖିବାଲାଗି ସର୍ବଭାରତୀୟ ଫୁଟବଲ ମହାସଂଘ ବା ଏଆଇଏଫ୍ଏଫ୍‌ର ସଭାପତି କଲ୍ୟାଣ ଚୌବେ ଦେଖିବାକୁ ଆସିଥିଲେ। ଏହା ପରେ ନିଜ ସଂଗଠନ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଏଆଇଏଫ୍ଏଫ୍-ଫିଫା ଏକାଡେମୀ କିପରି କାମ କରୁଛି ତାହା ଜାଣିବା ସକାଶେ ତଦାରଖ କରିବାକୁ ଯାଇଥିଲେ। ଏଠାରେ ବିଦେଶୀ ପ୍ରଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏକାଡେମୀ ମଧ୍ୟ ବିଭିନ୍ନ ପ୍ରକାର ଖେଳାଳି ଚୟନ କରିବାକୁ ଶିବିରର ଆୟୋଜନ କରିଛି। ଏଭଳି ଶିବିର ୪ଟି ବିଭାଗରେ ହୋଇ ଖେଳାଳି ଚୟନ କରାଯିବ ବୋଲି ଜଣାଯାଇଛି। ଏମାନଙ୍କ କାମ ଓ ଏକାଡେମୀରେ ଥିବା ସୁବିଧା ସୁଯୋଗକୁ ସଭାପତି ଚୌବେ ଭୂୟସୀ ପ୍ରଶଂସା କରିଥିଲେ। ଏହି ଏକାଡେମୀ ଖୁବ୍‌ଶୀଘ୍ର ଦେଶର ଫୁଟବଲ ମାନଚିତ୍ର ବଦଳାଇବାରେ ସକ୍ଷମ ହେବ ବୋଲି ସେ କହିଥିଲେ।

# ଜୁଭେନାଇଲ୍ କ୍ଲବ୍‌ରେ କୌଶଳ ବିକାଶ ଶିବିର ଉଦ୍‌ଯାପିତ

କଟକ, ୨୬।୪(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ କୌଶଳ ବିକାଶ ଅଭିଯାନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ କଟକ ଜୁଭେନାଇଲ କ୍ଲବରେ ତିନି ଦିନ ଧରି ଚାଲିଥିବା କୌଶଳ ବିକାଶ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଓସିଏର ବୈଷୟିକ ନିର୍ଦ୍ଦେଶକ ଭି. ଭେଙ୍କଟରାମଙ୍କ ନେତୃତ୍ୱରେ ସନସାଇନ ଗ୍ରାଉଣ୍ଡରେ ଆୟୋଜିତ ଶିବିରରେ ୮୦ରୁ ଅଧିକ ଖେଳାଳି ଭାଗ ନେଇଥିଲେ। ଓସିଏ ପ୍ରଶିକ୍ଷକ ପ୍ରଭାତ ନାୟକ ସହଯୋଗ କରିଥିଲେ। ଖେଳାଳିଙ୍କ ସମେତ ଜୁଭେନାଇଲ କ୍ରିକେଟ ଏକାଡେମୀର ପ୍ରଶିକ୍ଷକମାନେ ମଧ୍ୟ ଶିବିରରେ ଅଂଶ ଗ୍ରହଣ କରିଥିଲେ। କ୍ଲବର ସମ୍ପାଦକ ନିର୍ବାଣ ରାୟ, ସଦସ୍ୟ ଦେବାଶିଷ ବେହେରା, ପ୍ରଶିକ୍ଷକ ମନୋଜ ଦାସ, ସୁବାସ ସିଂହ, ପ୍ରଣବ ମହାନ୍ତି, ପବିତ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।



**ଇଣ୍ଡିଆନ ସୁପର ଲିଗ୍**

# ସଲ୍ଟଲେକ୍‌ରେ ଖେଳିବାକୁ ବ୍ୟଗ୍ର ଅଛୁ: ଲୋବେରା

ଭୁବନେଶ୍ୱର, ୨୬।୪(ସମିସ)







ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)୧୦ମ ସଂସ୍କରଣ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରଥମ ଓ ଦ୍ୱିତୀୟ ସେମିଫାଇନାଲର ପ୍ରଥମ ଚରଣ ମ୍ୟାଚ୍ ଖେଳାଯାଇସାରିଛି। ପ୍ରଥମ ସେମିର ପ୍ରଥମ ଚରଣରେ ଓଡ଼ିଶା ଏଫ୍‌ସି ୨-୧ ଗୋଲରେ ଲିଗ୍ ଶିଲ୍ଡ ଚାମ୍ପିଅନ ଶକ୍ତିଶାଳୀ ମୋହନବାଗାନକୁ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ସେମିର ପ୍ରଥମ ଚରଣରେ ମୁମ୍ବାଇ ସିଟି ଏଫ୍‌ସି ୩-୨ ଗୋଲରେ ଏଫ୍‌ସି ଗୋଆକୁ ହରାଇଛି। ରବିବାର ଓଡ଼ିଶା କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଘରୋଇ ମୋହନବାଗାନକୁ ଭେଟିବ। ସେହିପରି ସୋମବାର ମୁମ୍ବାଇ ଫୁଟବଲ ଏରିନାରେ ମୁମ୍ବାଇ ଓ ଗୋଆ ଦ୍ୱିତୀୟ ଚରଣରେ ପରସ୍ପରକୁ ଭେଟିବେ।

ସେମି ଦ୍ୱିତୀୟ ଚରଣ ମ୍ୟାଚ୍ ନେଇ ଓଡ଼ିଶା ଏଫ୍‌ସି ମୁଖ୍ୟ ପ୍ରଶିକ୍ଷକ ସର୍ଜିଓ ଲୋବେରା ବେଶ୍ ଉତ୍ସାହିତ ଅଛନ୍ତି ବୋଲି କହିଛନ୍ତି। ଖାସ୍ କରି କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମରେ ହଜାର ହଜାର ଦର୍ଶକଙ୍କ ସମ୍ମାରେ ବୈଦ୍ୟୁତିକ ପରିବେଶରେ ଖେଳିବାକୁ ଆମେ ବ୍ୟଗ୍ର ଅଛୁ। ଏହି ମ୍ୟାଚ୍‌କୁ ଅତିକମ୍‌ରେ ଅମୀମାଂସିତ ରଖିପାରିଲେ ଓଡ଼ିଶା ଏଗ୍ରିଗେଟ୍‌ରେ ଆଗରେ ରହି ଫାଇନାଲକୁ ଉଠି ଇତିହାସ ସୃଷ୍ଟି କରିବ। ଦଳ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବ ବୋଲି ସେ ଶୁକ୍ରବାର ସମ୍ବାଦିକ ସମ୍ମଳନୀରେ ଆଶା ପ୍ରକାଶ କରିଛନ୍ତି। ଘରୋଇ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଥର ଦମ୍‌ଦାର ପ୍ରଦର୍ଶନ କରି ଅପରାଜେୟ ରହିଥିବାରୁ ସେ ଖୁସି ଜାହିର କରିଛନ୍ତି। ତେବେ ସଲ୍ଟଲେକ୍ ଷ୍ଟାଡିୟମରେ ଘରୋଇ ପରିବେଶରେ ମୋହନବାଗାନ ଓଡ଼ିଶାକୁ କଡ଼ା ଚ୍ୟାଲେଞ୍ଜ ଦେବ। ତେବେ ଓଡ଼ିଶା ଏହି ଚ୍ୟାଲେଞ୍ଜ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛି ବୋଲି ଲେବେରା କହିଛନ୍ତି। ଏହି ଷ୍ଟାଡିୟମରେ ୧ ଲକ୍ଷ ୧୦ ହଜାର ଦର୍ଶକ ବସିବାର ସୁବିଧା ରହିଛି। ୨୦୧୭ଠାରୁ ଫିଫା ଷ୍ଟାଡିୟମର ଦର୍ଶକ କ୍ଷମତାକୁ ୬୮, ୦୦୦ରେ ସୀମିତ ରଖିଛି। ଫଳରେ ଅତିକମ୍‌ରେ ୬୫ ହଜାର ଦର୍ଶକଙ୍କ ସାମ୍ନାରେ ମ୍ୟାଚ୍ ଖେଳାଯିବ। ଦର୍ଶକଙ୍କ ସମର୍ଥନ ନ ଥିଲେ ମଧ୍ୟ ଓଡ଼ିଶା ଭଲ ଖେଳିବା ପାଇଁ ପ୍ରେରଣା ପାଇବ। ଏବେ ଫାଇନାଲରେ କାହାକୁ ଭେଟିବୁ ସେ ନେଇ କୌଣସି ଚିନ୍ତା କରୁନାହୁଁ। ବରଂ ଆମେ ସେମିର ଏହି ଦ୍ୱିତୀୟ ଲେଗ୍ ମ୍ୟାଚ୍ ଉପରେ ମନୋନିବେଶ କରୁଛୁ। ମୋହନବାଗାନ ଏକ ଶକ୍ତିଶାଳୀ ତଥା କ୍ୱାଲିଟି ଦଳ ହୋଇଥିବାରୁ ଆମେ ବିଶେଷ ରଣନୀତି ନେଇ ପଡ଼ିଆକୁ ଓହ୍ଲାଇବୁ। ଅପରାଜେୟ ଧାରାକୁ ବିଜାୟ ରଖିବାକୁ ଆମେ ପ୍ରୟାସ କରିବୁ। ଇତିହାସ ସୃଷ୍ଟି କରିବା ପାଇଁ ଆମ ପାଖରେ ସୁଯୋଗ ରହିଛି। ତେଣୁ ଏହି ସୁଯୋଗ ଆମେ ହାତଛଡ଼ା କରିବୁ ନାହିଁ ବୋଲି ଲୋବେରା କହିଛନ୍ତି। ଉଲ୍ଲେଖଥାଉ କି, ଲୋବେରାଙ୍କ ତତ୍ତ୍ୱାବଦାନରେ ଏଫ୍‌ସି ଗୋଆ ୨୦୧୯-୨୦ ଆଇଏସ୍‌ଏଲ୍‌ରେ ଲିଗ୍ ଶିଲ୍ଡ ଟ୍ରଫି ଜିତିଥିଲା। ସେହିପରି ତାଙ୍କ ତତ୍ତ୍ୱାବଧାନରେ ମୁମ୍ବାଇ ୨୦୨୦-୨୧ରେ ଲିଗ ଶିଲ୍ଡ ଓ ଆଇଏସଏଲ୍ ଟ୍ରଫି ଜିତିଥିଲା। ତେଣୁ ଲେବେରାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏଥର ବାଜି ମାରିବ ବୋଲି ଆଶା କରାଯାଉଛି।

**ରବିବାର ମୋହନବାଗାନ ବିପକ୍ଷ ଦ୍ୱିତୀୟ ଚରଣ ସେମି ମୁକାବିଲା**

**ସ୍ପେଶାଲ ଅଲିମ୍ପିକ୍ସ**

# ଫୁଟବଲ ଶିବିରରେ ଓଡ଼ିଶାରୁ ୭



ଭୁବନେଶ୍ୱର, ୨୬।୪ (ସମିସ)

ଆସନ୍ତା ଜୁଲାଇ ମାସ ୧୪ ରୁ ୧୮ ତାରିଖ ପର୍ଯ୍ୟନ୍ତ ସ୍ୱିଡେନର ଗୋଥିଆ କପ୍ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହେବ। ଏଥିରେ ୧୫ ଟି ସ୍କାଣ୍ଡିନେଭୀୟ ଏବଂ ୧୫ଟି ଅନ୍ୟ ରାଷ୍ଟ୍ର ଭାଗନେବେ। ଏଥିରେ ୧୬ ରୁ ୨୧ ବର୍ଷ ବୟସ୍କ ଖେଳାଳିମାନେ ଅଂଶଗ୍ରହଣ କରିବେ। ଭାରତରୁ ଏକ ୨୪ ଜଣିଆ ଦଳ ସ୍ପେଶାଲ ଅଲିମ୍ପିକ୍ ଭାରତ ପକ୍ଷରୁ ଭାଗ ନେବାକୁ ଯାଉଅଛି। ଜାତୀୟ ସ୍ତରରେ ଏହାର ଚୟନ ଶିବିର ଗ୍ୱାଲିଅର୍ ସ୍ଥିତ ଅଟଳ ବିହାରୀ ବାଜପେୟୀ ଭିନ୍ନକ୍ଷମ କ୍ରୀଡ଼ା କେନ୍ଦ୍ର ଠାରେ ଆଜିଠାରୁ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାର ଏକ ୭ ଜଣିଆ ଦଳ ଭାଗ ନେଇଛନ୍ତି। ସେମାନେ ହେଲେ ସୁମିତ୍ ଖୁଣ୍ଟିଆ, ସୁନିଲ ଭୋଇ, ବୈଷ୍ଣବ ରାଜପାଲିଆ, ରାମ ବରିହା, କାହ୍ନୁ ସାହୁ, ଦୀପକ ଚନ୍ଦନ ଏବଂ ପ୍ରଶିକ୍ଷକ ଝସକେତନ ସାହୁ। ସ୍ୱତନ୍ତ୍ର ଅଲିମ୍ପିକ୍ ଭାରତ ଓଡ଼ିଶା ର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ, ଅଧ୍ୟକ୍ଷା ସୁନିତା ମୁଣ୍ଡ, ଉପାଧ୍ୟକ୍ଷ ଉମାକାନ୍ତ ଷଡ଼ଙ୍ଗୀ, କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, କୋଷାଧ୍ୟକ୍ଷ ସୁରେଶ ଖୁଣ୍ଟିଆ, ରାଜ୍ୟ ସଂଯୋଜକ ଅର୍ପିତା ମହାପାତ୍ର ଓ ବୋର୍ଡ ସଦସ୍ୟ ମନତୋସ ବେହେରା, ତନ୍ମୟ ସେନାପତି ଓ ଦୀପ୍ତିମୟୀ ରାଉତ ପ୍ରମୁଖ ଦଳର ସମସ୍ତ ସଦସ୍ୟ ଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଓ ସଫଳତା କାମନା କରିଛନ୍ତି। ଏହି ଶିବିର ଏହି ମାସ ୨୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ।

### ବେୟାରଷ୍ଟୋଙ୍କ ଶତକ, ପ୍ରଭସିମରନ ଓ ଶଶାଙ୍କ ସିଂଙ୍କ ବିସ୍ଫୋରକ ବ୍ୟାଟିଂ

# ଆଇପିଏଲ୍‌ରେ ପଞ୍ଜାବର ରେକର୍ଡ ବିଜୟ

କୋଲକାତା, ୨୬।୪(ଏଜେନ୍ସି)

ଜନି ବେୟାରଷ୍ଟୋ (ଅପରାଜିତ ୧୦୮ ରନ୍)ଙ୍କ ଅପରାଜିତ ଶତକ, ପ୍ରଭସିମରନ ସିଂ (୨୦ ବଲ୍‌ରେ ୫୪ରନ, ୪ ଚୌକା ଓ ୫ଛକା) ଓ ଶଶାଙ୍କ ସିଂ (ଅପରାଜିତ ୬୮ ରନ୍)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଆଇପିଏଲ୍‌ର ୪୨ତମ ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ୮ ୱିକେଟରେ କୋଲକାତା ନାଇଟ୍ ରାଇଡର୍ସକୁ ପରାସ୍ତ କରି ରେକର୍ଡ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କୋଲକାତା ୬ ୱିକେଟରେ ୨୬୧ ରନ୍ କରିଥିଲା। ଜବାବରେ ପଞ୍ଜାବ ୧୮.୪ ଓଭରରେ ମାତ୍ର ୨ ୱିକେଟ ହରାଇ ୨୬୨ ରନ୍ କରିବା ସହ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ବେୟାରଷ୍ଟୋ ୪୮ବଲ୍ ଖେଳି ୮ ଚୌକା ଓ ୯ ଛକା ସହ ସର୍ବାଧିକ ୧୦୮ ରନ୍‌ରେ ଓ ଶଶାଙ୍କ ସିଂ ୨୮ ବଲ୍‌ରୁ ୨ ଚୌକା ଓ ୮ ଛକା ସହ ୬୮ ରନ୍‌ରେ ଅପରାଜିତ ରହିଥିଲେ। ଏମାନଙ୍କ ଅବିଭକ୍ତ ତୃତୀୟ ୱିକେଟ ଭାଗୀଦାରିରୁ ୩୭ ବଲ୍‌ରେ ୮୪ ରନ୍ ମିଳିବା ଫଳରେ ପଞ୍ଜାବ ରନ୍ ଚେଜ୍‌ରେ ସର୍ବାଧିକ ସ୍କୋର କରି ବିଜୟୀ ହୋଇଛି। ଟି-୨୦ ଇତିହାସରେ ଏହା ସର୍ବାଧିକ ରନ୍ ଚେଜ୍। ଏହି ମ୍ୟାଚ୍‌ରେ ମୋଟ ୪୨ଟି ଛକା ହୋଇଥିଲାବେଳେ ଏହା ମଧ୍ୟ ଆଇପିଏଲ୍ ରେକର୍ଡ ହୋଇଛି।

### ରେକର୍ଡ ଓପନିଂ ପାର୍ଟନରସିପ୍

ପଞ୍ଜାବ କିଙ୍ଗ୍‌ସ ଟସ୍ ଜିତି କୋଲକାତାକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ ଦେବା ପରେ ବିପଦକୁ ଡାକିଆଣିଥିଲା। ଘରୋଇ ମାଟିରେ ଏପ୍ରିଲ ୨୧ ତାରିଖରେ ବେଙ୍ଗାଲୁରୁକୁ ମାତ୍ର ୧ ରନ୍‌ରେ ହରାଇ ଆତ୍ମବିଶ୍ୱାସ ପାଇଥିବା କୋଲକାତାର ଦୁଇ ଓପନର ସୁନୀଲ ନାରିନ୍ ଓ ଫିଲିପ୍ ସଲ୍ଟ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଫଳରେ କୋଲକାତା ୩.୫ ଓଭରରେ ୫୦ ଓ ୮ ଓଭରରେ ୧୦୦ ରନ୍ ପୂରଣ କରିଥିଲା। ପାୱାର ପ୍ଲେ'ରେ ୭୬ ରନ୍ ଉଠାଇଥିବା ଦୁଇ ଓପନର ପ୍ରଥମ ୱିକେଟରୁ ୬୩ ବଲ୍ ଖେଳି ୧୩୮ ରନ୍ ସଂଗ୍ରହ କରିଥିଲେ। କୋଲକାତା ଲାଗି ଏହା ଆଇପିଏଲ୍‌ରେ ସର୍ବକାଳୀନ ସର୍ବାଧିକ ପାର୍ଟନରସିପ ଥିଲା। ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୨୩ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ନାରିନ୍ ୩୨ବଲ୍ ଖେଳି ୯ ଚୌକା ଓ ୪ ଛକା ସହାୟତାରେ ୭୧ ରନ୍ କରି ପ୍ରଥମେ ଆଉଟ ହୋଇଥିଲେ। ତାଙ୍କ ପରେ୨୫ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିବା ସଲ୍ଟ ୩୭ବଲ୍ ଖେଳି ୬ଟି ଲେଖାଏଁ ଚୌକା ଓ ଛକା ସହ ୭୫ ରନ୍ କରିପାରିଥିଲେ। ଏମାନଙ୍କ ଆଉଟ ପରେ ନଂ-୩ ଭେଙ୍କଟେଶ ଆୟର ଦାୟିତ୍ୱ ନେଇଥିଲେ। ସେ ତୃତୀୟ ୱିକେଟ ଭାଗୀଦାରିରେ ଆନ୍ଦ୍ରେ ରସେଲଙ୍କ ସହ ୧୮ ବଲ୍‌ରୁ ୪୦ ଓ ଚତୁର୍ଥ ୱିକେଟରେ ଶ୍ରେୟସ ଆୟରଙ୍କ ସହ ୧୮ ବଲ୍‌ରୁ ୪୩ ରନ୍ ଉଠାଇବା ଫଳରେ ଦଳ ଚଳିତବର୍ଷ କୋଲକାତା ଦ୍ୱିତୀୟଥର ଲାଗି ୨୫୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିଲା। ଶେଷବଲ୍‌ରେ ରନ୍‌ଆଉଟ ହୋଇଥିବା ଭେଙ୍କଟେଶ ୨୩ ବଲ୍‌ରେ ୩୯, ରସେଲ ୧୨ ବଲ୍‌ରେ ୨୪ ଓ ଶ୍ରେୟସ ୧୦ ବଲ୍‌ରେ ୨୮ ରନ୍ କରିଥିଲେ। ଯାହା ଫଳରେ କୋଲକାତା ୬ ୱିକେଟରେ ୨୬୧ ରନ୍ କରିବାକୁ ସମର୍ଥ ହୋଇଥିଲା। ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ ୨ଟି ୱିକେଟ ପାଇଥିଲାବେଳେ ସାମ କରନ ସର୍ବାଧିକ ୬୦ ରନ୍ ଦେଇଥିଲେ। ଦଳର ପ୍ରମୁଖ ବୋଲର କାଗିସୋ ରାବାଡ଼ା ପ୍ରଥମ ୨ ଓଭରରେ ୪୩ ରନ୍ ଦେଇଥିଲେ।

### ୨୫୦ରୁ ଊର୍ଦ୍ଧ୍ୱ ରନ୍; ପ୍ରଥମ ୯ଟି ମଧ୍ୟରୁ ଚଳିତବର୍ଷ ୭ଥର

କୋଲକାତା ଏଠାରେ ୬ ୱିକେଟରେ ୨୬୧ ଓ ପଞ୍ଜାବ ୨ ୱିକେଟ୍‌ରେ ୨୬୨ରନ୍ କରିବା ଫଳରେ ଇଡେନ ଗାର୍ଡେନରେ ସର୍ବାଧିକ ସ୍କୋର ହେଇଛି। ଏହା ମଧ୍ୟ କୋଲକାତାର ଦ୍ୱିତୀୟ ସର୍ବାଧିକ ଓ ପଞ୍ଜାବର ସର୍ବାଧିକ ସ୍କୋର। ଆଇପିଏଲ୍ ଇତିହାସରେ ମାତ୍ର ୯ଥର ୨୫୦ରୁ ଊର୍ଦ୍ଧ୍ୱ ରନ୍ ଦେଖିବାକୁ ମିଳିଛି। ଏହା ମଧ୍ୟରୁ ଚଳିତ ସିଜନରେ ଏହା ୭ଥର ସଂଗୃହୀତ ହୋଇଛି। ଏହି ୭ଥର ମଧ୍ୟରୁ ହାଇଦ୍ରାବାଦ୍ ୩ଥର, କୋଲକାତା ୨ଥର ଓ ବେଙ୍ଗାଲୁରୁ ଓ ପଞ୍ଜାବ ଥରେ ଏହି ସ୍କୋର କରିଛି। ଏମାନଙ୍କ ମଧ୍ୟରୁ କେବଳ ବେଙ୍ଗାଲୁରୁ (୨୬୨/୭) ପରାଜିତ ହୋଇଛି।




### ଆଇପିଏଲ୍-୧୭

#### ଆଜିର ମ୍ୟାଚ୍

**ଦିଲ୍ଲୀ-ମୁମ୍ବାଇ**
ସ୍ଥାନ- ଦିଲ୍ଲୀ, ସମୟ- ଅପରାହ୍ଣ ୩.୩୦

**ଲକ୍ଷ୍ନୌ-ରାଜସ୍ଥାନ**
ସ୍ଥାନ- ଲକ୍ଷ୍ନୌ, ସମୟ- ରାତି ୭.୩୦

- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୮ | ୭ | ୧ | ୧୪ | +୦.୬୯୮ |
| କୋଲକାତା | ୮ | ୫ | ୩ | ୧୦ | +୦.୯୭୨ |
| ହାଇଦ୍ରାବାଦ | ୮ | ୫ | ୩ | ୧୦ | +୦.୫୭୭ |
| ଲକ୍ଷ୍ନୌ | ୮ | ୫ | ୩ | ୧୦ | +୦.୧୪୮ |
| ଚେନ୍ନାଇ | ୮ | ୪ | ୪ | ୮ | +୦.୪୧୫ |
| ଦିଲ୍ଲୀ | ୯ | ୪ | ୫ | ୮ | -୦.୩୮୬ |
| ଗୁଜରାଟ | ୯ | ୪ | ୫ | ୮ | -୦.୯୭୪ |
| ପଞ୍ଜାବ | ୯ | ୩ | ୬ | ୬ | -୦.୧୮୭ |
| ମୁମ୍ବାଇ | ୮ | ୩ | ୫ | ୬ | -୦.୨୨୭ |
| ବେଙ୍ଗାଲୁରୁ | ୯ | ୨ | ୭ | ୪ | -୦.୭୨୧ |

## କ୍ୟାମେରା ଭାଙ୍ଗି ୪୦,୦୦୦ ଟଙ୍କା ଜରିମାନା ଦେଲା ମୁମ୍ବାଇ ଇଣ୍ଡିଆନ୍ସ



ନୂଆଦିଲ୍ଲୀ, ୨୬।୪(ଏଜେନ୍ସି): ଅଭ୍ୟାସବେଳେ ମୁମ୍ବାଇ ଇଣ୍ଡିଆନ୍ସର ବିଗ୍ ହିଟର ଖେଳାଳିମାନେ କ୍ୟାମେରା ଭାଙ୍ଗିଦେଇଛନ୍ତି। ଏହା ଫଳରେ ଦଳକୁ ୪୦, ୦୦୦ ଟଙ୍କାର ଜରିମାନା ଦେବାକୁ ପଡ଼ିବ ବୋଲି ଦଳ ପକ୍ଷରୁ ଏକ ଭିଡିଓ ବାର୍ତ୍ତାରେ କୁହାଯାଇଛି। ଅଭ୍ୟାସ ବେଳେ ପିଚ୍ ନିକଟରେ ରେକର୍ଡିଂ କରୁଥିବା କ୍ୟାମେରାକୁ ଟିମ୍ ଡେଭିଡ୍ ଓ ସୂର୍ଯ୍ୟକୁମାର ଯାଦବଙ୍କ ଭଳି ଖେଳାଳି କ୍ଷତିପହଞ୍ଚାଇଛନ୍ତି। ଏଭଳି ତାରକା ଖେଳାଳି ଦଳରେ ଅନେକ ଅଛନ୍ତି, କିନ୍ତୁ ଏମାନଙ୍କ ବ୍ୟାଟିଂ ଏଯାଏ ମିଳିତଭାବେ କ୍ଲିକ୍ କରିନାହିଁ। ଏମାନଙ୍କ ଉପସ୍ଥିତି ସତ୍ତ୍ୱେ ଦଳ ଏବେ ପଏଣ୍ଟ ସାରଣୀରେ ୮ମ ସ୍ଥାନରେ ରହିଛି। ହ୍ୟାଟ୍ରିକ ପରାଜୟ ବରଣ କରିବା ପରେ ମୁମ୍ବାଇ ଇଣ୍ଡିଆନ୍ସ ବିଜୟଧାରାକୁ ଫେରି କ୍ରମାଗତ ହ୍ୟାଟ୍ରିକ୍ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। କିନ୍ତୁ ଗତ ମୁକାବିଲାରେ ଦଳ ରାଜସ୍ଥାନ ରୟାଲ୍ସଠାରୁ ୯ ୱିକେଟରେ ପରାଜିତ ହେବା ଫଳରେ ଏହି ଧାରାରେ ବ୍ରେକ୍ ଲାଗିଥିଲା। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଏଭଳି ପ୍ରଦର୍ଶନ ଦେଖିବାକୁ ମିଳିଛି। ଦଳର ଜଣେ ମାତ୍ର ଖେଳାଳି ଯଶପ୍ରୀତ୍ ବୁମ୍‌ରାଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ଖେଳାଳି ସ୍ଥିର ପ୍ରଦର୍ଶନ ଦେଇପାରି ନାହାନ୍ତି। କ୍ୟାମେରା ଭାଙ୍ଗି ଜରିମାନା ଦେବା ଫଳରେ ଖେଳାଳି ସଚେତନ ହେବେ ବୋଲି ଆଶା କରାଯାଉଛି। ମୁମ୍ବାଇ ଇଣ୍ଡିଆନ୍ସ ତାହାର ପରବର୍ତ୍ତୀ ମ୍ୟାଚ୍ ଦିଲ୍ଲୀ କ୍ୟାପିଟାଲ୍ସ ସହ ଖେଳିବ। ଏହି ମ୍ୟାଚକୁ ଦଳ ଜିତିବ ବୋଲି ଆଶା କରାଯାଉଛି।

■ ଆଇପିଏଲ୍ ୨୦୨୪

## ଟିଭିରେ ଦେଖିଲେ ସର୍ବାଧିକ ଦର୍ଶକ

ନୂଆଦିଲ୍ଲୀ, ୨୬।୪(ଏଜେନ୍ସି): ଚଳିତବର୍ଷ ଆଇପିଏଲ୍‌ର ପ୍ରଥମ ୩୪ଟି ମ୍ୟାଚ୍‌ରେ ସର୍ବାଧିକ ଦର୍ଶକ ଖେଳ ଦେଖିଛନ୍ତି। ଏହି ସମୟ ମଧ୍ୟ ବା ମ୍ୟାଚ୍‌ରେ ପୂର୍ବରୁ ଯେତେ ଦର୍ଶକ ଖେଳ ଦେଖିଥିଲେ ତାହା ଚଳିତବର୍ଷ ଅତିକ୍ରମ କରିଛି ବୋଲି ବିଏଆର୍‌ସି ପକ୍ଷରୁ କୁହାଯାଇଛି। ବିଏଆରସି ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ ଚଳିତ ଆଇପିଏଲ୍‌ର ପ୍ରଥମ ୩୪ଟି ମ୍ୟାଚ୍‌କୁ ଟିଭିରେ ୪୫.୯ କୋଟି ଦର୍ଶକ ଉପଭୋଗ କରିଛନ୍ତି। ଯାହାକି ପୂର୍ବ ସଂସ୍କରଣର ସମସ୍ତ ରେକର୍ଡକୁ ଅତିକ୍ରମ କରିଯାଇଛି। କୋଭିଡ୍ ସମୟରେ ବନ୍ଦ ଷ୍ଟାଡିୟମ୍‌ରେ ଖେଳ ହେଉଥିଲାବେଳେ ପ୍ରଥମ ୩୪ଟି ମ୍ୟାଚ୍‌କୁ ରେକର୍ଡ ୪୩.୬ କୋଟି ଦର୍ଶକ ଦେଖିଥିଲେ। ଏଥର ମଧ୍ୟ ସର୍ବାଧିକ ୨୪, ୫୦୦ କୋଟି ମିନିଟ୍ ଖେଳକୁ ଦର୍ଶକ ସିଧାସଳଖ ଉପଭୋଗ କରିଛନ୍ତି। ଚଳିତବର୍ଷ ଏହି ସଂଖ୍ୟାରେ ୧୮ ଶତକଡ଼ା ବୃଦ୍ଧି ହୋଇଛି। ଏଥର ଟିଭି ଦର୍ଶକ ସମସ୍ତ ରେକର୍ଡକୁ ଭାଙ୍ଗିଦେଇଛନ୍ତି ବୋଲି ଡିଜନୀ ହଟ ଷ୍ଟାର ପକ୍ଷରୁ କୁହାଯାଇଛି। ଚଳିତବର୍ଷ ଆଇପିଏଲ୍ ଷ୍ଟାର ସ୍ପୋର୍ଟ୍ସରେ ପ୍ରସାରିତ ହେଉଛି।




ଡିଜ୍‌ନୀ ଷ୍ଟାର ସ୍ପୋର୍ଟ୍ସ ବିଭାଗ ମୁଖ୍ୟ ସଂଯୋଗ ଗୁପ୍ତାଙ୍କ କହିବା ଅନୁଯାୟୀ ଆମେ ଏଥର ଟିଭି ଦର୍ଶକଙ୍କୁ ଆକୃଷ୍ଟ କରିବା ଲାଗି ଭିନ୍ନ ଭିନ୍ନ ପ୍ରକାରର ଯୋଜନା କରିଥିଲୁ। ଯାହାକି ଦର୍ଶକଙ୍କୁ ବାନ୍ଧିରଖିବାରେ ସମର୍ଥ ହୋଇଥିଲା। ଏହି କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟରେ ରାଇଭାଲାରୀ ୱିକ୍, ରିଭେଞ୍ଜ ୱିକ୍, ରେସ୍ ଟୁ ପ୍ଲେ ଅଫ୍ ଭଳି କାର୍ଯ୍ୟକ୍ରମ ରହିଛି। ବିଶେଷ କରି ଦୁଇ ଶ୍ରେଷ୍ଠ ଦଳ ଗୁଡିକ ମଧ୍ୟରେ ମୁକାବିଲାର ଟିକିନିଖି ସୂଚନା ଆମେ ଦର୍ଶକଙ୍କ ନିକଟରେ ପହଞ୍ଚାଇବାକୁ ଚେଷ୍ଟ କରିଛୁ। ଏହା ଆମକୁ ବେଶ ଫାଇଦା ଦେଇଛି ବୋଲି ଗୁପ୍ତା କହିଛନ୍ତି।

### ଆଇପିଏଲ୍‌ରେ ସର୍ବାଧିକ ଦଳଗତ ସ୍କୋର

| ରନ୍ | ଓଭର | ଦଳ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ବର୍ଷ |
|---|---|---|---|---|---|
| ୨୮୭/୩ | ୨୦ | ହାଇଦ୍ରାବାଦ୍ | ବେଙ୍ଗାଲୁରୁ | ବେଙ୍ଗାଲୁରୁ | ୨୦୨୪ |
| ୨୭୭/୩ | ୨୦ | ହାଇଦ୍ରାବାଦ୍ | ମୁମ୍ବାଇ | ହାଇଦରାବାଦ୍ | ୨୦୨୪ |
| ୨୭୨/୭ | ୨୦ | କୋଲକାତା | ଦିଲ୍ଲୀ | ବିଶାଖାପାଟଣା | ୨୦୨୪ |
| ୨୬୬/୭ | ୨୦ | ହାଇଦ୍ରାବାଦ୍ | ଦିଲ୍ଲୀ | ଦିଲ୍ଲୀ | ୨୦୨୪ |
| ୨୬୩/୫ | ୨୦ | ବେଙ୍ଗାଲୁରୁ | ପୁଣେ | ବେଙ୍ଗାଲୁରୁ | ୨୦୧୩ |
| ୨୬୨/୭ | ୧୮.୪ | ପଞ୍ଜାବ | କୋଲକାତା | କୋଲକାତା | ୨୦୨୪ |
| ୨୬୨/୭ | ୨୦ | ବେଙ୍ଗାଲୁରୁ | ହାଇଦ୍ରାବାଦ୍ | ବେଙ୍ଗାଲୁରୁ | ୨୦୨୪ |
| ୨୬୧/୬ | ୨୦ | କୋଲକାତା | ପଞ୍ଜାବ | କୋଲକାତା | ୨୦୨୪ |
| ୨୫୭/୫ | ୨୦ | ଲକ୍ଷ୍ନୌ | ପଞ୍ଜାବ | ମୋହାଲି | ୨୦୨୩ |
| ୨୪୮/୩ | ୨୦ | ବାଙ୍ଗାଲୋର | ଗୁଜରାଟ | ବେଙ୍ଗାଲୁରୁ | ୨୦୧୬ |
| ୨୪୬/୫ | ୨୦ | ଚେନ୍ନାଇ | ରାଜସ୍ଥାନ | ଚେନ୍ନାଇ | ୨୦୧୦ |
| ୨୪୬/୫ | ୨୦ | ମୁମ୍ବାଇ | ହାଇଦ୍ରାବାଦ | ହାଇଦରାବାଦ | ୨୦୨୪ |
| ୨୪୫/୬ | ୨୦ | କୋଲକାତା | ପଞ୍ଜାବ | ଇନ୍ଦୋର | ୨୦୧୮ |
| ୨୪୦/୫ | ୨୦ | ଚେନ୍ନାଇ | ପଞ୍ଜାବ | ମୋହାଲି | ୨୦୦୮ |
| ୨୩୫/୪ | ୨୦ | ଚେନ୍ନାଇ | କୋଲକାତା | କୋଲକାତା | ୨୦୨୩ |
| ୨୩୫/୧ | ୨୦ | ବାଙ୍ଗାଲୋର | ମୁମ୍ବାଇ | ମୁମ୍ବଇ | ୨୦୧୫ |

### ଚୌବେଙ୍କ ଉପରେ ସୁପ୍ରିମ୍‌କୋର୍ଟ କ୍ଷୁବ୍ଧ | ଗିରଫ ପରୱାନା ଜାରି କରିବାକୁ ଧମକ

ନୂଆଦିଲ୍ଲୀ, ୨୬।୪(ଏଜେନ୍ସି): ସର୍ବଭାରତୀୟ ଫୁଟବଲ ମହାସଂଘ ସଭାପତି ତଥା ଭାରତୀୟ ଅଲିମ୍ପିକ ସଂଘ ଯୁଗ୍ମ ସମ୍ପାଦକ ଦାୟିତ୍ୱରେ ଥିବା କଲ୍ୟାଣ ଚୌବେଙ୍କ ଉପରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ କ୍ଷୁବ୍ଧ। ଏଥର ଯଦି ସେ ଏକ ନିର୍ବାଚନ ମକଦ୍ଦମାର ଶୁଣାଣି ଲାଗି ସୁପ୍ରିମକୋର୍ଟରେ ଉପସ୍ଥିତ ନ ହୁଅନ୍ତି, ତେବେ ତାଙ୍କ ନାମରେ ଗିରଫ ପରୱାନା କାହିଁକି ଜାରି କରା ନ ଯିବ, ସେଥିଲାଗି କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏଭଳି ନିର୍ଦ୍ଦେଶନାମା ଚୌବେଙ୍କୁ ଅଡୁଆରେ ପକାଇଛି ଓ ସର୍ବୋଚ୍ଚ ନ୍ୟାୟାଳୟରେ ତାଙ୍କୁ ଉପସ୍ଥିତ ରହିବା ଲାଗି ଏକପ୍ରକାର ବାଧ୍ୟ କରାଯାଇଛି। ଶୁଣାଣିବେଳେ କୋର୍ଟରେ ଉପସ୍ଥିତ ରହିବାକୁ ତାଙ୍କୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ତାହାକୁ ଚୌବେ ଜାଣିଶୁଣି ଏଡ଼ାଇଯାଉଥିବା କଥା ବିଚାରପତି ସୂର୍ଯ୍ୟକାନ୍ତ ଓ ପିଏସ୍ ନରସିଂମାଙ୍କୁ ନେଇ



ଗଠିତ ଖଣ୍ଡପୀଠଙ୍କର ଏହା ହୃଦ୍‌ବୋଧ ହୋଇଛି। ଏହି ଖଣ୍ଡପୀଠ ପଶ୍ଚିମବଙ୍ଗର ଉତ୍ତର କୋଲକାତାରେ ଅବସ୍ଥିତ ମାଣିକତାଲା ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ହୋଇଥିବା ମକଦ୍ଦମାର ଶୁଣାଣି କରୁଛନ୍ତି। ଏଠାରେ ବିଧାୟକ ଥିବା ଟିଏମ୍‌ସିର ସାଧନ ପାଣ୍ଡେଙ୍କର ୨୦୨୨ରେ ବିୟୋଗ ହୋଇଥିଲା। ସେହିଦିନଠାରୁ ଏହି ସିଟ୍ ଖାଲି ରହିଛି। ଏହା ବିରୋଧରେ କୋଲକାତା ହାଇକୋର୍ଟରେ ଏହି ମକଦ୍ଦମା ଦାୟର ହୋଇଥିଲାବେଳେ ଏବେ ସୁପ୍ରିମ୍‌କୋର୍ଟରେ ବିଚାରାଧିନ ରହିଛି।

ଅନେକ ସମୟରେ ଚୌବେ ସମୟ ଅଭାବ ଦର୍ଶାଇ କୋର୍ଟ ଆସିପାରୁ ନାହାନ୍ତି। ଏବେ ଯଦି ନ କୋର୍ଟକୁ ଆସନ୍ତି, ତେବେ ତାଙ୍କୁ ଏଆଇଏଫ୍‌ଏଫ୍ ସଭାପତି ଓ ଆଇଓଏ ଯୁଗ୍ମ ସମ୍ପାଦକ ପଦବୀରୁ ହଟାଇ ଦିଆଯିବ ବୋଲି ଖଣ୍ଡପୀଠ କହିଛନ୍ତି। ଚୌବେଙ୍କ ଓକିଲ ମଧ୍ୟ କୋର୍ଟଙ୍କୁ ସହଯୋଗ କରୁନାହାନ୍ତି କିମ୍ବା ଠିକ୍ ସୂଚନା ଦେଉନାହାନ୍ତି। ଏଭଳି ସ୍ଥିତିରେ ମକଦ୍ଦମାର ଶୁଣାଣି କରାଯିବ କେମିତି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଚୌବେଙ୍କୁ କୋର୍ଟରେ ଉପସ୍ଥିତ ହେବାକୁ ଖଣ୍ଡପୀଠ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

# 'ଟି-୨୦ ବିଶ୍ୱକପ୍: ସୂର୍ଯ୍ୟକୁମାର, ଯଶପ୍ରୀତ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ନୂଆଦିଲ୍ଲୀ, ୨୬।୪(ଏଜେନ୍ସି)

ଆମେରିକା ଏବଂ ୱେଷ୍ଟଇଣ୍ଡିଜ୍‌ରେ ଆସନ୍ତା ଜୁନ୍ ମାସରୁ ଆରମ୍ଭ ହେବ ଟି-୨୦ ବିଶ୍ୱକପ୍ କ୍ରିକେଟ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଭାରତୀୟ ଦଳ ଆସନ୍ତା ୨୮ କିମ୍ବା ୨୯ରେ ଚୟନ କରାଯିବାର ସମ୍ଭାବନା ରହିଛି। ଦଳରେ ଯିଏ ସାମିଲ ହୁଅନ୍ତୁ ନା କାହିଁକି, ଭାରତକୁ ଯଦି ସଫଳତା ପାଇବାକୁ ହୁଏ, ତେବେ ବ୍ୟାଟିଂରେ ସୂର୍ଯ୍ୟକୁମାର ଯାଦବ ଓ ବୋଲିଂରେ ଯଶପ୍ରୀତ୍ ବୁମ୍‌ରାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏମାନେ ଏପରି ଖେଳାଳି ଯିଏକି ଅଳ୍ପ ସମୟ ମଧ୍ୟରେ ଖେଳର ସ୍ଥିତି ବଦଳାଇପାରିବେ। ଭାରତକୁ ଏମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିବ ବୋଲି ୨୦୦୭ରେ ଭାରତର ଟାଇଟଲ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଯୁବରାଜ ସିଂ କହନ୍ତି। ଏହି ଦୁଇ ଖେଳାଳିଙ୍କ ଉପରେ ମୋର ଭରସା ରହିଛି ଓ ଏମାନେ ହିଁ ଭାଗ୍ୟନିୟନ୍ତା ହୋଇପାରିବେ। ବୁମ୍‌ରାଙ୍କ ସହ ଜଣେ ଲେଗ୍ ସ୍ପିନରଙ୍କ ଆବଶ୍ୟକତା ରହିଛି। ଯୁଜବେନ୍ଦ୍ର ଚହଲ ଭଲ ଖେଳୁଛନ୍ତି ଓ ୱେଷ୍ଟଇଣ୍ଡିଜ୍-ଆମେରିକା ଭଳି ପିଚ୍‌ରେ ସେ ପ୍ରଭାବଶାଳୀ ସାବ୍ୟସ୍ତ ହୋଇପାରିବେ।

ଦଳର ପ୍ରଥମ ୱିକେଟରକ୍ଷକ କିଏ ହେବେ ତାହାକୁ ନେଇ ଏବେ ଜୋର ଆଲୋଚନା ହେଉଛି। ଦିନେଶ କାର୍ତ୍ତିକ ଭଲ ଫର୍ମରେ ଅଛନ୍ତି ଓ ଭଲ କିପିଙ୍ଗ ମଧ୍ୟ କରୁଛନ୍ତି। କିନ୍ତୁ ୩୮ ବର୍ଷରେ ତାଙ୍କୁ ନେଇ ମ୍ୟାଚ୍ ଜିତିବା କଷ୍ଟକର ବୋଲି ଯୁବରାଜଙ୍କ ମତ। ତାଙ୍କ ସ୍ଥାନରେ ଯୁବ ଖେଳାଳି ଋଷଭ ପନ୍ତ କିମ୍ବା ସଞ୍ଜୁ ସାମସନଙ୍କ ପରି ଖେଳାଳି ଉପଯୋଗୀ ସାବ୍ୟସ୍ତ ହେବେ। ଦିନେଶଙ୍କୁ ଦଳରେ ସାମିଲ କଲେ ପ୍ରତିଦ୍ୱନ୍ଦ୍ୱୀ ନିଶ୍ଚିତଭାବେ ଚାପରେ ରହିବେ। ଏମାନଙ୍କ ସହ ଦୁଇ ବରିଷ୍ଠ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲିଙ୍କର ଦଳରେ ରହିବା ଆବଶ୍ୟକତାକୁ ସେ ଗୁରୁତ୍ୱ ଦିଅନ୍ତି। ଏମାନେ ଦଳରେ ରହିବା ଉଚିତ ଓ ଟି-୨୦ ବିଶ୍ୱକପ୍ ପରେ ଏହି ଫର୍ମାଟରୁ ଅବସର ନେଇଯିବା ଉଚିତ ବୋଲି ସେ କହିଛନ୍ତି। ସେ ଆହୁରି କହନ୍ତି ଶିବମ ଦୁବେ ଭବିଷ୍ୟତରେ ତାରକା ଖେଳାଳି ହେବେ। ଏହି ବିଶ୍ୱକପ୍‌ରେ ତାଙ୍କୁ ସୁଯୋଗ ମିଳିବା ଉଚିତ। ଯାହା ଫଳରେ ସେ ଶ୍ରେଷ୍ଠ ଫର୍ମରେ ଥିଲାବେଳେ ଦଳ ତାଙ୍କଠାରୁ ଫାଇଦା ପାଇପାରିବ।




### ଯୁବରାଜ ସିଂ ଆମ୍ବାସଡର

ଭାରତୀୟ କିମ୍ବଦନ୍ତୀ ଅଲରାଉଣ୍ଡର ଯୁବରାଜ ସିଂଙ୍କୁ ଟି-୨୦ ବିଶ୍ୱକପ୍ ଲାଗି ଆମ୍ବାସଡର ନିଯୁକ୍ତ କରାଯାଇଛି। ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଖେଳାଯିବାକୁ ଥିବା ଏହି ମେଗା ଇଭେଣ୍ଟ ଆଉ ୩୬ ଦିନ ବାକି ରହିଛି। ଯୁବରାଜଙ୍କୁ ଏହି ପ୍ରତିଯୋଗିତାର ତୃତୀୟ ଆମ୍ବାସଡର ଭାବେ ନିଯୁକ୍ତି ଦିଆଯାଇଛି। ୨୦୦୭ରେ ଅନୁଷ୍ଠିତ ପ୍ରଥମ ବିଶ୍ୱକପ୍‌ରେ ଯୁବରାଜ ପ୍ରଥମ ଖେଳାଳି ଭାବେ ଗୋଟିଏ ଓଭରରେ ୬ଟି ଛକା ମାରି ଏହି ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱକୁ ବଢ଼ାଇଦେଇଥିଲେ। ଏହା ସହ ଅନେକ ଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟ ଯୁବରାଜଙ୍କ ନାମରେ ରହିଛି। ତାଙ୍କ ପୂର୍ବରୁ ୱେଷ୍ଟଇଣ୍ଡିଜ୍‌ର କିମ୍ବଦନ୍ତୀ ଖେଳାଳି କ୍ରିସ୍ ଗେଲ ଓ ୮ଥର ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ଉସେନ ବୋଲ୍ଟଙ୍କୁ ଆମ୍ବାସାଡର ଭାବେ ନିଯୁକ୍ତି ମିଳିଛି। ଏହି ୩ଜଣ ଖେଳାଳି ଆଇସିସି ପକ୍ଷରୁ ଟି-୨୦ ବିଶ୍ୱକପ୍ ଲାଗି ହେବାକୁ ଥିବା ପ୍ରମୋସନାଲ ଇଭେଣ୍ଟରେ ଅଂଶଗ୍ରହଣ କରିବେ।

■ ରୋଲାଣ୍ଡ ଗ୍ୟାରସ୍‌ର ପୁନର୍ଗଠନ ଶେଷ

## ଫ୍ରେଞ୍ଚ୍ ଓପନ୍, ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ



ପ୍ୟାରିସ୍, ୨୬।୪(ଏଜେନ୍ସି): ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ଆୟୋଜନ ହେଉଥିବା ରୋଲାଣ୍ଡ ଗ୍ୟାରସ୍ ଷ୍ଟାଡିୟମର ପୁନର୍ଗଠନ କାର୍ଯ୍ୟ ଶେଷ ହୋଇଛି। ଫଳରେ ବିଶ୍ୱ ପ୍ରସିଦ୍ଧ ଏହି ଷ୍ଟାଡିୟମ ଆଗାମୀ ଫ୍ରେଞ୍ଚ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟ ସମେତ ପ୍ୟାରିସ ଅଲିମ୍ପିକ୍ସ ଇଭେଣ୍ଟ ଆୟୋଜନ କରିବାକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଛି। ଏଠାରେ ଅଲିମ୍ପିକ୍ସ ଟେନିସ ଇଭେଣ୍ଟ ସହିତ ବକ୍ସିଂ ସେମିଫାଇନାଲ ଓ ଫାଇନାଲ ବାଉଟ ଆୟୋଜନ ହେବ। ମୁଖ୍ୟ ଷ୍ଟାଡିୟମ ସମେତ ଖେଳାଳିଙ୍କ ରେଷ୍ଟୁରାଣ୍ଟ ଓ ଚେଞ୍ଜିଂ ରୁମ୍‌ର ମଧ୍ୟ ପୁନର୍ଗଠନ ହୋଇଛନ୍ତି। ଏଥିସହିତ ଅଧିକ ଖାଲି ସ୍ଥାନ ମଧ୍ୟ ଏଠାରେ ସୃଷ୍ଟି କରାଯାଇଛି। ଖରାପ୍ ପାଗ ହେଲେ ମାତ୍ର ୧୫ ମିନିଟ୍ ମଧ୍ୟରେ ଷ୍ଟାଡିୟମର ଛାତକୁ ବନ୍ଦ କରାଯାଇପାରିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଅଲିମ୍ପିକ୍ସ ସମେତ ପାରା ଅଲିମ୍ପିକ୍ସର ଇଭେଣ୍ଟ ମଧ୍ୟ ଏହି ଗ୍ରାଉଣ୍ଡରେ ଅୟୋଜନ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS
AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର